
ଉତ୍କଳ ପ୍ରସଙ୍ଗ
୧୫ ଅଗଷ୍ଟ
୧୯୮୧



ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛଙ୍କ ଉଦ୍‌ବୋଧନ ।



ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭା ପକ୍ଷରୁ କଟକଠାରେ ଆୟୋଜିତ ଓଡ଼ିଆ-ହିନ୍ଦୀ ସାହିତ୍ୟ ସମ୍ମିଳନୀରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛ ଉଦ୍‌ବୋଧନ ଦେଉଛନ୍ତି ।



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁରୀଠାରେ ଶ୍ରୀଜଗନ୍ନାଥ ସଂସ୍କୃତ

# • ଜାତୀୟ ସଙ୍ଗୀତ •

ଜନଗଣମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାହେ ତବ ଜୟଗାଥା ।
ଜନଗଣ-ମଙ୍ଗଳ ଦାୟକ ଜୟ ହେ !
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ ଜୟ ଜୟ
ଜୟ ଜୟ ହେ !

• ୬୮ କୋଟି ଭାରତୀୟ ଜନତାର



ମୁକ୍ତି
ପ୍ରଗତିର

ପ୍ରତୀକ

ଜାତୀୟ ପତାକା

• ଏହି ମୋର ଜନ୍ମଭୂମି ଏହି ମୋର ଧ୍ୱଜା

## ସୂଚୀପତ୍ର


ପୃଷ୍ଠା ୧ ଭାରତର ସ୍ୱାଧୀନତା ଦିବସରେ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା

୩ ଜାତିର ପିତା ଗାନ୍ଧିଜୀଙ୍କ ଭାରତ

୬ ଜାତୀୟତାର ପ୍ରତୀକ

୯ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଆମର ଧ୍ୟେୟ

୧୪ ଯୌତୁକ ଏକ ସାମାଜିକ ବ୍ୟାଧି

୧୬ ଅନ୍ତଃରାଷ୍ଟ୍ରୀୟ ବିକଳାଙ୍ଗ ବର୍ଷ ଉପଲକ୍ଷେ : 'ଅଲ୍ ଇଣ୍ଡିଆ ଲଇଟ୍ ହାଉସ୍ ଫର ଦି ବ୍ଲାଇଣ୍ଡସ୍'ର ଜନ୍ମଦାତା ଡ: ସୁବୋଧ ଚନ୍ଦ୍ର ରାୟ ।

୧୯ ଓଡ଼ିଶାର କ୍ଷୁଦ୍ର ଶିଳ୍ପ ବିକାଶ କ୍ଷେତ୍ରରେ : ବିଭିନ୍ନ ମୃତ୍ତିକା ପ୍ରକଳ୍ପ ।

୨୧ ଗୋ-ଧନହରା

୨୩ ଶିଳ୍ପ ବିକାଶର ଗୋଟିଏ ବର୍ଷ

୨୯ ଖାଦ୍ୟ ଭାରତୀଙ୍କ 'କାମଧେନୁ'

୩୧ କେନ୍ଦୁଝର ଜିଲ୍ଲାରେ ଉଦ୍ୟାନ ବିଭାଗର ସଫଳ ପଦକ୍ଷେପ ।

୩୩ ରାଜ୍ୟରେ ଶିଳ୍ପ ବିକାଶର ଦ୍ରୁତ ଅଗ୍ରଗତି

୩୪ ଚକବନ୍ଦୀ ମୌଜା-ଭଗ୍ରେଶ୍ୱର ଦେଉଳି

୩୮ ଉତ୍କଳମଣି ଗୋପବନ୍ଧୁଙ୍କ ସ୍ୱାଧୀନ ଭାରତ ଭାବନା

୩୯ ଦାରିଦ୍ର୍ୟ ଦୂରୀକରଣ ଦିଗରେ ପୁରୀ ଗ୍ରାମ୍ୟ ବ୍ୟାଙ୍କର ଭୂମିକା ।

୪୧ କେନ୍ଦୁଝର ଜିଲ୍ଲାରେ ଗରିବ ଲୋକଙ୍କର ଆର୍ଥିକ ଅଭ୍ୟୁତ୍ଥାନ ।

୪୩ ବିଶ୍ୱକବି ରବୀନ୍ଦ୍ରନାଥଙ୍କର କଳ୍ପନାପ୍ରସୂତ ନୂତନ ଭାରତ ।

୪୪ ଆମର ଜାତୀୟ ଆଚରଣ

୪୯ ଶ୍ରୀ ପର୍ଶୁରାମ ମିଶ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

୫୧ ଭାରତରେ ଗଣତନ୍ତ୍ର—ମନ୍ତ୍ରୀ ପରିଷଦ

୫୪ ଘରୋଇ ପୋଖରୀରେ ବିଶୁଦ୍ଧ ଗୁଣ ଚାଷୀଙ୍କ ଉତ୍ପାଦନ ।



ମୁଖ୍ୟ ସମ୍ପାଦକ : ଶ୍ରୀ ମିହିର କୁମାର ରାଉତ

ସମ୍ପାଦକ : ଶ୍ରୀ ବିପିନ ବିହାରୀ ପଟ୍ଟନାୟକ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ






ପ୍ରଚ୍ଛଦ ଶିଳ୍ପୀ : ଶ୍ରୀ ଅସିତ୍ ମୁଖାର୍ଜୀ

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଚାନ୍ଦା ୧୦.୦୦ ପ୍ରତି ଖଣ୍ଡ ୧.୦୦


**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣୀ 'ଉତ୍କଳ ପ୍ରସଙ୍ଗ' ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ-ପାଠ ବୋଲି ଭାବିବା ଉଚିତ ନୁହେଁ ।

**ଉତ୍କଳ ପ୍ରସଙ୍ଗ** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସମ୍ବନ୍ଧରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।





# ଭାରତର ସ୍ୱାଧୀନତା ଦିବସରେ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ସ୍ୱାଧୀନ ଭାରତର ଜନ୍ମ ଦିବସ । ଏହି ଦିବସ ଭାରତବର୍ଷ ପାଇଁ ଏକ ପ୍ରାଚୀନ ଯୁଗର ଅବସାନ ଏବଂ ଏକ ନବୀନ ଯୁଗର ଅଭ୍ୟୁତ୍ଥାନର ସୀମା ନିର୍ଦ୍ଧାରଣ କରିଛି । ବିଶ୍ୱରେ ମାନବ ସମାଜର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭବିଷ୍ୟତ ନିର୍ମାଣରେ ଏହି ଯେଉଁ ନୂତନ ଯୁଗ ଆସିଛି, ତାହା ମଧ୍ୟରେ ଏହି ଦିବସର ଗୁରୁତ୍ୱ, ଏକ ସ୍ୱାଧୀନ ଜାତି ଭାବେ ଆମେ ନିଜ ଜୀବନ ଓ କର୍ମଦ୍ୱାରା ବଜାୟ ରଖି ପାରିବା ।

ଅଗଷ୍ଟ ୧୫ ତାରିଖ ମୋର ଜନ୍ମଦିନ । ସ୍ୱାଭାବିକ ଭାବେ ମୋ ପକ୍ଷରେ ଏହା ଆନନ୍ଦର ଦିନ । କାରଣ ଏହି ଦିବସଟି ଅର୍ଜନ କରିଛି ଏକ ଗୁରୁତର ଅର୍ଥ । ଏହି ଯୋଗାଯୋଗକୁ ମୁଁ ଏକ କାକତାଳିକ ଘଟଣା ବୋଲି ଗ୍ରହଣ କରେ ନାହିଁ । ବରଂ ମନେକରେ ଯେଉଁ ଭଗବତ୍ ଶକ୍ତିଙ୍କର ପରିଚାଳନାରେ ମୋର କର୍ମ ଜୀବନ ଆରମ୍ଭ ହୋଇଥିଲା, ଯାହାର ପୂର୍ଣ୍ଣ ଫଳୋଦ୍‌ଗମର ସମୟ ସମାଗତ, ତାହା ଆଜି ତାଙ୍କର ସ୍ୱୀକୃତି ଓ ସମର୍ଥନ ଲାଭ କରିଛି । ବାସ୍ତବରେ ଏହି ଦିବସରେ ମୁଁ ବିଶ୍ୱ କ୍ରିୟାବଳୀକୁ ଲକ୍ଷ୍ୟ କରୁଛି ଏବଂ ଯାହାସବୁ ମୋ ଜୀବନକାଳ ମଧ୍ୟରେ ସଫଳ ହେବ ବୋଲି ବିଶ୍ୱାସ କରିଥିଲି ସେଗୁଡ଼ିକ ଯଦିଓ ସେତେବେଳେ ଦିବା ସ୍ୱପ୍ନ ଭଳି ବୋଧ ହେଉଥିଲା, ଆଜି କିନ୍ତୁ ଲକ୍ଷ୍ୟ କରୁଛି ସେସବୁ ସଫଳ ହେବାକୁ ଯାଉଛି ଅଥବା ସଫଳତାର ପଥରେ । ଏହି ସବୁ କ୍ରିୟାଧାରା ମଧ୍ୟରେ ସ୍ୱାଧୀନ ଭାରତ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ କିମ୍ବା ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇ ପାରେ ।

ମୋର ପ୍ରଥମ ସ୍ୱପ୍ନ ହେଲା ଏକ ବୈପ୍ଳବିକ ଆନ୍ଦୋଳନ ଯାହାଦ୍ୱାରା ଏକ ଅଖଣ୍ଡ ଏବଂ ସ୍ୱାଧୀନ ଭାରତ ଆତ୍ମପ୍ରକାଶ କରିବ । ଭାରତ ଆଜି ସ୍ୱାଧୀନତା ପାଇଛି ସତ୍ୟ କିନ୍ତୁ ସେ ଅଖଣ୍ଡତା ଲାଭ କରିନାହିଁ । ବ୍ରିଟିଶ୍ ଶାସନର ଅବ୍ୟବହିତ ପୂର୍ବେ ଭାରତ ଯେପରି ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଶୃଙ୍ଖଳିତ ହୋଇ ପଡ଼ିଥିଲା, ଏକ ସମୟର ମନେ ହେଉଥିଲା, ସ୍ୱାଧୀନତା ଦ୍ୱାରା ପୁଣି ସେହି ସ୍ତରକୁ ଭାରତ ଖସି ପଡ଼ିବ । କିନ୍ତୁ ସୌଭାଗ୍ୟର କଥା ବର୍ତ୍ତମାନ ବୋଧ ହେଉଛି ଏହି ବିପଦକୁ ଦୂର କରାଯାଇ ପାରିବ ଏବଂ ପରିପୂର୍ଣ୍ଣ ଅଖଣ୍ଡତା ପ୍ରତିଷ୍ଠିତ ହୋଇ ନ ପାରିଲେ ମଧ୍ୟ ଏକ ସୁଦୃଢ଼ ଏକତା ପ୍ରତିଷ୍ଠା କରାଯାଇ ପାରିବ । ପୁନଶ୍ଚ ଶାସନ, ବିଧାୟକ ସଭାର କୌଶଳପୂର୍ଣ୍ଣ ସୁଦୃଢ଼ ନୀତି ସମସ୍ତ ମତାନୈକ୍ୟ ଏବଂ ସଂକୀର୍ଣ୍ଣତା ଦୂର କରି ଦଳିତ ଜାତି ସକଳର ସମସ୍ୟା ସମାଧାନ କରି ପାରିବ ବୋଲି ଧାରଣା ଜନ୍ମିଛି । କିନ୍ତୁ ମନେ ହୁଏ ଯେପରି ହିନ୍ଦୁ ମୁସଲମାନଙ୍କର ପ୍ରାଚୀନ ଧର୍ମଗତ ଦ୍ୱନ୍ଦ୍ୱ ଆଜି ଅତ୍ୟନ୍ତ ତୀବ୍ର (ଭୟଙ୍କର) ହୋଇ ଦେଶର ସ୍ଥାୟୀ ରାଜନୀତିକ ବିଭକ୍ତିକରଣ କରୁଛି । କିନ୍ତୁ ଏହାକୁ ଏକ ମୀମାଂସିତ ଘଟଣା ବୋଲି ଚିରକାଳ ଗ୍ରହଣ କରାଯାଇ ନପାରେ । ବରଂ ବିଶ୍ୱାସ ରଖିବା ଉଚିତ୍, ଏହା ଏକ ସାମୟିକ ଅସ୍ଥାୟୀ ବ୍ୟବସ୍ଥାଠାରୁ ଅଧିକ କିଛି ନୁହେଁ । କାରଣ ଯଦି ଏହି ଅବସ୍ଥା ରହେ, ଭାରତ ହୁଏତ ଶୋଚନୀୟ ଭାବେ ଦୁର୍ବଳ ହୋଇ ପଡ଼ିବ, ଏପରିକି ପଙ୍ଗୁ ହୋଇ ଯାଇପାରେ । ଗୃହ ବିବାଦର ସମ୍ଭାବନା ହୁଏତ ସର୍ବଦା ରହିପାରେ । ଏପରିକି ଭାରତ ଉପରେ ବିଦେଶର ନୂତନ ଆକ୍ରମଣ ଓ ଅଧିକାର ସମ୍ଭବପର ହୋଇପାରେ । ଭାରତର ଆଭ୍ୟନ୍ତରୀଣ ଉନ୍ନତି ଏବଂ ବିକାଶ ବାଧାପ୍ରାପ୍ତ ହୋଇପାରେ । ଅନ୍ୟ ଦେଶମାନଙ୍କ ପାଖରେ ତାର ଶାସନ ଦୁର୍ବଳ ହୋଇ ଯାଇପାରେ, ଏପରିକି ତାର ଭବିତବ୍ୟ ବି ନୈରାଶ୍ୟଜନକ ହୋଇଯାଇପାରେ । କିନ୍ତୁ ଏହା ଯେପରି ନ ଘଟୁ -ଏ ବିଭକ୍ତିକରଣ ନିଶ୍ଚୟ ଦୂର ହେଉ । ବିଶ୍ୱାସ ରଖିବା, ଏହି ଏକତ୍ୱ ଯେପରି ସ୍ୱାଭାବିକ ରୂପେ ଆସିପାରେ କେବଳ ଶାନ୍ତି ଓ ଐକ୍ୟ ପାଇଁ ଚିରବର୍ଦ୍ଧମାନ ଆବଶ୍ୟକତା ଅନୁଭବ ଦ୍ୱାରା ନୁହେଁ ବରଂମିଳିତ କର୍ମ ଧାରାର ଅଭ୍ୟାସ ଦ୍ୱାରା ତଥା ଲକ୍ଷ୍ୟ ଲାଭର ଉପାୟ ପ୍ରସ୍ତୁତି ଦ୍ୱାରା । ଏହିପରି ଭାବେ ପରିଶେଷରେ ଏକତ୍ୱ ପ୍ରତିଷ୍ଠିତ ହେବ, ଯେକୌଣସି ଉପାୟରେ ହେଉନା କାହିଁକି, ସେହି ଉପାୟରେ ମୂଲ୍ୟ କେବଳ ବ୍ୟବହାରିକ, ମୌଳିକ ପ୍ରୟୋଜନ କର୍ମ ନୁହେଁ । ଯେ କୌଣସି ଉପାୟରେ ହେଉ, ଯେ କୌଣସି ପନ୍ଥାରେ ହେଉ ଏଦେଶ-ବିଭାଗ ନିଶ୍ଚୟ ହିଁ ଲୋପ ପାଇବ, ଯେ କୌଣସି ମତେ ଐକ୍ୟ ପ୍ରତିଷ୍ଠା କରିବାକୁ ହିଁ ହେବ । କାରଣ ଭାରତର ଭାବୀ-ମହାନତା ପାଇଁ ଏହା ପ୍ରୟୋଜନ ।

ଅନ୍ୟ ଏକ ସ୍ୱପ୍ନ ହେଲ, ଏସିଆର ରାଷ୍ଟ୍ରମାନଙ୍କର ପୁନରୁତ୍‌ଥାନ ତଥା ସ୍ୱାଧୀନତା ଏବଂ ମାନବ ସଭ୍ୟତାର ବିକାଶରେ ମହାନ୍ ଏସିଆର ଅଂଶ ଗ୍ରହଣ ।

ଏସିଆ ଆଜି ଜାଗ୍ରତ । ତାର ଅଧିକାଂଶ ରାଷ୍ଟ୍ର ଆଜି ସ୍ୱାଧୀନ କିମ୍ବା ସ୍ୱାଧୀନତା ପଥର ଯାତ୍ରୀ । ଯେଉଁ ରାଷ୍ଟ୍ରମାନେ ପୂର୍ଣ୍ଣ ବା ଆଂଶିକ ଭାବେ ପରାଧୀନ, ସେମାନେ କୌଣସି ନା କୌଣସି ପ୍ରକାରରେ ସ୍ୱାଧୀନତା ସଂଗ୍ରାମ ଚଳାଉଛନ୍ତି । କେବଳ ଅତି ସାମାନ୍ୟ ମାତ୍ର କରିବାକୁ ବାକି ଅଛି, ଆଜି ହେଉ ବା କାଲି ହେଉ, ସେତକ ହେବହିଁ ହେବ । ସେଥିରେ ଭାରତର କିଛି କର୍ତ୍ତବ୍ୟ ରହିଛି ଏବଂ ସେହି କର୍ମ ସେ ଅତି ସାମର୍ଥ ଓ ଦକ୍ଷତାର ସହ ଆରମ୍ଭ କରିଛି । ଏଥିରୁ ସୂଚିତ ହେଉଛି ତାର ଭବିଷ୍ୟତ ସମ୍ଭାବନା ଏବଂ ଜାତି ଗୋଷ୍ଠୀରେ ସେ କେଉଁ ସ୍ଥାନ ଅଧିକାର କରିବ ।

ତୃତୀୟ ସ୍ୱପ୍ନ ହେଲା ମାନବ ସମାଜର ବାହ୍ୟ ଜୀବନକୁ ଅଧିକ ସୁନ୍ଦର, ଉଜ୍ଜ୍ୱଳ ଓ ଆଦର୍ଶ କରିବା ପାଇଁ ଜାତିସଂଘ ପ୍ରତିଷ୍ଠା । ମାନବ ସମାଜର ଐକ୍ୟ ବର୍ତ୍ତମାନ ପ୍ରସ୍ତୁତି ପଥରେ । ଆରମ୍ଭରେ ତ୍ରୁଟି-ବହୁଳ ହେଲେ ମଧ୍ୟ, ବିପୁଳ ବିଘ୍ନ ବିରୁଦ୍ଧରେ ତାକୁ ଅଗ୍ରସର ହେବାକୁ ପଡୁଛି । କିନ୍ତୁ ତା' ମଧ୍ୟରେ ରହିଛି ଏକ ପ୍ରବେଶ । ଏହା କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ବିଜୟ ବିମଣ୍ଡିତ ହେବ ।

ଏ କ୍ଷେତ୍ରରେ ମଧ୍ୟ ଭାରତ ଏକ ପ୍ରଧାନ ଅଂଶ ଗ୍ରହଣ କରିଛି । ଯେଉଁ ଉଦ'ରତାର ରାଷ୍ଟ୍ରନୀତି ଉପସ୍ଥିତ ଘଟଣାବଳୀ ଏବଂ ଆଶୁ ସମ୍ଭାବନା ମଧ୍ୟରେ ଆବଦ୍ଧ ନୁହେଁ, ଯାହାର ଦୃଷ୍ଟି ଭବିଷ୍ୟତମୁଖୀ ଏବଂ ଯାହା ଭବିଷ୍ୟତକୁ ନିକଟତର କରିପାରେ; ଭାରତ ଯଦି ସେହି ନୀତି ଅନୁଶୀଳନ କରେ ତେବେ ତା'ର ଉପସ୍ଥିତିର ପ୍ରଭାବରେ ମନ୍ଥର ଓ ଶଙ୍କିତ ବିକାଶ କ୍ଷିପ୍ର ଓ ନିର୍ଭୀକ ହୋଇ ଉଠିବ । ଦୈବ ଦୁର୍ବିପାକ ହୁଏତ ବାଧା ସୃଷ୍ଟି କରିପାରେ କିନ୍ତୁ ତଥାପି ମଧ୍ୟ ବାଞ୍ଛିତ ଲକ୍ଷ୍ୟ ସାଧିତ ହେବ ହିଁ ହେବ । କାରଣ ପ୍ରକୃତି ଧାରାରେ ଏହା ଏକ ପ୍ରୟୋଜନୀୟ ତଥା ଅପରିହାର୍ଯ୍ୟ ପ୍ରକ୍ରିୟା । ରାଷ୍ଟ୍ରମାନଙ୍କ ପାଇଁ ତାର ଆବଶ୍ୟକତା ସୁସ୍ପଷ୍ଟ । କାରଣ ଏହା ବ୍ୟତୀତ କ୍ଷୁଦ୍ରତର ରାଷ୍ଟ୍ରସବୁ ହୁଏତ ଯେ କୌଣସି ମୁହୂର୍ତ୍ତରେ ବିପଦର ସମ୍ମୁଖୀନ ହୋଇ ପାରନ୍ତି, ଏପରିକି ବଡ଼ ବଡ଼ ରାଷ୍ଟ୍ରମାନେ ମଧ୍ୟ ନିରାପଦ ରହି ପାରିବେ ନାହିଁ । ଏଣୁ ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ ଐକ୍ୟ ଆବଶ୍ୟକ । କେବଳ ମାନବୀୟ ଦୁର୍ବଳତା ତଥା ମୂଢ଼ ସ୍ୱାର୍ଥପରତା ଏହାକୁ ଦୂଷିତ କରିପାରେ । କିନ୍ତୁ ଏହା କେବେ ହେଁ ଚିରକାଳ ପାଇଁ ପ୍ରକୃତିର ଆବଶ୍ୟକତା ଓ ଭଗବତ ଇଚ୍ଛା ବିରୁଦ୍ଧରେ ତିଷ୍ଠି ପାରିବ ନାହିଁ । କିନ୍ତୁ ଏକ ବାହ୍ୟ ଭିତ୍ତି ଯଥେଷ୍ଟ ନୁହେଁ; ଏକ ଅନ୍ତରାଷ୍ଟ୍ରୀୟ ଅନୁଷ୍ଠାନର ପ୍ରତିଷ୍ଠା ହେବା ନିତାନ୍ତ ପ୍ରୟୋଜନ । ଆଉ ମଧ୍ୟ, ଏପରି ବିକାଶ ଯଥା : ଦ୍ୱୈତ ବା ବହୁ ନାଗରିକତ୍ୱର ପ୍ରତିଷ୍ଠା ଅଥବା ବିଭିନ୍ନ ସଂସ୍କୃତିର ସ୍ୱେଚ୍ଛାକୃତ ବା ସମ୍ମତିଯୁକ୍ତ ପରସ୍ପର ଆଦାନ ପ୍ରଦାନ ବା ଅନ୍ତର୍ମିଳନ ଏହି କାର୍ଯ୍ୟରେ ସହାୟକ ହେବ । ଜାତୀୟତାର କଥା ସମାପ୍ତ ହୋଇଥିବ, ତାହା ନିଜର ଯୋଦ୍ଧୃଭାବ ହରାଇଥିବ । ଆଉ ଏହି ମନୋଭାବ ସହ ତାର ଆତ୍ମ-ସଂରକ୍ଷଣ ବା ଅନ୍ତରାଷ୍ଟ୍ରୀୟ ଦୃଷ୍ଟିର କୌଣସି ବିରୋଧ ଘଟିବ ନାହିଁ ।

ଅନ୍ୟ ସ୍ୱପ୍ନ ହେଲା, ବିଶ୍ୱକୁ ଭାରତର ଆଧ୍ୟାତ୍ମିକ ଦାନ-ଇତି ମଧ୍ୟରେ ତାହା ଆରମ୍ଭ ହୋଇଯାଇଛି । ୟୁରୋପ ଓ ଆମେରିକାରେ ଭାରତର ଆଧ୍ୟାତ୍ମିକତା ଅଧିକରୁ ଅଧିକ ଭାବେ ପ୍ରବେଶ କରୁଛି । ଏହି ଗତିଧାରାର କ୍ରମଶଃ ପ୍ରସାର ହେଉଛି । ଏହି ଯୁଗର ବିପର୍ଯ୍ୟୟ ଓ ଅଶାନ୍ତି ମଧ୍ୟରେ ଅଧିକରୁ ଅଧିକ ବ୍ୟକ୍ତି ଭାରତ ପ୍ରତି ଆଶା ଓ ଭରସା ସହ ଦୃଷ୍ଟିପାତ କରୁଛନ୍ତି, ସେମାନେ କେବଳ ତାର ଶାସ୍ତ୍ର ପ୍ରତି ନୁହେଁ, ବରଂ ତାର ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ ସାଧନର ଆଶ୍ରୟ ଖୋଜୁଛନ୍ତି ।

ସର୍ବଶେଷ ସ୍ୱପ୍ନ ହେଲା ବିବର୍ତ୍ତନର ଧାରାରେ ଏପରି ଏକ ପଦକ୍ଷେପ ନେବା, ଯାହା ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନାକୁ ଉନ୍ନୀତ କରିବ ଏବଂ ସେହି ସବୁ ସମସ୍ୟାର ସମାଧାନ ଆଣିବ ଯେଉଁ ସମସ୍ୟା ସକଳ ମନୁଷ୍ୟକୁ ବ୍ୟସ୍ତ ଓ ବିଚଳିତ କରିଛି, ଯେବେଠୁ ସେ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର କଥା ଚିନ୍ତା କରିଛି ଓ ସ୍ୱପ୍ନ ଦେଖିଛି । ଅବଶ୍ୟ ଏହା ଏବେ ବି ଏକ ବ୍ୟକ୍ତିଗତ ଆଦର୍ଶ ଓ ବିଶ୍ୱାସ, ଯଦିଓ ଏହା ଭାରତ ଓ ପାଶ୍ଚାତ୍ୟର ଅଗ୍ରଗାମୀ ଚିନ୍ତାଶୀଳ ବ୍ୟକ୍ତିଙ୍କ ହୃଦୟରେ କ୍ରମଶଃ ପ୍ରବେଶ କରୁଛି । ମନୁଷ୍ୟର ଅନ୍ୟାନ୍ୟ ଉଦ୍ୟୋଗ -କ୍ଷେତ୍ର ଅପେକ୍ଷା ଏ କ୍ଷେତ୍ରରେ ବାଧା ବିପତ୍ତି ଅଧିକ ଦୁର୍ଜ୍ଜୟ କିନ୍ତୁ ବାଧା ବିପତ୍ତିର ଅର୍ଥ ତାକୁ ଅତିକ୍ରମ କରାଯିବା, ଆଉ ଯଦି ଭଗବାନଙ୍କର ଇଚ୍ଛାଥାଏ, ତେବେ ଏହି ବାଧା-ବିପତ୍ତିକୁ ଅତିକ୍ରମ କରାଯାଇ ପାରେ, ପୁନଶ୍ଚ ଯଦି ବିବର୍ତ୍ତନରେ ଏହି ପଦକ୍ଷେପକୁ ଗ୍ରହଣ କରିବାକୁ ହୁଏ ଏବଂ ଯେହେତୁ ଏହା ସଙ୍ଗଠିତ ହେବ କେବଳ ଅନ୍ତର୍ଚ୍ଚେତନା ଓ ଅନ୍ତରାତ୍ମାର ବିକାଶ ଦ୍ୱାରା, ତେଣୁ ଏ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମେ ଉଦ୍ୟମ ଆରମ୍ଭ କରିବ ଯଦିଓ ଏହାର ପରିସର ବହୁତ ବ୍ୟାପକ, ତଥାପି କେନ୍ଦ୍ରୀୟ ଗତି ହିଁ ଭାରତରୁ ଆରମ୍ଭ ହେବା ନିଶ୍ଚିତ ।

ଆଜି ଭାରତର ଏହି ସ୍ୱାଧୀନତା ଦିବସରେ ମୁଁ ଏହି ସକଳ ସୂଚନା ପ୍ରଦାନ କରୁଛି । ମୋର ଏହି ଆଶା ସଫଳ ହେବ କି ନାହିଁ ଏବଂ କେତେ ପରିମାଣରେ ହେବ ତାହା ନିର୍ଭର କରେ ନୂତନ ଓ ସ୍ୱାଧୀନ ଭାରତ ଉପରେ ।



# ଜାତିର ପିତା ଗାନ୍ଧିଜୀଙ୍କ ଭାରତ

ମୁଁ ଭାରତକୁ ସ୍ୱାଧୀନ ଓ ଶକ୍ତିଶାଳୀ ଦେଶ ଭାବେ ଦେଖିବାକୁ ଚାହେଁ, କାରଣ ଏହି ଦେଶ ବିଶ୍ୱର ମଙ୍ଗଳ ନିମନ୍ତେ ସମସ୍ତ ତ୍ୟାଗ କରି ପାରିବ ଏବଂ ଏହାର ମୁକ୍ତି ବିଶ୍ୱବାସୀଙ୍କ ପାଇଁ ନୂତନ ଆଲୋକ ବିକିରଣ କରିବ । ମୁଖ୍ୟତଃ ଶାନ୍ତି ଓ ସଦିଚ୍ଛାର ମହାନ ମନ୍ତ୍ରରେ ବିଶ୍ୱକୁ ଅଭିମନ୍ତ୍ରିତ କରିବା ହେବ ଭାରତର ଚରମ ଲକ୍ଷ୍ୟ । ମୁଁ ଦୃଢ଼ତା ସହିତ ଘୋଷଣା କରିପାରେ -ଭାରତ ତାର ସଭ୍ୟତା ଓ ସଂସ୍କୃତିର ମୌଳିକତା ରକ୍ଷା କରିବା ପାଇଁ ଯେ କୌଣସି ଦୁଃଖ ଓ ନିର୍ଯାତନାର ଅଗ୍ନି-ପରୀକ୍ଷା ଭିତରେ ଗତି କରିବା-ପାଇଁ ପଶ୍ଚାତ୍‌ପଦ ହେବ ନାହିଁ............ବିଶ୍ୱଶାନ୍ତି ଓ ପ୍ରଗତି ପାଇଁ ଭାରତ ଯେଉଁ ଅବଦାନ ଦେବ ତାହା ନିଶ୍ଚୟ ଅନବଦ୍ୟ ହେବ ।

## ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ

ଭାରତର ପ୍ରତ୍ୟେକ ବସ୍ତୁ ପ୍ରତି ମୋର ଆକର୍ଷଣ ରହିଛି । ବିଶ୍ୱରେ ମନୁଷ୍ୟ ଯାହା ସବୁ ଚାହିଁଥାଏ, ସେସବୁ ଭାରତରେ ମିଳିଥାଏ । ଭାରତ ଆମର କର୍ମଭୂମି, ଉପଭୋଗ କ୍ଷେତ୍ର ନୁହେଁ । ଅନ୍ୟ ଦେଶ ତୁଳନାରେ ଭାରତର ଲକ୍ଷ୍ୟ ସଂପୂର୍ଣ୍ଣ ଭିନ୍ନ । ଧର୍ମଗତ ପରଂପରା ଯୋଗୁଁ ଏ ଦେଶର ସୁଖ୍ୟାତି ସର୍ବତ୍ର ସ୍ୱୀକୃତ ହୋଇଛି । ଭାରତର ଅମୋଘ ଅସ୍ତ୍ର ହେଲା ନୈତିକତା ଏହି ଅତୁଳନୀୟ ଅସ୍ତ୍ର ସାହାଯ୍ୟରେ ବିଜୟ ସୁନିଶ୍ଚିତ ।

ମୁଁ ସେହି ଭାରତ ଦର୍ଶରେ କାମ କରିବି; ଯେଉଁଠିକି ସର୍ବହରାମାନେ ମଧ୍ୟ ଅନୁଭବ କରିପାରିବେ ଯେ, ଏହା ସେମାନଙ୍କର ଦେଶ ଏବଂ ଏହାର ନିର୍ମାଣ ପାଇଁ ସେମାନଙ୍କର ବିଶେଷ କର୍ତ୍ତବ୍ୟ ରହିଛି । ଏହି ଦେଶରେ ଉଚ୍ଚ ନୀଚ ଭେଦଭାବ ରହିବ ନାହିଁ, ଜୀବିକା ନର୍ବାହ କ୍ଷେତ୍ରରେ ବ୍ୟବଧାନ ରହିବ ନାହିଁ, ଅସ୍ପୃଶ୍ୟତା ଲୋପ ପାଇବ, ନିଶା ନିବାରଣ କାର୍ଯ୍ୟକାରୀ ହେବ, ନାରୀ ସ୍ୱାଧୀନତା ସ୍ୱୀକୃତ ହେବ, ସମସ୍ତେ ଶାନ୍ତି ଓ ସୁଖରେ ଜୀବନ ନିର୍ବାହ କରିବେ, ଅତ୍ୟାଚାରିତ ଓ ଅତ୍ୟାଚାରୀ ଲୋପ ପାଇବେ, ସ୍ୱଦେଶୀ ଓ **ବିଦେଶୀ** ଭିତରେ ବ୍ୟବଧାନ ରହିବ ନାହିଁ, ସତ୍‌କାର୍ଯ୍ୟ ପାଇଁ ଉତ୍ସାହ ମିଳିବ, ଶ୍ରେଣୀଗତ ବୈଷମ୍ୟ ଲୋପ ପାଇବ ।

ଭାରତର ଉତ୍ପାଦନ ବିଶ୍ୱର ମଙ୍ଗଳ ପାଇଁ ଉପଯୋଗ ହେବ । ଏହାର ସୁଖ ଓ ଶୁଭେଚ୍ଛା ବିନିମୟରେ ବିଶ୍ୱଶାନ୍ତି ଚିରନ୍ତନ ସନ୍ତୋଷର ଅଧିକାରୀ ହେବ; ଏହାହିଁ ମୋର ଏକାନ୍ତ ଆକାଂକ୍ଷା । ଆମ ଜାତୀୟତାରେ ଅନ୍ୟ ଦେଶ ପ୍ରତି ବିଦ୍ୱେଷଭାବର ସ୍ଥାନ ନାହିଁ । କାରଣ ଭାରତର ଆତ୍ମା ସଂକୀର୍ଣ୍ଣ ବା ସୀମାବଦ୍ଧ ନୁହେଁ । ଯଦି ଭାରତ ଅସ୍ତ୍ରଶସ୍ତ୍ରର ମହତ୍ତ୍ୱ ଅସ୍ୱୀକାର ନ କରେ, ତା' ହେଲେ ବିଜୟଜନିତ ଆନନ୍ଦ କ୍ଷଣିକ ହୋଇ ପଡ଼ିବ ଏବଂ ଏଥିପାଇଁ ମୁଁ ଗର୍ବ ଅନୁଭବ କରି ପାରିବି ନାହିଁ । ମୁଁ ଭାରତ ପାଇଁ ସର୍ବସ୍ୱ ଦେଇଛି ଏବଂ ଆଶା ରଖିଛି ଯେ, ସମଗ୍ର ବିଶ୍ୱ ପାଇଁ ଭାରତର ବିଶେଷ କର୍ତ୍ତବ୍ୟ ରହିଛି । ଭାରତ ପାଶ୍ଚାତ୍ୟର ଅନ୍ଧ ଅନୁସରଣ କରିବ ନାହିଁ । ତା ପରେ ମୋ ଧର୍ମର କୌଣସି ଭୌଗୋଳିକ ସୀମା ନାହିଁ । ଧର୍ମ ପ୍ରତି ଏକନିଷ୍ଠ ଅନୁରକ୍ତି ଥିଲେ ମାତୃଭୂମି ପ୍ରତି ତାହା ଶ୍ରଦ୍ଧା ଜନ୍ମାଇ ପାରିବ । ଅହିଂସା ପଛାତେ ଭାରତର ସେବାରେ ମୁଁ ମୋ ଜୀବନ ଉତ୍ସର୍ଗ କରିଛି ।

## ସର୍ବାପେକ୍ଷା ଶକ୍ତିଶାଳୀ ଓ ଦୁର୍ବଳତମ ଲୋକପାଇଁ ସମାନ ସୁଯୋଗ ରହିବ

ନୂଆ ସାମାଜିକ ବ୍ୟବସ୍ଥା ସଂପର୍କରେ ମୋର ମତ ହେଉଛି ଯେ, ଆମ୍ଭେ ଜନ୍ମତଃ ସମସ୍ତେ ସମାନ; ଅର୍ଥାତ୍ ଆମ ସମସ୍ତଙ୍କର ସମାନ ସୁବିଧା ସୁଯୋଗ ପାଇବାର ଅଧିକାର ଅଛି ମାତ୍ର ସମସ୍ତଙ୍କର ଶକ୍ତି କଦାପି ସମାନ ହୋଇ ନ ପାରେ । ଦୃଷ୍ଟାନ୍ତ ସ୍ୱରୂପ ସମସ୍ତଙ୍କର ଉଚ୍ଚତା ସମାନ ହେବ ନାହିଁ କିମ୍ବା ବର୍ଣ୍ଣ ଓ ବୁଦ୍ଧି ସମାନ ହୋଇ ପାରେନା; ତେଣୁ କେତେକଙ୍କର ଅଧିକ ଉପାର୍ଜନ କଲାଭଳି କ୍ଷମତା ରହିବ ଓ ଅନ୍ୟମାନଙ୍କର ଅଳ୍ପ ଉପାର୍ଜନର କ୍ଷମତା ରହିବ । ଯେଉଁମାନଙ୍କର ବୁଦ୍ଧି ତୀକ୍ଷ୍ଣ ହୋଇଥିବ, ସେମାନେ ଅଧିକ ଉପାର୍ଜନ କରିବେ । ସେମାନେ ଯଦି ନିଜର ତୀକ୍ଷ୍ଣ ବୁଦ୍ଧିକୁ ଠିକ୍ ଭାବରେ ନିୟୋଜିତ କରନ୍ତି, ତା' ହେଲେ ରାଷ୍ଟ୍ରର ବହୁକାର୍ଯ୍ୟ ସାଧନ କରିପାରିବେ । ଜଣେ ତୀକ୍ଷ୍ଣ ବୁଦ୍ଧି ସଂପନ୍ନ ଲୋକ ଅଧିକ ଅର୍ଥୋପାର୍ଜନ କରିବାରେ ମୋର ସମର୍ଥନ ରହିଛି, ମାତ୍ର ସେ ଯାହା ଉପାର୍ଜନ କରିବ ତାର ଅଧିକାଂଶ ଭାଗ ଲୋକଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ ହେବ ।

ସର୍ବାପେକ୍ଷା ଶକ୍ତିଶାଳୀ ଗଣତନ୍ତ୍ର ଶାସନରେ ସର୍ବାପେକ୍ଷା ଶକ୍ତିଶାଳୀ ଲୋକ ପାଇଁ ଯେଉଁ ସୁବିଧା ସୁଯୋଗ ରହିବ, ଦୁର୍ବଳତମ ଲୋକପାଇଁ ସେହି ସୁଯୋଗ ରହିବ ।

## ସ୍ୱାଧୀନ ରାଷ୍ଟ୍ରରେ ବ୍ୟକ୍ତି ଓ ସମାଜ

ବ୍ୟକ୍ତି-ସ୍ୱାଧୀନତାର ମୂଲ୍ୟ ମୁଁ ସ୍ୱୀକାର କରେ; ମାତ୍ର ଏହା ଭୁଲିଯିବାର ନୁହେଁ ଯେ, ମନୁଷ୍ୟ ମୁଖ୍ୟତଃ ଗୋଟିଏ ସାମାଜିକ ଜୀବ । ମନୁଷ୍ୟ ସାମାଜିକ ଅଗ୍ରଗତିର ଆବଶ୍ୟକତା ସହିତ ବ୍ୟକ୍ତିଗତ ଆବଶ୍ୟକତାକୁ ଖାପ-ଖୁଆଇ ଚଳିବାପାଇଁ ଶିଖିଥିବା ଯୋଗୁଁ ବର୍ତ୍ତମାନ ଅବସ୍ଥାକୁ ଆସିପାରିଛି । ଅନିୟନ୍ତ୍ରିତ ବ୍ୟକ୍ତି- ସ୍ୱାଧୀନତା କେବଳ ପଶୁଜଗତରେ ଦେଖାଯାଏ । ସାମାଜିକ ଅଗ୍ରଗତି ଓ ବ୍ୟକ୍ତି-ସ୍ୱାଧୀନତା ଏ ଦୁଇଟି ଭିତରେ ଆମକୁ ଗୋଟିଏ ମଧ୍ୟମ ପନ୍ଥା ବାଛିନେବାକୁ ହେବ । ସମଗ୍ର ସମାଜର ଉନ୍ନତି ନିମନ୍ତେ ଆମେ ସ୍ୱେଚ୍ଛାକୃତ ଭାବରେ ସାମାଜିକ ସଂଯମ ମାନିନେଲେ ତଦ୍ୱାରା ବ୍ୟକ୍ତି ଓ ସେହି ବ୍ୟକ୍ତି ଯେଉଁ ସମାଜର ସଭ୍ୟ, ସେହି ସମାଜ ସମୃଦ୍ଧ ହୋଇଥାଏ । ଯେଉଁ ଦେଶରେ ସର୍ବାପେକ୍ଷା ଅଧିକ ଶୃଙ୍ଖଳିତ ଓ ସୁଖୀ ଲୋକ ଥାଆନ୍ତି ; ସେହି ଦେଶ ସର୍ବାପେକ୍ଷା ସମୃଦ୍ଧିଶାଳୀ ଦେଶ । ସେହି ଲୋକ ସର୍ବାପେକ୍ଷା ଅଧିକ ସମୃଦ୍ଧିଶାଳୀ, ଯେକି ନିଜ ଜୀବନକୁ ସୁନିୟନ୍ତ୍ରିତ କରି ତାର ବ୍ୟକ୍ତିଗତ ପ୍ରଭାବ ଓ ନିଜର ସଂପତ୍ତିକୁ ସମାଜର ଅନ୍ୟଲୋକଙ୍କ ସାହାଯ୍ୟରେ ବିନିଯୋଗ କରିଥାଏ । କେବଳ ଅହିଂସା ଉପରେ ପ୍ରତିଷ୍ଠିତ ଶାସନରେ ବ୍ୟକ୍ତି-ସ୍ୱାଧୀନତାର ପୂର୍ଣ୍ଣ-ବିକାଶ ଘଟିଥାଏ । ପ୍ରକୃତ ଗଣତନ୍ତ୍ର ବା ସ୍ୱରାଜ୍ୟ ମିଥ୍ୟା ଓ ହିଂସାତ୍ମକ ଉପାୟରେ କଦାପି ହାସଲ କରାଯାଇ ନ ପାରେ; କାରଣ ଏହି ଉପାୟରେ ସ୍ୱାଧୀନତା ହାସଲ କରାଗଲେ ବିରୋଧୀଦଳଙ୍କୁ ଏକାବେଳକେ ମୂଳପୋଛ କରିଦେବା ବା ଚପେଇ ରଖିବା ତାର ହେବ ସ୍ୱାଭାବିକ ପରିଣତି । ବ୍ୟକ୍ତି ସ୍ୱାଧୀନତା ପାଇଁ ତାହା ଅନୁକୂଳ ହେବ ନାହିଁ । ସବୁ ବିଷୟରେ ବହୁ ମତକୁ ମାନି ନେବା ବାସ୍ତବ ଛଡ଼ା ଅନ୍ୟ କିଛି ନୁହେଁ । ଗଣତନ୍ତ୍ରରେ ବ୍ୟକ୍ତି-ସ୍ୱାଧୀନତା, ବିଭିନ୍ନ ମତାମତ ଓ କାର୍ଯ୍ୟ ପ୍ରତି ସଜାଗ ଦୃଷ୍ଟି ରହିଥିବା ଆବଶ୍ୟକ ।

## ସ୍ୱାଧୀନ ଭାରତରେ ଗ୍ରାମ ଶାସନର ରୂପରେଖ

ତଳଆଡୁ ହିଁ ସ୍ୱାଧୀନତା ଆରମ୍ଭ ହେବ । ଏଥିରେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗଣତାନ୍ତ୍ରିକ ଅନୁଷ୍ଠାନ ବା ପଞ୍ଚାୟତ ବ୍ୟବସ୍ଥା କରାଯିବ ଏବଂ ସେମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯିବ । ତେଣୁ ପ୍ରତ୍ୟେକ ଗ୍ରାମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ ଏବଂ ସମଗ୍ର ପୃଥିବୀ ବିରୁଦ୍ଧରେ ଛିଡ଼ା ହୋଇ ମଧ୍ୟ ନିଜ କାମ ନିଜକୁ କରିବାକୁ ହେବ । ବାହାରୁ କୌଣସି ଆକ୍ରମଣ ହେଲେ ତା ବିରୁଦ୍ଧରେ ନିଜକୁ ରକ୍ଷା କରିବା ଉଦ୍ୟମରେ ଜୀବନ ଦେବାପାଇଁ ଗ୍ରାମବାସୀମାନେ ପ୍ରସ୍ତୁତ ହେବେ ଏବଂ ସେଥିପାଇଁ ତାଲିମ ପାଇବେ । ଗୋଟିଏ ଗ୍ରାମ ଅନ୍ୟଗ୍ରାମ ଉପରେ ନିର୍ଭର କରିପାରେ ବା ପଡ଼ୋଶୀର ସ୍ୱେଚ୍ଛାକୃତ ସାହାଯ୍ୟ ଗ୍ରହଣ କରିପାରେ । ସ୍ୱାଧୀନ ଓ ସ୍ୱେଚ୍ଛାକୃତ ଶକ୍ତିର ଏହା ହେବ ଏକ ମିଳନ କ୍ଷେତ୍ର । ଗ୍ରାମର ଲୋକଙ୍କ ଭିତରେ ପରସ୍ପର ସହଯୋଗ ରହିବ । ଏହିଭଳି ଏକ ସମାଜରେ ପ୍ରତ୍ୟେକ ନିଜ ନିଜର ଆବଶ୍ୟକତା ବୁଝି ପାରିବେ ଏବଂ କେହି ଅଯଥା ଅଧିକ ଖୋଜିବେ ନାହିଁ । ଏ ପ୍ରକାର ସମାଜରେ ଲୋକେ ତ୍ୟାଗ, ନମ୍ରତା ଓ ଅଧ୍ୟବସାୟ ବଳରେ ଏକତାବଦ୍ଧ ହେବେ ।

ଆଜି ପର୍ଯ୍ୟନ୍ତ ସହର ନିଜର କର୍ତ୍ତୃତ୍ୱ ବିସ୍ତାର କରି ଗ୍ରାମଗୁଡ଼ିକୁ ଶୋଷଣ କରୁଛି, ଫଳରେ ଗ୍ରାମଗୁଡ଼ିକ ଗୋଟି ଗୋଟି ହୋଇ ଭାଙ୍ଗି ପଡୁଛି । ଗ୍ରାମଗୁଡ଼ିକର ଶୋଷଣ ସଙ୍ଗଠିତ ହିଂସାଛଡ଼ା ଆଉ କ'ଣ ହୋଇପାରେ ? ଆମେ ଯଦି ଅହିଂସା ଉପରେ ପ୍ରତିଷ୍ଠିତ ସମାଜ ଚାହୁଁ, ତା'ହେଲେ ଗ୍ରାମଗୁଡ଼ିକୁ ତାର ଯଥାର୍ଥ ସ୍ଥାନ ଦେବାକୁ ହେବ । ଗଣତାନ୍ତ୍ରିକ ଭାରତରେ ଗ୍ରାମଗୁଡ଼ିକ ଗୋଟିଏ ଗୋଟିଏ ଇଉନିଟ୍ ବା ଏକକ । ଗଣତନ୍ତ୍ର ପ୍ରତ୍ୟେକ ଗ୍ରାମବାସୀଙ୍କ ଦ୍ୱାରା ତଳଆଡୁହିଁ କାର୍ଯ୍ୟକାରୀ ହେବ । ଭାରତ ଅଂସଖ୍ୟ ଗ୍ରାମକୁ ନେଇ ଗଠିତ ହୋଇଥିବାରୁ ଗ୍ରାମ ସଙ୍ଗଠନ କହିଲେ ସମଗ୍ର ଭାରତର ସଙ୍ଗଠନ ବୋଲି ବୁଝାଏ । ଗ୍ରାମ ଶାସନରେ ବ୍ୟକ୍ତି-ସ୍ୱାଧୀନତା ଉପରେ ପ୍ରତିଷ୍ଠିତ ପୂର୍ଣ୍ଣ ଗଣତନ୍ତ୍ର ଶାସନର ନମୁନା ରହିବ । ବ୍ୟକ୍ତି ନିଜ ଶାସନର ନିର୍ମାତା । ଅହିଂସା ନୀତି ଦ୍ୱାରା ସେ ଓ ତାର ଶାସନ ପରିଚାଳିତ ହେବ ।

ଗ୍ରାମ-ସ୍ୱରାଜ ବିଷୟରେ ମୋର ଧାରଣା ଏଇଆ ଯେ, ଏହା ହେବ ଗୋଟିଏ ସଂପୂର୍ଣ୍ଣ ଗଣତାନ୍ତ୍ରିକ ସଂସ୍ଥା । ଆତ୍ମନିର୍ଭରଶୀଳତା, ସହଯୋଗିତା ଇତ୍ୟାଦି ହେବ ଏହାର ପ୍ରଧାନ ଅଙ୍ଗ । ନିଜର ଆବଶ୍ୟକୀୟ ଜିନିଷ ନିମନ୍ତେ ଏହା ପଡ଼ୋଶୀଙ୍କ ଉପରେ ନିର୍ଭର କରିବ ନାହିଁ । ତଥାପି କେତେକ ବିଷୟରେ ପଡ଼ୋଶୀଙ୍କ ଉପରେ ନିର୍ଭର କରିବା ଦରକାର ହେବ । ସେଥିରେ ସେମାନେ ହେବେ ପରସ୍ପର ପ୍ରତି ନିର୍ଭରଶୀଳ । ଏହିଭଳି ପ୍ରତ୍ୟେକ ଗ୍ରାମର ପ୍ରଥମ କର୍ତ୍ତବ୍ୟ ହେଲା ନିଜପାଇଁ ଖାଦ୍ୟପଦାର୍ଥ ଓ ପିନ୍ଧିବା-ପାଇଁ ତୂଳା ଉତ୍ପାଦନ କରିବା । ଗ୍ରାମବାସୀଙ୍କ ପାଇଁ ଅବସର ବିନୋଦନ ଗୃହ ଏବଂ ଗୋରୁଗାଈଙ୍କ ନିମନ୍ତେ ଚରାଭୂମି ରହିବା ଆବଶ୍ୟକ । ଯଦି ଗ୍ରାମରେ ଅଧିକା ଜମିଥାଏ, ତା ହେଲେ ସେଥିରେ ଗଞ୍ଜେଇ ଓ ଅଫିମ ଆଦି ଛଡ଼ା ଅନ୍ୟାନ୍ୟ ଦରକାରୀ ଅର୍ଥକରୀ ଫସଲ ଉତ୍ପାଦନ କରାଯିବ । ପ୍ରତ୍ୟେକ ଗ୍ରାମ ଗୋଟିଏ ଗୋଟିଏ ରଙ୍ଗମଞ୍ଚ, ସ୍କୁଲ ଓ ସାଧାରଣ ସଭାଗୃହ ନିର୍ମାଣ କରିବା ଉଚିତ । ନିର୍ମଳ ପାନୀୟଜଳ ଯୋଗାଣ ନିମନ୍ତେ ପ୍ରତ୍ୟେକ ଗ୍ରାମ ବ୍ୟବସ୍ଥା କରିବେ । ନିୟନ୍ତ୍ରିତ କୂଅ ବା ପୋଖରୀ ସାହାଯ୍ୟରେ ଏହା କରାଯାଇ ପାରିବ । ଶେଷ ସୋପାନ ପର୍ଯ୍ୟନ୍ତ ମୌଳିକ ଶିକ୍ଷା ବାଧ୍ୟତାମୂଳକ ହେବ । ଜାତି ପ୍ରଥା କିମ୍ବା ଅସ୍ପୃଶ୍ୟତା ରହିବ ନାହିଁ । ଗ୍ରାମର ପ୍ରତ୍ୟେକ ବିଭାଗ ଯେତେଦୂର ସମ୍ଭବ ସମବାୟ ସଂସ୍ଥା ଦ୍ୱାରା ପରିଚାଳିତ ହେବ ।

## ଶ୍ରେଣୀ ସଂଘର୍ଷ ଅନିବାର୍ଯ୍ୟ ନୁହେଁ

ଆମେ ଯଦି ଶ୍ରେଣୀ ସଂଘର୍ଷର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିଥାଉ, ତା'ହେଲେ ବୁଝିପାରିବା ଯେ ଭାରତ ବର୍ଷରେ ଶ୍ରେଣୀ ସଂଘର୍ଷ ଅନିବାର୍ଯ୍ୟ ନୁହେଁ । ଏହା ଅତି ସହଜରେ

ନ୍ୟାୟ ଦିଆଯାଇ ପାରିବ । ଯେଉଁମାନେ ଶ୍ରେଣୀ ସଂଘର୍ଷ କଥା କହନ୍ତି, ସେମାନେ ଅହିଂସାର ତାତ୍ପର୍ଯ୍ୟ ବୁଝି ନାହାନ୍ତି । ଶ୍ରେଣୀ ସଂଘର୍ଷ ଭାରତର ମୌଳିକ ପରଂପରାର ବିରୋଧୀ । ଭାରତୀୟ ସଂସ୍କୃତି ସମସ୍ତଙ୍କ ପ୍ରତି ସମାନ ନ୍ୟାୟ ପ୍ରଦର୍ଶନ ମନୁଷ୍ୟର ମୌଳିକ ଅଧିକାର ଉପରେ ପ୍ରତିଷ୍ଠିତ । ମୁଁ ଯେଉଁ ରାମରାଜ୍ୟର ପରିକଳ୍ପନା କରୁଛି, ସେଥିରେ ରାଜା ଓ ନିଃସ୍ୱ ବ୍ୟକ୍ତିର ସମାନ ଅଧିକାର ରହିବ । ସମସ୍ତ ପୁଞ୍ଜିପତି ଓ ଜମିଦାର ଯେ ଶୋଷଣକାରୀ, ଏହା ମୁଁ ବିଶ୍ୱାସ କରେ ନାହିଁ । ସ୍ୱେଚ୍ଛାରେ ହେଉ ବା ଜବରଦସ୍ତି ହେଉ, ସମସ୍ତ ଶୋଷଣ ଶୋଷିତଙ୍କ ସହଯୋଗ ଉପରେ ତିଷ୍ଠି ରହିଛି । ଶୋଷିତ ଲୋକେ ଯଦି ଶୋଷଣକାରୀଙ୍କ କଥାରେ ଏକମତ ନ ହୁଅନ୍ତି, ତା' ହେଲେ ଶୋଷଣ ସମ୍ଭବ ହୋଇ ପାରିବ ନାହିଁ । ତେଣୁ ସମସ୍ତ ପୁଞ୍ଜିପତି ଓ ଜମିଦାରଙ୍କୁ ଲୋପ କରିଦେଲେ ଯେ ଆମର ଉଦ୍ଦେଶ୍ୟ ସାଧିତ ହୋଇଯିବ, ତା'ନୁହେଁ । ବର୍ତ୍ତମାନ ପୁଞ୍ଜିପତି ଓ ଶ୍ରମିକ, ଜମିଦାର ଓ ପ୍ରଜାଙ୍କ ଭିତରେ ଯେଉଁ ସଂପର୍କ ରହିଛି ତାକୁ ପରିବର୍ତ୍ତନ କରି ଅଧିକ ସ୍ୱାସ୍ଥ୍ୟକର ଓ ଶୁଦ୍ଧ କରାଯିବା ଦରକାର । ଆମ ଦେଶରେ ଯେଉଁ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଥିଲା, ତାହା ଉଚ୍ଚ, ନୀଚ ଏବଂ ସେହିପରି ଶ୍ରମିକ ଓ ମାଲିକ ଭିତରେ ଥିବା ବ୍ୟବଧାନ ଦୂର କରିବା ଉପାୟ ଛଡ଼ା ଆଉ କ'ଣ ହୋଇପାରେ ?



## ଚଳନ୍ତି ବର୍ଷ ୬୨୨୭ଟି ନଳକୂପ ବସିବ

ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇ ଦେବାଲାଗି ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଓ ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ବର୍ଷ ସର୍ବମୋଟ ୫,୬୧୦ଟି ନଳକୂପ ବସାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ବ୍ୟତୀତ ଗତ ବର୍ଷରୁ ଅସମ୍ପୂର୍ଣ୍ଣ ରହିଥିବା ୬୧୭ଟି ନଳକୂପର ଖନନ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ କରାଯିବ । ଏହି ନଳକୂପଗୁଡିକ ମଧ୍ୟରେ ଆଦିବାସୀ ବହୁଳ ଅଞ୍ଚଳଗୁଡିକରେ ବସାଇବାକୁ ଥିବା ୧୧୩ଟି ନଳକୂପ ଅନ୍ତର୍ଭୁକ୍ତ । ଚଳିତ ବର୍ଷର ଏହି ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ନଳକୂପ ଖନନ କରିବା ପାଇଁ ରାଜ୍ୟ ସରକାର ଜନସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଡିଭିଜନକୁ ଦାୟିତ୍ୱ ଦେଇଛନ୍ତି । ତଦନୁଯାୟୀ ବାଲେଶ୍ୱର ଜିଲ୍ଲାର ଦୁଇଟି ଡିଭିଜନରେ ୮୯୭ଟି ଓ ଗଞ୍ଜାମ ଜିଲ୍ଲାର ଦୁଇଟି ଡିଭିଜନରେ ୪୨୩ଟି ନଳକୂପ ବସାଯିବ । ସେହିପରି କଟକ ଜିଲ୍ଲାରେ ୧,୦୬୩ଟି, ବଲାଙ୍ଗୀରରେ ୨୬୧ଟି, ମୟୂରଭଞ୍ଜରେ ୪୨୨ଟି, ଫୁଲବାଣୀରେ ୯୯ଟି, ପୁରୀରେ ୯୬୧ଟି, ସମ୍ବଲପୁରରେ ୪୫୪ଟି ଓ ସୁନ୍ଦରଗଡ ଜିଲ୍ଲାରେ ୨୦୮ଟି ନଳକୂପ ବସାଇବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ।

ଏହିସବୁ ନଳକୂପ ଖନନ କରିବା ବାବଦରେ ସମୁଦାୟ ୬କୋଟି ୮୫ଲକ୍ଷ ୭୭ହଜାର ଟଙ୍କା ବିନିଯୋଗ କରାଯିବ । ତନ୍ମଧ୍ୟରେ ତ୍ୱରାନ୍ୱିତ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ କେନ୍ଦ୍ରୀୟ ସାହାଯ୍ୟ ବାବଦକୁ ୩କୋଟି ୯ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୁପଠାରୁ ଦ୍ୱାରକା ଯାଏଁ ଆମର ୬୮ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :



## • ଜାତୀୟ ପତାକା

## • ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ<br>
ଭାରତ-ଭାଗ୍ୟ-ବିଧାତା !<br>
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା<br>
ଦ୍ରାବିଡ଼ ଉତ୍କଳ ବଙ୍ଗ<br>
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା<br>
ଉଚ୍ଛଳ ଜଳଧି ତରଙ୍ଗ<br>
ତବ ଶୁଭ ନାମେ ଜାଗେ ତବ ଶୁଭ<br>
ଆଶିଷ ମାଗେ<br>
ଗାଏ ତବ ଜୟ ଗାଥା !<br>
ଜନଗଣ ମଙ୍ଗଳ-ଦାୟକ ଜୟହେ !<br>
ଭାରତ-ଭାଗ୍ୟ-ବିଧାତା !<br>
ଜୟହେ, ଜୟହେ, ଜୟହେ, ଜୟ ଜୟ ଜୟ ଜୟ ହେ!

## • ଜାତୀୟ ସଙ୍କେତ




ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା ! ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଥାଇ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ କୁଟୁମ୍ବ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ମୁନ ମଥା ନତ କରେ—ତାର ଆତ୍ମା ଅଜେୟ, ଅମର ।

ଆ<br>
ମ<br>
ର<br>
ପ<br>
ତା<br>
କା



—ଚିହ୍ନଟିର ପରିଚୟ ସମସ୍ତେ ଜାଣନ୍ତି ।

ଏହାହିଁ ଆମର ତ୍ରିରଙ୍ଗ ପତାକା—ଉପରେ କେଶର ରଙ୍ଗ, ତଳେ ସବୁଜ ଶସ୍ୟ-ସମ୍ଭାରର ଘନ ସବୁଜ ରଙ୍ଗ-ଧ୍ୟରେ ଶୁଭ୍ର ରଙ୍ଗର ପଟି ଉପରେ ନୀଳ ରଙ୍ଗର ଗୋଟିଏ ଚକ୍ର-ଚିହ୍ନ ।

ଆମେ ଏହାକୁ ପ୍ରଣତି ଜଣାଉ, ଶ୍ରଦ୍ଧା କରୁ ଓ ଏହାପ୍ରତି ଆଜୀବନ ଆନୁଗତ୍ୟର ଶପଥ ନେଉ ।

## କାହିଁକି ?

କାରଣ ଏହାହିଁ ଆମର ଜାତୀୟ ପତାକା । କିନ୍ତୁ ପ୍ରଶ୍ନ ହୋଇପାରେ—କାହିଁକି ଆମେ ଏହାକୁ ଭଲ ପାଉ ? …ରେଇ—ପତାକା ତ ଖାଲି ଖଣ୍ଡେ କନା ନୁହେଁ, ଏହା ଗୋଟିଏ ପ୍ରତୀକ । ରାଷ୍ଟ୍ରୀୟ ପତାକା ଜାତିର ପବିତ୍ରତମ ପ୍ରତୀକ-ମାନଙ୍କ ମଧ୍ୟରୁ ଅନ୍ୟତମ । ତାହା ଆମକୁ ସ୍ମରଣ କରାଇ ଦିଏ ଯେ ଆମେ ସମସ୍ତେ ଗୋଟିଏ ବଡ଼ ପରିବାର-ର୍ଥାତ୍ ଏହି ବିରାଟ ଜାତିର ଜଣେ ଜଣେ ବ୍ୟକ୍ତି ।

ପ୍ରତ୍ୟେକ ସ୍ୱାଧୀନ ଜାତିର ଗୋଟିଏ ଜାତୀୟ (ରାଷ୍ଟ୍ରୀୟ) ପତାକା ଥାଏ । ଜାତିର ସ୍ୱାଧୀନତା ଓ ସାର୍ବଭୌମତ୍ୱ ଏଥିରୁ ସୂଚିତ ହୁଏ, ଜାତିର ଆଦର୍ଶ ଓ ଆକାଂକ୍ଷାର ଏହା ଏକ ପ୍ରତୀକ । ବସ୍ତୁତଃ ପତାକାକୁ ଭକ୍ତି କରିବା ଅର୍ଥ ସମଗ୍ର ଜାତିକୁ ଭକ୍ତି କରିବା ।

ଭାରତର ଜାତୀୟ ପତାକା ଆମ୍ଭମାନଙ୍କ ଆଦର୍ଶ ଓ ଆକାଂକ୍ଷାର ପ୍ରତୀକ । ପ୍ରଥମ ହୋଇ ୧୯୪୭ ଅଗଷ୍ଟ ୧୫ ତାରିଖରେ ଏହା ଉଡ଼ାଯାଇଥିଲା । ସେଦିନ ସାରା ଦୁନିଆ ଆଗରେ ଆମ ପତାକା ଘୋଷଣା କଲାଯେ ଭାରତ ଏକ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ର ।

ମହାତ୍ମାଗାନ୍ଧୀଙ୍କ ନିର୍ଦ୍ଦେଶରେ ପରିଚାଳିତ ଭାରତର ଜାତୀୟ କଂଗ୍ରେସର ନେତୃତ୍ୱରେ ଏହି ଜାତି ଦୀର୍ଘକାଳ ଧରି ସଂଗ୍ରାମ ଚଳାଇଥିଲା । ସେ ସଂଗ୍ରାମର ଯୁଗରେ ଜାତୀୟ କଂଗ୍ରେସ ସମଗ୍ର ମୁକ୍ତି-ସଂଗ୍ରାମର ପ୍ରତୀକ ରୂପେ ଗ୍ରହଣ କରିଥିଲା ଏ ପ୍ରକାରର ଏକ ପତାକାକୁ ୧୯୩୧ ମସିହାରେ । ଦେଶର ସବୁ ଅଞ୍ଚଳରୁ, ସବୁ ଧର୍ମର, ସବୁ ଶ୍ରେଣୀର କୋଟି କୋଟି ଲୋକ ଦେଶକୁ ସ୍ୱାଧୀନ କରିବା ପାଇଁ ଅସୀମ ଦୁଃଖକଷ୍ଟ ବରଣ କରିଥିଲେ; ଏପରି କି ନିଜର ପ୍ରାଣବଳି ମଧ୍ୟ ଦେଇଥିଲେ । ସେଥିପାଇଁ କବି ଗାଇଥିଲେ; "ରେ ପତାକା ଜାତିର ଜୀବନ, ଜାତିର ଗୌରବ ପରାଣ ତୁହିରେ" । ବସ୍ତୁତଃ ପତାକାର ଇତିହାସ ହିଁ ଏ ଜାତିର ତ୍ୟାଗ, ଦୁଃଖ ଓ ଆଶା-ଆକାଂକ୍ଷାର ଇତିହାସ ହୋଇ ରହିଛି ।

କିନ୍ତୁ ସେ ପତାକା ଓ ଜାତୀୟ ପତାକା ମଧ୍ୟରେ ତଫାତ୍ ରହିଛି । ସେ ପତାକା ମଝିରେ ଥିଲା ଗୋଟିଏ 'ଚରଖା' (ଯନ୍ତ୍ର); ଜାତୀୟ ପତାକାର ସେହି ସ୍ଥାନରେ ରହିଛି 'ଚକ୍ର' ।

ସ୍ୱାଧୀନତା ହାସଲ ହେବାର ଅବ୍ୟବହିତ ପୂର୍ବରୁ ଲୋକପ୍ରତିନିଧିମାନେ ସ୍ୱାଧୀନ ଭାରତର ସମ୍ବିଧାନ ରଚନା ପାଇଁ ଗୋଟିଏ ସମ୍ବିଧାନ-ସଭା ଗଠନ କରିଥିଲେ । ଆମର ଜାତୀୟ ପତାକା କଣ ହେବା ଉଚିତ, ଏହି ସମ୍ବିଧାନ-ସଭା ସ୍ଥିର କରିଥିଲେ । ୧୯୪୭ ଅଗଷ୍ଟ ୧୪ ତାରିଖ ଅର୍ଦ୍ଧରାତ୍ରରେ ଭାରତକୁ ଏକ ସ୍ୱାଧୀନ ଦେଶ ବୋଲି ଘୋଷଣା କରାଗଲା ଓ ସମ୍ବିଧାନ-ସଭାକୁ ପ୍ରଥମ ଜାତୀୟ ପତାକା ଉପହାର ଦିଆଗଲା । ଅଗଷ୍ଟ ୧୫ ତାରିଖ ସକାଳେ ଦେଖାଗଲା ସେ ମୁକ୍ତ ଭାରତର ସ୍ନିଗ୍ଧ ବାୟୁ ପରଶରେ ଜାତୀୟ ପତାକା ଫର ଫର ହୋଇ ଉଡୁଛି ।

ଜାତୀୟ ପତାକାର ତିନୋଟି ରଙ୍ଗ ଓ ଚକ୍ର-ଚିହ୍ନକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ ସବା ଉପରେ ରହିଛି ଗାଢ଼ ଗେରୁଆ ରଙ୍ଗ । ଆମ ଦେଶର ଇତିହାସରେ ଯୁଗେ ଯୁଗେ ସାଧୁ-ସନ୍ନ୍ୟାସୀମାନେ ଏହି ରଙ୍ଗର ଲୁଗା ପିନ୍ଧି ଆସୁଛନ୍ତି । ରାଜପୁତ ଜାତିର ସେନାବାହିନୀ ଯୁଦ୍ଧକୁ ଗଲାବେଳେ ଏହି ରଙ୍ଗର ପୋଷାକ ପିନ୍ଧି ଯାଉଥିଲେ । କାରଣ ଏହି ରଙ୍ଗଟି ସାହସ, ତ୍ୟାଗ ଓ ବାସନାବର୍ଜନର ପ୍ରତୀକ । ତ୍ୟାଗପୂତ ଜୀବନ ଓ ଉଚ୍ଚକୋଟୀର ନୈତିକ ସାହସ ପାଇଁ ଏହା ଲୋକଙ୍କୁ ଆହ୍ୱାନ ଦେଉଛି ।

ତା' ପରବର୍ତ୍ତୀ ରଙ୍ଗଟି ହେଉଛି ଧଳା । ଧଳାରଙ୍ଗ ସତ୍ୟ ଓ ପବିତ୍ରତାର ସଙ୍କେତ । କାୟ-ମନୋବାକ୍ୟରେ ସତ୍ୟ ଓ ପବିତ୍ରତା ଆଚରଣ କରିବା ଭାରତର ଆଦର୍ଶ ।

ତୃତୀୟ ପଟିଟି ଘନ ସବୁଜ ବର୍ଣ୍ଣ । ସବୁଜ ରଙ୍ଗ ହେଉଛି ଜୀବନ-ପ୍ରାଚୁର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ । ଏହା ଆମ୍ଭ-ମାନଙ୍କୁ ସ୍ମରଣ ଦେଉଛି ଯେ, ପ୍ରକୃତି ଉର୍ବର ମୃତ୍ତିକା ଓ ପ୍ରଚୁର ଜଳରାଶି ଦେଇ ଆମ ଦେଶକୁ ଆଶୀର୍ବାଦ କରୁଛି—ଆମେ ତାର ସର୍ବାଧିକ ଉପଯୋଗ କରିବା ଉଚିତ । ଆମର କଠିନ ଶ୍ରମ ମାଧ୍ୟମରେ ଏ ଭୂମି ସ୍ୱର୍ଣ୍ଣପ୍ରସୂ ହେବ ।

ପତାକାରେ ଥିବା ଚକ୍ର ସୂଚାଇ ଦିଏ ଯେ ଆମର ଏହି ଭାରତ ବର୍ଷରେ ଦିନେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଦେଶକୁ ସତ୍ୟ, ଧର୍ମ ଓ ନ୍ୟାୟର ଶାସନ ଦେଇଥିଲେ । ସେହି ଚକ୍ରରୁ ଆମେ ସବୁଦିନେ ଏଇ ପ୍ରେରଣା ପାଉଥିବା ।

ଦୁଇ ହଜାର ବର୍ଷ ପୂର୍ବେ ସମ୍ରାଟ ଅଶୋକ ସାରା ଭାରତରେ ବହୁ ସ୍ତୂପ ଓ ସ୍ତମ୍ଭ ନିର୍ମାଣ କରିଥିଲେ । ସେଥିରୁ ଗୋଟିଏ ସ୍ତମ୍ଭ ରହିଛି ବାରାଣସୀ ନିକଟବର୍ତ୍ତୀ ସାରନାଥଠାରେ । ସେହି ସ୍ତୂପର ଶୀର୍ଷ ଦେଶରେ ରହିଛି - ଗୋଟିଏ ବେଦି ଉପରେ ୪ଟି ସିଂହମୂର୍ତ୍ତି । ଏହି ବେଦିରେ ଅଙ୍କିତ ହୋଇଛି ଗୋଟିଏ ଚକ୍ର । ସେଥିରେ ୨୪ଟି 'ଅର' ରହିଛି । ସେହି ଚକ୍ର-ଚିହ୍ନ ଆମେ ପତାକାରେ ଗ୍ରହଣ କରିଛୁ ।

ଚକ୍ର ହେଉଛି ଗତି ଓ ଗତିଶୀଳତାର ସଙ୍କେତ । ଚକ୍ର କେବଳ ଯେ ନିଜେ ଗଡ଼ି ଗଡ଼ି ଘୂରେ, ତାହା ନୁହେଁ, ଏହା ଏଥି ସଂଲଗ୍ନ ଅନ୍ୟ ଦ୍ରବ୍ୟକୁ ମଧ୍ୟ ଚଳାଏ । ଏହା ପ୍ରଗତିର ଚିହ୍ନ । ଏହା ଆମମାନଙ୍କୁ ମନେ ପକାଇ ଦେଉଛି ଯେ, ଭାରତର ଲୋକେ ଆଗକୁ ମାଡ଼ିଯିବା ପାଇଁ ପ୍ରତିଜ୍ଞାବଦ୍ଧ । ଆଉ ଯେଉଁ ନୀତିଗୁଡ଼ିକ ଏହି ଅଗ୍ରଗତିକୁ ନିୟନ୍ତ୍ରିତ କରିବ, ତାହା ହେଉଛି ଶାନ୍ତି, ସଦିଚ୍ଛା, ସତ୍ୟ, ନ୍ୟାୟ, ଜ୍ଞାନ, ପ୍ରଜ୍ଞା, ସାହସ ଓ ତ୍ୟାଗର ନୀତି ।

ଜାତୀୟ ପତାକାର ଗୌରବ ଓ ସମ୍ମାନ ଦୃଷ୍ଟିରୁ ଏହା ଠିକ୍ ରୂପେ ବ୍ୟବହୃତ ହେବା ଆବଶ୍ୟକ । ସେଥିପାଇଁ ଭାରତ ସରକାର କେତେକ ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରିଛନ୍ତି । କହିବାକୁ ଗଲେ ଆମର ଏଇ ପତାକା ହେଉଛି ଜାତିର ମୁକ୍ତି, ଐକ୍ୟ ଓ ସମ୍ମାନର ପ୍ରତୀକ । ତେଣୁ ଏହି ପତାକାତଳେ ମାତୃଭୂମିର ସେବା ପାଇଁ ସମସ୍ତଙ୍କୁ ସତତ ପ୍ରସ୍ତୁତ ରହିବାକୁ ପଡ଼ିବ ।



'ମୋର-ମୋର ଏକା କାହିଁକି, ଆମ ସମସ୍ତଙ୍କ ସ୍ୱପ୍ନର ସ୍ୱରାଜରେ ଜାତି କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ କିମ୍ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ୱରାଜ ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲା ଲୋକଙ୍କ ସ୍ଥାନ ରହିଛି ।'

—ଗାନ୍ଧୀ

# ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଆମର ଧ୍ୟେୟ



ଗତବର୍ଷ ଜୁନ୍ ୯ ତାରିଖ ଦିନ ଓଡ଼ିଶାବାସୀ ମାନଙ୍କର ସେବାର ମାଧ୍ୟମ ଓ ପରିବର୍ତ୍ତନର ଅଗ୍ରଦୂତ ରୂପେ ଓଡ଼ିଶାରେ ଏକ ନୂତନ ସରକାର ପ୍ରତିଷ୍ଠା କରିଥିଲେ ଏବଂ ଏତଦ୍ୱାରା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ବିପୁଳ ସମର୍ଥନ ଜଣାଇଥିଲେ । ପୂର୍ବବର୍ଷ ମାରକ ମରୁଡ଼ି ହୋଇ ଯେଉଁ ପରିସ୍ଥିତି ଦେଖା ଦେଇଥିଲା, ନୂତନ ସରକାରଙ୍କୁ ପ୍ରଥମେ ତାହା ସମ୍ଭାଳିବାକୁ ହେଲା । ଲୋକଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଓ କାମ ଯୋଗାଇ ଦେଇ ଛ'ମାସ ମଧ୍ୟରେ ସରକାର ପରିସ୍ଥିତିକୁ ଆୟତ୍ତ କରି ପାରିଥିଲେ । ମାତ୍ର ଗୋଟିଏ ଦୁଃଖ ନ ଯାଉଣୁ ଯେପରି ଦ୍ୱିତୀୟ ଦୁଃଖ ମାଡ଼ିଆସେ ସେହିପରି ଭାବରେ ଏକ ଅଭୂତପୂର୍ବ ଭୟାବହ ବନ୍ୟା ଆସିଗଲା । ଏହି ବନ୍ୟା କୋରାପୁଟରୁ ଆରମ୍ଭ କରି କଟକ ପର୍ଯ୍ୟନ୍ତ ଓଡ଼ିଶାର ସମଗ୍ର ଅଞ୍ଚଳର ପ୍ରଭୂତ କ୍ଷତି ସାଧନ କଲା । ସେଠାରେ ପ୍ରଶାସନ ସତର୍କ ରହି ବିପନ୍ନ ଜନସାଧାରଣଙ୍କ ପାଖରେ ସମସ୍ତ ପ୍ରକାର ସାହାଯ୍ୟ ଠିକ୍ ସମୟରେ ପହଞ୍ଚାଇ ଦେଇ ପାରିଥିଲେ ଓ କେନ୍ଦ୍ରରୁ ବିପୁଳ ଅର୍ଥ ସାହାଯ୍ୟ ଆଣି ଲୋକଙ୍କୁ ଥଇଥାନ କରିଥିଲେ ଏବଂ କ୍ଷତିଗ୍ରସ୍ତ ବନ୍ଧ ବାନ୍ଧ, ରାସ୍ତାଘାଟ, ସ୍କୁଲ ଆଦିର ମରାମତି ବ୍ୟବସ୍ଥା କରାଇଲେ । କିନ୍ତୁ ସେତିକିରେ ଦୁଃଖ କମିଲା ନାହିଁ । ସୀମିତ ଅଞ୍ଚଳରେ ହେଲେ ମଧ୍ୟ କରକାପାତ ଓ ଘୂର୍ଣ୍ଣିବାତ୍ୟା ପରେ ପରେ ଆସି ସେମାନଙ୍କର ବାଧ ସାଧି ବସିଗଲେ । ଏ ସବୁ ପ୍ରାକୃତିକ ବିପଦ ସାଙ୍ଗକୁ ସାଙ୍ଗ ଦେଇ ଆସିଲା ଏକ ଅସ୍ୱାଭାବିକ ଛାତ୍ର ଆନ୍ଦୋଳନ । ସରକାର ଛାତ୍ରମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ଓଡ଼ିଶାର ସାଧାରଣ କ୍ଷେତ୍ରରେ ଥିବା ଅଥଚ କୌଣସି ରାଜନୈତିକ ଦଳ ସହିତ ସମ୍ପୃକ୍ତ ନ ଥିବା ବିଶିଷ୍ଟ ଜନନାୟକ, ଶିକ୍ଷାବିତ୍, ବିଶ୍ୱରପତିଙ୍କୁ ନେଇ ଏକ ଉଚ୍ଚକୋଟୀର କମିଟି ଗଠନ କଲେ । ମାତ୍ର ଯେଉଁ ବିରୋଧୀ ରାଜନୈତିକ ଦଳମାନେ ଏହି ଛାତ୍ର ଆନ୍ଦୋଳନ ସହିତ ଜଡ଼ିତ ନୁହନ୍ତି ବୋଲି ପ୍ରଥମରୁ କହି ଆସୁଥିଲେ, ସେମାନେ ଏ ପଦକ୍ଷେପକୁ ସ୍ୱାଗତ କରିବା ପରିବର୍ତ୍ତେ ଛାତ୍ର, ତା ଭିତରକୁ ଢେଇଁପଡ଼ି ନିଜର ରୂପ ପ୍ରକଟ କଲେ ଓ ରାଜ୍ୟରେ ଏକ ବିଶୃଙ୍ଖଳ ହିଂସାତ୍ମକ ବାତାବରଣ ସୃଷ୍ଟି ହେଲା । ସୁଖର ବିଷୟ, କମିଟି ଅତିଶୀଘ୍ର ତାଙ୍କ ସୁପାରିଶ ଦେବା ପରେ ଓ ସରକାର ତାହା ଗ୍ରହଣ କରିବା ପରେ ଏହି ଆନ୍ଦୋଳନ ଆଉ ଚାଲି ପାରିଲା ନାହିଁ ଏବଂ ବହୁ ଛାତ୍ର ସଙ୍ଗଠନରୁ ଓହରିଗଲେ । ଏହିପରି ଏହା ହେଲା ଏକ ପ୍ରାକୃତିକ ବିପର୍ଯ୍ୟୟ ଓ ଆନ୍ଦୋଳନର ବର୍ଷ । ମାତ୍ର ଜନସାଧାରଣଙ୍କର ଆଶୀର୍ବାଦରେ ସରକାର ସଫଳତାର ସହିତ ଏହିସବୁ ବିପର୍ଯ୍ୟୟ ଓ ଆନ୍ଦୋଳନର ସମ୍ମୁଖୀନ ହୋଇଛନ୍ତି । ସାଧାରଣ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଯଥା ସମ୍ଭବ ନିୟନ୍ତ୍ରଣରେ ରଖି ପାରିଛନ୍ତି । ବିଗତ ବର୍ଷ ମଧ୍ୟରେ ସରକାର ଗୋଟିଏ ଲକ୍ଷ୍ୟ ଆଖି ଆଗରେ ରଖି ଚାଲିଛନ୍ତି । ତାହା ହେଉଛି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି । ଓଡ଼ିଶାର ବିପୁଳ ପ୍ରାକୃତିକ ସମ୍ପଦ ଓ ଲୋକ ସମ୍ପଦର ବିନିଯୋଗ କରାଯାଇ ଓଡ଼ିଶାକୁ କିପରି ଭାରତରେ ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ହେବ, ସେଥିପାଇଁ ସରକାର ଅବିରତ ଉଦ୍ୟମ କରି ଚାଲିଛନ୍ତି ଏବଂ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ୨୦-ଦଫା କାର୍ଯ୍ୟକ୍ରମକୁ ସଫଳ ରୂପାୟିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଛନ୍ତି । କୃଷିର ଉନ୍ନତି, ଶିଳ୍ପ ପ୍ରସାର ଏବଂ ଦୁର୍ବଳତମ ଲୋକଙ୍କର ଥଇଥାନ ହୋଇଛି ତାହାର ତିନୋଟି ପ୍ରଧାନ ଅଭିମୁଖ୍ୟ ।

## ବେକାର ସମସ୍ୟା ସମାଧାନ

ଏ ସରକାର ଆସିବା ବେଳେ ଓଡ଼ିଶାରେ ୨୨ ଲକ୍ଷ ଲୋକ ବେକାର ହୋଇ ରହିଥିଲେ । ୫ ବର୍ଷ ମଧ୍ୟରେ ଯେଉଁମାନେ କାର୍ଯ୍ୟକ୍ଷମ ହେବେ ସେମାନଙ୍କର ସଂଖ୍ୟା ମିଶାଇଲେ ବେକାରଙ୍କ ସଂଖ୍ୟା ହେବ ୩୧ ଲକ୍ଷ । ତେଣୁ ପୂର୍ବରୁ କୁହାଯାଇଥିବା ଅଭିମୁଖ୍ୟ ଆଖି ଆଗରେ ରଖି ସରକାର ଏହି ବେକାର ସମସ୍ୟା ସମାଧାନ କରିବା ପାଇଁ ଏକ ଦୃଢ଼ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଯେପରିକି ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ଲୋକ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ହୋଇ ପାରିବେ ଏବଂ ଅବଶିଷ୍ଟ ଲୋକଙ୍କୁ ଓ ପରବର୍ତ୍ତୀ ଯୋଜନା କାଳରେ କାର୍ଯ୍ୟକ୍ଷମ ଲୋକଙ୍କୁ ସେହି ଯୋଜନା କାଳ ମଧ୍ୟରେ ନିଯୁକ୍ତି ଦିଆଯାଇ ପାରିବ ଏବଂ ୧୦ ବର୍ଷ ମଧ୍ୟରେ ଓଡ଼ିଶାର ବେକାର ସମସ୍ୟା ସମାଧାନ ହୋଇଯାଇ ପାରିବ ଏବଂ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ । ଏଥିପାଇଁ ସରକାର ବିଭିନ୍ନ ବିଶେଷଜ୍ଞଙ୍କ ପରାମର୍ଶରେ ଏକ ଉଚ୍ଚାଭିଳାଷୀ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ଏଥିରେ ୪,୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ଥିର କରିଥିଲେ । ବର୍ତ୍ତମାନ ରାଜ୍ୟର ଯୋଜନା ହେଉଛି ୧,୫୦୦ କୋଟି

ଟଙ୍କା ଏବଂ କେନ୍ଦ୍ର ସରକାରଙ୍କର ଓଡ଼ିଶାରେ ହେବାକୁ ଯାଉଥିବା ବିଭିନ୍ନ କଳକାରଖାନା, ରେଳ, ପରିବହନ, ବନ୍ଦର, ବିଦ୍ୟୁତ୍ ଉତ୍ପାଦନ ଆଦି ବିଭିନ୍ନ କାର୍ଯ୍ୟକ୍ରମ କ୍ଷେତ୍ରରେ ପ୍ରାୟ ୩,୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଉଛି । କେନ୍ଦ୍ର ସରକାରଙ୍କର ଏହି କାର୍ଯ୍ୟକ୍ରମ ମଧ୍ୟରେ ଏକ ଆଲୁମିନିୟମ୍-ଆଲୁମିନା କାରଖାନା, ଏକ ବୃହତ୍ ଇସ୍ପାତ କାରଖାନା, ଏକ ସାର କାରଖାନା, କେତୋଟି ପ୍ରଧାନ ରେଳପଥ, ଏକ ବଡ଼ ଧରଣର ବିଦ୍ୟୁତ୍ ଉତ୍ପାଦନ କାରଖାନା, ପାରାଦୀପ ବନ୍ଦରରେ ବହୁ ଉନ୍ନତ ବର୍ଥ ନିର୍ମାଣ ଆଦି ଅନ୍ତର୍ଭୁକ୍ତ । ଏହି ଯୋଜନା କାଳ ମଧ୍ୟରେ କେନ୍ଦ୍ର ସରକାର ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାମାନଙ୍କ ଜରିଆରେ ଓଡ଼ିଶାରେ ଯେତେ ଅର୍ଥ ବିନିଯୋଗ କରୁଛନ୍ତି ଅନ୍ୟ କୌଣସି ଯୋଜନା କାଳରେ ଓଡ଼ିଶାରେ ଏହି ଅର୍ଥ ବିନିଯୋଗ ହୋଇନାହିଁ ଏବଂ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅପେକ୍ଷାକୃତ ଯଥେଷ୍ଟ ଅଧିକ କେନ୍ଦ୍ରୀୟ ପୁଞ୍ଜି ଲଗାଣ କରାଯାଉଛି । ଏହି ସରକାର ବିଶେଷ କଥା ନ କହି ବା ଆସ୍ଫାଳନ ନ କରି ଯେ କାର୍ଯ୍ୟ କରିବାକୁ ଚାହାନ୍ତି ଏବଂ ଏ ଦିଗରେ ଓଡ଼ିଶାର ଜନସାଧାରଣଙ୍କର ଆଶାନୁରୂପ କେନ୍ଦ୍ରର ଆଶୀର୍ବାଦ ଯେ ଏ ସରକାର ଲାଭ କରି ପାରିଛନ୍ତି ତାହା ନିଃସନ୍ଦେହରେ କୁହାଯାଇପାରେ । ବିରାଟ ଆଲୁମିନିୟମ୍-ଆଲୁମିନା ପ୍ରକଳ୍ପ ଭାରତର ଅନ୍ୟ ଯେ କୌଣସି ରାଜ୍ୟକୁ ଯାଇ ପାରିଥାଆନ୍ତା । ମାତ୍ର ତାହା ଓଡ଼ିଶାକୁ ଆସିଛି ଏବଂ ଶୀଘ୍ର ତାହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ସମ୍ପ୍ରତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୮୫ ମସିହା ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ଏବଂ ଏହି ପ୍ରକଳ୍ପ ମଧ୍ୟରେ କୋରାପୁଟର ଦାମନଯୋଡ଼ିଠାରେ ଆଲୁମିନା ପିଣ୍ଡ ଉତ୍ପାଦନ କାରଖାନା, ତାଳଚେରଠାରେ ଆଲୁମିନିୟମ୍ କାରଖାନା, ଏହି କାରଖାନାକୁ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ୬ ଶହ ମେଗାୱାଟର ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର, କୋରାପୁଟ-ରାୟଗଡ଼ା ମଧ୍ୟରେ ୧୦୦ ମାଇଲ ବ୍ୟାପି ରେଳପଥର ସଂଯୋଗ ଏହା ମଧ୍ୟରେ ଅନ୍ତର୍ଭୁକ୍ତ । ଏହା କାର୍ଯ୍ୟକାରୀ ହେଲେ ପ୍ରତ୍ୟକ୍ଷ ଭାବରେ ୬,୦୦୦ ଲୋକ ଏବଂ ପରୋକ୍ଷରେ ୧୫ ହଜାର ଲୋକ ନିଯୁକ୍ତି ପାଇ ପାରିବେ ଏବଂ ଓଡ଼ିଶାର ରାଜକୋଷକୁ ପ୍ରତିବର୍ଷ ପ୍ରାୟ ୧୮ କୋଟି ଟଙ୍କା ଆସି ପାରିବ । ଦ୍ୱିତୀୟ ଇସ୍ପାତ କାରଖାନା ଥିଲା ଓଡ଼ିଶାର ଦୀର୍ଘ ଦିନର ସ୍ୱପ୍ନ । ଏ ସ୍ୱପ୍ନକୁ କେବଳ ବାସ୍ତବ ରୂପରେଖ ଏହି ସରକାର ଦେଇପାରିଛି । ଭାରତର ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାର ଘୋଷଣା କରାଯାଇଛି ଏବଂ କେଉଁ ବୈଦେଶିକ ରାଷ୍ଟ୍ରର ସହଯୋଗରେ କେବେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ଯେ କୌଣସି ସମୟରେ ତା'ର ଘୋଷଣା ହୋଇଯିବ । ଇସ୍ପାତ ଓ ଆଲୁମିନିୟମ୍ କାରଖାନା ମାତୃଶିଳ୍ପରୂପେ ବିବେଚିତ । କାରଣ ଏମାନଙ୍କୁ କେନ୍ଦ୍ର କରି ବହୁ କ୍ଷୁଦ୍ର, ମଧ୍ୟମ ଓ ବଡ଼ ଧରଣର ଶିଳ୍ପ ପ୍ରତିଷ୍ଠା ହୋଇପାରିବ । ଓଡ଼ିଶାର ଶିଳ୍ପାୟନ ପାଇଁ ଏହାର ସୁଦୂର୍ ସହଜରେ ଅନୁମେୟ । ଏହା ସହିତ ତିନିଶହ କୋଟି ଟଙ୍କା ବ୍ୟୟରେ ଏକ ଫସ୍‌ଫେଟିକ୍ ସାର କାରଖାନା ପାରାଦୀପରେ ସ୍ଥାପନ କରିବା ପାଇଁ କେନ୍ଦ୍ର ପୁଞ୍ଜି ଲଗାଣ ବୋର୍ଡ ନିଷ୍ପତ୍ତି ଗ୍ରହଣ କରିସାରିଛନ୍ତି । କୋରାପୁଟ-ରାୟଗଡ଼ା ରେଳପଥ ଛଡ଼ା ଦୈତାରୀ-କେନ୍ଦୁଝର ରେଳପଥ ନିର୍ମାଣର ନିଷ୍ପତ୍ତି ନିଆଯାଇ ସାରିଛି ଏବଂ ତାଳଚେର-ସମ୍ବଲପୁର ରେଳପଥ ନିର୍ମାଣ କରିବା ପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି । ପାରାଦୀପରେ ଗୋଟିଏ ସାଧାରଣ ପଣ୍ୟବର୍ଥ ନିର୍ମାଣ କାର୍ଯ୍ୟ ପୂରିଛି ଏବଂ ଅନ୍ୟ ଦୁଇଟି ଏ ଯୋଜନା କାଳ ମଧ୍ୟରେ ହୋଇଯାଉଛି । ଇସ୍ପାତ କାରଖାନା ଓ ସାର କାରଖାନା ହେଲେ ସେଗୁଡ଼ିକ ପାଇଁ ମଧ୍ୟ ବର୍ଥ ନିର୍ମାଣ କରାଯିବ । ଏକ ଅଏଲ ଟର୍ମିନାଲ ପାଇଁ ମଧ୍ୟ ଉଦ୍ୟମ ଚାଲିଛି ।

## ନୂତନ ଶିଳ୍ପ ନୀତି

କେନ୍ଦ୍ରୀୟ ଶିଳ୍ପ ଛଡ଼ା ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ହଜାରେ କୋଟି ଟଙ୍କାରେ ହଜାରେ ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠାର ସଂକଳ୍ପ ନେଇଛନ୍ତି । ଆକ୍ଷରିକ ଅର୍ଥରେ ଗ୍ରହଣ କଲେ ଗତ ବର୍ଷକ ମଧ୍ୟରେ ହଜାରେ କୋଟି ଟଙ୍କା ମୂଲ୍ୟର ୨୦୦ଟି କାରଖାନାର ଚୂଡ଼ାନ୍ତ ରୂପରେଖ ସରିଲାଣି ଓ ତନ୍ମଧ୍ୟରୁ ପ୍ରାୟ ୬୦ଟି କାରଖାନାର ନିର୍ମାଣ କାମ ଚାଲିଛି ଏବଂ ଅବଶିଷ୍ଟ ନିର୍ମାଣ ଅପେକ୍ଷାରେ । ଏହା ମଧ୍ୟରେ ବହୁ କାଗଜକଳ, ସୂତାକଳ, ଝୋଟକଳ, ଚିନିକଳ ଏବଂ ବହୁ ଇଞ୍ଜିନିୟରିଂ, ରାସାୟନିକ ଓ ଇଲେକ୍‌ଟ୍ରିକ୍ ଶିଳ୍ପ ଅନ୍ତର୍ଭୁକ୍ତ । ଏହାସବୁ କାର୍ଯ୍ୟକାରୀ ହୋଇଗଲେ ଏଥିରେ ୭୫ ହଜାର ଲୋକ କାମ ପାଇବେ । ବାହାରର ବହୁ ଶିଳ୍ପପତି ଓଡ଼ିଶାରେ ଶିଳ୍ପ ସ୍ଥାପନର ଆଗ୍ରହ ପ୍ରକାଶ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ଲାଇସେନ୍ସ ପାଇସାରିଲେଣି । ଓଡ଼ିଶାର ବହୁ ଯୁବକ ରାଜ୍ୟର ଶିଳ୍ପାୟନରେ ଅଂଶ ଗ୍ରହଣ କରିବା ପାଇଁ ଆଗେଇ ଆସିଛନ୍ତି । ସେମାନଙ୍କର ଉଦ୍ୟମରେ ୨,୦୦୩ଟି କ୍ଷୁଦ୍ର ଶିଳ୍ପ ଏହି ବର୍ଷକ ମଧ୍ୟରେ ସ୍ଥାପନ କରାଯାଇଛି ଏବଂ ଏଥିରେ ୧୫ ହଜାର ଲୋକ ନିଯୁକ୍ତି ପାଇଛନ୍ତି । ଏହାଛଡ଼ା ୫୫ ହଜାର କାରିଗରଙ୍କୁ ଉନ୍ନତ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି, ଯଦ୍ୱାରା ସେମାନଙ୍କର ଆୟ ଦୁଇଗୁଣ ବଢ଼ିପାରିବ । ଏକଲକ୍ଷ ବୁଣାକାରଙ୍କୁ ଉନ୍ନତ ତନ୍ତ ଯୋଗାଇଦେବା ହେଉଛି ଅନ୍ୟ ଏକ କାର୍ଯ୍ୟକ୍ରମ ଏବଂ ଗତ ବର୍ଷକ ମଧ୍ୟରେ ସେମାନଙ୍କ ମଧ୍ୟରୁ ଆଠ ହଜାର ବୁଣାକାରଙ୍କୁ ଏହିପରି ତନ୍ତ ଯୋଗାଇ ଦିଆଯାଇଛି । ଏ ଉନ୍ନତ ତନ୍ତ ଫଳରେ ସେମାନଙ୍କର ଆୟ ଦ୍ୱିଗୁଣିତ ହୋଇପାରିବ । ଭୁବନେଶ୍ୱର-ଚନ୍ଦକା ମଧ୍ୟରେ ଭାରତର ତୃତୀୟ ନ୍ୟୁକ୍ଲିୟସ୍ ଶିଳ୍ପପୁଞ୍ଜ ସ୍ଥାପନ କରାଯାଉଛି । ଏଥିରେ ୬୭ କୋଟି ଟଙ୍କା ମୂଲ୍ୟର ୧୦ଟି କାରଖାନା ସ୍ଥାପନ କରାଯାଉଛି । ଓଡ଼ିଶାର ଶିଳ୍ପ ଉନ୍ନୟନ କର୍ପୋରେସନ ଓ ଶିଳ୍ପ ପୁଞ୍ଜି ଯୋଗାଣ କର୍ପୋରେସନ ଓଡ଼ିଶାର ଦ୍ରୁତ ଶିଳ୍ପାୟନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି ।

## ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି

ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ପ୍ରଚୁର ସମ୍ଭାବନା ରହିଛି । ସରକାର ଭୁବନେଶ୍ୱର, ପୁରୀ ଏବଂ କୋଣାର୍କକୁ ଏକ ସ୍ୱର୍ଣ୍ଣିମ ତ୍ରିଭୁଜ ରୂପେ ଗ୍ରହଣ କରି ତା'ର ବିକାଶ ପାଇଁ ଯୋଜନା କରିଛନ୍ତି । ଭୁବନେଶ୍ୱର-ଦିଲ୍ଲୀ ମଧ୍ୟରେ ସିଧାସଳଖ ବୋଇଂ ବିମାନ ଚଳାଚଳ, ପୁରୀ ଓ ଦିଲ୍ଲୀ ମଧ୍ୟରେ ଦ୍ରୁତଗାମୀ ଗାଡ଼ିରେ ଏକ୍ସପ୍ରେସର ଚଳାଚଳ, ପୁରୀ-କୋଣାର୍କ ସମୁଦ୍ରକୂଳ ରାସ୍ତାର ବିକାଶ ଓ ଏହି ୩ଟି ଯୋଜନାକୁ କେନ୍ଦ୍ରକରି ବହୁ ଅତ୍ୟାଧୁନିକ ହୋଟେଲ ସ୍ଥାପନକରିବା କାର୍ଯ୍ୟକ୍ରମ ରଖାଯାଇଛି । ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ଆସୁଥିବା ପର୍ଯ୍ୟଟକଙ୍କର ସଂଖ୍ୟା ପୂର୍ବବର୍ତ୍ତୀ ବର୍ଷ ତୁଳନାରେ ଶତକଡ଼ା ୬୦ ଭାଗ ବୃଦ୍ଧି ପାଇଛି । ନନ୍ଦନକାନନରେ ମୁକ୍ତ ଭାବରେ ବିଚରଣ କରିବା ପାଇଁ ସିଂହ, ବ୍ୟାଘ୍ର ଓ ହସ୍ତୀମାନଙ୍କ ପାଇଁ ପୃଥକ୍ ପୃଥକ୍ ଅଭୟାରଣ୍ୟ କରାଯିବ ଏବଂ ତାହା ଦର୍ଶକବୃନ୍ଦ ଦେଖିପାରିବାର ସବୁ ବ୍ୟବସ୍ଥା କରାଯିବ । ଏଠାରେ ଥିବା ହ୍ରଦରେ ଏକ ପକ୍ଷୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯିବ । ଏହା ଫଳରେ ସମୃଦ୍ଧ ବେଳାଭୂମି, ଇତିହାସ ଓ ପ୍ରତ୍ନତତ୍ତ୍ୱ ଦୃଷ୍ଟିରୁ ପ୍ରସିଦ୍ଧ ମନ୍ଦିରମାନ ଏବଂ ବନ୍ୟଜନ୍ତୁମାନଙ୍କୁ କେନ୍ଦ୍ରକରି ୫୦ ବର୍ଗ କିଲୋମିଟର ମଧ୍ୟରେ ବିଭିନ୍ନ ଧରଣର ଏହିସବୁ ପର୍ଯ୍ୟଟନ କେନ୍ଦ୍ରମାନ ଗଢ଼ିଉଠିବ । ଭାରତରୁ ଯେଉଁ ପର୍ଯ୍ୟଟକମାନେ ଆସିବେ ଓଡ଼ିଶା ହେବ ସେମାନଙ୍କପାଇଁ ଏକ ନିଶ୍ଚିତ ଭ୍ରମଣସ୍ଥଳ ।

ଶିକ୍ଷା କ୍ଷେତ୍ରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅବୈତନିକ ଶିକ୍ଷା ପ୍ରଚଳନ କରାଯାଇଛି । ହରିଜନ ଏବଂ ଆଦିବାସୀ ଛାତ୍ରମାନଙ୍କର ଷ୍ଟାଇପେଣ୍ଡ ଅଧିକ ୧୦ ଟଙ୍କା କରି ବଢ଼ାଇ ଦିଆଯାଇଛି । ରାଉରକେଲା ଏବଂ ଭୁବନେଶ୍ୱରରେ ଶହେ ଛାତ୍ର ରହିବା ଭଳି ୨ଟି ଛାତ୍ରାବାସର ବ୍ୟବସ୍ଥା କରାଯାଇଛି । ଆଦିବାସୀ ଅଞ୍ଚଳରେ ଥିବା ସ୍କୁଲମାନ ଆବାସିକ ସ୍କୁଲରେ ପରିଣତ କରିବା ପାଇଁ ଯୋଜନା କରାଯାଇଛି । ରାଜ୍ୟରେ ୯୦୦ଟି ପ୍ରାଥମିକ ସ୍କୁଲକୁ ଉଚ୍ଚ ପ୍ରାଥମିକ ଓ ୩୦୬ଟି ଉଚ୍ଚ ପ୍ରାଥମିକ ସ୍କୁଲକୁ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ କରାଯାଇଛି । ଅନୁନ୍ନତ ଅଂଚଳରେ ୩ଟି ନୂଆ ସରକାରୀ ହାଇସ୍କୁଲ ଖୋଲାଯାଇଛି । ୧୧୫ଟି ବେସରକାରୀ ସ୍କୁଲକୁ ସ୍ୱୀକୃତି ମିଳିଛି । ୪୦ଟି ବେସରକାରୀ କଲେଜକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି । ରାଜ୍ୟର ପରିବହନ ସଂସ୍ଥାମାନେ ଛାତ୍ରମାନଙ୍କପାଇଁ ବସ୍‌ଭଡ଼ାରେ ଶତକଡ଼ା ୫୦ ଭାଗ ରିହାତି ଦେଉଛନ୍ତି । ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଅଂଚଳ ପାଇଁ ତଥା ମହିଳା କଲେଜ ଓ ବିଜ୍ଞାନ କଲେଜ ପାଇଁ ସରକାରୀ ସ୍ୱୀକୃତିର ନିୟମ କୋହଳ କରାଯାଇଛି । ବନ୍ୟାବିଧ୍ୱସ୍ତ ଅଂଚଳର ଛାତ୍ରମାନଙ୍କୁ ୯ମାସର ଦରମା ଓ ପରୀକ୍ଷା ଫିସ୍ ଛାଡ଼ କରି ଦିଆଯାଇଛି । ଆଇ. ଏ. ଏବଂ ବି. ଏ. କ୍ଲାସମାନଙ୍କରେ ୪,୪୦୦ ଅଧିକ ସିଟ୍ ମଞ୍ଜୁର କରାଯାଇଛି । ସେହିପରି ସ୍ନାତକୋତ୍ତର ଶ୍ରେଣୀରେ ୪୦ଟି ଅଧିକ ସିଟ୍ କରାଯାଇଛି । ଶିକ୍ଷା କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଏକ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା । ପୁରୀଠାରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଉଛି ।

## ଉନ୍ନତତର ସ୍ୱାସ୍ଥ୍ୟ ସେବା

ସ୍ୱାସ୍ଥ୍ୟ କ୍ଷେତ୍ରରେ ଘରୋଇ ଚିକିତ୍ସା ଉଠାଇ ଦିଆଯାଇଛି । ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରାଯାଇଛି । କେନ୍ଦ୍ରସରକାରଙ୍କ ପକ୍ଷରୁ ଭୁବନେଶ୍ୱରଠାରେ ଖୋଲାଯାଇଥିବା ଆଂଚଳିକ ଗବେଷଣା କେନ୍ଦ୍ରର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି । ଏଠାରେ ବାତଜ୍ୱର, କୁଷ୍ଠରୋଗ ଆଦି ଚିକିତ୍ସା ପାଇଁ ଗବେଷଣା କରାଯିବ । ୫ଟି ନୂଆ ଆୟୁର୍ବେଦିକ୍ ଓ ୫ଟି ହୋମିଓପ୍ୟାଥିକ୍ ଡ଼ାକ୍ତରଖାନା ଖୋଲାଯାଇଛି । ପୂର୍ବତନ ସରକାରଙ୍କ ସମୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯାହା ଯାହା କାର୍ଯ୍ୟ କରାଯାଇଥିଲା ବର୍ତ୍ତମାନ ତାର ୫୦ ଭାଗ ଅଧିକ କାର୍ଯ୍ୟ କରାଯାଇଛି । ରାଜ୍ୟରେ ଯେତିକି ନଳକୂପ ଥିଲା ଏହି ଗୋଟିଏ ବର୍ଷ ମଧ୍ୟରେ ତାହା ଶତକଡ଼ା ୬୦ ଭାଗ ବଢ଼ିଯାଇଛି । ଖାଡ଼ିଆପାଣି ପଡ଼ୁଥିବା ସମୁଦ୍ରକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଡେନମାର୍କ ସରକାରଙ୍କ ସହଯୋଗରେ ୨୯ କୋଟି ଟଙ୍କାର ପାନୀୟ ଜଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ଯଦ୍ୱାରା ଏହିସବୁ ଅଂଚଳରେ ୨୫ ଲକ୍ଷ ଲୋକଙ୍କ ପାଇଁ ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ । କେଉଁଝର ଜିଲ୍ଲାର ଖଣିଜ ଅଂଚଳରେ ଦୁଇକୋଟି ଟଙ୍କା ବ୍ୟୟରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି । ପଶ୍ଚିମାଞ୍ଚଳର କେତୋଟି ଜିଲ୍ଲାରେ ସୁଇସ୍‌ସରକାରଙ୍କ ସହଯୋଗରେ ପାନୀୟଜଳ ଯୋଗାଣର ଯୋଜନା କରାଯିବାର ପ୍ରସ୍ତାବ କରାଯାଇଛି ।

ଗ୍ରାମାଞ୍ଚଳର ସବୁଠାରୁ ଗରିବ ଲୋକଙ୍କୁ ଅଭ୍ୟୁତ୍ଥାନ କରିବା ପାଇଁ ସରକାର ଏକ ବ୍ୟାପକ-କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ପ୍ରତ୍ୟେକ ଗ୍ରାମର ୧୦ଟି ଗରିବ ପରିବାରକୁ ଏହି ଯୋଜନାକାଳ ମଧ୍ୟରେ ଦାରିଦ୍ର୍ୟମୁକ୍ତ କରି ପୂରା ଅଭ୍ୟୁତ୍ଥାନ କରାଯିବ । ଓଡ଼ିଶାରେ ଏହିପରି ୫ଲକ୍ଷ ପରିବାର ପାଇଁ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଗତ ବର୍ଷ ୨୨ ହଜାର ପରିବାରକୁ ଅଭ୍ୟୁତ୍ଥାନ କରିବାର କାର୍ଯ୍ୟ ଆରମ୍ଭ କରାଯାଇଛି । ଚର୍ମ ଗୋପାଳନ, ମତ୍ସ୍ୟଚାଷ ଆଦିରେ ଏମାନଙ୍କୁ ପୂରା ଅଭ୍ୟୁତ୍ଥାନ କରାଯାଉଛି ଯେପରି କି ଗୋଟିଏ ବ୍ୟକ୍ତି ବାର୍ଷିକ ୫ହଜାର ଟଙ୍କା ରୋଜଗାର କରିପାରିବ ।

ବନ୍ୟାରେ କ୍ଷତିଗ୍ରସ୍ତ ଗରିବ ହରିଜନ, ଆଦିବାସୀ ଓ ଅନ୍ୟ ଗରିବ ଲୋକଙ୍କ ପାଇଁ ଏକ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏଥିରେ ପ୍ରାୟ ୩୦ ହଜାର ଉନ୍ନତ ଗୃହ ନିର୍ମିତ ହେବ ।

ଦରଦାମ ସ୍ଥିର ରଖିବାପାଇଁ ତଥା ଖାଉଟି ଦ୍ରବ୍ୟର ସୁଷମ ବଣ୍ଟନ ପାଇଁ ଯୋଗାଣ କର୍ପୋରେସନ ଗଠନ କରାଯାଇଛି ଏବଂ ବହୁ ନୂଆ ସମବାୟ ଖାଉଟି ଦୋକାନ ଖୋଲାଯାଇଛି । ଧାନର ସଂଗ୍ରହ ଦର ଚାଷୀମାନଙ୍କର ଉନ୍ନତି ପାଇଁ ବଢ଼ାଇ ଦିଆଯାଇଛି

ଓଡ଼ିଶାର ଉନ୍ନତ ଶିଳ୍ପନୀତି ସାରା ଭାରତରେ ଆଦୃତ ହୋଇଛି ।

କୃଷି କ୍ଷେତ୍ରରେ ଗତ ବର୍ଷ ୨୫ ହଜାର ଏକର ଜମିରେ ଆଧୁନିକ ବୈଜ୍ଞାନିକ କୌଶଳ, ଉନ୍ନତ କୃଷି ସରଞ୍ଜାମ ଏବଂ ଆବଶ୍ୟକ ଋଣ ଯୋଗାଇ ଦେଇ ଏକ ସଘନ ଚାଷ ପ୍ରଣାଳୀ ପ୍ରଚଳନ କରାଯାଇଛି । ଏହାଦ୍ୱାରା ଏହିସବୁ ଜମିରେ ଏକର ପିଛା ଉତ୍ପାଦନ ଦୁଇଗୁଣ ବଢ଼ିଯାଇଛି । ଗତବର୍ଷର ବନ୍ୟା ସତ୍ତ୍ୱେ ବିଭିନ୍ନ ଉନ୍ନତ ଚାଷ ପ୍ରଣାଳୀ ପ୍ରବର୍ତ୍ତନ ଦ୍ୱାରା ଓଡ଼ିଶାରେ କୃଷି ଉତ୍ପାଦନ ୩ ଲକ୍ଷ ଟନ୍ ବଢ଼ିଛି ଏବଂ ଏହା ହେଉଛି ଗତ ୩୦ ବର୍ଷ ମଧ୍ୟରେ ଏକ ନୂତନ ରେକର୍ଡ ସୃଷ୍ଟି ; ଏ ବର୍ଷ ୫ ଲକ୍ଷ ଏକର ଜମିରେ ଏହି ପ୍ରଣାଳୀର ପ୍ରଚଳନ କରାଯିବ ଏବଂ ଏହିପରି ଭାବରେ ୫ ବର୍ଷ ମଧ୍ୟରେ ଓଡ଼ିଶାର କୃଷି ଉତ୍ପାଦନ ଶତକଡ଼ା ୨୦ ଭାଗ ବଢ଼ିବ । ଚାଷୀମାନଙ୍କୁ ସାହାଯ୍ୟ କରିବାପାଇଁ ସମବାୟ ଋଣର ପରିମାଣ ପୂର୍ବ ବର୍ଷ ଅପେକ୍ଷା ଗତବର୍ଷ ୧୫ କୋଟି ଟଙ୍କା ବଢ଼ିଯାଇଛି ଏବଂ ଅଧିକ ୧,୩୦,୦୦୦ ଚାଷୀ ଉପକୃତ ହୋଇଛନ୍ତି । ଓଡ଼ିଶା ଗହମରେ ସ୍ୱାବଲମ୍ବୀ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ୪୦ ହଜାର ଟନ୍ ଅଧିକ ଗହମ ଉତ୍ପନ୍ନ ହୋଇଛି । ବହୁ ସୂତାକଳ ଓଡ଼ିଶାରେ ସ୍ଥାପନ କରାଯାଉଥିବା ଯୋଗୁଁ ବ୍ୟାପକ କପାଚାଷ ପ୍ରବର୍ତ୍ତନ କରାଯିବାର ସ୍ଥିର କରାଯାଇଛି ଯେପରି କି ଓଡ଼ିଶା କପା ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ । ଗତବର୍ଷ ଅଧିକ ଏକଲକ୍ଷ ଏକର ଜମିରେ ଚିନାବାଦାମ ଚାଷ କରାଯାଇଛି । ଆବଶ୍ୟକ ପରିମାଣରେ ତୈଳବୀଜ ଉତ୍ପାଦନକରି ଓଡ଼ିଶାକୁ ଆଗାମୀ ୫ ବର୍ଷ ମଧ୍ୟରେ ତୈଳ ଗ୍ରହିବାରେ ଯେପରି ସ୍ୱାବଲମ୍ବୀ କରାଯାଇପାରିବ ତାହା ହେଉଛି ସରକାରଙ୍କର ଲକ୍ଷ୍ୟ ।

### ଜଳସେଚନ ଦ୍ୱିଗୁଣିତ

କୃଷି ଉତ୍ପାଦନ ପାଇଁ ଜଳସେଚନର ପ୍ରସାର ଏକାନ୍ତ ଆବଶ୍ୟକ । ଓଡ଼ିଶାର ସମସ୍ତ ଚାଷ ଜମିର ମାତ୍ର ଏକ ତୃତୀୟାଂଶ ଜମିରେ ଜଳସେଚନର ବ୍ୟବସ୍ଥା ଅଛି । ସରକାର ଏହାକୁ ଦୁଇଗୁଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେଥିରୁ ୧୫ ଲକ୍ଷ ଏକର ଜମିରେ ଏହି ଯୋଜନା କାଳ ମଧ୍ୟରେ ପାଣି ମାଡ଼ିବ ଏବଂ ଅବଶିଷ୍ଟ ବିଭିନ୍ନ ଜଳସେଚନ ଯୋଜନା କାର୍ଯ୍ୟ ଶେଷ ହୋଇ ଆଗାମୀ ଯୋଜନା କାଳ ମଧ୍ୟରେ ଆହୁରି ୧୫ ହଜାର ଏକର ଜମିରେ ପାଣି ମାଡ଼ିପାରିବ । ରେଙ୍ଗାଲି, କୋଲାବ, ଇନ୍ଦ୍ରାବତୀ ଯୋଜନାକୁ ତ୍ୱରାନ୍ୱିତ ଏବଂ ଇବ୍, ସୁବର୍ଣ୍ଣରେଖା, ଭୀମକୁଣ୍ଡ ଯୋଜନାମାନଙ୍କରେ କାର୍ଯ୍ୟ ଆରମ୍ଭ କରିବାର ନିଷ୍ପତ୍ତି ନିଆଯାଇଛି । ଏହି ଗୋଟିଏ ବର୍ଷ ମଧ୍ୟରେ ଅଧିକ ଏକଲକ୍ଷ ୩୨ ହଜାର ହେକ୍ଟର ଜମିରେ ଜଳସେଚନ କରାଯାଇଛି । କେନାଲ ଜଳସେଚନ, ଉଠା ଜଳସେଚନ ଓ ସେଚକୂପ ଆଦି ବିଭିନ୍ନ ଉପାୟରେ ଏହି ଲକ୍ଷ୍ୟ ସାଧନ କରିବା ହେଉଛି ସରକାରଙ୍କର ଉଦ୍ଦେଶ୍ୟ ।

ଶିଳ୍ପ ଓ କୃଷି ବିକାଶ ପାଇଁ ବିଦ୍ୟୁତ୍‌ଶକ୍ତି ଅତ୍ୟନ୍ତ ଜରୁରୀ ହୋଇଥିବା ଯୋଗୁଁ ବିଦ୍ୟୁତ୍ ଉତ୍ପାଦନକୁ ଦୁଇଗୁଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥି ମଧ୍ୟରେ ଉଭୟ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ ଉତ୍ପନ୍ନ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକ୍ରମ ଅବହେଳିତ ହୋଇ ରହିଥିଲା ଏବଂ କୃଷି ଓ ଶିଳ୍ପର ବିକାଶ ପାଇଁ କୌଣସି ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ନ ଥିବା ଯୋଗୁଁ ଅନେକଙ୍କର ଧାରଣା ହୋଇଯାଇଥିଲା ଯେ ଓଡ଼ିଶା ବିଦ୍ୟୁତ୍‌ଶକ୍ତିରେ ଏକ ବଳକା ରାଜ୍ୟ । ମାତ୍ର ଆବଶ୍ୟକତା ଦୃଷ୍ଟିରୁ ଓଡ଼ିଶାରେ କମ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି । ତେଣୁ, ବିଭିନ୍ନ ନଦୀବନ୍ଧ ଯୋଜନା ଓ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ କାର୍ଯ୍ୟକୁ ସରକାର ତ୍ୱରାନ୍ୱିତ କରିଛନ୍ତି ।

### ପାଞ୍ଚଲକ୍ଷ ଗରିବ ପରିବାରଙ୍କ ଉତ୍ଥାନ

ସମାଜରେ ଯେଉଁମାନେ ଦୁର୍ବଳ ଓ ଅତି ଦରିଦ୍ର ଅବସ୍ଥାରେ ଅଛନ୍ତି ସେମାନଙ୍କ ଅବସ୍ଥାରେ ପରିବର୍ତ୍ତନ ଆଣି ସେମାନଙ୍କୁ ଶକ୍ତି ଓ ସମ୍ମାନ ଯୋଗାଇ ଦେବା ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ୨୦-ଦଫା କାର୍ଯ୍ୟକ୍ରମର ପ୍ରଧାନ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାର ଆଗାମୀ ୫ ବର୍ଷ ଭିତରେ ରାଜ୍ୟର ୫ ଲକ୍ଷ ଗରିବ ପରିବାରଙ୍କର ଅର୍ଥନୈତିକ ଉତ୍ଥାନ ନିମନ୍ତେ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ରାଜ୍ୟରୁ ଦାରିଦ୍ର୍ୟ ଲୋପ କରିବା ଦିଗରେ ଏହା ହେଉଛି ଏକ ଯୁଗାନ୍ତକାରୀ ପଦକ୍ଷେପ । ଚଳିତ ବର୍ଷ ପ୍ରାୟ ୨୮ ହଜାର ପରିବାରଙ୍କୁ ଉତ୍ଥାନ ବ୍ୟବସ୍ଥା କରାଯାଇଛି ଏବଂ ଆଗାମୀ ବର୍ଷ ଭିତରେ ଆଉ ଅଧିକ ୫୦ ହଜାର ପରିବାରଙ୍କୁ ଉତ୍ଥାନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଭୂମିହୀନ ଓ ଗରିବ ଶ୍ରେଣୀର ଲୋକମାନଙ୍କୁ ବାସଗୃହ ଓ ଘରଡ଼ିହ ଯୋଗାଇ ଦେବା ପାଇଁ ମଧ୍ୟ ଉଦ୍ୟମ ଅବ୍ୟାହତ ରହିଛି ।

ରାଜ୍ୟରେ ଆଦିବାସୀ ଓ ହରିଜନମାନଙ୍କର ଅବସ୍ଥାର ଉନ୍ନତି ପାଇଁ ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ତଫସିଲଭୁକ୍ତ ଜାତି ଓ ସଂପ୍ରଦାୟର ଛାତ୍ର ଛାତ୍ରୀମାନଙ୍କ ପାଇଁ ଆବାସିକ ଛାତ୍ରାବାସ, ଛାତ୍ରବୃତ୍ତିର ହାର ମାସକୁ ଦଶଟଙ୍କା ଲେଖାଏଁ ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ଏହାଛଡ଼ା, ଗରିବ ଚାଷୀ, ଖଟିଖିଆ, ମୂଲିଆ, ବୃଦ୍ଧ ଓ ଅକର୍ମଣ୍ୟ ଲୋକଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ଦିଆଯାଉଛି । ରାଜ୍ୟରେ ସର୍ବନିମ୍ନ ମଜୁରୀ ହାର ଚାରିଟଙ୍କାରୁ ପାଞ୍ଚଟଙ୍କା ଓ ବାର୍ଦ୍ଧକ୍ୟ ଭତ୍ତାର ହାର ୨୫ ଟଙ୍କାରୁ ୪୦ ଟଙ୍କାକୁ ବଢ଼ାଇ ଦିଆଯାଇଛି ଏବଂ ଗରିବ ଲୋକଙ୍କୁ ଋଣ ଭାରରୁ ମୁକ୍ତ କରିବା ପାଇଁ ଆଇନ ପ୍ରଣୟନ କରାଯାଇଛି । ସ୍ୱାଧୀନତା ସଂଗ୍ରାମୀମାନଙ୍କର ଭତ୍ତା ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଦୁସ୍ଥ କଳାକାରମାନଙ୍କ ପାଇଁ ଏକ ଉନ୍ନତ ଧରଣର ପେନ୍‌ସନ୍ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଯାହାଫଳରେ ୨୦୦ ଦୁସ୍ଥ କଳାକାର ମାସକୁ ୨୦୦ ଟଙ୍କା ଭତ୍ତା ପାଇପାରିବେ

ମଧ୍ୟ ସ୍ତରର ଖୁଚୁରା ଦର ସ୍ଥିର ରଖାଯାଉଛି । ବହୁ ଲୋକହିତକାରୀ ଓ ମହତ୍ତ୍ୱପୂର୍ଣ୍ଣ ବିଭାଗରେ ଗତ ବର୍ଷ ଉଲ୍ଲେଖନୀୟ କାର୍ଯ୍ୟାନୁଷ୍ଠାନ କରାଯାଇଛି ।

ଓଡ଼ିଶାର ବୈପ୍ଳବିକ ଅର୍ଥନୈତିକ ପରିବର୍ତ୍ତନ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ବର୍ତ୍ତମାନ ଏକ ସୁବର୍ଣ୍ଣ ସୁଯୋଗ ଆସିଛି । ଓଡ଼ିଶାରେ ଏକ ସୁଦୃଢ଼ ଶାସନ ଓ କେନ୍ଦ୍ରରେ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱରେ ଏକ ଦୃଢ଼ ପ୍ରଗତିଶୀଳ ଶାସନ ପ୍ରତିଷ୍ଠିତ । ଏହି ନେତୃତ୍ୱ ଓଡ଼ିଶାର ଦ୍ରୁତ ଉନ୍ନୟନ ପାଇଁ ଏକାନ୍ତ ସହାନୁଭୂତିଶୀଳ । କେତେକ ଗୋଷ୍ଠୀ କ୍ଷୁଦ୍ର ରାଜନୈତିକ ସ୍ୱାର୍ଥରେ ପ୍ରଣୋଦିତ ହୋଇ ଏହି ସୁଯୋଗର ସଦ୍‌ବ୍ୟବହାର ହେଉ, ତାହା ଚାହାନ୍ତି ନାହିଁ । ସେମାନେ ଏକ ବିବାଦ, ଉତ୍ତେଜନା ଓ ହିଂସାର ବାତାବରଣ ସୃଷ୍ଟି କରିବାକୁ ଚାହାନ୍ତି । ମୁଁ ଓଡ଼ିଶାର ଜନସାଧାରଣଙ୍କୁ ନିବେଦନ କରୁଛି, ବହୁ କାଳପରେ ଯେଉଁ ଅନୁକୂଳ ପରିସ୍ଥିତି ଆସିଛି ତାର ସୁଯୋଗ ନେଇ ଏକ ନୂତନ ଓଡ଼ିଶାର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରେ ସେମାନେ ଦୃଢ଼ ଭାବରେ ରହନ୍ତୁ ।

ଶାସନର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୧ ଜୁନ ୩ ତାରିଖରେ ଦେଇଥିବା ବେତାର ଭାଷଣ

## ଜନଗଣନା ୧୯୮୧

| | | |
|---|---|---|
| ୧ । ଓଡ଼ିଶାର ଜନସଂଖ୍ୟା | .. | ମୋଟ-୨୬,୨୭୨,୦୫୪<br>ପୁରୁଷ-୧୩,୨୫୩,୫୨୩<br>ମହିଳା-୧୩,୦୧୮,୫୩୧ |
| ୨ । ୧୯୭୧ରୁ ୧୯୮୧ ମସିହା ମଧ୍ୟରେ ଜନସଂଖ୍ୟା ବୃଦ୍ଧିର ହାର । | | +୧୯.୭୨% |
| ୩ । ପ୍ରତିବର୍ଗ କିଲୋମିଟରରେ ପିଚ୍ଛା ଜନସଂଖ୍ୟା । | | ୧୬୯ ଜଣ |
| ୪ । ପୁରୁଷ ଓ ମହିଳାଙ୍କ ହାର | ... | ୯୮୨ ଜଣ ମହିଳାଙ୍କ ପ୍ରତି ୧,୦୦୦ ଜଣ ପୁରୁଷ । |
| ୫ । ସାକ୍ଷରତା ହାର | ... | ମୋଟ-ଶତକଡ଼ା ୩୪.୧୨<br>ପୁରୁଷ-ଶତକଡ଼ା ୪୭.୧୦<br>ମହିଳା-ଶତକଡ଼ା ୨୧.୧୧ |

# ଯୌତୁକ ଏକ ସାମାଜିକ ବ୍ୟାଧି

ଜି. ରବୀନ୍ଦ୍ରନ ନାୟାର୍

ଯୌତୁକ ପ୍ରଥା ଭଳି ଏକ ସାମାଜିକ ବ୍ୟାଧି କାଳକ୍ରମେ ଭାରତୀୟ ମହିଳା ସମାଜକୁ ନିମ୍ନଗାମୀ କରିଛି । ଯୁଗବ୍ୟାପୀ ଲାଗିଥିବା ଏହି ସାମାଜିକ କୁପ୍ରଥାର ଅବସାନ ଘଟିବା ତ ଦୂରର କଥା, ଏହା ବର୍ତ୍ତମାନ ସୁଦୂର ପ୍ରସାରୀ ହେବାକୁ ଲାଗିଲାଣି । ଏପରିକି ଆନ୍ତର୍ଜାତିକ ମହିଳା ସମ୍ବତ୍ସର ୧୯୭୫ରେ ମଧ୍ୟ ଏ ଦିଗରେ ସେପରି କିଛି ଉନ୍ନତି ସାଧିତ ହୋଇନାହିଁ । ଏହି ସାମାଜିକ କୁପ୍ରଥାକୁ ଏଡ଼ାଇବା ଲାଗି ଦୁଇ ଦଶନ୍ଧି ପୂର୍ବରୁ ଆଇନ ପ୍ରବର୍ତ୍ତନ କରାଯାଇଛି କିନ୍ତୁ ଅନ୍ୟାନ୍ୟ ସାମାଜିକ ଆଇନ ଯେଉଁଳି ଭାବେ ଲୋକପ୍ରିୟ ହୋଇ ପାରିଛି, ଯୌତୁକ ନିରୋଧ ଆଇନ, ୧୯୬୧ ସେପରି ଲୋକପ୍ରିୟ ହୋଇ ପାରିନାହିଁ ।

ଏହି ଆଇନକୁ କାର୍ଯ୍ୟକାରୀ କରିବାରେ ଆମର କେଉଁଠି ଦୁର୍ବଳତା ରହୁଛି ତାହା ଦେଖିବାର ସମୟ ବର୍ତ୍ତମାନ ଆସିଛି । ଯୌତୁକ ଆଜି ସମସ୍ତଙ୍କର ଭାବନାର ବିଷୟ ହୋଇଛି । ଶିକ୍ଷା ପ୍ରସାର ଫଳରେ ଏହି କୁସଂସ୍କାର ଲୋପ ପାଇବା ପରିବର୍ତ୍ତେ ବୃଦ୍ଧି ପାଉଛି । ଜଣେ ଶିକ୍ଷିତ ବରପାତ୍ରର ଚାହିଦା ବିବାହ ବଜାରରେ ବୃଦ୍ଧି ପାଉଛି । କନ୍ୟାପିତା ନିଜ ଝିଅ ପାଇଁ ଜଣେ ପ୍ରଥମ ଶ୍ରେଣୀ ଅଫିସର, ଡ଼ାକ୍ତର ଇଞ୍ଜିନିୟର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କିମ୍ବା ଜଣେ ପଦସ୍ଥ କଂପାନୀ ଅଫିସରଙ୍କୁ ବାଛିବାକୁ ଯାଇ ବହୁ ପରିମାଣର ଅର୍ଥ ଏବଂ ଅନ୍ୟାନ୍ୟ ସାମଗ୍ରୀ ଦେବାକୁ ବାଧ୍ୟ ହେଉଛନ୍ତି । ଯଦି ଏ ଦିଗରେ ସାମାନ୍ୟ କିଛି ଊଣା ହେଉଛି ତେବେ କନ୍ୟା ପିତା ନିଜ ସାମାଜିକ ସ୍ଥିତିକୁ ଚାହିଁ ଭଲ ଜ୍ୱାଇଁଟିଏ ପାଇ ପାରୁନି ।

ଜଣେ ସିନିୟର ମହିଳା ଆଇ. ଏ. ଏସ୍. ଅଫିସରଙ୍କ ମତରେ ଜଣେ ଚାକିରୀ କରିଥିବା ଝିଅ ହେଉଛି "ଚଳନ୍ତି ଯୌତୁକ" ଏବଂ ଏହା କିଛି ସ୍ୱାମୀ ଓ ଶାଶୂ ଶ୍ୱଶୁର ଠିକ୍ ଭାବେ ହୃଦୟଙ୍ଗମ କରିପାରନ୍ତି । କିନ୍ତୁ ଏଭଳି ଘଟଣା ଖୁବ୍ କମ୍ କ୍ଷେତ୍ରରେ ଦେଖା ଯାଉଥାଏ । ଝିଅଟି ମୋଟା ଅଙ୍କର ଦରମା ପାଉଥିବା ସତ୍ତ୍ୱେ ଏବଂ ତାର ଜୀବନଦାୟ ଦରମା ସ୍ୱାମୀର ଆୟକୁ ବୃଦ୍ଧି କରିବା ଦିଗରେ ସହାୟକ ହେବ ବୋଲି ଜାଣି ସୁଦ୍ଧା ଗହଣାଗାଣ୍ଠି, ନଗଦ ଟଙ୍କା ଏବଂ ବିଭାଘରର ଖର୍ଚ୍ଚ ଲାଗି ଯୌତୁକ ବର କିମ୍ବା ତାଙ୍କ ପିତାମାତାଙ୍କ ପକ୍ଷରୁ ଦାବୀ କରା ଯାଉଥାଏ । କେବଳ ଜଣେ ଆଇ. ଏ. ଏସ୍. ଅଫିସର ଜଣେ ମହିଳା ଆଇ. ଏ. ଏସ୍. ଅଫିସରଙ୍କୁ କିମ୍ବା ଜଣେ ଡ଼ାକ୍ତର ଜଣେ ମହିଳା ଡ଼ାକ୍ତରଙ୍କୁ ବିବାହ କଲେ ଏ କ୍ଷେତ୍ରରେ ବ୍ୟତିକ୍ରମ ଘଟିଥାଏ ।

ଯୌତୁକ ବିଲ୍ ଆଲୋଚନା ବେଳେ ମନେ କରାଯାଇଥିଲା ଯେ ସାମାଜିକ ଚେତନା ବୃଦ୍ଧି ସହିତ ଅର୍ଥନୈତିକ ପ୍ରଗତି ଏହି କୁସଂସ୍କାରକୁ ଦୂରୀଭୂତ କରିବା ଦିଗରେ ସହାୟକ ହୋଇପାରିବ । କିନ୍ତୁ କୁସଂସ୍କାର ଦୂରୀଭୂତ ହେବା ପରିବର୍ତ୍ତେ ଏହା କ୍ରମଶଃ ବୃଦ୍ଧି ପାଉଛି । ଆମ ଦେଶର ଉତ୍ତରାଞ୍ଚଳ ସହରଗୁଡ଼ିକରେ ଅନେକ ବଧୂ ମଣିଷର ପଶୁତ୍ୱ ଓ ଘୃଣ୍ୟ ଲୋଭର ଶୀକାର ହୋଇ ମୃତ୍ୟୁ ବରଣ କରିଛନ୍ତି ।

ଯଦି କେହି ଜଣେ ପ୍ରଶ୍ନ ଉଠାଏ ଯୌତୁକ କାହିଁକି ଦାବୀ କରୁଛ, ତେବେ ସଙ୍ଗେ ସଙ୍ଗେ ଅଯଥା ଉଦାହରଣମାନ ଦର୍ଶାଯାଏ । ଶାଶୁ ଯେକି କିଛି ବର୍ଷ ପୂର୍ବେ ବୋହୂ ହୋଇ ଆସିଲା ବେଳେ ଯୌତୁକ ପ୍ରଥାର ଶିକାର ହୋଇଥିଲେ, ସହଜ ଓ ନମ୍ର ଭାବେ କହି ବସନ୍ତି ଯେ ଯୌତୁକ ଲାଗି ସେ ଆଗ୍ରହୀ ନୁହନ୍ତି କିନ୍ତୁ ପୁଅକୁ ଡ଼ାକ୍ତରୀ ପାଠ ପଢ଼ାଇବାରେ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ଯୋଗୁଁ ସେ ବାବଦରେ କିଛିଟା ସାହାଯ୍ୟ ସେ ଆବଶ୍ୟକ କରନ୍ତି । କେତେକ କ୍ଷେତ୍ରରେ ପୁଅ ଯୌତୁକ ଦରକାର ନାହିଁ ବୋଲି କହିବା ସଙ୍ଗେ ସଙ୍ଗେ କହିବ—ମୋର ଅବିବାହିତା ଭଉଣୀର ବିବାହ କାର୍ଯ୍ୟ ପିତାମାତାଙ୍କ ଦାରିଦ୍ର୍ୟ ଯୋଗୁଁ ସମ୍ଭବ ହୋଇ ପାରୁନି । ମୁଁ ଯଦି ବିବାହ କରି କିଛି ଯୌତୁକ ଆଣି ପାରିବି ତେବେ ଭଉଣୀର ବିବାହଟା ସୁରୁଖୁରୁରେ ହୋଇ ଯାଇପାରିବ ।

ସଂପ୍ରତି କନ୍ୟା ପିତାମାନେ ହୃଦୟଙ୍ଗମ କଲେଣି ଯେ ଝିଅର ପଢ଼ାପଢ଼ିରେ ଅଯଥା ଖର୍ଚ୍ଚ ନ କରି ତାହା ଯୌତୁକ ଆକାରରେ ଦେଲେ ବରଂ ଉପକୃତ ହୋଇପାରିବେ । କିନ୍ତୁ ଜଣେ ଶିକ୍ଷିତା ଝିଅ ଯେ ବିବାହ ପରେ ପିଲାଙ୍କର ଯତ୍ନ ଉତ୍ତମ ଘରକରଣା, ଛୋଟ ପରିବାର ଗଠନ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଆନ୍ତରିକତା ସୃଷ୍ଟି ଏବଂ ଆବଶ୍ୟକ ସ୍ଥଳେ ସ୍ୱାମୀଙ୍କୁ ଆର୍ଥିକ ସହାୟତା ଦେବା ଦିଗରେ ସହାୟକ ହୋଇ ପାରିବ ସେକଥା ଖୁବ୍ କମ୍ ଲୋକ ବୁଝି ପାରନ୍ତି ।

ନିମ୍ନ ମଧ୍ୟମ ଶ୍ରେଣୀର ପରିବାରରେ ଏହି ଯୌତୁକକୁ ନେଇ କେତେକ ଅଘଟଣ ଘଟିଯାଉଛି । ଦରିଦ୍ର ପିତାମାତା ଯୌତୁକ ଅଭାବରୁ ଝିଅକୁ ବିବାହ ଦେବାକୁ ଅକ୍ଷମତା ପ୍ରକାଶ କରୁଛନ୍ତି ଏବଂ ଝିଅ ସାମାଜିକ କଳଙ୍କ ଓ କୁକର୍ମରେ ଲିପ୍ତ ରହିବାକୁ ବାଧ୍ୟ ହେଉଛି ।

ମହିଳାଙ୍କ ସ୍ଥିତି ସଂପର୍କରେ ଅନୁଧ୍ୟାନ ଲାଗି ଗଠିତ ଜାତୀୟ କମିଟି ତାଙ୍କ ରିପୋର୍ଟରେ କହିଛନ୍ତି ଯେ ବହୁସଂଖ୍ୟକ

କୌଣସି ମହିଳା ଅଧିକ ଅର୍ଜନ କରି ବିବାହ ପାଇଁ ଯୌତୁକ ସୋପାନ କରିବା ନିମନ୍ତେ ସାମାଜିକ କଳଙ୍କ ଓ କୁକର୍ମରେ ଲିପ୍ତ ରହିଥାନ୍ତି । କେତେକ କ୍ଷେତ୍ରରେ ଏହି ଯୌତୁକ ଏବଂ ଏହା ସଂପର୍କୀୟ ବିଷୟ ଉପରେ ମତାନ୍ତର ସୃଷ୍ଟି ହୋଇ ବିବାହ ବିଚ୍ଛେଦ ଘଟିବାର ଦୃଷ୍ଟାନ୍ତ ଦେଖାଦେଉଛି ।

ତେଣୁ ଉପରୋକ୍ତ କମିଟି ଯୌତୁକ ନିରୋଧ ଆଇନ ୧୯୬୧କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥା ପ୍ରତି ଅଗ୍ରାଧିକାର ଦେଇଛନ୍ତି :—

୧ । ଯୌତୁକକୁ ଏକ ଧର୍ତବ୍ୟ ଅପରାଧ ରୂପେ ପରିଣତ କରିବା ।

୨ । ଏହି ଆଇନକୁ ବଳବତ୍ତର କରିବାର ଦାୟିତ୍ୱ ସ୍ୱତନ୍ତ୍ର ପ୍ରଶାସନ ବ୍ୟବସ୍ଥା ଉପରେ ନ୍ୟସ୍ତ କରାଯିବ । ଏହାର ପରିଚାଳନା ଦାୟିତ୍ୱ ସମାଜସେବୀ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କୁ ଦିଆଯିବ ।

୩ । ପାଞ୍ଚଶହ ଟଙ୍କାରୁ ଅଧିକ ଉପହାର ବର କିମ୍ବା କନ୍ୟାଙ୍କୁ ଦିଆଯିବ ନାହିଁ । ଅଘୋଷିତ ଯୌତୁକ ପ୍ରଦାନ ଉପରେ ଦଣ୍ଡ ବିଧାନର ବ୍ୟବସ୍ଥା କରାଯିବ ।

୪ । ଏକରୁ ଅଧିକ ସ୍ତ୍ରୀ ବିବାହ ବିରୁଦ୍ଧରେ ଯେଉଁଳି ସରକାରୀ କର୍ମଚାରୀଙ୍କ ଚରିତ୍ରପଟ ( Conduct rules ) ରେ ଦଣ୍ଡନୀୟ ହେବାର ବ୍ୟବସ୍ଥା ରହିଛି ସେହିପରି ମଧ୍ୟ ଯୌତୁକ ଗ୍ରହଣ କଲେ ଦଣ୍ଡ ଦେବାର ବ୍ୟବସ୍ଥା ରହିବା ଆବଶ୍ୟକ ।

ସାମାଜିକ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଯୌତୁକ ପ୍ରଥା ଅତ୍ୟନ୍ତ ଦୁଃଖଦାୟକ । ଯୌତୁକ ପ୍ରଥା ଯେ ପର୍ଯ୍ୟନ୍ତ ପ୍ରଚଳିତ ଥିବ ସେ ପର୍ଯ୍ୟନ୍ତ ମହିଳାମାନେ ସେମାନଙ୍କର ସ୍ଥିତିକୁ ବଜାୟ ରଖି ପାରିବେ ନାହିଁ । ଯୌତୁକ ପ୍ରଥାର ବିଲୋପ ସାଧନ ଆଜିର ଯୁବ ସମାଜ ପକ୍ଷରେ ଏକ ବିରାଟ ଆହ୍ୱାନ । ସେହିମାନେ ହିଁ କେବଳ ସେମାନଙ୍କର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ଯୌତୁକ ପ୍ରତି ଲୋଭ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ସ୍ତ୍ରୀମାନଙ୍କୁ ସମାଜରେ ସମୁଚିତ ମର୍ଯ୍ୟାଦା ଦେବା ଲାଗି ଅଗ୍ରଣୀ ହୋଇ ପାରିବେ । କଳାଧନ ଓ ହିସାବ ବହିର୍ଭୂତ ଅର୍ଥ ଯୌତୁକରୁ ସୁହାଇ ଆସୁଛି ଏବଂ ବିବାହ ଉତ୍ସବ ଏହାଦ୍ୱାରା ବଡ଼ ଧୂମଧାମରେ ଚାଲିପାରୁଛି । କିନ୍ତୁ ଜଣେ ସଚ୍ଚୋଟ ନାଗରିକ ଏସବୁର ଅଧିକାରୀ ହୋଇ ନ ଥିବା ଯୋଗୁଁ ବିବାହ କ୍ଷେତ୍ରରେ ଅଲୋଡ଼ା ହୋଇଥାନ୍ତି । ଅନେକ କ୍ଷେତ୍ରରେ ଯେଉଁ ପରିବାରର ଆୟର ସୀମା ସୀମିତ ଏବଂ ଯେଉଁମାନେ ସାଧୁ ଉପାୟରେ ନିଜର ଦାନାପାଣି ସଂଗ୍ରହ କରନ୍ତି ସେମାନେ ଋଣଗ୍ରସ୍ତ ହୋଇ ନିଜ ଝିଅର ବିବାହ କାର୍ଯ୍ୟ ସଂପନ୍ନ କରନ୍ତି ।

(ଭାରତ ସରକାରଙ୍କ ପି. ଆଇ. ବି. ସୌଜନ୍ୟରୁ)



'ଯେଉଁ ଯୁବକ ଯଥେଷ୍ଟ ଯୌତୁକ ପାଇଲେ ବିଭା ହେବାକୁ ମଙ୍ଗେ, ସେ ତା' ବିଶ୍ୱବିଦ୍ୟାଳୟ ଉପାଧିକୁ କଳଙ୍କିତ କରେ ।'

—ମହାତ୍ମା ଗାନ୍ଧୀ

# ଆନ୍ତର୍ଜାତୀୟ ବିକଳାଙ୍ଗ ବର୍ଷ ଉପଲକ୍ଷେ
# 'ଅଲ୍ ଇଣ୍ଡିଆ ଲାଇଟ୍ ହାଉସ୍ ଫର୍ ଦି ବ୍ଲାଇଣ୍ଡସ୍'ର
# ଜନ୍ମଦାତା ଡ଼. ସୁବୋଧ ଚନ୍ଦ୍ର ରାୟ

ରଚମଣ ପତ୍ରୀ

ସବୁକିଛି ଦେଖିପାରୁଥିବା ବ୍ୟକ୍ତି ଯଦି ଥରେ ଆଖି ବୁଜିଦିଏ ତେବେ ସାରା ଦୁନିଆଁ ତା'ପାଇଁ ଅନ୍ଧକାର ହୋଇ ଉଠେ । ତେବେ ଏ କଥା ଥରେ ଭାବି ଦେଖନ୍ତୁ ଯେ ଯିଏ ଅନ୍ଧ ହୋଇ ଯାଇଛି ଏ ଦୁନିଆ ତା'ପାଇଁ କେତେ ଯେ ଭୟଙ୍କର ହୋଇ ଉଠୁ ନ ଥିବ ! ଅନୁଭବୀ ବ୍ୟକ୍ତି ହିଁ ଏହା କେବଳ ଉପଲବ୍ଧି କରି ପାରିବ ।

ତଥାପି ଶରୀରର ବିକଳାଙ୍ଗ ଅବୟବ ପାଇଁ ଭାଙ୍ଗି ଭାଙ୍ଗି ମାସ, ବର୍ଷ ବିତାଇଦେବାର ଯୁଗ ଆଜି ସରି ଯାଇଛି । ବରଂ ବିକଳାଙ୍ଗ ବ୍ୟକ୍ତିମାନେ ଆଜି ସାମାଜିକ ପରିଧି ଭିତରେ ନିଷ୍ଠାବାନ ହୋଇ ଯେପରି ଜଗତି ମୁଖର ହୋଇ ପାରିଛନ୍ତି ତାହା ଅନେକ ସ୍ଥଳରେ ସୁସ୍ଥ ଶରୀରଧାରୀଙ୍କ ପକ୍ଷରେ ବି ସମ୍ଭବ ହୋଇ ପାରିନାହିଁ ।

ଏହି ଦୃଷ୍ଟିରୁ ଚକ୍ଷୁହୀନ ଡ: ସୁବୋଧ ଚନ୍ଦ୍ର ରାୟ ଆମ ପାଇଁ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ରୂପେ ଦେଦୀପ୍ୟମାନ । ତାଙ୍କ ଜୀବନ ଇତିହାସ ବିକଳାଙ୍ଗ-ମାନଙ୍କ ମଧ୍ୟରେ କର୍ତ୍ତବ୍ୟନିଷ୍ଠାର ଅଫୁରନ୍ତ ପ୍ରେରଣା ଓ ଅଦମ୍ୟ ଉତ୍ସାହ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ପକାଇ ପାରିଛି ।

ସୁବୋଧ ରାୟଙ୍କ ବୟସ ଯେତେବେଳେ ମାତ୍ର ସାତବର୍ଷ ସେତେବେଳେ ସେ ବିସୂଚିକା ରୋଗରେ ପଡ଼ି ତାଙ୍କ ଚକ୍ଷୁଦ୍ୱୟ ହରାଇ ବସିଲେ । ତାଙ୍କ ଭବିଷ୍ୟତ କଥା ଭାବି ବାପା ମାଆ କାନ୍ଦି ଉଠିଲେ । ନିଜେ ସୁବୋଧ ରାୟ ମଧ୍ୟ ଦିନ ଦିନ ଧରି ଲୁହ ଝରାଇଲେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ କ୍ରମଶଃ ତାଙ୍କ କଳ୍ପନା ଶକ୍ତିର ମଧ୍ୟ ବିକାଶ ଘଟିଲା । ଦିନକର ସେ ଚିନ୍ତାକଲେ ଯେ, ମଣିଷର ଜ୍ୟୋତି ହେଉଛି ଜ୍ଞାନ; ଚକ୍ଷୁ ନୁହେଁ । ତେଣୁ ହରାଇ ବସିଥିବା ଚକ୍ଷୁ ପାଇଁ କାନ୍ଦି କାନ୍ଦି ସେ କାହିଁକି ବା ତାଙ୍କର ସମୟ ବ୍ୟର୍ଥ କରିବେ ? ଏ ପାଇଁ ବିଦ୍ୟାଧ୍ୟୟନ କରି ସେ ଜଣେ ବିଦ୍ୱାନ୍ ହେବାପାଇଁ ସଙ୍କଳ୍ପବଦ୍ଧ ହେଲେ । ସୁବୋଧ ରାୟଙ୍କ ମନରେ ଜ୍ଞାନ ଲାଭର ଗଭୀର ପିପାସା ଦେଖି ବାପା ମାଆଙ୍କ ମନରେ ବି ଆଶା ସଞ୍ଚାର ହେଲା ।

୧୯୧୯ ରେ ବାପା ମାଆ ସୁବୋଧଙ୍କୁ ନେଇ କଲିକତାର ଏକ ଅନ୍ଧ ବିଦ୍ୟାଳୟରେ ନାମ ଲେଖାଇଲେ । ସୁବୋଧ ସେଠି ମନ ଲଗାଇ ପାଠ ପଢ଼ିଲେ ଏବଂ ତାଙ୍କ ପ୍ରତିଭାରେ ସହପାଠୀ ତଥା ଶିକ୍ଷକମାନଙ୍କୁ ଆଶ୍ଚର୍ଯ୍ୟ କରାଇଦେଲେ । ଏହାପରେ ସେ ଛାତ୍ରବୃତ୍ତି ପାଇ କଲିକତା ପ୍ରେସିଡେନ୍‌ସି କଲେଜରେ ବି. ଏ. ପଢ଼ିଲେ । ତା'ପରେ କଲିକତା ବିଶ୍ୱବିଦ୍ୟାଳୟରେ ସେ ଏମ୍. ଏ. ପଢ଼ିଲେ ଏବଂ ଏହି ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ପ୍ରାପ୍ତ ହୋଇ ସେ ସମସ୍ତଙ୍କୁ ବିସ୍ମିତ କରାଇଦେଲେ ।

ସେ ସମୟରେ କଲିକତା ବିଶ୍ୱବିଦ୍ୟାଳୟରେ ଡକ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀ ଉପ କୁଳପତି ଥିଲେ । ସୁବୋଧ ରାୟଙ୍କ ପ୍ରତିଭାରେ ମୁଗ୍ଧ ହୋଇ ସେ ଅନୁଭବ କଲେ ଯେ ଏହି ପ୍ରତିଭାବାନ୍ ଛାତ୍ର ନିଶ୍ଚୟ ଦେଶର ଅନ୍ଧ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରି ପାରିବ । ତେଣୁ ସେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁବୋଧ ରାୟଙ୍କୁ ଛାତ୍ରବୃତ୍ତି ଦେବାର ବ୍ୟବସ୍ଥା କରାଇ ନେତ୍ରହୀନ-ମାନଙ୍କୁ ଦିଆଯାଉଥିବା ଶିକ୍ଷାର ଅନୁଧ୍ୟାନ ପାଇଁ ଆମେରିକା ଓ ୟୁରୋପ ପଠାଇଲେ ।

ଭାରତର ୨୫ ଲକ୍ଷ ଚକ୍ଷୁହୀନ ବ୍ୟକ୍ତିଙ୍କ ଉନ୍ନତିର ଚିନ୍ତା କଳ୍ପନା ନେଇ ୧୯୩୯ ରେ ସେ ବିଦେଶ ଯାତ୍ରାକଲେ । ବିଦେଶରେ ସୁବୋଧ ରାୟଙ୍କ ସରଳ ସ୍ୱଭାବ ଓ ପାଣ୍ଡିତ୍ୟ ତାଙ୍କୁ ଆହୁରି ଲୋକପ୍ରିୟ କରିଦେଲା । ସେ ବିଦେଶରେ ରହି ଅନ୍ଧ ଶିକ୍ଷଣ ଶାସ୍ତ୍ରଟିକର ଗଭୀର ଅଧ୍ୟୟନ କଲେ । କିନ୍ତୁ ଇଂଲଣ୍ଡ ଅପେକ୍ଷା ଆମେରିକାରେ ଏ ଅଧ୍ୟୟନ ପାଇଁ ତାଙ୍କୁ ଅଧିକ ସୁଯୋଗ ମିଳିଥିଲା ।

୧୯୪୦ରେ ସୁବୋଧ ରାୟଙ୍କ ଅଧ୍ୟୟନ ଶେଷ ହେଲା । ସେ ଭାରତକୁ ଫେରି ଆସି ଚକ୍ଷୁହୀନ ବ୍ୟକ୍ତିମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କଲେ । ୧୯୪୧ରେ ସେ "ଅଲ୍ ଇଣ୍ଡିଆ ଲାଇଟ୍ ହାଉସ୍ ଫର ଦି ବ୍ଲାଇଣ୍ଡସ୍" ସ୍ଥାପନ କଲେ ।

ସେ ସବୁବେଳେ ଏ କଥା କହୁଥିଲେ ଯେ ଚକ୍ଷୁହୀନ ବ୍ୟକ୍ତିମାନେ ସର୍ବସାଧାରଣଙ୍କ ଭଳି ଶିକ୍ଷା ପାଇବା

ଉଚିତ । ଗଣତନ୍ତ୍ରରେ ତ ସମସ୍ତ ବ୍ୟକ୍ତି ଶିକ୍ଷିତ ହେବା ଦରକାର । ଶିକ୍ଷାବିନା ବ୍ୟକ୍ତିର କର୍ତ୍ତବ୍ୟଜ୍ଞାନ ଆସେ ନାହିଁ । ଯଦି ଚକ୍ଷୁହୀନ ବ୍ୟକ୍ତିମାନଙ୍କୁ ସର୍ବସାଧାରଣଙ୍କ ଭଳି ଶିକ୍ଷା ଦିଆଯିବ ନାହିଁ ତେବେ ରାଷ୍ଟ୍ରର ଗୋଟିଏ ଅଂଶ ପଛରେ ରହିଯିବ ।

ସେ ଆହୁରି ମଧ୍ୟ ବିକଳାଙ୍ଗ ବ୍ୟକ୍ତିମାନଙ୍କ ମନରେ ଉତ୍ସାହର ନବ ଉଦ୍ଦୀପନା ସୃଷ୍ଟି କରିବା ଉଦ୍ଦେଶ୍ୟରେ କହୁଥିଲେ ଯେ, ମଣିଷ ଯଦି ଥରେ ଉନ୍ନତି କରିବା ପାଇଁ ଦୃଢ଼ସଂକଳ୍ପ ହୋଇଯାଏ ତା'ହେଲେ ଅଭାବ ଅନାଟନ ଝଡ଼ି ଝଞ୍ଜା ତା' ଉନ୍ନତିର ପଥରୋଧ କରି ପାରିବ ନାହିଁ ।

କେବଳ ବାଚନିକ ବାକ୍ୟନୁହେଁ ବରଂ ଏହି ସତ୍ୟତା ଡକ୍ଟର ସୁବୋଧ ଚନ୍ଦ୍ର ରାୟଙ୍କ ପ୍ରତ୍ୟେକ କର୍ମରେ ପ୍ରତିଫଳିତ ହେଉଥିଲା । ସେ ବ୍ରେଲ୍ ଲିପିରେ ମୁଦ୍ରିତ ଯେତେସବୁ ପୁସ୍ତକ ପାଇଥିଲେ ସବୁତକ ଅଧ୍ୟୟନ କରିଥିଲେ ଏବଂ ଅବସର ସମୟରେ ସେ ଟେପରେକର୍ଡରରେ ଟେପ୍ ହୋଇଥିବା ମୂଲ୍ୟବାନ ପୁସ୍ତକଗୁଡ଼ିକର ସାରାଂଶ ମନଦେଇ ଶୁଣୁଥିଲେ ।

ବନ୍ଧୁବାସିନୀ,
ଉମରକୋଟ, କୋରାପୁଟ
୭୬୪୦୭୩

ଏପରିକି ରାତିରେ ଯଦି କେବେ ତାଙ୍କୁ ନିଦ ହେଉ ନ ଥିଲା ତେବେ ତାଙ୍କର ଏହି ପରମ ମିତ୍ର ଟେପ୍‌ରେକର୍ଡରକୁ ସେ ଉପଯୋଗକରି ମୁହୂର୍ତ୍ତଟିଏ ମଧ୍ୟ ନଷ୍ଟ କରୁ ନ ଥିଲେ ।

ସେ ଚକ୍ଷୁହୀନ ବ୍ୟକ୍ତିମାନଙ୍କ ସମସ୍ୟାକୁ ନେଇ ଦୁଇଟି ପୁସ୍ତକ ଲେଖିଥିଲେ । ଗୋଟିଏ ହେଲା "ଦି ବ୍ଲାଇଣ୍ଡସ୍ ଇନ୍ ଇଣ୍ଡିଆ ଆଣ୍ଡ ଏବ୍ରୋଡ୍" । ଉକ୍ତ ପୁସ୍ତକଟି ୧୯୪୪ରେ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ହୋଇଥିଲା ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ ସୋସାଲ ସାଇନ୍‌ସେସ୍, ବମ୍ବେ ପକ୍ଷରୁ ତାଙ୍କର "ଦି ବ୍ଲାଇଣ୍ଡ୍ ସୋସାଲ୍ ଲାୟବ୍ଲିଟିଜ୍ ଅର ସୋସାଲ୍ ଆସେଟସ୍" ୧୯୪୮ରେ ପ୍ରକାଶ ପାଇଥିଲା ।

ଏହାହିଁ ଥିଲା ଜଣେ ବିକଳାଙ୍ଗ ଧୁରନ୍ଧର ବିକଳାଙ୍ଗ ବ୍ୟକ୍ତି ବିଶେଷଙ୍କ ପାଇଁ ମହାନ୍ ଅବଦାନ । ତେଣୁ ଆଜିର ଅନ୍ତର୍ଜାତୀୟ ବିକଳାଙ୍ଗ ବର୍ଷରେ ତାଙ୍କରି ନିଷ୍ଠାପରତା ନିଃସହାୟ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ନିରାଶା ବିରୁଦ୍ଧରେ ଲଢ଼େଇକରି ସ୍ୱ ସ୍ୱ ବ୍ୟକ୍ତିତ୍ୱ ଗଠନ ଦିଗରେ ପ୍ରେରଣା ଦେଉ ଏହାହିଁ କାମନା ।



"ଆମକୁ ଆନନ୍ଦ ଦେଉଥିବା ବଣଜଙ୍ଗଲର ଅସଂଖ୍ୟ ଜୀବଜନ୍ତୁଙ୍କୁ ଆମେ ବନ୍ୟପ୍ରାଣୀ ବୋଲି କହୁ । ସଭ୍ୟତା ଓ ସଂସ୍କୃତି ସତ୍ତ୍ୱେ ବି ଆଜିର ମଣିଷ ଏହି ହିଂସ୍ର ବନ୍ୟଜନ୍ତୁଙ୍କଠାରୁ ଆହୁରି ମାରାତ୍ମକ । ଜଙ୍ଗଲରେ ବାସକରୁଥିବା ଅସଂଖ୍ୟ ପ୍ରାଣୀଙ୍କର ସଂସ୍ପର୍ଶ ମଣିଷର ଜୀବନକୁ ସରସ ଓ ମଧୁମୟ କରିଛି । ତେଣୁ କ୍ରମେ ଲୋପ ପାଇ ଯାଉଥିବା ବନ୍ୟଜନ୍ତୁଙ୍କର ରକ୍ଷଣାବେକ୍ଷଣ ପାଇଁ ଦେଶରେ ଯେତେ ବେଶୀ ପଶୁ ଓ ପକ୍ଷୀମାନଙ୍କ ଲାଗି ଆଶ୍ରୟସ୍ଥଳୀ ଖୋଲାଯାଇ ପାରେ ସେତେ ଭଲ ।"

—ଜବାହାରଲାଲ ନେହେରୁ



**‘ସେବା** ଅର୍ଥାତ୍ ଗାଁ ଗହଳରେ ଦାରିଦ୍ର୍ୟର ସୀମାରେଖା ତଳେ ପଡ଼ିରହିଥିବା ଅବହେଳିତ ଜନଗଣର ସେବା ।’

—ମହାତ୍ମା ଗାନ୍ଧୀ

### ଚିରସ୍ମରଣୀୟ

# ଅଗଷ୍ଟ ୧୫

### ପବିତ୍ର ଦିବସରେ ଆମର ବି ଏଇ ସଂକଳ୍ପ

# ମାଛଚାଷ ଓ ମାଛଧରା

ଜରିଆରେ ଗାଁ ଗହଳରେ ଦାରିଦ୍ର୍ୟର ସୀମାରେଖା ତଳେ ପଡ଼ିରହିଥିବା ଜନଗଣଙ୍କ ସୁଖ ସମୃଦ୍ଧି ପାଇଁ

## ଅନେକ ଯୋଜନା, ଅନେକ ସୁଯୋଗ

- ‘ପୋଖରୀରେ ମାଛଚାଷ’ କାର୍ଯ୍ୟକ୍ରମରେ ୬୧୫ ଜଣ
- ‘ଜଳଭଣ୍ଡାରରେ ମାଛଧରା’ କାର୍ଯ୍ୟକ୍ରମରେ ୧୩୫ ଜଣ ଏବଂ
- ‘ସମୁଦ୍ର ଉପକୂଳରେ ମାଛଧରା’ କାର୍ଯ୍ୟକ୍ରମରେ ୯୬୦ ଜଣ ଦରିଦ୍ରତମ ପରିବାରଙ୍କର ଏ ବର୍ଷ ଆର୍ଥିକ ଉତ୍ଥାନ ଆମର ଲକ୍ଷ୍ୟ ।

**ଯୋଗାଯୋଗ :** ଜିଲ୍ଲା ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ, ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥାର ମୁଖ୍ୟ ନିର୍ବାହୀ ଅଧିକାରୀ ।

**ମତ୍ସ୍ୟ ନିର୍ଦ୍ଦେଶାଳୟ ସୂଚନା ସେବା**
ଓଡ଼ିଶା, କଟକ-୭୫୩୦୦୭

# ଓଡ଼ିଶାର ଖଣିଜ ଶିଳ୍ପ ବିକାଶ କ୍ଷେତ୍ରରେ ବିରଳ ମୃତ୍ତିକା ପ୍ରକଳ୍ପ

ଅଧ୍ୟାପକ ସୂର୍ଯ୍ୟମଣି ବେହେରା

ଓଡ଼ିଶା ପ୍ରଦେଶ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ବିଭିନ୍ନ ପ୍ରକାରର ଖଣିଜ ସଂପଦ ସାଙ୍ଗକୁ ଜଳ ସଂପଦ ଓଡ଼ିଶାର ଗର୍ବ ଓ ଗୌରବ । ଅତି ଆନନ୍ଦର କଥା ସଂପ୍ରତି ଆମ ସରକାର ଏ ସବୁର ସଦୁପଯୋଗ ନିମନ୍ତେ ବିଭିନ୍ନ ପ୍ରକାରର କଳ କାରଖାନା ତଥା ଆନୁଷଙ୍ଗିକ ଶିଳ୍ପାଞ୍ଚଳ ପ୍ରଭୃତି ପ୍ରତିଷ୍ଠା କରି ଚାଲିଛନ୍ତି । ଏହାଦ୍ୱାରା ଏ ରାଜ୍ୟର ଦ୍ରୁତ ଶିଳ୍ପ ବିକାଶ ନିଶ୍ଚିତ ଭାବରେ ସମ୍ଭବ ହୋଇପାରିବ । ଲୌହ ସଂପଦର ବିକାଶ ପାଇଁ ରାଉରକେଲା ଇସ୍ପାତ କାରଖାନା ସାଙ୍ଗକୁ ଅନ୍ୟ ଏକ ବନ୍ଦର ଭିତ୍ତିକ ଇସ୍ପାତ୍ କାରଖାନା ପାରାଦୀପଠାରେ ପ୍ରତିଷ୍ଠା ହେବାକୁ ଯାଉଛି । ସେହିପରି ନିକେଲ ଧାତୁର ସଦୁପଯୋଗ ପାଇଁ ସୁକିନ୍ଦାଠାରେ ଏକ ବୃହତ୍ ନିକେଲ କାରଖାନା ପ୍ରତିଷ୍ଠା ବାସ୍ତବିକ୍ ସରକାରଙ୍କର ଶିଳ୍ପ ପ୍ରତିଷ୍ଠା ଦିଗରେ ଆନ୍ତରିକ ଉଦ୍ୟମର ଏକ ଜ୍ୱଳନ୍ତ ଉଦାହରଣ । ପୁନଶ୍ଚ କେନ୍ଦୁଝର ଜିଲ୍ଲାର ଟାଙ୍ଗରାନୀଠାରେ ସ୍ପଞ୍ଜଲୁହା କାରଖାନା ପ୍ରତିଷ୍ଠା ଏକ ଅଭିନବ ଉଦ୍ୟମ । ଏସବୁ ବ୍ୟତୀତ ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟବର୍ତ୍ତୀ ମାଝିଖାଲ ଗ୍ରାମ ନିକଟରେ ଏକ ଖଣିଜ ଭିତ୍ତିକ କାରଖାନା "ବିରଳ ମୃତ୍ତିକା ପ୍ରକଳ୍ପ" ବାସ୍ତବିକ୍ ଓଡ଼ିଶାର ଗର୍ବ ଓ ଗୌରବ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ପ୍ରକଳ୍ପ ସଂପର୍କରେ ଏକ ପର୍ଯ୍ୟାଲୋଚନା ଉକ୍ତ ପ୍ରବନ୍ଧଟିର ମୁଖ୍ୟ ଉଦ୍ଦେଶ୍ୟ ।

## ବିରଳ ମୃତ୍ତିକା କ'ଣ ?

ଅଦ୍ୟାବଧି ପୃଥିବୀରେ ୧୦୫ ଗୋଟି ମୌଳିକ ବସ୍ତୁ ରହିଥିବାର ପ୍ରମାଣ ମିଳିଛି । ଏଗୁଡ଼ିକୁ ମୁଖ୍ୟତଃ ସେମାନଙ୍କର ଗୋଟିଏ ପରମାଣୁ ଭିତରେ ଥିବା ଯୁକ୍ତ ବିଦ୍ୟୁତ୍ କଣିକା (ପ୍ରୋଟନ୍) ଗୁଡ଼ିକର ସଂଖ୍ୟାଦ୍ୱାରା ସୂଚିତ କରାଯାଇଥାଏ, ଉଦାହରଣ ସ୍ୱରୂପ:—ଉଦ୍‌ଜାନ ବା ହାଇଡ୍ରୋଜେନ ଏକ ମୌଳିକ ବସ୍ତୁ । ଏହାର ଗୋଟିଏ ପରମାଣୁ ଭିତରେ ଗୋଟିଏ ପ୍ରୋଟନ ରହିଛି । ସୁତରାଂ ଏହାକୁ ୧ ନମ୍ବର ମୌଳିକ ବସ୍ତୁ ହିସାବରେ ଚିହ୍ନଟ କରାଯାଇଛି । ସେହିପରି ଗୋଟିଏ ହିଲିୟମ ପରମାଣୁ ଭିତରେ ଦୁଇଗୋଟି ପ୍ରୋଟନ ଥିବା ହେତୁ ତାହା ୨ ନମ୍ବର ମୌଳିକ ବସ୍ତୁ ହିସାବରେ ପରିଚିତ । ସେହିପରି ଦେଖିଲେ ଯବକ୍ଷାରଯାନ ହେଉଛି ୭ ନମ୍ବର ମୌଳିକ ବସ୍ତୁ ଓ ଅମ୍ଳଜାନ ହେଉଛି ୮ ନମ୍ବର ମୌଳିକ ବସ୍ତୁ । ଏହିପରି ଭାବରେ ୫୮ ନମ୍ବର ଠାରୁ ୭୧ ନମ୍ବର ପର୍ଯ୍ୟନ୍ତ ମୌଳିକ ବସ୍ତୁଗୁଡ଼ିକୁ 'ବିରଳ ମୃତ୍ତିକା' ହିସାବରେ ସୂଚିତ କରାଯାଇଥାଏ । ରସାୟନ ବିଜ୍ଞାନରେ ଯେଉଁ ପର୍ଯ୍ୟାୟ ସାରଣୀ (ପିରିଅଡ଼ିକ୍ ଟେବୁଲ) ବ୍ୟବହୃତ ହୁଏ, ସେଥିରେ ଏଗୁଡ଼ିକର ତାଲିକା ସହଜରେ ମିଳିଥାଏ । ନିମ୍ନରେ ବିରଳ ମୃତ୍ତିକା ହିସାବରେ ଗଣାଯାଉଥିବା ମୌଳିକ ବସ୍ତୁଗୁଡ଼ିକର ନାମ ପ୍ରଦତ୍ତ ହେଲା:—

୫୮ ନମ୍ବର ........................ସିରିୟମ

୫୯ ନମ୍ବର ........................ପ୍ରାଜିଓ ଡାଇମିୟମ

୬୦ ନମ୍ବର ........................ନିଓ ଡାଇମିୟମ

୬୧ ନମ୍ବର ........................ପ୍ରୋମିଥିୟମ

୬୨ ନମ୍ବର ........................ସମରିୟମ

୬୩ ନମ୍ବର ........................ଇଉରୋପିୟମ

୬୪ ନମ୍ବର ........................ଗାଡ଼ୋଲିନିୟମ

୬୫ ନମ୍ବର ........................ ଟରବିୟମ

୬୬ ନମ୍ବର ........................ ଡିସ୍ ପ୍ରୋସିୟମ

୬୭ ନମ୍ବର ........................ହୋଲ୍‌ମିୟମ୍

୬୮ ନମ୍ବର ........................ ଏରବିୟମ

୬୯ ନମ୍ବର ........................ଥୁଲିୟମ୍

୭୦ ନମ୍ବର ........................ଇଟରବିୟମ

୭୧ ନମ୍ବର........................ଲ୍ୟୁଟେସିୟମ

ଏହି ସମସ୍ତ ମୌଳିକ ବସ୍ତୁଗୁଡ଼ିକୁ ବିରଳ ମୃତ୍ତିକା କହିବାର ତାତ୍ପର୍ଯ୍ୟ ହେଉଛି ଏଗୁଡ଼ିକ ପୃଥିବୀ ପୃଷ୍ଠରେ ମିଳିବା ବିରଳ । ମାତ୍ର ଏଗୁଡ଼ିକ ଏକାଠି ମିଶ୍ରିତ ଅବସ୍ଥାରେ ମିଳିଥାନ୍ତି । ୫୭ ନମ୍ବର ମୌଳିକବସ୍ତୁ– 'ଲାନ୍ଥାନମ୍' ସହିତ ଏହି ମୌଳିକ ବସ୍ତୁଗୁଡ଼ିକର ବହୁତ ସାମଞ୍ଜସ୍ୟ ଥିବା ହେତୁ ଏଗୁଡ଼ିକୁ ବିରଳ ମୃତ୍ତିକା ନ କହି ଲାନ୍ଥାନାଇଡ୍ ବୋଲି ମଧ୍ୟ କୁହାଯାଇଥାଏ ।

ଏହି ଧାତୁଗୁଡ଼ିକ ଦେଖିବାକୁ ଶୁଭ୍ର । ମାତ୍ର ପବନ ସଂସ୍ପର୍ଶରେ ଆସିଲେ ରଙ୍ଗର ପରିବର୍ତ୍ତନ ଘଟିଥାଏ । ୫୮ ନମ୍ବର ଧାତୁଟି ଯଦିଓ ଟିନ୍ ଧାତୁପରି ନରମ, ୬୨ ନମ୍ବର ଧାତୁ ସମରିୟମ ଇସ୍ପାତ ପରି ଖୁବ୍ ଶକ୍ତ । ମୋଟା ମୋଟି ଭାବରେ ଦେଖିଲେ ୫୮ ନମ୍ବରଠାରୁ ୭୧ ନମ୍ବର ପର୍ଯ୍ୟନ୍ତ ମୌଳିକ ବସ୍ତୁ ଭିତରେ ତଳକୁ ତଳକୁ ଥିବା ଧାତୁଗୁଡ଼ିକର କଠିନତା ଅଧିକରୁ ଅଧିକ ବୋଲି ପରୀକ୍ଷାରୁ ଜଣାଯାଉଛି । ଏହି ଧାତୁଗୁଡ଼ିକ ତାପ ଶକ୍ତି ତଥା ବିଦ୍ୟୁତ୍ ଶକ୍ତିର ସୁପରିବାହକ ହିସାବରେ ବେଶ୍ ପରିଚିତ ।

ବିରଳ ମୃତ୍ତିକା ଭିତରୁ 'ସିରାଇଟ୍' ଧାତୁପିଣ୍ଡ ତଥା ମୋନାଜାଇଟ ଧାତୁ ପିଣ୍ଡ ସର୍ବପ୍ରଧାନ । ସରାଇଟ୍ ଧାତୁପିଣ୍ଡରେ ସିରିୟମ୍ ସିଲିକେଟ ସହିତ ଅନ୍ୟାନ୍ୟ ବିରଳ ମୃତ୍ତିକା ଅନ୍ତର୍ଗତ ଧାତୁଗୁଡ଼ିକର ସିଲିକେଟ୍ ଲବଣ ମିଶିକରି ଥାଏ । ସେହିପରି ମୋନାଜାଇଟ୍ ଧାତୁ ପିଣ୍ଡରେ ସିରିୟମ୍, ଥୋରିୟମ୍, ଲାନ୍ଥାନାମ, ଇଟ୍ରିୟମ୍ ପ୍ରଭୃତି ଧାତୁଗୁଡ଼ିକର ଫସ୍‌ଫେଟ୍ ଲବଣ ସହିତ ଅନ୍ୟାନ୍ୟ ଧାତୁଗୁଡ଼ିକର ଲବଣ ମିଶ୍ରିତ ଅବସ୍ଥାରେ ଥାଏ ।

ବିରଳ ମୃତ୍ତିକା ଅନ୍ତର୍ଗତ ଧାତୁଗୁଡ଼ିକର ଉତ୍ପାଦନ ମୁଖ୍ୟତଃ ବିଦ୍ୟୁତ୍ ବିଶ୍ଳେଷଣ ପ୍ରକ୍ରିୟା, ବିଦାରଣ (ରିଡକ୍‌ସନ୍) ପ୍ରକ୍ରିୟା କିମ୍ବା ଆୟନ-ଏକ୍‌ସଚେଞ୍ଜ ପ୍ରକ୍ରିୟା ମାଧ୍ୟମରେ ସମାହିତ କରାଯାଇଥାଏ ।

ଗଞ୍ଜାମ ଜିଲ୍ଲାର ଛତ୍ରପୁରଠାରେ ଯେଉଁ 'ବିରଳ ମୃତ୍ତିକା ପ୍ରକଳ୍ପ' ପ୍ରତିଷ୍ଠିତ ହେଉଛି, ତାହା ଭାରତୀୟ ବିରଳ ମୃତ୍ତିକା ଲିମିଟେଡ୍ ପକ୍ଷରୁ ୮୫ କୋଟି ୬୭ ଟଙ୍କା ଖର୍ଚ୍ଚ ଅଟକଳରେ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପ ନିମନ୍ତେ ଓଡ଼ିଶା ସରକାର ପ୍ରାୟ ୨୬ ବର୍ଗ ମାଇଲ ଅଞ୍ଚଳ ଲିଜ୍ ଦେଉଛନ୍ତି । କାରଖାନା ପାଇଁ ୬୦୦ ଏକର ଏବଂ ଟାଉନସିପ୍ ପାଇଁ ୨୬୫ ଏକର ଜମି ଆବାଦ କରାଯାଉଛି । ବର୍ତ୍ତମାନ ଏକ ଅଷ୍ଟ୍ରେଲିଆନ୍ ଫାର୍ମଦ୍ୱାରା ମାଇନିଂ ପ୍ଲାଣ୍ଟର ଡିଜାଇନ୍ ପ୍ରସ୍ତୁତ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏକ ଆମେରିକାନ ଫାର୍ମଦ୍ୱାରା ସିନ୍ଥେଟିକ୍ ରୁଟାଇଲ କାରଖାନା ନିର୍ମାଣ କରାଯାଉଛି । ଟାଉନସିପ୍ ନିର୍ମାଣ ଦାୟିତ୍ୱ କଲିକତାର ଏକ କଂପାନୀ ଗ୍ରହଣ କରିଛନ୍ତି । ଛତ୍ରପୁର ରେଳ ଷ୍ଟେସନଠାରୁ କାରଖାନା ପର୍ଯ୍ୟନ୍ତ ଏକ ରେଳପଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଆଗେଇ ଚାଲିଛି ।

ଭବିଷ୍ୟତରେ ଭାରତୀୟ ବିରଳ ମୃତ୍ତିକା ଲିମିଟେଡ୍ ଏଠାରେ ଏକ ଜିର୍‌କୋନିୟମ୍ କେମିକାଲ କାରଖାନା, ଟିଟାନିୟମ୍ ପିଗ୍‌ମେଣ୍ଟ କାରଖାନା ଓ ସିଲିକନ୍-ଆଲୁମିନିୟମ—ଆଲୟ କାରଖାନା ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି ।

## କାରଖାନାର ଉଦ୍ଦେଶ୍ୟ

ଏହି 'ବିରଳ ମୃତ୍ତିକା ପ୍ରକଳ୍ପ'ର ନିର୍ମାଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟରେ ୧୯୮୨ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି । ଏହା କାର୍ଯ୍ୟକାରୀ ହେଲେ ବାର୍ଷିକ ୨,୨୦,୦୦୦ ଟନ୍ ଇଲ୍‌ମୋନାଇଟ୍, ୩୦,୦୦୦ ଟନ୍ ସିଲିମୋନାଇଟ୍, ୧୦,୦୦୦ ଟନ୍ ରୁଟାଇଲ୍, ୪,୦୦୦ ଟନ୍ ମୋନାଜାଇଟ୍, ୨,୦୦୦ ଟନ୍ ଜିର୍‌କୋନ୍, ୧,୦୦,୦୦୦ ଟନ୍ ସିନ୍ଥେଟିକ୍ ରୁଟାଇଲ୍ ଓ ୮୪,୦୦୦ ଟନ ଆଇରନ୍ ଅକ୍‌ସାଇଡ୍ ଉତ୍ପାଦିତ ହେବ । ଏହି କାରଖାନାରେ ପ୍ରାୟ ୧୨ଶହ କର୍ମଚାରୀ ନିଯୁକ୍ତି ପାଇ ପାରିବେ ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରି ବାବଦରେ ବାର୍ଷିକ ପ୍ରାୟ ୨୭ କୋଟି ୨୯ ଲକ୍ଷ ଟଙ୍କା ଆୟ ହୋଇ ପାରିବ ।

ଟିଚର ଫେଲୋ,
ରସାୟନ ବିଦ୍ୟା ବିଭାଗ
ବାଣୀ ବିହାର, ଭୁବନେଶ୍ୱର



# ଗୋ-ଥନହରା

ଡା: ସୁନାକର ସାହୁ

ଭାରତବର୍ଷପରି ଏକ କୃଷି ପ୍ରଧାନ ଦେଶରେ ମାନବ ଜାତିର ଜୀବନଧାରା ପଶୁପକ୍ଷୀର ଜୀବନଧାରା ସହିତ ଓତଃପ୍ରୋତ ଭାବେ ଜଡ଼ିତ—ଏହା କହିବା ବାହୁଲ୍ୟ ମାତ୍ର । ଆଜି ଦେଶରେ ଉନ୍ନତ ଧରଣର ଦୁଧିଆଳୀ ଗାଈଙ୍କର ସଂଖ୍ୟା ବୃଦ୍ଧି କରିବାରେ ସରକାର ପ୍ରଗାଢ଼ ଉଦ୍ୟମ ଓ ଅର୍ଥ ବିନିଯୋଗ କରୁଛନ୍ତି । ଫଳରେ ଦେଶର ଶହ ଶହ ଆଧୁନିକ ରୁଚିସଂପନ୍ନ ବ୍ୟକ୍ତି ପଶୁ ପାଳିବାକୁ ଆଗଭର ହେଉଛନ୍ତି । ଗୋ-ପାଳନ ଏବଂ ଗୋ-ସେବା ଧାର୍ମିକ ଲୋକ ମନରେ ଯେପରି ଆନନ୍ଦ ଜନ୍ମାଏ ସେହିପରି ଦେଶର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ସାହାଯ୍ୟ କରି ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ । ଆଜି ଯାହାଘରେ ଗୋଟିଏ ସଙ୍କର ଜାତୀୟ ଦୁଧିଆଳୀ ଗାଈ ଅଛି, ତା'ଘରେ ପ୍ରତିଦିନ ଅମୃତର ଝରଣା ପ୍ରବହମାନ ହୋଇ ପରିବାରର ସମସ୍ତଙ୍କ ମୁଖରେ ସ୍ୱାଦ ଦେଇ ହସ ଫୁଟାଇବା ସଙ୍ଗେ ସଙ୍ଗେ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରୁଛି, ଏହା କେବଳ ଅନୁଭବୀହିଁ ଅନୁଭବ କରିପାରେ । ଆନନ୍ଦ ଅନୁଭବ କରିବାକୁ ହେଉ କିମ୍ବା ଆର୍ଥିକ ପରିସ୍ଥିତିକୁ ସୁଧାରିବାକୁ ହେଉ, ଯେଉଁମାନେ ଗୋରୁଗାଈ ରଖନ୍ତି ସେମାନେ ଗୋରୁଗାଈଙ୍କର ସ୍ୱାସ୍ଥ୍ୟ ତଥା ରୋଗ ପ୍ରତି ଦୃଷ୍ଟିଦେବା ବିଧେୟ । ସାଧାରଣତଃ ମନୁଷ୍ୟମାନଙ୍କପରି ଗୋରୁଗାଈମାନେ ଅନେକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । କେତେକ ରୋଗ ଗୋରୁଗାଈଙ୍କଠାରୁ ସଂକ୍ରମିତ ହୋଇ ମନୁଷ୍ୟ ଦେହରେ ରୋଗ ଜନ୍ମାଏ । ତେଣୁ ଗୋରୁଗାଈଙ୍କ ରୋଗପ୍ରତି ଦୃଷ୍ଟିଦେବା ବିଶେଷ ଦରକାର ପରିଲକ୍ଷିତ ।

ଥନହରା(ମାସଟିଟିସ୍) ରୋଗଟି ଥନରେ ହୋଇଥାଏ । ସାଧାରଣତଃ ଏ ରୋଗ ଦୁଧିଆଳୀ ଗାଈ ଓ ମଇଁଷିଙ୍କଠାରେ ଦେଖା ଯାଇଥାଏ । ଫଳତଃ ଉକ୍ତ ଗାଈଟି ମୂଲ୍ୟହୀନ ହୋଇପଡ଼େ । କାରଣ ଗାଈର ମୂଲ୍ୟ ତା'ର ଥନ ଉପରେହିଁ ନିର୍ଭର କରେ । ଏ ରୋଗ ହେଲେ ଦୁଧର ପରିମାଣ କମିବା ସଙ୍ଗେ ସଙ୍ଗେ ସେଥିରେ ଥିବା ଛେନା ଓ ଚିନିର ଭାଗ କମିଯାଏ । ଥନହରା ଗାଈର ଦୁଧକୁ ସୁସ୍ଥ ଗାଈର ଦୁଧସହ ତୁଳନାକରି ଦେଖାଯାଇଛି ଯେ ଥନହରା ଗାଈର ଦୁଧର ପରିମାଣ ୨ଭାଗ ଏବଂ ସେଥିରେ ଥିବା ଘୃତ ଅଂଶ ୨୫ଭାଗ କମ୍ ଏବଂ ଏହା ମନୁଷ୍ୟର ଖାଦ୍ୟପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ । ଏ ରୋଗରେ ପହ୍ନାର ଗୋଟିଏ କିମ୍ବା ତତୋଧିକ ବାଟ ନଷ୍ଟ ହୋଇଯାଏ । ଏପରିକି ଗାଈର ଦୁଧ ସବୁଦିନ ପାଇଁ ଶୁଖିଯାଏ । ତେଣୁ ପରବର୍ତ୍ତୀକାଳରେ ଗାଈ ଜନ୍ମକଲେ ବି ବାଟରୁ ଦୁଧ ବାହାରେ ନାହିଁ । ତେଣୁ ଏମିତି ଗାଈଟିଏ ପୋଷିବା ଲାଭଜନକ ନୁହେଁ । ବିଲାତରେ ଏକ ହିସାବରୁ ଜଣାଯାଇଛି ଯେ, ସେ ଦେଶରେ ଥନହରା ରୋଗ ଯୋଗୁଁ ବାର୍ଷିକ ପ୍ରାୟ ପାଞ୍ଚକୋଟି ପାଉଣ୍ଡ ଆର୍ଥିକ କ୍ଷତି ହୋଇଥାଏ । ସେହିପରି ଆମେରିକା ଦେଶରେ ଗୋରୁଗାଈଙ୍କ ରୋଗ ଯୋଗୁଁ ଯେଉଁ ୬୬୯ କୋଟି ଡଲାର ବାର୍ଷିକ କ୍ଷତିହୁଏ ତା'ର ଏକ ତୃତୀୟାଂଶ କେବଳ ଥନହରା ରୋଗ ଯୋଗୁଁ । ଆମ ଭାରତ ବର୍ଷରେ ଏହି କ୍ଷତିର ପରିମାଣ ମଧ୍ୟ କମ୍ ନୁହେଁ । ୧୯୬୧ ମସିହାରେ ହିସାବ କରି ଦେଖାଯାଇଛି ଯେ, ପ୍ରତିବର୍ଷ ପ୍ରାୟ ୫୨.୯ କୋଟି ଟଙ୍କା କ୍ଷତି ଥନହରା ରୋଗଯୋଗୁଁ ହୋଇଥାଏ । ପ୍ରକୃତରେ ଏ କ୍ଷତିକୁ ଆଖି ଆଗରେ ରଖି ବିଚାରକଲେ ଗୋପାଳକ ମନରେ ହତାଶାର ଛାଇ ଦେଖାଯିବ । ଏହି ରୋଗ ଦେଶର ଆର୍ଥିକ ମାନଦଣ୍ଡକୁ ଦୋହଲାଇବା ସହିତ ମାନବ ସମାଜକୁ ବିଭିନ୍ନ ରୋଗରେ ଆକ୍ରମିତ କରିଦିଏ । କାରଣ ଆମେରିକାରେ ୧୯୨୫ରୁ ୧୯୪୩ ମସହା ଭିତରେ ମନୁଷ୍ୟ ସମାଜରେ ଯେତେଥର ସଂକ୍ରାମକ ରୋଗ ବ୍ୟାପିଛି ତନ୍ମଧ୍ୟରୁ ୭୯ଥର ସେପ୍‌ଟିକ୍ ସୋରଥ୍ରୋଟ, ସ୍କାର୍ଲେଟ ଫିଭର, ଫୁଡ୍ ପଏଜନିଂ ରୋଗ ଇତ୍ୟାଦି ସଂକ୍ରମିତ ହୋଇଛି କେବଳ ଥନହରା ଗାଈର କଞ୍ଚା କିମ୍ବା ସିଝା ଦୁଧ କିମ୍ବା ଉକ୍ତ ଦୁଧରେ ପ୍ରସ୍ତୁତ କୌଣସି ଖାଦ୍ୟ ଖାଇ । ଭାରତରେ ମଧ୍ୟ ଅନେକ ଲୋକ ଉପରୋକ୍ତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ଏହା ଯେ କେବଳ ଏହି ଥନହରା ଗାଈର ଦୁଧ ବ୍ୟବହାର ଯୋଗୁ ହେବାଟା ଅସମ୍ଭବ ନୁହେଁ । ଦୁଧକୁ ସିଝାଇଲେ ମଧ୍ୟ ଦୁଧରେ ଥିବା ଥନହରା ରୋଗର ଜୀବାଣୁମାନଙ୍କ ବିଷ ଅଂଶ ଥିବା ଦୁଧକୁ ଖାଇଲେ ମଣିଷ ଫୁଡ୍‌ପଏଜନିଂ ରୋଗରେ ଆକ୍ରାନ୍ତ ହୁଏ ।

ଉପରୋକ୍ତ ଦୃଷ୍ଟିକୋଣରୁ ବିଚାରକଲେ ପ୍ରତ୍ୟେକ ଗୋପାଳକ ଥନହରା ରୋଗ ବିଷୟରେ ଅଳ୍ପେ ବହୁତେ କିଛି ଜାଣିବା ଉଚିତ । ଏହି ରୋଗଟି କେତେକ ଜୀବାଣୁମାନଙ୍କ ଦ୍ୱାରା ହୋଇଥାଏ । ଜୀବାଣୁଥିବା କୌଣସି ପଦାର୍ଥ, ମାଟି ଗୋବରରେ ଅସନା ହୋଇଥିବା ସ୍ଥାନ କିମ୍ବା ଜୀବାଣୁଥିବା ଗାଈଦୁହାଁ ଯନ୍ତ୍ର ଇତ୍ୟାଦି ଥନର ସଂସ୍ପର୍ଶରେ ଆସିଲେ ଉକ୍ତ ଜୀବାଣୁଗୁଡ଼ିକ ଥନ ମଧ୍ୟକୁ ଯାଇ ରୋଗ ଜନ୍ମାଇଥାନ୍ତି । ବାଛୁରୀ

ଦାନ୍ତଦ୍ୱାରା କିମ୍ବା ଅନ୍ୟ କୌଣସି ପଦାର୍ଥ ଦ୍ୱାରା ଗାଈର ଟୀଟ ଖଣ୍ଡିଆ ହୋଇଗଲେ ଏ ରୋଗ ହୁଏ । ଏହିପରି ଆହୁରି ଅନେକ କାରଣ ଅଛି । କାରଣ ଯାହାହେଉନା, ରୋଗର ଆରମ୍ଭରେ ଗାଈର ଥନ ଓ ତା'ମାଂସରେ କିଛି ପରିବର୍ତ୍ତନ ହେଲପରି ଖାଲି ଆଖିକୁ ଜଣାପଡ଼େ ନାହିଁ । ମାତ୍ର ଦୁଧକୁ ପରୀକ୍ଷାକଲେ ସେଥିରେ ଥିବା ବିଭିନ୍ନ ଉପାଦାନଗୁଡ଼ିକର ଭାରସାମ୍ୟ ନ ଥିବାର ଦେଖାଯାଏ । ଏହି ଅବସ୍ଥାକୁ ରୋଗର ଗୁପ୍ତାବସ୍ଥା (ଲେଟେଣ୍ଟ ଷ୍ଟେଜ୍) କହନ୍ତି । ଏହାପରେ ଆକ୍ରାନ୍ତ ଗାଈର ଦୁଧରେ ଆଖିକୁ ଦେଖାଗଲ ପରି ପରିବର୍ତ୍ତନ ହୋଇଯାଏ । ଅର୍ଥାତ୍ ଦୁଧ ତା'ର ପ୍ରାକୃତିକ ରଙ୍ଗ ହଜାଇ ବସେ ଓ ସାମାନ୍ୟ ବହଳିଆ ହୋଇଯାଏ । ଥନକୁ ରକ୍ତ ଗଡ଼ି ଲାଲ ପଡ଼ିଯାଏ । ହାତକୁ ଉଷୁମ ଲାଗେ । ଦୁହିଁବାକୁ ଦେଖାଏ ନାହିଁ । କାରଣ ପହ୍ନା ଫୁଲି ଯାଇ ପରାସ ହୋଇଥାଏ । ଦେହର ଉତ୍ତାପ ମଧ୍ୟ ବୃଦ୍ଧି ପାଏ । ରୋଗିଣୀ ଗାଈ ବେଳେ-ବେଳେ ମୃତ୍ୟୁ ମୁଖରେ ପଡ଼ିବାର ଦେଖାଯାଇଛି । ଗାଈଥନରେ ଯଦି ରୋଗ ବେଶୀ ଦିନ ରହେ ତେବେ ତାହା ପୁରାତନ (Chronic) ଅବସ୍ଥା ଧାରଣକରେ । ଏ ଅବସ୍ଥାରେ ପହ୍ନା ଖୁବ୍ ଟାଣ ହେବା ସଙ୍ଗେ ସଙ୍ଗେ ଟୀଟରେ ଥିବା ଦୁଗ୍ଧରନ୍ଧ୍ର ବୁଜି ହୋଇଯାଏ । ଫଳରେ ଟୀଟରୁ ଆଉ ଦୁଧ ନ ବାହାରି କେବଳ ପାଣି ବାହାରେ ଯଦିବା କିଛି ଦୁଧ ବାହାରେ ତାହା ଛିଡ଼ିଯାଏ ଏବଂ ପୂଜ ରକ୍ତ ମିଶା ଯୋଗୁଁ ଖାଦ୍ୟଅନୁପଯୋଗୀ ହୋଇପଡ଼େ । ଏ ଅବସ୍ଥାରେ ଗୋପାଳକ ମନରେ ଉଠୁଥିବା ଦୁଃଖ ଏବଂ କୋହ ସହଜେ ଅନୁମେୟ । ସେ ଏ ଗାଈର ଖାଦ୍ୟ ତଥା ଚିକିତ୍ସାପାଇଁ ଅର୍ଥ ବ୍ୟୟକରି ନିଜର ଦୁର୍ବଳ ଆର୍ଥିକ ଅବସ୍ଥାକୁ ହରାଇବସେ । କାରଣ ଶହ ଶହ ଟଙ୍କା ଖର୍ଚ୍ଚ କରି ପଶୁ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କଲେ ମଧ୍ୟ ଅନେକ ସ୍ଥଳେ ସୁଫଳ ମିଳେନାହିଁ । ଗୋପାଳକ ଆରମ୍ଭରୁ ସାବଧାନ ହୋଇ ଦୁଧିଆଳୀ ଗାଈର ଉପଯୁକ୍ତ ଯତ୍ନ ନେଉଥିଲେ ତାଙ୍କୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ି ନ ଥାନ୍ତା ।

ଗାଈର ରହିବାସ୍ଥାନ ପରିଷ୍କାର ପରିଚ୍ଛନ୍ନ ରଖିବା ସଙ୍ଗେ ସଙ୍ଗେ ଏହାର ଚତୁଃପାର୍ଶ୍ୱ ଯେପରି ଗୋବର ମୂତ୍ର କିମ୍ବା ମାଟି ଦ୍ୱାରା କାଦୁଅ ହୋଇ ନ ରହେ ସେଥିପ୍ରତି ନଜର ଦେବା ପ୍ରଥମ କର୍ତ୍ତବ୍ୟ । ଏହାଦ୍ୱାରା ଯେ କେବଳ ଗାଈର ସ୍ୱାସ୍ଥ୍ୟ ଭଲରହେ ତାହା ନୁହେଁ, ମଶାମାଛିଙ୍କ ପ୍ରାଦୁର୍ଭାବ ମଧ୍ୟ କମିଯାଏ । ଗୁହାଳଟିକୁ ମହିରେ ମର୍ଜିରେ ଫିନାଇଲ କିମ୍ବା ଅନ୍ୟ କୌଣସି ବିଶୋଧକ ଦ୍ୱାରା ବିଶୋଧନ କରାଇ ଦେବା ଉଚିତ୍ । ଗାଈକୁ ନିୟମିତ ଗାଧୋଇଦେଇ ତା'ର ଦେହ, ପହ୍ନା, ପଛ ଏବଂ ଗୋଡ଼ ଖୁରାକୁ ପରିଷ୍କାର ରଖିଲେ ଥନହରା ରୋଗ ଜୀବାଣୁଗୁଡ଼ିକ ଥନ ମଧ୍ୟକୁ ପଶି ପାରନ୍ତି ନାହିଁ । ତା'ର ଟୀଟ ଯଦି ବାଛୁରୀ ଦ୍ୱାରା କିମ୍ବା ଅନ୍ୟ କୌଣସି ପଦାର୍ଥ ଦ୍ୱାରା ଖଣ୍ଡିଆ ହୋଇଯିବାର ଦେଖାଯାଏ, ତେବେ ହେଳା ନ କରି ଅତିଶୀଘ୍ର ପଶୁଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇ ନେଲେ ଏ ରୋଗରୁ ରକ୍ଷା ମିଳିପାରେ । ଦୁଧ ଦୁହିଁବାରେ ନିୟମାନୁବର୍ତ୍ତିତା ଓ ଦୁହିବା ସ୍ଥାନରୁ ପରିଷ୍କାର ପରିଚ୍ଛନ୍ନତା ନିହାତି ଦରକାର । ଏତେ ସାବଧାନ ହୋଇ ଉପଯୁକ୍ତ ଯତ୍ନ ନେଲେ ମଧ୍ୟ କେତେକ ସ୍ଥଳେ ଥନହରା ରୋଗ ଦୁଧିଆଳୀ ଗାଈଙ୍କଠାରେ ଦେଖାଯାଏ । ଏପରିସ୍ଥଳେ ଗୋପାଳକ ଗାଈର ଦୁଧ ନିୟମିତ ଭାବେ ପ୍ରତି ମାସରେ ଥରେ ଲେଖାଏଁ ପଶୁ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇନେଲେ ରୋଗ ଗୁପ୍ତାବସ୍ଥାରୁ ଧରାପଡ଼ିଯାଏ । ଏହି ସମୟରେ ଚିକିତ୍ସା କଲେ ଅଧିକାଂଶ କ୍ଷେତ୍ରରେ ଉପଶମ ମିଳେ ।

ସହ-ଗବେଷକ
କ୍ଲିନିକାଲ୍ ଇନ୍‌ଭେଷ୍ଟିଗେସନ ଲାବୋରେଟୋରୀ,
ଖପୁରିଆ, କଟକ

ସ୍ୱରାଜ ଗୋଟିଏ ପବିତ୍ର ଶବ୍ଦ, ଗୋଟିଏ ବୈଦିକ ଶବ୍ଦ । ଏହାର ଅର୍ଥ ହେଉଛି ଆତ୍ମ-ଶାସନ ଓ ଆତ୍ମ-ସଂଯମ । ଅନେକ ସମୟରେ ଉଚ୍ଛୃଙ୍ଖଳତାକୁ ଯେପରି ସ୍ୱାଧୀନତା ବୋଲି ଅର୍ଥ କରାଯାଇଥାଏ, ଏହାର ଅର୍ଥ ତାହା ନୁହେଁ ।

—ଗାନ୍ଧୀ

# ଶିଳ୍ପ ବିକାଶର ଚୋଟିଏ ବର୍ଷ

ଡକ୍ଟର ହରବନ୍ଧୁ ମହାନ୍ତି

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ରାଜ୍ୟର ଶିଳ୍ପ ବିକାଶ ସହିତ ଘନିଷ୍ଠଭାବେ ସଂପୃକ୍ତ ଜଣେ ବ୍ୟକ୍ତି ପକ୍ଷରେ ଗତ ଏକ ଦଶ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ବାସ୍ତବିକ୍ ଏକ ସୁଖର କଥା । ଏହା ଫଳରେ ମୋତେ ସମୁଦାୟ ଘଟଣାର ସିଂହାବଲୋକନ କରିବାର ସୁଯୋଗ ମିଳିଛି ।

ତ୍ରିଶ ବର୍ଷ ତଳେ ମୋପରି ଜଣେ ଭଲ ତାଲିମପ୍ରାପ୍ତ ବିଜ୍ଞାନ ଗବେଷକଙ୍କୁ ଏକ ସାମାନ୍ୟ କାରଣରୁ ହତାଶ ହୋଇ ଶିକ୍ଷା ବିଭାଗ ଛାଡ଼ିବାକୁ ପଡ଼ିଥିଲା । ସେତେବେଳେ ମୁଁ ରେଡ଼ିଓ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଗବେଷଣା କରୁଥିଲି । ଗବେଷଣା ଷ୍ଟାଫ୍ ରଖିବା ପାଇଁ ମୋର ବାର ହଜାର ଟଙ୍କା ଦରକାର ପଡୁଥିଲା, କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ ମୋତେ ୧୨,୦୦୦ ଟଙ୍କା ଯୋଗାଇ ଦିଆଯାଇ ପାରିଲା ନାହିଁ । ଜାଣି ନ ଥିଲି ଭାଗ୍ୟ ମୋତେ କୁଆଡ଼କୁ ଟାଣି ନେବ । ଠିକ୍ ସେତିକିବେଳେ ଯୁଦ୍ଧୋତ୍ତର କାଳରେ ଓଡ଼ିଶାରେ ଶିଳ୍ପର ସମ୍ଭାବନା ସଂପର୍କରେ ଏକ ଅନୁସନ୍ଧାନ କରିବାର ଦାୟିତ୍ୱ ମୋତେ ଦିଆଗଲା । ଓଡ଼ିଶାର ଶିଳ୍ପ ବିକାଶ ସହିତ ତାହାହିଁ ହେଲା ମୋର ପ୍ରଥମ ପରିଚୟ । ତାହାଠାରୁ ବଡ଼ କଥା ହେଲା ଶିଳ୍ପ ବିକାଶର ଆବଶ୍ୟକତା ସଂପର୍କରେ ସରକାରଙ୍କର ସଚେତନତା ରିପୋର୍ଟ ସଂପର୍କରେ କେନ୍ଦ୍ରରୁ ତୁହାକୁ ତୁହା ତାଗିଦା ଆସୁଥାଏ । ସେତେବେଳକାର ପ୍ରଶାସନିକ କର୍ମକର୍ତ୍ତାମାନେ ଏ କାମରେ ହାତ ଦେବାକୁ ଆଗ୍ରହୀ ନ ହୁଅନ୍ତେ ଦାୟିତ୍ୱ ମୋତେ ଦିଆଗଲା । ଏକ ସୁସଂହତ ରିପୋର୍ଟ ପ୍ରସ୍ତୁତ କରି ତାହା କେନ୍ଦ୍ର ସରକାରଙ୍କ ନିକଟକୁ ପଠାଗଲା । ସେତେବେଳେ କେନ୍ଦ୍ରର ଅର୍ଥନୈତିକ ପରାମର୍ଶଦାତା ଥିଲେ ସାର ଥିଓଡ଼ୋର ଗ୍ରେଗରୀ । ମୋ ରିପୋର୍ଟଟି ଯେ କେବଳ ତାଙ୍କ ମନକୁ ପାଇଲା ତାହା ନୁହେଁ, ମୋ ରିପୋର୍ଟର ଗୋଟିଏ ଲେଖାଏଁ କପି ସେତେବେଳକାର ରାଜ୍ୟ ସରକାରମାନଙ୍କୁ ପଠାଇ ପ୍ରତ୍ୟେକ ରାଜ୍ୟ ନିଜ ନିଜ ରିପୋର୍ଟ ସେହି ଢାଞ୍ଚାରେ ପ୍ରସ୍ତୁତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଲେ । ଓଡ଼ିଶା ପକ୍ଷରେ ବାସ୍ତବିକ୍ ତାହା ଥିଲା ଏକ ଗର୍ବର ବସ୍ତୁ । ମୋତେ ସେଥିପାଇଁ ସରକାରଙ୍କ ପକ୍ଷରୁ ଏକ ବ୍ରିଟିଶ ପଦବି ମିଳିଲା । ଦିନେ ଓଡ଼ିଶାର ଲାଟ ସାହେବ ମତେ ଡାକି ପଚାରିଲେ ରିପୋର୍ଟରେ ତ ବହୁତ କଥା ଲେଖିଛ । ବହୁ କିସମର ଶିଳ୍ପ ଓଡ଼ିଶାରେ ବସାଯାଇ ପାରିବ ବୋଲି ଉଲ୍ଲେଖ କରିଛ କିନ୍ତୁ ସେ ଶିଳ୍ପ ବସିବ କେମିତି? ସେଥିପାଇଁ ଆବଶ୍ୟକ ତାଲିମପ୍ରାପ୍ତ ଦକ୍ଷ ଲୋକ ମିଳିବେ କେଉଁଠୁ ? ମୁଁ ଶଙ୍କି ନ ଯାଇ ଉତ୍ତର ଦେଇଥିଲି, 'ଆଜ୍ଞା ସୁଯୋଗ ଦେଲେ ଲୋକଙ୍କୁ ତାଲିମ ଦେଇ ଆମେ ହିଁ ରାଜ୍ୟରେ ଗଢ଼ିଦେବୁ' । ଉତ୍ତର ଦେଲାବେଳେ ମୋର ଯୁଗଜନ୍ମା ପୁରୁଷ ସ୍ୱର୍ଗତ ସାର ଏମ୍. ବିଶ୍ୱେଶ୍ୱରିଆଙ୍କ କଥା ମନେ ପଡ଼ିଥିଲା । ଶିଳ୍ପର ବିକାଶ ସକାଶେ ସାର ବିଶ୍ୱେଶ୍ୱରିଆ ସାତୋଟି 'ଏମ୍' କଥା କହିଥିଲେ । ସେଥି ମଧ୍ୟରୁ ଗୋଟିଏ ହେଲା କାରିଗରୀ ତାଲିମପ୍ରାପ୍ତ ଦକ୍ଷ ଲୋକ । ଯେଉଁ ସମୟ କଥା କହୁଛି ସେତେବେଳେ ଓଡ଼ିଶାରେ ବୈଷୟିକ ଶିକ୍ଷାନୁଷ୍ଠାନ ବୋଲି ବିଶେଷ କିଛି ନ ଥିଲା । କଟକରେ ଥିଲା ଗୋଟିଏ ଇଂଜିନିୟରିଂ ସ୍କୁଲ ଯେଉଁଠାରେ ପ୍ରତିବର୍ଷ ୪୦ ଜଣ ସିଭିଲ ଓଭରସିଅର ତାଲିମ ପାଉଥିଲେ । ଥିଲା ଗୋଟିଏ ମେଡ଼ିକାଲ ସ୍କୁଲ ଯେଉଁଥିରୁ ପ୍ରତିବର୍ଷ ୩୦ ଜଣ ଲାଇସେନ୍ସପ୍ରାପ୍ତ ଡ଼ାକ୍ତର ବାହାରୁଥିଲେ । ତାହାଛଡ଼ା ପାଟଣାର ମେଡ଼ିକାଲ କଲେଜ ଓ ଇଞ୍ଜିନିଅରିଂ କଲେଜରେ ଓଡ଼ିଶା ଛାତ୍ରମାନଙ୍କପାଇଁ ୪ଟି ଲେଖାଏଁ ସ୍ଥାନ ସଂରକ୍ଷିତ ଥିଲା । ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଛାତ୍ରମାନଙ୍କ ପାଇଁ ସେତିକି ଥିଲା ସୁବିଧା ।

ଆମ ରାଜ୍ୟରେ ମେଧାବୀ ଛାତ୍ରମାନେ ସାଧାରଣତଃ ଗରିବ ପରିବାରରୁ ଆସିଥାନ୍ତି । ତେଣୁ ୧୦୦ଟି ଛାତ୍ର ବୃତ୍ତି ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଇଥିଲା । ଅର୍ଥ ବିଭାଗ ଚିରାଚରିତ ରୀତିରେ ଏଭଳି ବାଜେ ଖର୍ଚ୍ଚ କରିବା ପାଇଁ ଟଙ୍କା ନାହିଁ ବୋଲି କହି ଏହି ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିଦେଲେ । ତେଣୁ କିଛି ଗୋଟାଏ ବାଟ ବାହାର କରିବା ଦରକାର ହେଲା । ଈଶ୍ୱରହିଁ ସହାୟ ହେଲେ । ଓଡ଼ିଶା ରଣ ଷ୍ଟାଇପେଣ୍ଡ ପାଣ୍ଠି ସୃଷ୍ଟି କରିବା ପାଇଁ ଗୋଟିଏ ସୂତ୍ରରୁ ପ୍ରେରଣା ମିଳିଲା । ମାନ୍ଦ୍ରାଜ ପ୍ରଦେଶର ଜଣେ ସିଭିଲିଆନ୍ ଯେକି ପରେ ଶିଳ୍ପପତି ହୋଇଥିଲେ ସେ ଉକ୍ତ ପାଣ୍ଠି ପାଇଁ ଟ ୧୦,୦୦୦ ଦାନ କରିବାରୁ ଉକ୍ତ ପାଣ୍ଠିର ଶୁଭାରମ୍ଭ ହେଲା । ବର୍ତ୍ତମାନ ଏହାର ଫଳ କ'ଣ ହୋଇଛି ?

ଏହି ପାଣ୍ଠି ଯୋଗୁଁ ଏ ପର୍ଯ୍ୟନ୍ତ ୫,୦୦୦ ଓଡ଼ିଆ ଯୁବକ ବିଦେଶରେ ତାଲିମ ପାଇଲେଣି ଏବଂ ୧୦,୦୦୦ରୁ ଅଧିକ ଯୁବକ ଭାରତରେ ଉଚ୍ଚତର ଶିକ୍ଷା ଲାଭ କରିପାରିଛନ୍ତି । ଏହି ପାଣ୍ଠିରେ ବର୍ତ୍ତମାନ ୩ କୋଟି ଟଙ୍କା ଗଚ୍ଛିତ ହୋଇଛି। ବାସ୍ତବିକ୍ ଓଡ଼ିଶା ପକ୍ଷରେ ଗୋଟିଏ ଗର୍ବର ବିଷୟ ଏହି ଯେ ପରବର୍ତ୍ତୀ କାଳରେ ଭାରତ ସରକାର ମଧ୍ୟ ଏହି ପରିକଳ୍ପନାଟିକୁ ଗ୍ରହଣ କରି "କେନ୍ଦ୍ର ସରକାରଙ୍କ ଋଣ ଷ୍ଟାଇପେଣ୍ଡ ପରିକଳ୍ପନା" ପ୍ରବର୍ତ୍ତନ କଲେ । ଓଡ଼ିଶାର ନବ ନିର୍ମାଣରେ ଓଡ଼ିଶା ଉଚ୍ଚ ବୃତ୍ତିପାଣ୍ଠି ବାସ୍ତବରେ ଯଥେଷ୍ଟ ସହାୟକ ହୋଇଛି, ନଚେତ୍ ତାଲିମପ୍ରାପ୍ତ ଜନଶକ୍ତି ଅଭାବରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାନ୍ତା ।

ଜନଶକ୍ତି ପଛକୁ ବିଦ୍ୟୁତ୍ ଶକ୍ତିର ସ୍ଥାନ । ବିଦ୍ୟୁତ୍ ଶକ୍ତି ବିନା ଶିଳ୍ପ ବିକାଶ ଅସମ୍ଭବ । କିନ୍ତୁ ସେତେବେଳେ ଓଡ଼ିଶାର କଟକଠାରେ ମାତ୍ର ୪୫୦ କିଲୋୱାଟ ବିଦ୍ୟୁତ୍ ଉତ୍ପାଦନକ୍ଷମ ଗୋଟିଏ ଛୋଟ ଡିଜେଲ ଷ୍ଟେସନ ଥିଲା । ତେଣୁ ବିଦ୍ୟୁତ୍ ଉତ୍ପାଦନ ପ୍ରତି ସର୍ବାଧିକ ଧ୍ୟାନ ଦିଆଗଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବିଶେଷ ଉଦ୍ୟମ କ୍ରମେ ଓଡ଼ିଶା ପାଇଁ ହୀରାକୁଦ ଜଳବିଦ୍ୟୁତ୍ ପ୍ରକଳ୍ପ ମଞ୍ଜୁର କରାଯାଇ ପାରିଥିଲା । ଦେଶରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ପ୍ରଥମ ତିନିଗୋଟି ଜଳବିଦ୍ୟୁତ୍ ଯୋଜନା ମଧ୍ୟରୁ ଏହା ଅନ୍ୟତମ । ଏ ଯୋଜନାର ବିଦ୍ୟୁତ୍ ଉତ୍ପାଦନ ସମ୍ଭାବନା ୩,୫୦,୦୦୦ କିଲୋୱାଟ୍ ବୋଲି ଆଟକଳ କରାଯାଇଥିଲା । ଏହି ସମୟରୁ ଓଡ଼ିଶାରେ ଶିଳ୍ପ ବିକାଶର ଆରମ୍ଭ ହେଲା ବୋଲି କହିଲେ ଠିକ୍ ହେବ । ସେତେବେଳେ ଓଡ଼ିଶାରେ ଗୋଟିଏ କାଗଜକଳ ଓ ଗୋଟିଏ ଛୋଟ ଚିନି କାରଖାନା ବ୍ୟତୀତ ଅନ୍ୟ କୌଣସି ଶିଳ୍ପ ନ ଥିଲା। ହୀରାକୁଦ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଶିଳ୍ପାୟନ ପ୍ରକ୍ରିୟା ଗତିଶୀଳ ହେଲା । ହୀରାକୁଦ୍ ବନ୍ଧ ନିର୍ମାଣ ପାଇଁ ରାଜଗାଙ୍ଗପୁରଠାରେ ସିମେଣ୍ଟ କାରଖାନା ସ୍ଥାପନ କରିବା ଦରକାର ପଡ଼ିଲା । ଯେତେବେଳେ କି "ଯୌଥ ଉଦ୍ୟୋଗ" କଥା ଜଣା ନ ଥିଲା ସେତେବେଳେ ଏହା ଦେଶର ବୋଧହୁଏ ପ୍ରଥମ "ଯୌଥ ଉଦ୍ୟୋଗ" ଯୋଜନା ଥିଲା । ହୀରାକୁଦ ପଛେ ପଛେ ମାଛକୁଣ୍ଡ ଜଳବିଦ୍ୟୁତ୍ ଯୋଜନା କାର୍ଯ୍ୟକାରୀ ହେଲା । ତାହାପରେ ବାଲିମେଳା ଜଳବିଦ୍ୟୁତ୍ ଯୋଜନା ଓ ତାଳଚେର ତାପଜ ବିଦ୍ୟୁତ୍ ଯୋଜନା କାର୍ଯ୍ୟକାରୀ ହେଲା । ହୀରାକୁଦ ବିଦ୍ୟୁତ୍ ଶକ୍ତିକୁ ପ୍ରଥମେ ବନ୍ଧ ନିକଟବର୍ତ୍ତୀ ସ୍ଥାନରେ ବ୍ୟବହାର କରିବା ପାଇଁ ବନ୍ଧ ନିକଟରେ ୧୦,୦୦୦ ଟନ୍ ଉତ୍ପାଦନକ୍ଷମ ଏକ ଆଲୁମିନିୟମ କାରଖାନା ବସାଗଲା । ଏହାପରେ ବିପୁଳ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବା ଶିଳ୍ପସବୁ, ଯଥା–ଯୋଡ଼ା ଓ ରାୟଗଡ଼ାଠାରେ ଫେରୋ ମାଙ୍ଗାନିଜ୍ କାରଖାନା, ଥେରୁବାଲିଠାରେ ଫେରୋସିଲିକନ୍ କାରଖାନା ଓ ଯାଜପୁର ରୋଡ଼ ନିକଟରେ ଫେରୋକ୍ରୋମ କାରଖାନା ସ୍ଥାପିତ ହେଲା । ରାଉରକେଲାଠାରେ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ପ୍ରଥମ ଇସ୍ପାତ କାରଖାନା ସ୍ଥାପିତ ହେବା ଫଳରେ ହୀରାକୁଦ ବିଦ୍ୟୁତ୍ ଶକ୍ତି ବିନିଯୋଗ ଚରମ ପର୍ଯ୍ୟାୟରେ ପହଞ୍ଚିଲା । ଉପରୋକ୍ତ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ଫଳରେ ଯେଉଁ ଶିଳ୍ପଗୁଡ଼ିକ ଓଡ଼ିଶାରେ ମୁଣ୍ଡ ଟେକି ଛିଡ଼ାହେଲେ ସେଗୁଡ଼ିକ ମଧ୍ୟରେ ମୁଖ୍ୟ କେତୋଟି ହେଲେ ୩ଟି ସାରକାରଖାନା, ଦୁଇଟି କାଗଜକଳ, ଗୋଟିଏ ଡ଼ିଟୋନେଟର କାରଖାନା, ୩ଟି ଲୁଗାକଳ, ଗୋଟିଏ ଗୁରୁ କଳକବ୍ଜା ନିର୍ମାଣ କାରଖାନା, ଦୁଇଟି ଚିନି କାରଖାନା, ଗୋଟିଏ ଟିଭି କାରଖାନା, ୫ଟି ରିଫ୍ରାକ୍ଟରି କାରଖାନା ଓ ଗୋଟିଏ ଏରୋ-ଇଂଜିନ୍ କାରଖାନା । ପରିଶେଷରେ ହୀରାକୁଦ ଯୋଜନାର ଅନୁପୂରକ ଭାବେ ଭାରତର ଗଭୀରତମ ବନ୍ଦର ପାରାଦୀପଠାରେ ନିର୍ମିତ ହେଲା । ଫଳରେ ଓଡ଼ିଶାର ବୈଦେଶିକ ବାଣିଜ୍ୟ ପାଇଁ ବାଟ ଫିଟିଲା । କହିବା ବାହୁଲ୍ୟ ଯେ ଉପରୋକ୍ତ ବିଦ୍ୟୁତ୍ ପ୍ରକଳ୍ପ ଯୋଗୁଁ ଭବିଷ୍ୟତରେ ଦ୍ରୁତ ବିକାଶ ପାଇଁ ଏକ ମଜବୁତ୍ ମୂଳଦୁଆ ପଡ଼ିଲା । ବର୍ତ୍ତମାନର ସରକାର ୧୯୮୦ ଜୁନ୍ ମାସରେ ଶାସନ କ୍ଷମତା ଗ୍ରହଣ କଲା ବେଳକୁ ଶିଳ୍ପ ବିକାଶର ପୃଷ୍ଠଭୂମିଟି କିପରି ଥିଲା ତାହା ଏଥିରୁ ଅନୁମେୟ ।

**ସାଂପ୍ରତିକ କାର୍ଯ୍ୟକଳାପ ଓ ସଫଳତା**—ଶିଳ୍ପ ବିକାଶ ଦିଗରେ ନବାଗତ ହେଲେ ମଧ୍ୟ ପ୍ରଥମ ଓ ଦ୍ୱିତୀୟ ଯୋଜନା କାଳରେ ବେଶ୍ ଅଗ୍ରଗତି କରିଛି । ଏଥି- ଭିତରେ ଦେଖାଦେଲା ଏକ ସ୍ଥାଣୁ ଅବସ୍ଥା କିନ୍ତୁ ସେତେବେଳେ ଜଣେ ଶିଳ୍ପପତି ଶାସନର ଦାୟିତ୍ୱ ନେଇଥିବା ଯୋଗୁଁ ସୁନାବେଡ଼ାଠାରେ ଏରୋ-ଇଂଜିନ୍ କାରଖାନା ସ୍ଥାପନ ସମ୍ଭବ ହୋଇଥିଲା । ଶିଳ୍ପ କ୍ଷେତ୍ରରେ ବହୁତ କିଛି ବିକାଶ ଘଟିବ ଏବଂ ଓଡ଼ିଶା ବିଶେଷ ସମୃଦ୍ଧିଶାଳୀ ହେବ ବୋଲି ଆଶା କରିଥିଲେ । ବହୁତ ଧୁମ୍ ଧାମ୍ ହେଲା କିନ୍ତୁ କାମରେ ବିଶେଷ କିଛି ହେଲାନାହିଁ । ବର୍ତ୍ତମାନର ସରକାର କ୍ଷମତାକୁ ଆସିଲା ବେଳକୁ ଓଡ଼ିଶା ପୂର୍ବବତ୍ ସ୍ଥାଣୁ ଅବସ୍ଥାରେ ରହିଥିଲା ।

ନୂଆହୋଇ ଗଢ଼ା ହୋଇଥିବା ସରକାରରେ ଅଧିକାଂଶ ସଭ୍ୟ ନୂଆ ଥିଲେ ବି କିନ୍ତୁ ସେ ସରକାରର ନେତୃତ୍ୱ ନେଇଥିଲେ । ଜଣେ ଉତ୍ସାହୀ ଯୁବକ ଯେକି କେନ୍ଦ୍ର ସରକାରଙ୍କ ମନ୍ତ୍ରୀରୂପେ ଶାସନ କାର୍ଯ୍ୟରେ ବହୁ ଦର୍ଶିତା ଲାଭକରିଥିଲେ । ସେ ମୁଖ୍ୟମନ୍ତ୍ରୀ ହେବା ପରେ ପରେ "ହଜାରେ କୋଟି ଟଙ୍କା ବିନିଯୋଗରେ ହଜାରେ ଦିନରେ ହଜାରେ ଶିଳ୍ପ ସ୍ଥାପନ" ପାଇଁ ଏକ ସାହସିକ ଘୋଷଣା କଲେ । ଏହି ଘୋଷଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ଶିଳ୍ପପତିମାନଙ୍କ ମହଲରେ ଏହି ଘୋଷଣା ଗୋଟିଏ ଲକ୍ଷ୍ୟ ବୋଲି ଯେ କେବଳ ମନେ କରାଗଲା ତାହା ନୁହେଁ, ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ପାଇଁ ଏହା ଅଭିପ୍ରେତ ବୋଲି ସେମାନେ ମନେକଲେ । କେତେକ ଲୋକ ଏହି ଘୋଷଣାକୁ ଥଟ୍ଟା କଲେ ଓ ଏହା ବାସ୍ତବରେ କାର୍ଯ୍ୟକାରୀ ହେବା ବିଷୟରେ ସନ୍ଦେହ ପ୍ରକାଶ କଲେ । ମୁଖ୍ୟମନ୍ତ୍ରୀଙ୍କର କେତେକ ଶୁଭେଚ୍ଛୁ ମନେକଲେ ଯେ ଓଡ଼ିଶାରେ ବିପୁଳ ପ୍ରାକୃତିକ ସମ୍ପଦକୁ ଉପଯୋଗ କରି ଯଦିଓ ୧୦୦୦ ଶିଳ୍ପ ନିଶ୍ଚୟ ସ୍ଥାପିତ ହୋଇପାରିବ ତଥାପି ଏ କାର୍ଯ୍ୟ ସମୟସାପେକ୍ଷ ହେବ ।

ଓଡ଼ିଶା ଭଳି ଏକ ଗରିବ ରାଜ୍ୟ ପକ୍ଷରେ ୧୦୦୦ କୋଟି ଟଙ୍କା ପୁଞ୍ଜି ଉଠାଇବା ଏକ ଦୁରୂହ କାର୍ଯ୍ୟ । ବର୍ତ୍ତମାନର ସରକାର ମାତ୍ର ବର୍ଷେ ହେଲା ଶାସନକୁ ଆସି କ'ଣ କରି ପାରିଛନ୍ତି ଏଠାରେ ସେ କଥା ଆଲୋଚନା କରାଯାଉ ।

ଶିଳ୍ପ ବିକାଶର ଗତି ତ୍ୱରାନ୍ୱିତ କରିବା ପାଇଁ ସରକାର ଗୋଟିଏ ଅତି କୋହଳିଆ ଶିଳ୍ପ ନୀତି ଘୋଷଣା କଲେ । ଏହା ୧୯୮୦ ଅଗଷ୍ଟ ମାସଠାରୁ କାର୍ଯ୍ୟକାରୀ ହେଲା । ଏହି ଶିଳ୍ପ ନୀତିରେ ଉଦାରଭାବେ ପ୍ରୋତ୍ସାହନ ପ୍ରଦାନ ପାଇଁ ଯେଉଁ ଘୋଷଣା କରାଗଲା ବିଭିନ୍ନ ରାଜ୍ୟ ସରକାର ମଧ୍ୟ ଉଣା ଅଧିକେ ଏହିପରି ଘୋଷଣା କରିଛନ୍ତି । ତାହା ହେଲେ ମଧ୍ୟ ଏହି ନୂଆ ଶିଳ୍ପ ନୀତିରେ ସବୁଠାରୁ ବେଶୀ ଉଲ୍ଲେଖଯୋଗ୍ୟ କଥା ହେଉଛି ସମୁଦାୟ ଶିଳ୍ପ ସଂଗଠନର ଦୃଢ଼ ପୁନର୍ଗଠନ । ଏପରି ପୁନର୍ଗଠନ ଫଳରେ ଗୋଟିଏ ମାତ୍ର କର୍ତ୍ତୃପକ୍ଷ ଜଣେ ଶିଳ୍ପୋଦ୍ୟୋଗୀର ସବୁପ୍ରକାର ସମସ୍ୟା ପ୍ରତି ଧ୍ୟାନ ଦେବେ ଏବଂ ପୂର୍ବରୁ ବିଭିନ୍ନ ସମସ୍ୟା ପାଇଁ ଯେପରି ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବାକୁ ପଡୁଥିଲା ଆଉ ସେପରି ହେବନାହିଁ । ଗୋଟିଏ ଶିଳ୍ପ ସ୍ଥାପନ ପାଇଁ ସମସ୍ତ ବ୍ୟାପାର ଚୂଡ଼ାନ୍ତ କରିବା ପାଇଁ ୨୧ ଦିନ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା । ଏହି ନୀତି ପ୍ରକୃତରେ କେତେ-ଦୂର ଅନୁସୃତ ହୋଇଛି ତାହାର ପରୀକ୍ଷା ନିରୀକ୍ଷା କରାଯିବା ଆବଶ୍ୟକ । କିନ୍ତୁ ଏହା ନିଃସନ୍ଦେହ ଯେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦିଷ୍ଟରୂପେ ତ୍ୱରାନ୍ୱିତ ହୋଇଛି । ଜଡ଼ତା ଓ ନିଷ୍କ୍ରିୟତା ପରିବର୍ତ୍ତେ ସର୍ବତ୍ର କର୍ମମୁଖରତା ପ୍ରକାଶ ପାଇଛି । ଫଳରେ ଭାବୀ ଉଦ୍ୟୋଗକାରୀମାନଙ୍କ ମଧ୍ୟରେ ଅନୁକୂଳ ମନୋଭାବ ସୃଷ୍ଟି ହୋଇଛି । ଓଡ଼ିଶା ପ୍ରତି ଶିଳ୍ପୋଦ୍ୟୋଗୀ-ମାନଙ୍କୁ ଆକୃଷ୍ଟ କରିବା ପାଇଁ ଗୋଟିଏ ଅତି ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ବହୁ ଶିଳ୍ପପତି ନାନା ପ୍ରସ୍ତାବ ନେଇ ଓଡ଼ିଶାକୁ ଆସିଥିବାରୁ ଏହା ଭଲରୂପେ ପ୍ରମାଣିତ ହୋଇଛି ।

ଶିଳ୍ପ କ୍ଷେତ୍ରରେ ସରକାର କେତେଦୂର ସାଫଲ୍ୟ ଅର୍ଜନ କରିଛନ୍ତି ଗତ ଏକ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ଶିଳ୍ପ ପ୍ରବର୍ତ୍ତନକାରୀ ତଥା ନିର୍ବାହୀ ସଂସ୍ଥା ଓ ଅର୍ଥଲଗାଣକାରୀ ସଂସ୍ଥାଙ୍କ କାର୍ଯ୍ୟକଳାପରୁ ତାହା ସୁସ୍ପଷ୍ଟ ହୋଇ ପାରିବ ।

ଏ ସଂକ୍ରାନ୍ତ ବିବରଣୀ ସଂକ୍ଷେପରେ ନିମ୍ନରେ ଦିଆଗଲା ।

### କାର୍ଯ୍ୟ ସଂପାଦନ ସଂପର୍କିତ ତଥ୍ୟ

| ସଂସ୍ଥା | ଗ୍ରହଣ କରିଥିବା ପରିକଳ୍ପନା | କାର୍ଯ୍ୟକାରୀ ହେଉଥିବା କିମ୍ବା ଚିହ୍ନଟ ହୋଇଥିବା ଯୋଜନା | ଖର୍ଚ୍ଚ ବରାଦ (କୋଟି ଟଙ୍କା ଆକାରରେ) | ନିଯୁକ୍ତି ସମ୍ଭାବନା | ମନ୍ତବ୍ୟ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୧ ଶିଳ୍ପ ଉନ୍ନୟନ ନିଗମ (ଇଡ୍‌କଲ) | ୮ | ୩୨ | ୪୧ | ୫୦,୦୦୦ | ସରକାରୀ ଶିଳ୍ପ ପାଇଁ ରାଜ୍ୟର ଅଗ୍ରଗାମୀ ସଂସ୍ଥା |
| ୨ ଶିଳ୍ପ ବିକାଶ ବିନିଯୋଗ ନିଗମ (ଇପିକଲ୍) | ୩୯ | ୧୪୪ | ୧୦୪<br>୭୩୨ | ୫,୧୦୦<br>୩୨,୦୦୦ | ବେସରକାରୀ ଓ ମିଳିତ ଉଦ୍ୟୋଗ ପାଇଁ ମୁଖ୍ୟ ବିକାଶମୂଳକ ସଂସ୍ଥା । |
| | | ୧୯୮୦-୮୧ | | | |
| ୩ ଓଡ଼ିଶା ରାଜ୍ୟ ଅର୍ଥ ନିଗମ | ଶିଳ୍ପ ସଂସ୍ଥା ସଂଖ୍ୟା ୭,୫୬୫ | ମଞ୍ଜୁର ହୋଇଥିବା ଋଣ ୨୯.୩୭ କୋଟି | .. | ଆଦାୟ ହୋଇଥିବା ଋଣ ୬.୧୨ କୋଟି | ବେସରକାରୀ ଯୋଜନା ପାଇଁ ମୁଖ୍ୟ ଅର୍ଥ ଲଗାଣ ସଂସ୍ଥା ଆଇ. ଡି. ବି. ଆଇ. ଅଧୀନରେ ପୁନଃ ଅର୍ଥଲଗାଣ ସଂସ୍ଥା । |

| (୧) | (୨) | (୩) | (୪) | (୫) | (୬) |
|---|---|---|---|---|---|
| ୪ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ | ଲକ୍ଷ୍ୟ-୧୯୮୦ ସାଫଲ୍ୟ ୨,୦୦୩ | ଲକ୍ଷ୍ୟ ୯.୯ ସାଫଲ୍ୟ ୮୧୩.୧ | .. | ୧୧,୦୮୦ ୧୪,୮୪୦ | ଚମତ୍କାର ସାଧିତ ହୋଇଛି ଧାର୍ଯ୍ୟ ଲକ୍ଷ୍ୟଠାରୁ ସାଫଲ୍ୟ ଖୁବ୍ ଅଧିକ |
| ୫ କାରିଗରୀ ଓ କ୍ଷୁଦ୍ର ଉଦ୍ୟୋଗ | ଲକ୍ଷ୍ୟ ୧୮,୫୦୦ ସାଫଲ୍ୟ ୩୨,୭୪୪ | ୧.୮୫ ସାଫଲ୍ୟ ୩.୭୩ | .. | ୨୭,୭୫୦ ସାଫଲ୍ୟ ୫୪,୮୭୦ | ଧାର୍ଯ୍ୟ ଲକ୍ଷ୍ୟ ଠାରୁ ସାଫଲ୍ୟ ପ୍ରାୟ ୨ ଗୁଣ |

ବର୍ଷକ ମଧ୍ୟରେ କିପରି ବିଶେଷ ଅଗ୍ରଗତି ଘଟିଛି ତାହା ଉପରୋକ୍ତ ବିବରଣୀରୁ ପରିଷ୍କାର ଜଣାପଡ଼ିବ ।

ଓଡ଼କଲ ଅଧୀନରେ ପରିଚାଳିତ ସର୍ବପ୍ରଧାନ ଯୋଜନାଗୁଡ଼ିକ ହେଲା, ଧାନମଣ୍ଡଳଠାରେ କୋଣାର୍କ ଝୋଟ କଳ, ବରଗଡ଼ଠାରେ ହୀରା ସିମେଣ୍ଟ କାରଖାନା ଓ ଯାଜପୁର ରୋଡ଼ରେ ଫେରୋକ୍ରୋମ କାରଖାନା । ଇପିକଲ ଅଧୀନରେ ପରିଚାଳିତ ପ୍ରଧାନ ପ୍ରଧାନ ଯୋଜନା ହେଲା, କେନ୍ଦୁଝରଠାରେ ସ୍ପଞ୍ଜ୍ ଲୁହା କାରଖାନା, ରାଉରକେଲାଠାରେ ଟ୍ୟୁବ୍ କାରଖାନା, ଢେଙ୍କାନାଳଠାରେ ରିଫ୍ରାକ୍ଟୋରୀ କାରଖାନା, କୋରାପୁଟଠାରେ ତୈଳ ଶିଳ୍ପ ଓ କାଗଜ କଳ ଏବଂ ବଲାଙ୍ଗିରଠାରେ ବନସ୍ପତି କାରଖାନା ।

**ଆନୁଷଙ୍ଗିକ ଶିଳ୍ପ**—ବର୍ତ୍ତମାନର ସରକାର ରାଉରକେଲା, ପାରାଦୀପ, ତାଳଚେର, ମଞ୍ଚେଶ୍ୱର, ଛତ୍ରପୁର, ସୁନାବେଡ଼ା ଓ ଚନ୍ଦକାଠାରେ ବୃହତ୍ ଶିଳ୍ପ କାରଖାନା ନିକଟରେ ଆନୁଷାଙ୍ଗିକ ଓ ସହାୟକ ଶିଳ୍ପ ସ୍ଥାପନ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି

ବୃହତ ଶିଳ୍ପଗୁଡ଼ିକର ଆବଶ୍ୟକତା ତୁଲାଇବା ଲାଗି ସେଗୁଡ଼ିକ ନିକଟରେ କ୍ଷୁଦ୍ର ଶିଳ୍ପମାନ ଗଢି ଉଠିଛି । ତାହା ବ୍ୟତୀତ ରାଉରକେଲାସ୍ଥିତ ବିକାଶ କେନ୍ଦ୍ର ନିମନ୍ତେ ୫ ଗୋଟି ମଧ୍ୟମ ଧରଣର ଶିଳ୍ପ ଚିହ୍ନଟ କରାଯାଇଛି । ମଞ୍ଚେଶ୍ୱରଠାରେ ହେଉଥିବା ରେଳ ଡବା ମରାମତି କାରଖାନା ପାଇଁ ରେଳ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇ ଅନୁରୂପ କାର୍ଯ୍ୟାନୁଷ୍ଠାନ କରାଯାଉଛି । ଛତ୍ରପୁରଠାରେ ହେବାକୁ ଥିବା ବାଲୁକା ପ୍ରକଳ୍ପ ପାଇଁ ଦସ୍ତୁର ଏଣ୍ଡ କୋ ୧୦ ଗୋଟି ସହାୟକ ଶିଳ୍ପ ସହିତ ଗୋଟିଏ ସର୍ବୋତ୍ତମ ଯୋଜନା (ମାଷ୍ଟର ପ୍ଲାନ) ପ୍ରସ୍ତୁତ କରିଛନ୍ତି । ଏହି ପ୍ରକଳ୍ପରେ ୧୬୬ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରା ଯାଇଛି । ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଗୁଆ ଅନୁଧ୍ୟାନକାରୀ ଦଳ (ଟାସ୍କ ଫୋର୍ସ) ଚନ୍ଦକାଠାରେ ସ୍ଥାପିତ ହେବାକୁ ଯାଉଥିବା ନିଉକ୍ଲିୟସ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୬୭ କୋଟି ଟଙ୍କା ବ୍ୟୟ ସମ୍ବଳିତ ୧୦ ଗୋଟି ମଧ୍ୟମ ଧରଣର ଶିଳ୍ପ ଚିହ୍ନଟ କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ୧୯୪ଟି ସାହାଯ୍ୟକାରୀ ଶିଳ୍ପ କାର୍ଯ୍ୟକାରୀ ହେଉଛି । ସେମାନେ ବହୁ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଯୋଗାଉଛନ୍ତି ।

**ବୟନ ଓ ହସ୍ତ ତନ୍ତ**—ରାଜ୍ୟରେ ଥିବା ୫ଟି ଲୁଗା କଳ ବ୍ୟତୀତ ତଫସିଲଭୁକ୍ତ ଜାତିର ବୁଣାକାରମାନଙ୍କ ସମେତ ୩ ଲକ୍ଷରୁ ଊର୍ଦ୍ଧ୍ୱ ହସ୍ତ ତନ୍ତ ବୁଣାକାର ଅଛନ୍ତି । ବର୍ଷକ ମଧ୍ୟରେ ସେମାନଙ୍କ ଭିତରୁ ପ୍ରାୟ ୧୦,୦୦୦ ବୁଣାକାରଙ୍କୁ ୧୦୯ଟି ନୂଆ ସମବାୟ ସମିତିର ସଭ୍ୟ ଶ୍ରେଣୀଭୁକ୍ତ କରାଯାଇଥିଲା । ଏହା ଫଳରେ ଏଭଳି ସମବାୟ ସମିତିର ସଂଖ୍ୟା ୪୦୯ରେ ପହଞ୍ଚିଛି । ବୁଣାକାରମାନେ ୧୦୮ କୋଟି ଟଙ୍କା ମୂଲ୍ୟର ୨୩୪ ଲକ୍ଷ ମିଟର କପଡ଼ା ଉତ୍ପାଦନ କରି ପାରିଛନ୍ତି । ସମବାୟ ସଂସ୍ଥା ବାହାରେ ହସ୍ତ ତନ୍ତ ଉନ୍ନୟନ ନିଗମ ଅଧୀନରେ ୧,୧୬୯ ଟି ଅତିରିକ୍ତ ତନ୍ତ ଗତ ବର୍ଷ ଚାଲିଥିଲା । ଏହିସବୁ ତନ୍ତ ଯୋଗେ ବର୍ଷକ ମଧ୍ୟରେ ୧.୪୧ କୋଟି ଟଙ୍କା ମୂଲ୍ୟର ୨୩.୫ ଲକ୍ଷ ମିଟର କପଡ଼ା ଉତ୍ପାଦିତ ହୋଇ ପାରିଛି ।

ସବୁ ବୁଣାକାରଙ୍କୁ ନିଶ୍ଚିତ ରୂପେ ସୂତା ଯୋଗାଇଦେବା ସକାଶେ ନୂତନ ସରକାର ୫ଟି ସମବାୟ ସୂତା କଳ ସ୍ଥାପନ କରିବା ପାଇଁ ନିଷ୍ପତ୍ତି କଲେ । ପ୍ରତ୍ୟେକ କଳରେ ୨୫,୦୦୦ ତାକୁଡ଼ି ରହିବ ଏବଂ ଏସବୁ କଳ ବସାଇବାରେ ପ୍ରାୟ ୮ କୋଟି ଟଙ୍କା ଖର୍ଚ୍ଚ ହେବ । ଜଗତପୁରଠାରେ ମୁଖ୍ୟ ମନ୍ତ୍ରୀ ଗୋଟିଏ ସୂତା ପ୍ରସେସିଂ କାରଖାନା ଉଦ୍ଘାଟନ କରିଛନ୍ତି । ଏହି କ୍ଷେତ୍ରରେ ଅନୁପୋଷକ ତଥା ସାହାଯ୍ୟକାରୀ ଶିଳ୍ପମାନ ଗଢ଼ିବା ପାଇଁ ବହୁତ ଛିଡ଼ି କପିବାକୁ ହେବ ।

**ଶିଳ୍ପ ଭିତ୍ତିଭୂମିକ ବିକାଶ ନିଗମ**—ସରକାରଙ୍କ ବିପୁଳ ଶିଳ୍ପାୟନ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରିବା ଏବଂ ଦ୍ରୁତ ଗତିରେ ଶିଳ୍ପ ସ୍ଥାପନର ନିଶ୍ଚିତ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ସରକାର ଗୋଟିଏ ନୂଆ ନିଗମ ସ୍ଥାପନ କରିଛନ୍ତି । ଏହି

ନିଗମ ନୂଆ ନୂଆ ଶିଳ୍ପଗୁଡ଼ିକୁ ବିଭିନ୍ନ ସୁବିଧା ତଥା ଜମି, ବିଦ୍ୟୁତ, ପାଣି, ରାସ୍ତା ଓ ଘର ପ୍ରଭୃତି ଯୋଗାଇ ଦେବେ । ସମଗ୍ର ରାଜ୍ୟରେ ୫୦ଟି ବଛା ବଛା କେନ୍ଦ୍ରର ଉନ୍ନତି ବିଧାନ କରିବା ପାଇଁ ନିଗମ ତରଫରୁ ଯୋଜନା କରାଯାଉଛି । ଏ ପର୍ଯ୍ୟନ୍ତ ୬୯୭ ଟି କର୍ମଶାଳା ଥିବା ୨୩ ଗୋଟି ଶିଳ୍ପାଞ୍ଚଳରେ କାର୍ଯ୍ୟ ସମାପ୍ତ ହେଲାଣି ।

## କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ସ୍ଥାପିତ ଶିଳ୍ପ

ମୁଖ୍ୟମନ୍ତ୍ରୀ ଶିଳ୍ପ ସ୍ଥାପନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଉକ୍ତ ଶିଳ୍ପଗୁଡ଼ିକ ତହିଁର ଅନ୍ତର୍ଭୁକ୍ତ ନୁହେଁ । ତଥାପି ଗତ ବର୍ଷକ ମଧ୍ୟରେ ଶିଳ୍ପ ବିକାଶ ଦିଗରେ ହୋଇଥିବା ଅଗ୍ରଗତି ସଂପର୍କରେ ଏକ ପୂର୍ଣ୍ଣାଙ୍ଗ ଚିତ୍ର ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ସ୍ଥାପିତ ଶିଳ୍ପଗୁଡ଼ିକର ତାଲିକା ନିମ୍ନରେ ଦିଆଗଲା :—

| ପ୍ରକଳ୍ପ | ଅର୍ଥ ବିନିଯୋଗ (କୋଟି ଟଙ୍କା ହିସାବରେ) | ନିଯୁକ୍ତି ସମ୍ଭାବନା | ମନ୍ତବ୍ୟ |
|---|---|---|---|
| (୧) | (୨) | (୩) | (୪) |
| ୧ । କୋରାପୁଟରେ ଆଲୁମିନିୟମ୍ ପ୍ରକଳ୍ପ (ରେଳବାଇ ସମେତ) | ୧୫୦୦ | .. | ତା ୨୯-୩-୧୯୮୧ରେ ପ୍ରଧାନ ମନ୍ତ୍ରୀଙ୍କଦ୍ୱାରା ଶିଳାନ୍ୟାସ । |
| ୨ । ଫସ୍‌ଫେଟିକ୍ ସାର କାରଖାନା, ପାରାଦୀପ । | ୧୯୦ | .. | ଏ କାମ ଆରମ୍ଭ ହେଲାଣି । ଦୁଇ ପର୍ଯ୍ୟାୟରେ ୩ ଲକ୍ଷ ଟନ୍‌ର ଉତ୍ପାଦନ ସାମର୍ଥ୍ୟ ପବ୍ଲିକ୍ ଇନ୍‌ଭେଷ୍ଟମେଣ୍ଟ ଦ୍ୱାରା ମଞ୍ଜୁର ହୋଇ ସାରିଲାଣି । କାମ ଶୀଘ୍ର ଆରମ୍ଭ ହେବ । |
| ୩ । ପାରାଦୀପଠାରେ ବନ୍ଦର ଭିତ୍ତିକ ଇସ୍ପାତ କାରଖାନା । | ୩୦୦୦ | ୩୦,୦୦୦ | ଚୂଡ଼ାନ୍ତ ନିଷ୍ପତ୍ତି ଶୀଘ୍ର ହେବାର ଆଶା । |
| ୪ । ପାରାଦୀପଠାରେ ଜାହାଜ ନିର୍ମାଣ କାରଖାନା । | .. | .. | କେନ୍ଦ୍ର ସରକାରଙ୍କ ସକ୍ରିୟ ବିଚ୍ଚାରାଧୀନ । |
| ୫ । ରେଳଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର । | ୮.୮ | ୩,୫୦୦ | କାମ ଶେଷ ହେବା ଉପରେ । |
| ୬ । ବାଲୁକା ପ୍ରକଳ୍ପ, ଛତ୍ରପୁର .. | .. | .. | କାମ ଦ୍ରୁତ ଗତିରେ ଆଗେଇ ଚାଲିଛି । ୧୬୬ କୋଟି ଟଙ୍କା ଖର୍ଚ୍ଚରେ ୧୦ ଟି ସହାୟକ ଶିଳ୍ପ ପାଇଁ ଯୋଜନା କରାଯାଇଛି । |
| ୭ । ନଲକ୍ଷ୍ଟିୟସ୍ ଶିଳ୍ପ ପ୍ରକଳ୍ପ .. | ୬୬ | ୬,୫୦୦ | ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଆଗୁଆ କର୍ମଚାରୀ ଦଳ ୧୦ ଗୋଟି ମଧ୍ୟମ ଧରଣର ଶିଳ୍ପ ଚିହ୍ନଟ କରିଛନ୍ତି । ଏହି ପ୍ରକଳ୍ପର ଚତୁଃ ପାର୍ଶ୍ୱରେ ଆନୁମାନିକ ୫ କୋଟି ଟଙ୍କା ବ୍ୟୟରେ ୬୦ଟି ଆନୁଷଙ୍ଗିକ ଶିଳ୍ପ ସ୍ଥାପିତ ହେବ । ଏହିସବୁ ଶିଳ୍ପ ଯୋଗେ ପ୍ରାୟ ୨,୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ । |

**ମୂଲ୍ୟାଙ୍କନ ଓ ଭବିଷ୍ୟତସମ୍ଭାବନା**—ପ୍ରଥମତଃ କୁହାଯାଇଛି ଯେ ଲେଖକଙ୍କର ବିଗତ ପ୍ରାୟ ୪୦ ବର୍ଷ ଧରି ଶିଳ୍ପ, ବୈଷୟିକ ତାଲିମ୍ ବିଦ୍ୟୁତ ଉତ୍ପାଦନ ଓ ବନ୍ଦର ଉନ୍ନୟନ ପ୍ରଭୃତି ବିଷୟରେ ଅଭିଜ୍ଞତା ରହିଛି । ବର୍ତ୍ତମାନର ସରକାରଙ୍କ ଶିଳ୍ପ ବିକାଶ କାର୍ଯ୍ୟକଳାପ ନିରୀକ୍ଷଣ କରି ଗତ ବର୍ଷକ ମଧ୍ୟରେ ସରକାରଙ୍କ ଦ୍ୱାରା ସଂପାଦିତ ହୋଇଥିବା କାର୍ଯ୍ୟକଳାପ ସମ୍ବନ୍ଧରେ ଏକ ସମୀକ୍ଷା କରିବା ତାଙ୍କ ପକ୍ଷରେ ସମୀଚୀନ ହେବ । ମୁଖ୍ୟ ମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟତଃ ଜଣେ ସାମ୍ବାଦିକ । ସମ୍ବାଦ ସଂସାର ଲୋକମାନେ ସାଧାରଣତଃ କାମ ଅପେକ୍ଷା କଥା ବେଶୀ କରି ଥାନ୍ତି । କିନ୍ତୁ ଏହି ମୃଦୁଭାଷୀ ଭଦ୍ରବ୍ୟକ୍ତି ଜଣେ ଭିନ୍ନ ସ୍ୱଭାବର ଲୋକ । ସେ ଯେତେ ଦିନ ପର୍ଯ୍ୟନ୍ତ କେନ୍ଦ୍ରରେ ମନ୍ତ୍ରୀ ଥିଲେ ସେତେଦିନ ଯାଏ ନିଜର କାର୍ଯ୍ୟଦକ୍ଷତାର ପରିଚୟ ଦେଇଛନ୍ତି ଏବଂ ଜଣେ ଦକ୍ଷ ପ୍ରଶାସକ ରୂପେ ପ୍ରମାଣିତ ହୋଇଛନ୍ତି । ସେ ତାଙ୍କର ଜେତେ ପୂର୍ବାଧିକାରୀମାନଙ୍କ ଅପେକ୍ଷା ଓଡ଼ିଶା ପାଇଁ ଅଧିକ କାମ କରିଛନ୍ତି । ସ୍ୱାଧୀନତା ପରେ ଓଡ଼ିଶାର ପ୍ରଥମ ରାଜ୍ୟପାଳ ରୂପେ ନିଯୁକ୍ତ ହୋଇଥିବା ସାର ଚନ୍ଦ୍ରଲାଲ ତ୍ରିବେଦୀ (ଦେଶରକ୍ଷା ବିଭାଗର ପୂର୍ବତନ ସଚିବ) ଙ୍କ ସମୟରୁ ଆରମ୍ଭ କରି ଆମେ ଚିଲିକା ହ୍ରଦ ନିକଟରେ ଏକ ନୌ ବାହିନୀ ତାଲିମ୍ କେନ୍ଦ୍ର ନିର୍ମାଣ ପାଇଁ ଚେଷ୍ଟା କରି ଆସିଥିଲୁ । ଏପରିକି ଭାରତୀୟ ନୌ ବାହିନୀର ସର୍ବଶେଷ ଇଂରେଜ ମୁଖ୍ୟ କମାଣ୍ଡର ପେରି ଯେ କି ଚିଲିକା କୂଳରେ ବହୁ ଦିନ ରହି, ଏ ଦିଗରେ କୌଣସି ସାହାଯ୍ୟ କରି ପାରି ନ ଥିଲେ । କିନ୍ତୁ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଦେଶରକ୍ଷା ବିଭାଗର ଦାୟିତ୍ୱ ନେବା ମାତ୍ରେ ଚିଲିକାଠାରେ ଯେ କେବଳ ନୌବାହିନୀ ବାଳକ ତାଲିମ ସ୍କୁଲ ସ୍ଥାପନ କରାଇ ପାରିଲେ ତାହା ନୁହେଁ, କୋରାପୁଟଠାରେ ଗୋଟିଏ ନୌବାହିନୀ ଭଣ୍ଡାର ସ୍ଥାପନ କରାଇବା ସଂଗେ ସଂଗେ ଚାନ୍ଦିପୁରଠାରେ ପ୍ରୁଫ୍ ଓ ଏକ୍ସପେରିମେଣ୍ଟାଲ କେନ୍ଦ୍ରର ସଂପ୍ରସାରଣ ମଧ୍ୟ ଘଟାଇଥିଲେ । ଦେଶରକ୍ଷା କାର୍ଯ୍ୟକଳାପ ଗୋପନୀୟ ହୋଇଥିବା କାରଣରୁ ଓଡ଼ିଶାର ଖୁବ୍ କମ୍ ଲୋକ ଏହିସବୁ ଘଟଣା ଜାଣନ୍ତି । ଏହା ବ୍ୟତୀତ କେନ୍ଦ୍ର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ବିଭାଗର ମନ୍ତ୍ରୀ ଥିବାବେଳେ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ବିଶେଷ କର୍ମ ତତ୍ପରତା ପ୍ରକାଶ କରିଥିଲେ । ବର୍ତ୍ତମାନ ଭୁବନେଶ୍ୱରଠାରେ ଆଇ. ଟି. ଡ଼ି. ସି. ଆନୁକୂଲ୍ୟରେ କଳିଙ୍ଗ ଅଶୋକ ହୋଟେଲ ପରିଚାଳିତ ହେଉଛି । ଦିଲ୍ଲୀ ଓ ଭୁବନେଶ୍ୱର ମଧ୍ୟରେ ସିଧା ସଳଖ ବୋଇଂ ଯାତ୍ରୀବାହୀ ବିମାନ ମଧ୍ୟ ଚଳାଚଳ କରୁଛି । ଫଳରେ ଓଡ଼ିଶାକୁ ବହୁ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଭ୍ରମଣରେ ଆସୁଛନ୍ତି ।

ଏହିସବୁ ନିର୍ଦ୍ଦିଷ୍ଟ ସାଫଲ୍ୟ ଯୋଗୁଁ ଜାଣିବା ଶୁଣିବା ମହଲରେ ବିରାଟ ଆଶାର ସଂଚାର ହୋଇଛି ଯେ ନୂତନ ମୁଖ୍ୟ ମନ୍ତ୍ରୀ ଓଡ଼ିଶା ପାଇଁ ବହୁତ କିଛି କାମ କରି ପାରିବେ । ତାଙ୍କର ଅନ୍ୟାନ୍ୟ ନୀତି ସଂକ୍ରାନ୍ତ ସିଦ୍ଧାନ୍ତ ବ୍ୟତୀତ "୧,୦୦୦ କୋଟି ଟଙ୍କା ବ୍ୟୟରେ ୧,୦୦୦ ଦିନରେ ୧,୦୦୦ ଟି ଶିଳ୍ପ" ସ୍ଥାପନ କରିବାପାଇଁ ସେ ଯେଉଁ ଘୋଷଣା କରିଛନ୍ତି ତାହା ସମଗ୍ର ଦେଶକୁ ଚମକୃତ କରି ଦେଇଛି । ଏ ସଂପର୍କରେ ନାନା ମହଲରେ ସନ୍ଦେହ ପ୍ରକାଶ କରାଯାଇଛି । କିନ୍ତୁ ମାତ୍ର ୧ ବର୍ଷ ମଧ୍ୟରେ ତାଙ୍କର ପ୍ରେରଣାଦାୟକ ନେତୃତ୍ୱରେ ଯାହା କିଛି ସାଫଲ୍ୟ ହାସଲ ହୋଇଛି "(ବର୍ତ୍ତମାନର କାର୍ଯ୍ୟକଳାପ ଓ ସାଫଲ୍ୟ ଅନୁଚ୍ଛେଦ ଦ୍ରଷ୍ଟବ୍ୟ) ତାହା ଅତ୍ୟନ୍ତ ପ୍ରଶଂସନୀୟ ।

ବଳିନା ସୋୟାର ଭୁବନେଶ୍ୱର



ମୁଁ ଏପରି ଏକ ଭାରତ ପାଇଁ କାର୍ଯ୍ୟ କରିବି ଯେଉଁଠାରେ କି ଦରିଦ୍ରତମ ବ୍ୟକ୍ତି ମଧ୍ୟ ଏ ଦେଶକୁ ନିଜର ବୋଲି ଉପଲବ୍ଧି କରିବେ ଓ ଦେଶ ଗଠନରେ ତାଙ୍କ ମତର ମୂଲ୍ୟ ରହିଛି ବୋଲି ଅନୁଭବ କରିବେ । ଭାରତ ଏପରି ଗୋଟିଏ ରାଷ୍ଟ୍ର ହେବ ଯେଉଁଠାରେ କି ଉଚ୍ଚନୀଚ ଭେଦଭାବ ରହିବ ନାହିଁ । ଭାରତରେ ସବୁ ସଂପ୍ରଦାୟର ଲୋକମାନେ ପୁରାପୂରି ସୁଖ ସ୍ୱାଚ୍ଛନ୍ଦ୍ୟରେ ବସବାସ କରିପାରିବେ । ଭାରତରେ ଅସ୍ପୃଶ୍ୟତାର ନାମଗନ୍ଧ ରହିବ ନାହିଁ କି ନିଶାଦ୍ରବ୍ୟାଦି ସେବନ କରାଯିବ ନାହିଁ । ଏଠାରେ ସ୍ତ୍ରୀମାନେ ମଧ୍ୟ ପୁରୁଷମାନଙ୍କ ସହ ସମାନ ଅଧିକାର ଉପଭୋଗ କରି ପାରିବେ ।

ଗାନ୍ଧୀଜୀ

# ରାଜୁ ଭାଇନାଙ୍କ 'କାମଧେନୁ'

ଶ୍ରୀ କାର୍ତ୍ତିକ ଦାଶ

ସେଦିନ ମାର୍ଚ୍ଚ ୨୫ ତାରିଖ ।

ସନ୍ଧ୍ୟାବେଳେ ମୁଁ ଆମ ଦାଣ୍ଡ ପିଣ୍ଡାରେ ବସିଥାଏ । ଆମ ଗାଁର ରାଜୁ ଭାଇନା ଆସି ମୋ ପାଖରେ ବସିଲେ ଓ କହିବାକୁ ଲାଗିଲେ । ମୁଁ ଏଣିକି କେମିତି ଚଳିବି ? ଜମିତକ ବିକିଲି, ଲାଉଜଲ ଚୁନା ଜିନିଷତକ ଗଲା । ଘରେ ଯାହାକିଛି ବାସନ କୁସନ ଥିଲା, ସେତକ

ସତକଥା । ମୁଁ ଜାଣିଛି ସେ ଜଣେ ମାଟ୍ରିକ୍ ଫେଲ ବ୍ୟକ୍ତି । ରୋଷେଇଆ ମଧ୍ୟ । ଘରେ ତାଙ୍କର ବୃଦ୍ଧୀମା, ସ୍ତ୍ରୀ ନାମଜାଦା ଏବଂ ୫ଗୋଟି ଛୋଟ ଛୋଟ ପିଲା । ଜମିବାଡ଼ି ଯାହା କିଛି ଥିଲା ଘରେ ବସି ବସି ସେତକ ସାରିଛନ୍ତି । ଦୁର୍ଭାଗ୍ୟକୁ ବାହା ହେବାପରେ ବର୍ଷକୁ ବର୍ଷ ଗୋଟିଏ ପିଲା ହେଲେ । ତା' ପଛକୁ ବୁଢ଼ାବାପା ମଧ୍ୟ ମଲେ । ସାନ ଭଉଣୀର ବାହାଘର ହେଲା । ତେଣୁ ରାଜୁଙ୍କର



ସରିଛି । ବିଦେଶ କରେ ଏମାନେ କ'ଣ ଚଳେ ଚଳିପାରିବେ ? ବୋଲକୂଳ ଦେଖାଯାଉ ନାହିଁ । କଣ ଏବେ କରିବି ? ଏତିକି କହିବାପରେ ସେ ଏବଂ ମୁଁ ଭାବନାରେ ବୁଡ଼ିଗଲୁ ।

ଯାହା କିଛି ଗହଣା ଥିଲା, ଶୁଦ୍ଧଘର, ବାହାଘର ଇତ୍ୟାଦିରେ ବିକି ହୋଇଗଲା । ଆଉ ଘରେ ଯାହାକିଛି ବାସନ କୁସନ ଥିଲା ସେତକ ମଧ୍ୟ ବିକ୍ରିହୋଇ ଦୈନନ୍ଦିନ ଖର୍ଚ୍ଚ ମେଣ୍ଟାଇବାରେ ଅଥବା ବନ୍ଧୁ ବେଭାରରେ ଲାଗିଗଲା । ଖାଲି ଘରବାଡ଼ି ହୋଇ ପାଞ୍ଚଗୁଣ୍ଠ ମାତ୍ର ବର୍ତ୍ତମାନ ଅଛି ।

ଆଖପାଖ ଗାଁରେ ରୋଜିଗାର ହେଲେ ସେ ରୋଟପଇ କାମ କରି କିଛି ରୋଜଗାର କରନ୍ତି । କିନ୍ତୁ ସେତକ ସମୁଦ୍ରକୁ ଶଙ୍ଖେ ମାତ୍ର । କ'ଣ କହି ତାଙ୍କ ଦୁଃଖ ଲାଘବ କରିବି ଏକଥା ଭାବୁଛି । ହଠାତ୍ ସେ ମୋତେ କହିଲେ–ସରକାରଙ୍କର କ'ଣ ଗୋଟେ ଇ. ଆର.ଆର. ପି ସ୍କିମ୍ ବାହାରିଛି, ଯେଉଁଥିରେ ସୁବିଧା ଦରେ ଜର୍ସିଗାଈ ଲୋନ୍ ପାଇଁ ବାରିପାଗଣା ବି. ଡି. ଓ. କୁ ଗୋଟିଏ ଦରଖାସ୍ତ କରିଛି । ସରପଞ୍ଚ ମଧ୍ୟ ମୋ ଦରଖାସ୍ତ ଉପରେ ସୁପାରିଶ୍ କରିଛନ୍ତି । ସେ କେବେ ମିଳିବ, କିଏ ଜାଣେ ?

ମୁଁ କହିଲି–ଭାଇନା! ଇ. ଆର. ଆର. ପି. ସ୍କିମ୍ କ'ଣ ମୁଁ ସେ ବିଷୟରେ ଅଜ୍ଞ । ତଥାପି ଆଉ କିଛିଦିନ ଅପେକ୍ଷା କର । ନହେଲେ୍ ବି. ଡି. ଓ.ଙ୍କ ସହିତ ଦେଖା କରିବା । ମୋ କଥା'ନ'ସରୁଣୁ ଭାଇନାଙ୍କ ପୁଅ ତାଙ୍କୁ ଡାକିଲା । ସେ ମୋ ପାଖରୁ ଉଠି ଚାଲିଗଲେ । ମୁଁ ମଧ୍ୟ ଏକ ମାନସିକ ଦ୍ୱନ୍ଦ୍ୱରୁ ରକ୍ଷା ପାଇଗଲି ।

ମାର୍ଚ୍ଚ ୨୯ ତାରିଖ

ମୁଁ ଶୁଣିଲି ରାଜୁ ଭାଇନା ଯାଇଛନ୍ତି ଗାଈ ଆଣିବା ପାଇଁ । ମୁଁ ଯେତିକି ଆଶ୍ଚର୍ଯ୍ୟ ହେଲି, ସେତିକି ଆନନ୍ଦିତ ମଧ୍ୟ ହେଲି ।

ମାର୍ଚ୍ଚ ୩୦ ତାରିଖ ସକାଳ

ରାଜୁଭାଇନା ଗୋଟିଏ ଦୁହାଁଳିଆ ଜର୍ସି ଗାଈ ଏବଂ ବାଛୁରୀଟି ଧରି ଗାଁରେ ଆସି ପହଞ୍ଚିଲେ । ମୁଁ ଦଉଡ଼ିଲି ତାଙ୍କ ଘରକୁ । ମୋ ସଙ୍ଗେ ସଙ୍ଗେ ଅନ୍ୟ ଗ୍ରାମବାସୀମାନେ ମଧ୍ୟ । ବାରିପଟେ ତାଙ୍କର ସୁନ୍ଦର ଜର୍ସି ଗାଈଟିଏ ବନ୍ଧା ହୋଇ ଘାସ ଖାଉଥିଏ । ପାଖରେ ତା'ର ବାଛୁରୀଟି ଖୁସୁର ଖୁସୁର ହୋଇ ଡେଇଁଥାଏ ! ରାଜୁଭାଇନାଙ୍କ ମୁହଁରେ ଆଶା ଭରସାର ଏକ ହସ ଲାଗି ରହିଥିଲା । ମୁଁ ମଧ୍ୟ ତାଙ୍କୁ ପଚାରିଲି-କ'ଣ ମିଳିଗଲା ?

ସରାଚ ଶାସନ
ଚଣାହଟା
ପୁରୀ

ଆନନ୍ଦରେ ସେ କହିଲେ- ହଁ ଭାଇ! ମୋ ପରିବାରଟି ଏଥିରେ ଖୁସିରେ ଚଳାଇ ହେବ । ଗାଈ, ତା'ର ଖାଦ୍ୟ ଓ ଗୁହାଳ ତିଆରି କରିବା ଲାଗି ସରକାର ଅନୁ ମୋଟରେ ତିନିହଜାର ଟଙ୍କା ଦେଲେ । ଖାଲି ଏତିକି । ଛଅମାସ ପରେ ଆଉ ଗୋଟିଏ କିସ୍ତି ଟଙ୍କା ମଧ୍ୟ ମିଳିବ ବୋଲି ଶୁଣୁଛି । ସମୁଦାୟ ସରକାର ଆମକୁ ଦେବେ ଆଠ ହଜାର ଟଙ୍କା । କିନ୍ତୁ ଆମଠାରୁ ନେବେ ମାତ୍ର ଦୁଇ ହଜାର ଟଙ୍କା । ଛଅ ହଜାର ଟଙ୍କା ଆମକୁ ରିହାତି ମିଳିବ । ମାସକୁ ମାତ୍ର ପଚାଶ ଟଙ୍କା ହିସାବରେ ଆମକୁ ଦୁଇ ହଜାର ଟଙ୍କା ଶୁଝିବାକୁ ପଡ଼ିବ ।

ମେ'ମାସ ୧୦ ତାରିଖ ।

ରାଜୁ ଭାଇନା ଗାଈ ବାଛୁରୀ ନେଇ ଆମ ଡୋରାରେ ଚରାଉ ଥାଆନ୍ତି । ମୁଁ ହାଟରୁ ଫେରୁଥାଏ । ମୋତେ ଦେଖି ସେ ପାଖକୁ ଡାକିଲେ । ମୁଁ ଗଲି । ତାଙ୍କ ମୁହଁରେ ସେଇ ହସ ଲାଗି ରହିଥାଏ । ପଚାରିଲି ଭାଇନା–ଏବେ କେମିତି ଚଳୁଛ ?

ମୋ କଥା ଶୁଣି ସେ କହିଲେ-ଏଇ "କାମଧେନୁ" ଯୋଗୁଁ । ଗାଈଟି ଦୈନିକ ଛଅ ଲିଟର କ୍ଷୀର ଦେଉଛି । ସେଥିରୁ ପାଞ୍ଚ ଲିଟର କ୍ଷୀର ବିକ୍ରିକରି ମୋର ବେଶ ଟଙ୍କା ଆସୁଛି । ସମସ୍ତ ଖର୍ଚ୍ଚ ଯାଇ ଦିନକୁ ଯୋଡ଼ିଏ ଟଙ୍କା ପାଶ୍ ବୁକ୍‌ରେ ରଖୁଛି ଏଇ ଗାଈ ପିଲାଏ ଛାଡ଼ିଲେ ମୋ ଭାତ କିଏ ଖାଇବ ?

ବୁଢ଼ୀ ମା' ତାଙ୍କର ତୋଟାରେ ବସି ସାନ ପିଲାଙ୍କୁ ଗେଲ କରୁଥାନ୍ତି । ସେ ତାଙ୍କ କଥାରେ ତାଳ ଦେଇ କହିଲେ–ପୁଅରେ! ସରକାର ଆମକୁ ବଞ୍ଚାଇ ଦେଲେ । ତାଙ୍କ କଥା ଶୁଣି ମୁଁ କହିଲି–ଖାଲି ତୁମକୁ କାହିଁକି ମା' ହଜାର ହଜାର ଲୋକ ଆଜି ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି ।

ସଞ୍ଜ ବୁଡ଼ି ଆସୁଥାଏ । ମୁଁ ରାଜୁ ଭାଇନାଙ୍କଠାରୁ ବିଦାୟନେଇ ଘରକୁ ଫେରିଲି ।

## ପ୍ରତ୍ୟେକ ବ୍ୟକ୍ତି ପାଇଁ ଉପଦେଶ

"ମାନବିକ କ୍ରମ ବିକାଶର ଉଚ୍ଚ ସୋପାନକୁ ଉଠିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମନ୍ଦ ପ୍ରକୃତିକୁ ଜୟ କରିବ । ପ୍ରେମ ଓ ଅହିଂସା ମାଧ୍ୟମରେ ସତ୍ୟର ସନ୍ଧାନ କରିବ ଏବଂ ସତ୍ୟ ଉପରେ ଆଧାରିତ ଜୀବନଯାପନ କରିବ । ପ୍ରେମ-ସେବା-ତ୍ୟାଗ ଓ ଗଠନମୂଳକ କାର୍ଯ୍ୟରେ ଅର୍ପିତ ଜୀବନହିଁ ବାଞ୍ଛନୀୟ । ଆପଣ ଯେଉଁ ସତ୍ୟକୁ ଦେଖି ପାରୁଛନ୍ତି, କାଳେ ଅନ୍ୟ ଲୋକ ସେହି ସତ୍ୟକୁ ଦେଖି ପାରୁ ନ ଥିବେ, ସେଥିପାଇଁ ଆପଣ ପ୍ରେମ, ସେବା ଓ ତ୍ୟାଗ ଦ୍ୱାରା ତାଙ୍କ ମନରେ ଆପଣଙ୍କର ସତ୍ୟକୁ ସାବ୍ୟସ୍ତ କରାଇ ତାଙ୍କୁ ନିଜ ମତକୁ ଆଣିବେ । ତାଙ୍କ ଉପରେ ଚାପ ବା ହିଂସା ପ୍ରୟୋଗ କରି ଆପଣଙ୍କ ସତ୍ୟକୁ ତାଙ୍କ ଉପରେ ଲଦି ଦେବେ ନାହିଁ ।

ମହାତ୍ମା

# କେନ୍ଦୁଝର ଜିଲ୍ଲାରେ ଉଦ୍ୟାନ ବିଭାଗର

# ସଫଳ ପଦକ୍ଷେପ

କୃଷି ବିଭାଗରୁ ଅଲଗା ହୋଇ କେନ୍ଦୁଝର ଜିଲ୍ଲାରେ ୧୯୭୮-୭୯ ମସିହାଠାରୁ ନୂଆ କରି ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଲିଲା । ଏଥି ମଧ୍ୟରେ ଆଦିବାସୀବହୁଳ ଏହି ଜିଲ୍ଲାରେ ଆଦିବାସୀ ଓ କୃଷକମାନଙ୍କର ଉନ୍ନତି ପାଇଁ ବ୍ୟାପକ ଫଳଚାଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୮୦-୮୧ ବର୍ଷ ମଧ୍ୟରେ ଉଦ୍ୟାନ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା ।

ଅଣ-ଜଳସେଚିତ ଉଚ୍ଚ କିସମ ଜମିରେ ଆଦିବାସୀ, ଓ ଅନ୍ୟାନ୍ୟ ଚାଷୀମାନଙ୍କୁ ରିହାତିରେ ଚାରା, ସାର, ପୋକମରା ଔଷଧ ଏବଂ ଚାରା ଲଗାଇବା ଖର୍ଚ୍ଚ ଦେଇ ୮୪୦ ଏକର ଜମିରେ ଆମ୍ବ, ୫୦ ଏକର ଜମିରେ କାଗଜିଲେମ୍ବୁ, ୪୬ ଏକର ଜମିରେ ପଣସ, ୧୫୬ ଏକର ଜମିରେ ଚିକୁ ଏବଂ ୧୦ ଏକର ଜମିରେ କାଜୁବାଦାମ ଚାଷ କରାଯାଇଛି । ୧୯୮୦-୮୧ ମସିହାରେ ସର୍ବମୋଟ ୬୬,୬୭୭ ଫଳବୃକ୍ଷ ରୋପଣ କରାଯାଇଅଛି । ଏହି ଯୋଜନା ଜରିଆରେ ୫୯୪ ଜଣ ଆଦିବାସୀ, ୮ ଜଣ ହରିଜନ ଏବଂ ୧୪୪ ଜଣ ଅନ୍ୟାନ୍ୟ ଶ୍ରେଣୀର ଚାଷୀ ଉପକୃତ ହୋଇଛନ୍ତି । ଏହା ବ୍ୟତୀତ ପୂର୍ବରୁ ଲଗାଯାଇଥିବା ୬୮୫ ଏକରର ଫଳ ବଗିଚା ଉକ୍ତ ବର୍ଷରେ ରକ୍ଷଣାବେକ୍ଷଣ କରାଯାଇଛି ।

ସମନ୍ୱିତ ଆଦିବାସୀ ଯୋଜନା କାର୍ଯ୍ୟକାରୀ ହେଉଥିବା ବ୍ଲକ ଅଞ୍ଚଳରେ ଜଳସେଚନ ପାଇଁ ଅନେକ ସେଚକୂପ ଖନନ କରାଯାଇଛି । ଜଳସେଚନର ପୂର୍ଣ୍ଣ ସଦୁପଯୋଗ କରି କୂପ ନିକଟରେ ଯେପରି ଲାଭଜନକ ଫସଲ ଚାଷ କରାଯାଇ ପାରିବ ସେଥିପାଇଁ ପ୍ରତ୍ୟେକ ୨୫ ଡେସିମିଲରେ ୪୦ଟି ଅମୃତଭଣ୍ଡା ଓ ୪୧ଟି ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରାଯାଇଥିଲା । ଏଥିରେ ୫୦ଜଣ ଆଦିବାସୀ ଓ ୩୩ ଜଣ ଅଣ-ଆଦିବାସୀ ଚାଷୀ ଉପକୃତ ହୋଇଛନ୍ତି । ଉକ୍ତ ଯୋଜନା ଅତ୍ୟନ୍ତ ଫଳପ୍ରଦ ଓ ଲାଭଜନକ ହୋଇଛି । ଏହି ଯୋଜନା ପାଇଁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଉକ୍ତ ଫଳପ୍ରଦ ଯୋଜନା ଋଣ ପରିଶୋଧ କରିବା ଦିଗରେ ସହାୟକ ହେବ ବୋଲି ଚାଷୀମାନେ ଅନୁଭବ କରନ୍ତି ।

ଏହି ଜିଲ୍ଲାର ନଡ଼ିଆ ଚାଷ ହେଉ ନ ଥିବା ଅଞ୍ଚଳରେ ୪୬୩ଟି ଉନ୍ନତ ନଡ଼ିଆ ଗଛ ଚାରା ମାଗଣାରେ ଚାଷୀମାନଙ୍କୁ ବିତରଣ କରାଯାଉଛି । ଚାଷୀମାନଙ୍କ ପ୍ରଚେଷ୍ଟାରେ ୧୦,୪୫୦ଟି ନଡ଼ିଆ ଚାରା ମଧ୍ୟ ବର୍ଷା ଋତୁରେ ରୋପଣ କରାଯାଉଛି । ଏଥିପାଇଁ କେନ୍ଦୁଝର କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ରିହାତି ଦେବାର ବ୍ୟବସ୍ଥା କରିଛନ୍ତି । ଜିଲ୍ଲାର ୪ଟି ଆଶ୍ରମ ସ୍କୁଲ ହତାରେ ୮୦ଟି ନଡ଼ିଆ ଚାରା ପରୀକ୍ଷାମୂଳକ ଭାବରେ ରୋପଣ କରାଯାଉଛି ।

ଜିଲ୍ଲାରେ ସପୁରୀ ଚାଷର ପ୍ରସାର ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ଥିବା ଅଞ୍ଚଳରେ ସପୁରୀ ଚାରା ବିନା ମୂଲ୍ୟରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରାଯାଇଅଛି । ଚାଷ ପାଇଁ ଆବଶ୍ୟକ ସାର ଏବଂ ପୋକମରା ଔଷଧ ଚାଷୀ ନିଜେ କ୍ରୟ କରୁଛନ୍ତି । ମୋଟ ୪ ଜଣ ଚାଷୀ ଏଥିରେ ଉପକୃତ ହୋଇଛନ୍ତି ।

ଗ୍ରାମ ପଞ୍ଚାୟତ ଇଲାକାରେ ଥିବା ଜମିରେ ଫଳ ବୃକ୍ଷ ରୋପଣ କାର୍ଯ୍ୟ ହାତକୁ ନିଆଯାଇ ସଂପୃକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀମାନଙ୍କ ସହାୟତାରେ ୭ ଏକର ଜମିରେ କାଜୁବାଦାମ, ୧୦ ଏକର ଜମିରେ ନଡ଼ିଆ ଏବଂ ୧୪ ଏକର ଜମିରେ ଚିକୁ ଚାଷ କରାଯାଉଛି । ସମୁଦାୟ ୭ ଟି ବ୍ଲକ୍‌ରେ ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇଛି ।

ଜିଲ୍ଲାରେ ଫଳଚାଷର ବ୍ୟାପକ ପ୍ରସାର ନିମନ୍ତେ ଚାଷୀମାନଙ୍କୁ ରିହାତି ଦରରେ ବିଭିନ୍ନ ପ୍ରକାର ଚାରା ଯୋଗାଇ ଦିଆଯାଉଅଛି । ସର୍ବମୋଟ ୭,୪୫୦ଟି ନଡ଼ିଆ ଗଛ, ୩୨୦ଟି ଲିଚୁ, ୧୬୯ଟି ଆମ୍ବ, ୨୦,୯୬୦ଟି ଚିକୁ ଗଛ, ୧୫,୪୫୬ଟି କାଗଜି ଲେମ୍ବୁ, ୮,୯୪୮ଟି କଦଳୀ, ୯୨୬ଟି ପଣସ, ୫୨୦ଟି କାଜୁ ବାଦାମ, ୫,୬୩୮ଟି ଅମୃତଭଣ୍ଡା, ୫୦ଟି ସପେଟା ଓ ୫୦ଟି କମଳା ଗଛର ଚାରା ଚାଷୀମାନଙ୍କୁ ଯୋଗାଇ ଦିଆଯାଇଅଛି ।

କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ ୯ ଜଣ ଆଦିବାସୀ ଯୁବକଙ୍କୁ ଉଦ୍ୟାନ ବିଜ୍ଞାନ ସମ୍ବନ୍ଧରେ ତାଲିମ ଦିଆଯାଇଛି ।

କେନ୍ଦୁଝର ଜିଲ୍ଲାରେ ଆମ୍ବ, ପଣସ, ତେନ୍ତୁଳି, ଅଁଳା, ବରକୋଳି ଇତ୍ୟାଦି ଫଳ ପ୍ରଚୁର ପରିମାଣରେ ମିଳେ ।

ଅନେକ ସମୟରେ ଆଦିବାସୀମାନେ ଫଳସବୁକୁ ଖୁବ୍ ଅଳ୍ପଦରରେ ବିକ୍ରୟକରି କମ୍ ପଇସା ପାଉଥାନ୍ତି । ଏହା ଦୃଷ୍ଟିରେ ରଖି ଫଳ ସଂରକ୍ଷଣ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଉକ୍ତ କାର୍ଯ୍ୟକ୍ରମରେ ୧୦୦ ଜଣ ଆଦିବାସୀ ଯୁବକଙ୍କୁ ଏଥିମଧ୍ୟରେ ତାଲିମ ଦିଆସରିଲଣି । ଏଠାରେ ତାଲିମ ପାଉଥିବା ଆଦିବାସୀ ଯୁବକମାନଙ୍କୁ ସବୁଦିନିଆ କାର୍ଯ୍ୟ ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲା ଫଳ ରସ ପ୍ରଭୃତି ସଂରକ୍ଷଣ ବିକ୍ରୟ ସମବାୟ ସମିତି' ଗଠନ କରାଯାଇଛି । ଏହା ବର୍ତ୍ତମାନ କୃଷି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟ କରୁଅଛି ।

୧୬ଜଣ ଗରିବ ଆଦିବାସୀ ଏବଂ ଅଣ-ଆଦିବାସୀ ଯୁବକଙ୍କୁ 'ଟ୍ରାଇସେମ୍' ଯୋଜନା ମାଧ୍ୟମରେ 'ଏକ ଛ' ମାସିଆ ଉଦ୍ୟାନ ବିଜ୍ଞାନ ତାଲିମ ଦିଆଯାଇଅଛି । ସେମାନଙ୍କୁ ଭୁଆଁର ସରକାରୀ ଫଳ ଉଦ୍ୟାନଠାରେ ତାଲିମ୍ ଦିଆଯାଉଥିଲା । ତାଲିମ ପାଇସାରିଲା ପରେ ଉକ୍ତ ଯୁବକମାନେ ଫଳଗଛ ଚାରା, ପନିପରିବା ବିହନ ବିକ୍ରୟ ଇତ୍ୟାଦି କରିବା ପାଇଁ ସ୍ଥିର କରିଛନ୍ତି ।

୧୯୮୦-୮୧ ମସିହାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଆମ୍ର ପ୍ରଦର୍ଶନୀରେ ଜିଲ୍ଲାର ଏକ ଦେଶୀ ଆମ୍ବ ସର୍ବୋତ୍କୃଷ୍ଟ ବିବେଚିତ ହୋଇଅଛି । ସର୍ବମୋଟ ୨୧ଟି ପୁରସ୍କାର ଲାଭ କରି ଚଳିତ ବର୍ଷ ପାଇଁ କେନ୍ଦୁଝର ଜିଲ୍ଲା ରନିଙ୍ଗ୍ ସିଲଡ୍ ପାଇଅଛି । ଜିଲ୍ଲା ପାଇଁ ଏହା ଏକ ଗୌରବର ବିଷୟ ।

୧୯୮୦-୮୧ ମସିହାର ସଫଳତାକୁ ଆଖି ଆଗରେ ରଖି ଜିଲ୍ଲାରେ ୧୯୮୧-୮୨ ମସିହା ପାଇଁ ଏକ ବ୍ୟାପକ ଫଳପ୍ରଦ ଯୋଜନା ଗ୍ରହଣ କରାଯିବା ପାଇଁ ସ୍ଥିର କରାଯାଇଅଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ୬୬୫ ଏକର ଜମିରେ ଫଳ ଚାରା ରୋପଣ କରାଯିବ, ୨୫୩୧ ଏକର ଜମିରେ ଲଗାଯାଇଥିବା ପୂର୍ବ ବର୍ଷର ଫଳ ବଗିଚାର ରକ୍ଷଣାବେକ୍ଷଣ କରାଯିବ । ୧୦ ଏକର ଜମିରେ କଦଳୀ ଚାଷ, ୧୦ ଏକର ଜମିରେ ଅମୃତଭଣ୍ଡା ଚାଷ କରାଯିବ । ନୂଆ ନୂଆ ଅଞ୍ଚଳରେ ୮୦୦ ନଡ଼ିଆ ଚାରା ଲଗାଯିବ । ଚାଷୀମାନଙ୍କୁ ବିନା ମୂଲ୍ୟରେ ଏବଂ ରିହାତି ଦରରେ ୮୦,୦୦୦ ଫଳ ଚାରା ଯୋଗାଇ ଦିଆଯିବ । ଏହା ବ୍ୟତୀତ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଚଳିତ ବର୍ଷ ମଧ୍ୟରେ [illegible] ରହିବ ।

କେନ୍ଦୁଝର ଭଳି ଆଦିବାସୀ ବହୁଳ ତଥା ଆର୍ଥିକ ଅନଗ୍ରସର ଅଞ୍ଚଳରେ ବ୍ୟାପକ ଫଳଚାଷ କାର୍ଯ୍ୟକ୍ରମ ଚାଷୀମାନଙ୍କର ଆର୍ଥିକ ପରିସ୍ଥିତିରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆଶା କରାଯାଏ ।



**କେବଳ ବିଶ୍ୱାସରେ ସନ୍ତୁଷ୍ଟ ହୁଅନାହିଁ, ବରଂ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।**

—ସ୍ୱାମୀ ବିବେକାନନ୍ଦ



ରାଜ୍ୟ ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ଉତ୍ସବରେ 'ଚିନ୍ତା ଅଚିନ୍ତା' ଚଳଚ୍ଚିତ୍ରର ଶ୍ରେଷ୍ଠ ଅଭିନେତ୍ରୀ ଶ୍ରୀମତୀ ସୁଜାତା ଆନନ୍ଦ, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।




ଖଡ଼ିଆଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ପର୍ଯ୍ୟଟନ ଓ ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଯଗତ କିଶୋର ପଟ୍ଟନାୟକ ମରସାର



ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛ ଜ୍ଞାନମଣ୍ଡଳ କାର୍ଯ୍ୟାଳୟ ପରିଦର୍ଶନ କରୁଛନ୍ତି ।



ଓଡ଼ିଶାର ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଛ ଭୁବନେଶ୍ୱରସ୍ଥିତ ରେଜେନ୍ସ୍
[illegible] ପରିଦର୍ଶନ କରୁଛନ୍ତି ।




ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଠଗଡ଼ ଗୃହ ନିର୍ମାଣ ପରିକଳ୍ପନାର
ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଲିଙ୍ଗରାଜ ମନ୍ଦିର ପରିଯୋଜନା



ଜାତୀୟ ସେବା ସଂସ୍ଥା ପକ୍ଷରୁ ଖୋର୍ଦ୍ଧା ନିକଟସ୍ଥ ବରୁଣେଇ ପାହାଡ଼ ପାଦଦେଶରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଂଶଗ୍ରହଣ ।





ସୂଚନା ଓ ଲୋକ ସମ୍ପର୍କ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପରାମର୍ଶଦାତା କମିଟି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍‌ବୋଧନ ।

# ରାଜ୍ୟରେ ଶିଳ୍ପ ବିକାଶର ଦ୍ରୁତ ଅଗ୍ରଗତି

ରାଜ୍ୟରେ ନୂତନ ଶିଳ୍ପନୀତି ପ୍ରଣୟନ ହେବା ଫଳରେ ଦ୍ରୁତ ଶିଳ୍ପ ବିକାଶର ଶୁଭ ସଂକେତ ମିଳିସାରିଛି । ଶିଳ୍ପୋଦ୍ୟୋଗୀମାନଙ୍କୁ ଆକୃଷ୍ଟ କରିବା ପାଇଁ ଶିଳ୍ପନୀତିକୁ ଯଥାଯଥ ଭାବରେ ସଂଶୋଧନ କରାଯାଇଛି । ଶିଳ୍ପୋଦ୍ୟୋଗୀଙ୍କଠାରୁ ଆବେଦନ ପତ୍ର ପାଇବାର ୩ ସପ୍ତାହ ମଧ୍ୟରେ ଜମି, ଜଳ ଓ ବିଦ୍ୟୁତଶକ୍ତି ଇତ୍ୟାଦି ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରଶାସନ ବ୍ୟବସ୍ଥାକୁ ସକ୍ରିୟ କରାଯାଉଛି ।

କେବଳ ନୀତି ନିୟମ ପ୍ରଣୟନ କରିଦେଲେ ଯେ ଶିଳ୍ପ ବିକାଶ ଘଟିଯିବ, ତାହା ଭାବିବା ଠିକ୍ ହେବନାହିଁ । କାରଣ ପୂର୍ବ ଅଭିଜ୍ଞତାରୁ ଦେଖାଯାଇଛି ଯେ ନୀତି ନିୟମ ସବୁ ବାସ୍ତବ ଅଭିମୁଖୀ ନ ହେଲେ, ସେସବୁ ନୀତି ନିୟମରେ ହିଁ ରହିଯିବ, କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ଦେଖାଦେବନାହିଁ । କଥାରେ ଅଛି, ଗୁହାରିଲା ମାତ୍ରେ ଗୋଟିଏ ମନପବନ ଘୋଡ଼ା ଆସି ପହଞ୍ଚି ଯାଉଥାଆନ୍ତା, ତେବେ ବାଟର ଭିକାରି ମଧ୍ୟ ଘୋଡ଼ାରେ ବସି ବୁଲୁ ଥାଆନ୍ତା ।

ଶିଳ୍ପ ପ୍ରତିଷ୍ଠା ପାଇଁ ଜମି, କଞ୍ଚାମାଲ, ଘର, ସୁବିଧାରେ ଜଳ ଯୋଗାଣ, ବିଦ୍ୟୁତ୍‌ଶକ୍ତି, ଆବଶ୍ୟକ ପରିମାଣ ମୂଳଧନ ଓ ବୈଷୟିକ ପରାମର୍ଶ ଇତ୍ୟାଦି ଦରକାର ହୋଇଥାଏ । ଏସବୁର ସୁବିଧା ନ ଥିଲେ ଆଗ୍ରହୀ ଶିଳ୍ପୋଦ୍ୟୋଗୀମାନେ ମଧ୍ୟ ମୁହଁ ଫିକାକରି ବସି ରହିବେ । ତେଣୁ, ଶିଳ୍ପର ବିକାଶ ଘଟାଇବା ଉଦ୍ଦେଶ୍ୟରେ ଏପରି ବ୍ୟବସ୍ଥାମାନ କରାଯାଉଛି, ଯାହା ଫଳରେ ଆଗ୍ରହୀ ଉଦ୍ୟୋଗୀମାନେ ପ୍ରାରମ୍ଭିକ କାର୍ଯ୍ୟ ପାଇଁ ବିଭିନ୍ନ ଯାଗାକୁ ଦୌଡ଼ାଦୌଡ଼ି କରି ଶେଷରେ ନିରାଶ ହେବେନାହିଁ । ସେଥିପାଇଁ ଜିଲାମାନଙ୍କରେ ଜିଲା ଶିଳ୍ପ-କେନ୍ଦ୍ରସବୁ କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପ ପ୍ରତିଷ୍ଠା ପାଇଁ ସାହାଯ୍ୟ କରୁଛନ୍ତି । ଉନ୍ନତ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ଇପିକଲ୍, ଓ. ଡ଼ି. ସି, ଇଡ୍‌କୋ ଇତ୍ୟାଦିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବର୍ତ୍ତମାନ ଇପିକଲ୍‌ର କାର୍ଯ୍ୟକାରିତା ସଂପର୍କରେ ବିଚାର କରାଯାଉ । ଇପିକଲ୍ କହିଲେ ଶିଳ୍ପ ବିକାଶ ଓ ବିନିଯୋଗ ନିଗମକୁ ବୁଝାଏ । ରାଜ୍ୟ ଭିତରେ ମିଳୁଥିବା କଞ୍ଚାମାଲକୁ ବ୍ୟବହାର କରି କେଉଁ ସ୍ଥାନରେ କି ପ୍ରକାର ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିବ, ସେ ସଂପର୍କରେ ଅନୁଧ୍ୟାନ କରାଯାଏ । ସଂପୃକ୍ତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଅର୍ଥ କେଉଁ ସୂତ୍ରରୁ ମିଳିପାରିବ, ତାହା ମଧ୍ୟ ବିଚାରକୁ ନିଆଯାଏ । ଆମ ରାଜ୍ୟ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ କୃଷି ଭିତ୍ତିକ ଶିଳ୍ପର ଆବଶ୍ୟକତା ରହିଛି । ଏଣହେତୁ କେଉଁଠି ସୂତାକଳ ଓ ଆଉ କେଉଁଠି ଷ୍ଟ୍ରବୋର୍ଡ ପୁଣି କେଉଁଠି ଛୋଟକଳ ତ ଆଉ କେଉଁଠି ଚିନିକଳ, ଏହିପରି ସମ୍ଭାବ୍ୟ ଶିଳ୍ପର ନିର୍ବାଚନ କରାଯାଏ । ଠିକ୍ ସେହିପରି ଜଙ୍ଗଲଜାତ ପଦାର୍ଥକୁ ବ୍ୟବ-ହାର କରି ପ୍ଲାଇଉଡ୍, ଛୋଟ ଛୋଟ କାଗଜକଳ ଇତ୍ୟାଦି ମଧ୍ୟ ବସାଇବା ପାଇଁ ବନ୍ଦୋବସ୍ତ କରାଯାଇଥାଏ । ଏହା ବ୍ୟତୀତ ରିଫ୍ରାକ୍ଟରୀ, ଘଣ୍ଟା, ଟିଭିବ୍ ଓ ଟାୟାର ଇତ୍ୟାଦିକୁ ମଧ୍ୟ ଦୃଷ୍ଟିରେ ରଖି ଉଦ୍ୟୋଗୀମାନଙ୍କୁ ସମସ୍ତ ସୁବିଧା ଇପିକଲ୍ ପକ୍ଷରୁ ଯୋଗାଇ ଦିଆଯାଇଥାଏ ।

ଚଳିତ ବର୍ଷ ଅପ୍ରେଲ ମାସ ଶେଷ ସୁଦ୍ଧା ଇପିକଲ୍ ପକ୍ଷରୁ ୧୨ କୋଟି ୫୧ ଲକ୍ଷ ଟଙ୍କା ମୂଳଧନ ବିନିଯୋଗରେ ରାଜ୍ୟର ୨୭ ଗୋଟି ନୂତନ ଶିଳ୍ପୋଦ୍ୟୋଗ ଉତ୍ପାଦନକ୍ଷମ ହୋଇପାରି-ଛନ୍ତି । ଏଥିମଧ୍ୟରେ ପାରାଦୀପର କଳିଙ୍ଗ ଇଂଜିନିୟରିଂ, ବାରିପଦାର କେମିକାଲ୍ ଆଣ୍ଡ ଡ୍ରାଇଜ୍, ଖୋର୍ଦ୍ଧାର କୋଣାର୍କ ଓ୍ୱାଚ କଂପାନୀ, ଭୁବନେଶ୍ୱରସ୍ଥିତ ପାରାଦୀପ ମେରାଇନ୍, ଜଗତସିଂହପୁରସ୍ଥିତ କୋରାମଣ୍ଡଲ୍ ନେଟ୍‌ସ ପ୍ରଭୃତି ଅନ୍ତର୍ଭୁକ୍ତ । ଏଥିରେ ପ୍ରାୟ ୨,୦୦୦ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ମିଳି ପାରିଛି । ୩୫ଗୋଟି ମଧ୍ୟମ ଓ ବୃହତ୍ ଶିଳ୍ପୋଦ୍ୟୋଗ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି । ରାଉରକେଲାଠାରେ ସ୍ପାଇରାଲ୍ ଓ୍ୱେଲଡ୍, କଟକଠାରେ ତ୍ରିମୂର୍ତ୍ତି ହୋଟେଲ, କେନ୍ଦୁଝର ଜିଲାରେ ଲିକୁଇଡ୍ ଅକ୍‌ସିଜେନ୍ ଫେରସ ଏକ୍‌ସପ୍ଲୋସିଭ୍‌ସ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୧୧୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାରମ୍ଭିକ କାର୍ଯ୍ୟ କ୍ଷିପ୍ର ଭାବରେ ଆଗେଇ ଚାଲିଛି । ଏଗୁଡ଼ିକ ମଧ୍ୟରେ ଡ୍ରିଜେଲ୍ ଇଞ୍ଜିନ୍, ଚିନିକଳ, ଇଣ୍ଡଷ୍ଟ୍ରିଆଲ୍ ଗ୍ୟାସ୍, ପାଓ୍ୱାର ଟ୍ରାନ୍‌ସ-ଫରମର ଇତ୍ୟାଦି ଅନ୍ତର୍ଭୁକ୍ତ ।

ମୋଟ ଉପରେ କହିବାକୁ ଗଲେ ଭାରତର ଶିଳ୍ପ ମାନଚିତ୍ରରେ ଆମ ରାଜ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବାକୁ ଯାଉଛି । କୋରାପୁଟ ଓ ଡାଳଚେରଠାରେ ୧୨୪୨ କୋଟି ଟଙ୍କା ବ୍ୟୟରେ ବୃହତ୍ ଆଲୁମିନା ଓ ଆଲ୍ୟୁ-ମିନିୟମ୍ କାରଖାନାର ଶିଳାନ୍ୟାସ କରାଯାଇ ସାରିଛି । ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇଲେ ଏହା ୧୫୦୦ କୋଟି ଟଙ୍କା ହେବ । ପ୍ରାରମ୍ଭିକ କାର୍ଯ୍ୟ ଓ ବିଭିନ୍ନ ପଦବିରେ ନିଯୁକ୍ତି ପାଇଁ ବିଜ୍ଞାପନମାନ ପ୍ରକାଶ ପାଇଲାଣି । ପାରା-ଦୀପଠାରେ ବନ୍ଦର ଭିତ୍ତିକ ଇସ୍ପାତ କାରଖାନା ଓ

ଫସ୍‌ଫେଟିକ୍ ସାର କାରଖାନା ସ୍ଥାପନ ପାଇଁ ପ୍ରଗାଢ଼ ଉଦ୍ୟମ ଚାଲିଛି । କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ ସରକାରଙ୍କର ଯୋଗାଯୋଗ ଅବ୍ୟାହତ ରହିଛି । ଆଶା କରାଯାଏ ଯେ କେନ୍ଦ୍ରୀୟ ସହାୟତାରେ ଏ ଦୁଇଟି ଶିଳ୍ପ ସ୍ଥାପନ ଖୁବ୍‌ଶୀଘ୍ର ହୋଇଯିବ । ଚନ୍ଦକାଠାରେ ୬୭ କୋଟି ଟଙ୍କା ମୂଳଧନରେ ଚନ୍ଦକା ଶିଳ୍ପପୁଞ୍ଜର କାର୍ଯ୍ୟ ଆରମ୍ଭ ପ୍ରାୟ । ଏଥିପାଇଁ ଶିଳାନ୍ୟାସ ଶେଷ ହୋଇଯାଇଛି । ଏହା ବ୍ୟତୀତ ସରକାରୀ ଓ ବେସରକାରୀ ପ୍ରଚେଷ୍ଟାରେ ପ୍ରାୟ ୧୯୦ ଗୋଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଚିହ୍ନଟ ହୋଇଗଲାଣି । ଏଥିରେ ମୋଟ ୧୦୦୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ଜଣାଯାଇଛି । ଏଥିମଧ୍ୟରୁ ୫୮ଟି ଉଦ୍ୟୋଗର କାର୍ଯ୍ୟ ବହୁଦୂର ଆଗେଇ ଗଲାଣି ଏବଂ ହୁଏତ ଅଳ୍ପଦିନ ମଧ୍ୟରେ ଏଥିରୁ ଉତ୍ପାଦନ ଆରମ୍ଭ ହୋଇଯିବ । ଏହି ସମସ୍ତ ଉଦ୍ୟୋଗ କାର୍ଯ୍ୟକାରୀ ହେବା ପରେ ଏଥିରେ ପ୍ରାୟ ୭୫ ହଜାର ଲୋକ ନିଯୁକ୍ତି ପାଇପାରିବେ । ବିଗତ ଗୋଟିଏ ବର୍ଷ ଭିତରେ ରାଜ୍ୟରେ ୨,୦୦୩ ଗୋଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇପାରିଛି । ଏଥିପାଇଁ ୧୩ କୋଟି ୧୧ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ଏବଂ ଏଥିରେ ୧୪,୮୪୦ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ମିଳିପାରିଛି । ଗ୍ରାମ୍ୟ କାରିଗରୀ, ତନ୍ତୁବାୟ ଓ କୁଟୀର ଶିଳ୍ପ କ୍ଷେତ୍ରରେ ମଧ୍ୟ ଅଭୂତପୂର୍ବ ସାଫଲ୍ୟ ଅର୍ଜନ କରାଯାଇ ପାରିଛି । ଏପରି ଶିଳ୍ପ ପାଇଁ ବିଶେଷ ମୂଳଧନ ଆବଶ୍ୟକ ହେଉ ନ ଥିଲେ ମଧ୍ୟ ଅଧିକ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ମିଳିଥାଏ । ଏଥିରେ ୩ କୋଟି ୭୩ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୩୨,୭୪୪ଟି ଅନୁଷ୍ଠାନରେ ୫୪,୮୭୧ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇ ପାରିଛି । ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ଓଡ଼ିଶା ବୟନ ଶିଳ୍ପ କ୍ଷେତ୍ରରେ ପୃଥିବୀ ବିଖ୍ୟାତ । ଆଜି ନୁହେଁ, ବହୁ ପୂର୍ବରୁ ଆମେ ଏହି ଗୌରବମୟ ପରଂପରାର ଅଧିକାରୀ । ସାଧବ ପୁଅମାନେ ସୁଦୂର ଜାଭା, ସୁମାତ୍ରା ଓ ଅନ୍ୟାନ୍ୟ ଦରିଆପାରି ଦେଶମାନଙ୍କରେ ଆମ ରାଜ୍ୟର ନିର୍ମିତ ବସ୍ତ୍ର ବିକ୍ରି କରି ପ୍ରଚୁର ଅର୍ଥ ଉପାର୍ଜନ କରି ଆସିଛନ୍ତି । କାଳକ୍ରମେ ଯନ୍ତ୍ର ନିର୍ମିତ ବସ୍ତ୍ର ଆମର ତନ୍ତୁବାୟମାନଙ୍କୁ ସାମୟିକ ଭାବରେ ଅଚଳ କରି ପକାଇଥିଲା । ସୁଖର କଥା, ଆମେ ଆମ ପୂର୍ବ ଗୌରବ ଫେରିପାଉଛୁ । ଜଗତପୁରଠାରେ ସ୍ଥାପିତ ହୋଇଥିବା ଟେକ୍‌ସଟାଇଲ୍ ପ୍ରୋସେସିଂ ୟୁନିଟ୍ ଏବଂ ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ସ୍ଥାପିତ ହେବାକୁ ଯାଉଥିବା ୯ ଗୋଟି ସୂତାକଳ ଆମ ବୟନ ଶିଳ୍ପର ଅଭିବୃଦ୍ଧି ଦିଗରେ ଆଉ ଏକ ମାଇଲଖୁଣ୍ଟ ସ୍ୱରୂପ ।

ଶିଳ୍ପ ପ୍ରଗତିରେ ଶିଥିଳତାକୁ ପ୍ରଶ୍ରୟ ନ ଦେବା ପାଇଁ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନିମନ୍ତେ ସତର୍କ ଦୃଷ୍ଟି ଦିଆଯାଉଛି । କାରଣ ବିଦ୍ୟୁତ୍ ଅଭାବରେ ଶିଳ୍ପର ବିକାଶ ବାଧାପ୍ରାପ୍ତ ହେବ ।

ବର୍ତ୍ତମାନ ଆମ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହେଉଛି ୯୧୪ ମେଗାୱାଟ୍ । ବର୍ତ୍ତମାନ ପାଇଁ ଏହି ପରିମାଣ ବିଦ୍ୟୁତ୍ ଆମ ରାଜ୍ୟର ଚାହିଦା ମେଣ୍ଟାଇବାରେ ପର୍ଯ୍ୟାପ୍ତ ହେଉଥିଲେ ସୁଦ୍ଧା ଆଗାମୀ କେତେ ବର୍ଷ ମଧ୍ୟରେ ନୂଆ ନୂଆ ଶିଳ୍ପ କାରଖାନାକୁ ଆବଶ୍ୟକୀୟ ବିଦ୍ୟୁତ୍ ଯୋଗାଇବାରେ ହୁଏତ ଅସମ୍ଭବ ହୋଇପଡ଼ିବ । ତେଣୁ, ତାଳଚେର ଥର୍ମାଲ ବିଦ୍ୟୁତ୍ କେନ୍ଦ୍ରରେ ଆଉ ଦୁଇଟି ୟୁନିଟ୍ ସ୍ଥାପନ କରି ଏହାର ସଂପ୍ରସାରଣ କରିବା, ରେଙ୍ଗାଲି, ଅପର କୋଲାବ ଓ ଇନ୍ଦ୍ରାବତୀ ଯୋଜନାରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । ଏହା ବ୍ୟତୀତ କେତେକ ଶିଳ୍ପସଂସ୍ଥା ସେମାନଙ୍କର ନିଜସ୍ୱ କ୍ୟାପ୍‌ଟିଭ୍ ପାୱାର ଷ୍ଟେସନ୍ ସ୍ଥାପନ ପାଇଁ ବ୍ୟବସ୍ଥା କରୁଛନ୍ତି । ନାଲ୍‌କୋ ପକ୍ଷରୁ ଏପରି ଏକ ଷ୍ଟେସନ ସ୍ଥାପନ କରାଯାଇ ପ୍ରାୟ ୭୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯିବ । ବିଜୁଳି ଉତ୍ପାଦନ ପାଇଁ ସମ୍ଭାବନା ଥିବା ସମସ୍ତ ଉତ୍ସକୁ କାର୍ଯ୍ୟରେ ଲଗାଯିବାର ଆଉ ଏକ ପରିକଳ୍ପନା ମଧ୍ୟ ରହିଛି । ଛୋଟ ଛୋଟ ଫଲ୍ (ଜଳପ୍ରପାତ), କେନାଲ ପଡ଼ି ଇତ୍ୟାଦିରୁ ୫ରୁ ୭ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ମିଳିବାର ସମ୍ଭାବନା ଥିଲେ ମଧ୍ୟ ତାହାକୁ ଉପଯୋଗ କରାଯିବାର ବ୍ୟବସ୍ଥା କରାଯାଉଛି ।

ଏଥିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଆଉ ଅଳ୍ପ ଦିନ ମଧ୍ୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କାରଖାନା ଚିମିନିର ଧୂଆଁ ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ଆଣିଦେବ ।



ମହାନ୍ ହୁଅ, ତ୍ୟାଗ ବିନା କୌଣସି ମହତ୍ କାର୍ଯ୍ୟ ସାଧିତ ହୁଏ ନାହିଁ ।

—ସ୍ୱାମୀ ବିବେକାନନ୍ଦ

# ଚକବନ୍ଦୀ ମୌଜା-ଉଗ୍ରେଶ୍ୱର ଦେଉଳି

**ଶ୍ରୀ ଉଲ୍ଲାସ ଚନ୍ଦ୍ର ରାଉତରାୟ**

ପୁରୀ ଜିଲ୍ଲା ନିମାପଡ଼ା ଥାନାର ଛୋଟ ଗାଁ ଟିଏ । ନାଁ ତା'ର ଉଗ୍ରେଶ୍ୱର ଦେଉଳି । ଗାଁ ମଝିରେ ଉଗ୍ରେଶ୍ୱର ମହାଦେବଙ୍କର ମନ୍ଦିର । ଲୋକମୁଖରୁ ଜଣାଯାଏ, ଅଷ୍ଟାଦଶ ଶତାବ୍ଦୀରେ କୌଣସି ରାଜା ଏହି ମନ୍ଦିରଟି ନିର୍ମାଣ କରିଥିଲେ । ଗ୍ରାମବାସୀମାନେ କହନ୍ତି ଯେ, ଉଗ୍ରେଶ୍ୱର ମହାଦେବ ଭାରି ପ୍ରତ୍ୟକ୍ଷ ଦେବତା । ସେ ପ୍ରାୟ ସମସ୍ତଙ୍କର ଗୁହାରୀ ଶୁଣନ୍ତି । ପ୍ରତ୍ୟେକ ସଂକ୍ରାନ୍ତି, ଅମାବାସ୍ୟା ଓ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଖୁବ୍ ଭିଡ଼ ହୁଏ । ଆଖ ପାଖ ଦଶ ବାର ଖଣ୍ଡି ଗାଁର ଲୋକ ଏକାଠି ହୋଇ ମେଳା ମହୋତ୍ସବ, ଭୋଗରାଗ ଇତ୍ୟାଦି କରନ୍ତି । ସେହି ଦେବତାଙ୍କ ନାମାନୁସାରେ ଗାଁର ନାଁଟି ଉଗ୍ରେଶ୍ୱର ଦେଉଳି ରହିଅଛି ।

ମୌଜାର ମୋଟ ଆୟତନ ଏ ୧୫୫·୦୦ । ଗାଁଟିର ପଶ୍ଚିମ ପଟେ ଭାର୍ଗବୀ ନଦୀ । ସାଧାରଣତଃ ଲୋକମାନେ ଏହି ନଈ ବନ୍ଧଟିରେ ଯାତାୟାତ କରନ୍ତି । ଗତ ୧୫ ବର୍ଷ ହେବ ନଈ ବନ୍ଧକୁ ଲାଗି ଚନ୍ଦନପୁର ଶାଖା କେନାଲଟି ଖୋଳାଯାଇଅଛି ଓ ପୂର୍ବ ଦିଗରେ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ ଖୋଳାଯାଇଥିବାରୁ ଗାଁଟିର ଚାଷଜମି ଦୁଇ ଭାଗରେ ବିଭକ୍ତ ହୋଇଛି । ଗାଁଟିରେ ମୋଟ ୧୨୦ ପରିବାର ବାସ କରନ୍ତି । ଏଥିରୁ କେତେକ ମାଳୀ ପୂଜାରୀ ଓ ଅନ୍ୟମାନେ ଖଣ୍ଡାୟତ, କେଉଟ ସଂପ୍ରଦାୟର । ଏ ସମସ୍ତେ ମୁଖ୍ୟତଃ ଚାଷ ବାସ ଉପରେ ନିର୍ଭର କରନ୍ତି ।

୧୯୭୭ ମସିହାରେ ଏହି ମୌଜାର ଚକବନ୍ଦୀ କାର୍ଯ୍ୟ ଆରମ୍ଭ ହେଲା । ଲୋକମାନଙ୍କ ମନରେ ନାନା ପ୍ରକାର ଦୁଷ୍ଚିନ୍ତା, ଚକବନ୍ଦୀରେ ସମସ୍ତ ଜମି ଏକାଠି ହୋଇଗଲେ କିଏବି ଧାନ ଗଣ୍ଡେ ପାଇବା ବା ବିରି, ମୁଗ, ଆଳୁ, ସାରୁ, ପୋଟଳ ଇତ୍ୟାଦି ପନିପରିବା ଫସଲ କରିବା ଆଉ ସମ୍ଭବ ହେବ ନାହିଁ । ତେଣୁ ସେମାନଙ୍କ ମତରେ ଚକବନ୍ଦୀ ନ ହେବାହିଁ ଭଲ । ବାପ ଅଜା ତିନି ପୁରୁଷ ତ ଏପରି ଚଳି ଆସିଲେଣି, ଆମେ ମଧ୍ୟ ଏପରି ଚଳିଗଲେ କ୍ଷତି କ'ଣ ! ଏପରିକି ଚକବନ୍ଦୀ ସମ୍ବନ୍ଧରେ ଆଲୋଚନା ସମୟେ ଜଣେ ଚାଷୀ ବଂଶୀଧର ନାୟକ କାନ୍ଦ କାନ୍ଦ ହୋଇ କହି ପକାଇଲା, ବାବୁ, ମୋର ଖଣ୍ଡେମାତ୍ର କୋଡି ବିଲ, ସେଥିରୁ ମୋର ଦଶ ପ୍ରାଣୀ କୁଟୁମ୍ବ ଚଳନ୍ତି । ସେ ଖଣ୍ଡକ ଆଉ ଚକରେ ଗଲିଗଲେ ମୁଁ ଉଚ୍ଛନ୍ନ ହୋଇଯିବି । କିଏ କହେ ତ ମୋର ଆଳୁ ବିଲ ଚାଲିଯିବ । କିଏ କହେ ତ ମୋର ବିରି ମୁଗ ବିଲ ଚାଲିଯିବ । ଆମେ ଚକବନ୍ଦୀରୁ କି ଫଳ ପାଇବୁ ?

ଏହି ଗାଁଟିର ବନ୍ଦୋବସ୍ତ କାର୍ଯ୍ୟ ୧୯୨୮ ମସିହାରେ ହୋଇଥିଲା । ପୁରୁଣା ନକ୍ସା, ପୁରୁଣା ରେକର୍ଡ-ତା'ର କିଛି ଠିକ୍ ନାହିଁ । ଦୀର୍ଘ ୫୦ ବର୍ଷ ଭିତରେ ବିଭିନ୍ନ ପ୍ରକାର ଖରିଦ ବିକ୍ରି ଓ ଭାଇଭାଗ ବଣ୍ଟାଅରା ହୋଇଯାଇଛି । ରେକର୍ଡ ସଂଶୋଧନ ହୋଇ ନ ଥିବାରୁ ତହସିଲ ଅଫିସରେ ଖଜଣା ଦାଖଲ କରି ହେଉନି । ଆଉ ମଧ୍ୟ ଜମି ବିକି ସାରି ବାୟାମାନେ ଦୀର୍ଘଦିନ ଧରି ଅଯଥା ଖଜଣା ଦେଇ ଆସୁଛନ୍ତି । ଏମିତି ଜମିଜମା ସଂକ୍ରାନ୍ତ କେତେ ଅସୁବିଧା । ଚକବନ୍ଦୀ କରିଥାରେ ସମସ୍ତ ରେକର୍ଡ ଠିକ୍ ଠିକ୍ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଗୋଟିଏ ଚାଷୀର ସମସ୍ତ ଜମିକୁ ଗୋଟିଏ ବା ଦୁଇଟି ଚକରେ ଦିଆଯିବା ସମ୍ଭବ ହେବ, ପ୍ରାୟ ପ୍ରତ୍ୟେକ ଚକକୁ ଚକରାସ୍ତା ଓ ଜଳସେଚନ ନିମନ୍ତେ ପାଣିମାହାରା, ଜଳ ନିଷ୍କାସନ ନାଳୀ ଇତ୍ୟାଦି ତିଆରିହେବ. ଗ୍ରାମରେ ଗୋଚର, ଗ୍ରାମ୍ୟ–ଜଙ୍ଗଲ, ଶ୍ମଶାନ, ସ୍କୁଲ, ମେଳନ ପଡ଼ିଆ, ଯୁବକ ସଂଘ ଓ ଅନ୍ୟାନ୍ୟ ଉନ୍ନତିମୂଳକ ଯୋଜନା ନିମନ୍ତେ ଜମି ସଂରକ୍ଷଣ କରାଯାଇ ପାରିବ । ଏତଦ୍‌ବ୍ୟତୀତ ବିଭିନ୍ନ ଆକୃତିର ଜମି ଥିବା ଯୋଗୁଁ ମାପଚୁପ ଦଖଲସଂକ୍ରାନ୍ତ ବିବାଦ ମୋକଦ୍ଦମା ତୁଟିଯିବ । ଚାଷୀ ତା'ର ସମସ୍ତ ଜମିକୁ ନିଜ ଇଚ୍ଛାରେ ରଖି ଉନ୍ନତ ଧରଣର ଚାଷୋପ-କରଣ, ଉନ୍ନତ ଧରଣର ବିହନ ଓ କୀଟନାଶକ ଔଷଧ ବ୍ୟବହାର କରିପାରିବ, ଏପରିକି ଅଣଜଳସେଚିତ ଅଞ୍ଚଳରେ ନିଜ ଉଦ୍ୟମରେ ସମସ୍ତ ଜମିକୁ କୂଅ ବା ବାଂଫିରେ ଇଲେକ୍‌ଟ୍ରିକ୍ ମଟର ଇତ୍ୟାଦି ବସାଇ ଜଳସେଚନ କରିବା ସମ୍ଭବ ହେବ । ଏମିତି ଅନେକ କଥା ଆଲୋଚନା-କ୍ରମେ ବୁଝିବାପରେ ଗ୍ରାମବାସୀମାନେ ଚକବନ୍ଦୀର ଉପକାରିତା ଉପଲବ୍ଧି କଲେ ଓ ଗାଁଟିରେ ଚକବନ୍ଦୀ କରିବା ନିମନ୍ତେ ଏକମତ ହେଲେ । ମୁଖିଆ ଲୋକ ଓ ବିଭିନ୍ନ ଶ୍ରେଣୀର ରୟତଙ୍କୁ ନେଇ ଚକବନ୍ଦୀ ସମିତିଟିଏ ଗଠନ ହେଲା । ତାଙ୍କରି ପରାମର୍ଶକ୍ରମେ ନକ୍ସା ପ୍ରସ୍ତୁତି ଓ ରେକର୍ଡ ତିଆରି କାମ ଚାଲିଲା । ନିଜ ନିଜ ନାଁରେ କିଣିଥିବା ଜମିକୁ ରେକର୍ଡ କରାଇ ନେବାପାଇଁ ଚାଷୀମାନଙ୍କ ମନରେ ପ୍ରବଳ ଆଗ୍ରହ । ଦୀର୍ଘ ୫୦ ବର୍ଷ

ମଧ୍ୟରେ ଯେତେ ପ୍ରକାର ଦଲିଲ, କବଲା, ପଟ୍ଟା ଇତ୍ୟାଦି ହୋଇଥିଲା ସେ ସମସ୍ତ ଆଣି ପହଞ୍ଚିଲା ଚକବନ୍ଦୀ କର୍ମଚାରୀଙ୍କ ନିକଟରେ । ଖୁବ୍ ଜୋରସୋରରେ ଚାଲିଲା ରେକର୍ଡ ପ୍ରସ୍ତୁତି କାର୍ଯ୍ୟ, ଯେ ଯାହାର ଜମି ନିଜ ନାମରେ ରେକର୍ଡ କରାଇନେଲେ । ନିଜର ଥିବା ସମସ୍ତ ଜମିର ଏକ ଚିରକୁଟି (ପର୍ଚ୍ଚା) ପାଇଲା ପରେ ଲୋକମାନଙ୍କ ମନରେ ପ୍ରବଳ ଆନନ୍ଦ । ଯାହାହେଉ, ଏତେଦିନକେ ସରକାରୀ ରେକର୍ଡରେ ତାଙ୍କ ନାଁ ସବୁ ଦରଜ ହେଲା । ମୌଜାର ମୋଟ ଆୟତନ ୧୫୫ ଏକରରୁ ନଦୀ, ନାଳ, ଘରବାଡ଼ି, ବଗାୟତ ଇତ୍ୟାଦି ଚକବନ୍ଦୀ ଅଯୋଗ୍ୟ ସ୍ଥଳକୁ ବାଦ୍ ଦେଇ କେବଳ ୬୦ ଏକର ଜମିରେ ଚକବନ୍ଦୀ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ ହେଲା ।

ଚକବନ୍ଦୀ ହେଲେ ସମସ୍ତ ଜମିତ ଏକାଠି ମିଳିବ । ତେଣୁ ଚାଷୀମାନଙ୍କ ମନରେ ଏକ ପ୍ରଶ୍ନ, ଆମେ କେମିତି ନିଜ ନିଜର ଜମିକୁ ଯା' ଆସ କରିପାରିବା । ସେତିକି-ବେଳେ ସମସ୍ତେ ଉପଲବ୍ଧି କଲେ ଯେ ଚକ ରାସ୍ତାଟିଏ ନିତାନ୍ତ ଆବଶ୍ୟକ । ସେହିପରି ଗାଁର ପଶ୍ଚିମ ଦିଗରେ ଥିବା ଚନ୍ଦନପୁର ଶାଖା କେନାଲ ଓ ପୂର୍ବରେ ଥିବା ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀରୁ ନିଜ ଚକରେ ସିଧାସଳଖ ପାଣି ପାଇବାପାଇଁ ଚକନାଳୀ ମଧ୍ୟ ଆବଶ୍ୟକ । ଛୋଟ ଗାଁଟିରେ ଥିବା ପ୍ରାୟ ଅତେଇ ଏକର ଗୋଚର ଜମିକୁ କେତେକ ବ୍ୟକ୍ତିବିଶେଷ ନିଜ ଅକ୍ତିଆରରେ ରଖି ଚାଷ କରି ଆସୁଥିଲେ । ତେଣୁ ଗୋରୁ ଗାଈ ଇତ୍ୟାଦି ଚରିବା ପାଇଁ ଯାଗାବି ଟିକେ ନ ଥିଲା । ଏ ସମସ୍ତ ଜମିକୁ ଗୋଚର ନିମନ୍ତେ ଗୋଟିଏ ଯାରାରେ ସଂରକ୍ଷଣ କରିବାପାଇଁ ଉପଯୁକ୍ତ ସ୍ଥାନଟିଏ ସ୍ଥିର କଲେ ଚକବନ୍ଦୀ ସମିତିର ସଭ୍ୟମାନେ । ପ୍ରତିବର୍ଷ ଦୋଳପୂର୍ଣ୍ଣିମାରେ ଗାଁରେ ହେଉଥିବା ଝୁଲଣ ଯାତ୍ରାପାଇଁ ଗାଁ ମୁଣ୍ଡରେ ଦୋଳ-ମଣ୍ଡପଟି ଥିଲେ ମଧ୍ୟ ଯାନି ଯାତ୍ରାପାଇଁ ଆଖ ପାଖରେ କୌଣସି ସୁବିଧାଜନକ ଯାଗା ନ ଥିଲା । ତେଣୁ ଦୋଳମଣ୍ଡପ ନିକଟରେ ମେଳନ ପଡ଼ିଆଟିର ଆବଶ୍ୟକତା ଉପଲବ୍ଧି କଲେ ସମସ୍ତ ଗ୍ରାମବାସୀ ତଥା ଚକବନ୍ଦୀ ସମିତିର ସଭ୍ୟ-ମାନେ ।

ନକ୍ସା ଓ ରେକର୍ଡ ପ୍ରସ୍ତୁତି କାର୍ଯ୍ୟ ଶେଷ ହେଲା । ଚକରାସ୍ତା, ଗ୍ରାମ୍ୟରାସ୍ତା, ଚକନାଳୀ, ଗୋଚର, ମେଳନ ପଡ଼ିଆ, ଗ୍ରାମ୍ୟ ଜଙ୍ଗଲ ଓ ଅନ୍ୟାନ୍ୟ ଉନ୍ନତିକର ଯୋଜନା ନିମନ୍ତେ ଉପଯୁକ୍ତ ସ୍ଥାନ ସଂରକ୍ଷଣ ହେଲା । ଚକ କଟା କାର୍ଯ୍ୟ ଆରମ୍ଭ ବେଳକୁ ଲୋକମାନଙ୍କ ମନରେ ପୁଣି ପୂର୍ବ ଆଶଙ୍କା । ଆମର ଭଲ ଭଲ ଜମିତ ଅନ୍ୟମାନଙ୍କ ଚକରେ ଚାଲିଯିବ, ଆମେ କେଉଁଠି ମୁଗ, କୋଳଥ, ଆଳୁ, ସାରୁ, ପୋଟଳ ଇତ୍ୟାଦି କରିବୁ? ଏହି ଚକବନ୍ଦୀ ହିଁ ଆମକୁ କାଳ ହେବ । ଆମର ପିଲା ଛୁଆ ଉଚ୍ଛନ୍ନ ହେବେ । କେତେକ ପୁରୁଣା କାଳିଆ ଲୋକ ଥଟ୍ଟା କରି କହିଲେ, ଆଉ ଧାନ ଅନୁକୂଳ ବା ନୂଆଖିଆ ହୋଇ ପାରିବନି । ଯାହାଆଡ଼େ ସେ ସବୁ ଜମି ଯିବ, ସେମାନେହିଁ କେବଳ ଗାଁରେ ଏକୁଟିଆ ଧାନ ଅନୁକୂଳ କରିବେ ଓ ନୂଆ ଖାଇବେ । ଏମିତି କେତେ ଆଲୋଚନା ଓ ସମାଲୋଚନା । ଏ ସମସ୍ତ ସହି ନେଇ ଗାଁଟିକୁ ଗୋଟିଏ ଆଦର୍ଶ ଚକବନ୍ଦୀ ମୌଜା କରିବାକୁ ହିଁ ପଡ଼ିବ । ବିଭିନ୍ନ ସମୟରେ ବିଭିନ୍ନ ଲୋକଙ୍କୁ ବୁଝାବୁଝି କରାଇ ଚକ କଟା ହେଲା । ମୌଜାଟିର ୭୬ ଜଣ ଭୂମି ମାଲିକଙ୍କୁ ୧୦୪ ଗୋଟି ଚକ ଦିଆଗଲା । ଜମିର ପରିମାଣ ଓ ବିଭିନ୍ନ ପ୍ରକାର ଅର୍ଥକରୀ ଫସଲର ଉତ୍ପାଦନକୁ ଲକ୍ଷ୍ୟ ରଖି ୫୫ ଜଣ ଭୂମି ମାଲିକଙ୍କୁ ଗୋଟିଏ ଚକ, ୧୪ ଜଣ ଭୂମି ମାଲିକଙ୍କୁ ଦୁଇଟି ଚକ ଓ ୭ଜଣ ଭୂମି ମାଲିକଙ୍କୁ ତିନୋଟି ହାରରେ ଚକ ଦିଆଗଲା । ନୂଆ ନୂଆ ଚକର ଗୋଟିଏ ଗୋଟିଏ ଚିରକୁଟି (ପର୍ଚ୍ଚା) ଦିଆଗଲା । ଚାଷୀଲୋକ କଥଣ ବା ଆଉ ବୁଝିଥିବେ ସେଥିରୁ । ସମସ୍ତେ ଏକ ସ୍ୱରରେ କହିଲେ, ଆମକୁ ଠିକ୍ ଚକ ସରଜମିନ୍‌ରେ ଚିହ୍ନଟ କରିଦିଆଯାଉ । ପୁଣି ମାପ-ଚୁପ ହୋଇ ପ୍ରତ୍ୟେକଙ୍କୁ ଚକ ମଡାଣ କରାଗଲା । ଯେ ଯାହାର ଚକ ଚିହ୍ନଟ ନେଇ ଆଗ୍ରହରେ ଚାରିକଣରେ ପଥର ପୋତି ପକାଇଲେ । କାଳେ ପାଖ ଚାଷୀ ମାଡ଼ି ବସିବେ କି? ନୂଆ ରେକର୍ଡ ସାଙ୍ଗକୁ ସମସ୍ତ ଜମିକୁ ଗୋଟିଏ ବା ଦୁଇଟି ଚକରେ ଦେଖି ଲୋକମାନଙ୍କ ମନରେ ପ୍ରବଳ ଆନନ୍ଦ ଓ ଉତ୍ସାହ । କାଁ ଭାଁ ଜଣେ ଅଧେ ଚାଷୀ ସାମାନ୍ୟ ଚକ ପରିବର୍ତ୍ତନପାଇଁ ଆପତ୍ତି କରିଥିଲେ ମଧ୍ୟ ପ୍ରାୟ ସମସ୍ତେ ଯେ ଯାହାର ଜମି ମଡାଣ ନେଲେ ।

୧୯୭୯ ମସିହା ଏପ୍ରିଲ, ମେ ମାସ । ପ୍ରବଳ ଖରା, ଗୁଳୁଗୁଳି ଓ ଗରମ । ଠିକ୍ ଏତିକିବେଳେ ଚକ ମଡାଣ କାର୍ଯ୍ୟ ଚାଲିଥାଏ । ଲୋକମାନେ ଆଗ୍ରହର ସହିତ କିଏ ବା ନିଜେ ନିଜେ କିଏ ବା ମୂଲିଆ ଲଗାଇ, ଯେ ଯାହାର ନୂଆ ଚକରେ ହିଡ଼ ବାନ୍ଧିବାରେ ବ୍ୟସ୍ତ । ବାଉରୀବନ୍ଧୁ ନାଏକ ଏ ଗାଁର ଗୋଟିଏ କ୍ଷୁଦ୍ର ଚାଷୀ । ତାର ମୋଟ ଜମି ପ୍ରାୟ ଚାଳିଶ ଡେସିମିଲ ହେବ । ଲୋକଟିର ଆଖି ଦୁଇଟି ପ୍ରାୟ ନଷ୍ଟ ହୋଇଯାଇଛି । କେବଳ ବାଡ଼ି ଖଣ୍ଡେ ଧରି ରାସ୍ତା ଦରାଣ୍ଡି ଦରାଣ୍ଡି ଚାଲେ । ସେ ତାର ନିଜର ଲୋକଟିଏ ଧରି ଚକ ହିଡ ତିଆରି କରିବାରେ ଲାଗିଥାଏ । ଏମିତି ଗାଁଟିର ପ୍ରତ୍ୟେକ ଲୋକ ଏକା ସମୟରେ ନିଜ ନିଜର ଚକ ପ୍ରସ୍ତୁତ କରିବାରେ ଲାଗିଥାନ୍ତି । ସେ ଦୃଶ୍ୟ ଅତୀବ ମନୋରମ ଓ ମର୍ମସ୍ପର୍ଶୀ । ଏମିତିକି ସେ ବେଳରେ ଲୋକମାନେ ଖାଇବା ପିଇବା ଗଣ୍ଡାକ ବି ଭୁଲିଯାଉଥାନ୍ତି । କିଏ ବା ହଳ ମଇରେ, କିଏ ବା ଟ୍ରାକ୍ଟର ଲଗାଇ ଜମି ସମତୁଲ କରିଦେଲେ ଏତେବଡ ଗହୀରର ଖାଲ ଢିପ ଜମି ଦିନ କେତେଟାରେ ସମତଳ ହୋଇଗଲା । ଗାଁ ସାଙ୍ଗକୁ ଚକ ହିଡଟିମାନ ଖୁବ୍ ସିଧା ସିଧା ଦିଶୁଥାଏ । ପଶ୍ଚିମ ପଟେ ଚନ୍ଦନପୁର ଶାଖା କେନାଲ ବନ୍ଧରେ ଠିଆ ହୋଇ ପୂର୍ବକୁ ନୂଆଗାଁ ଡିଷ୍ଟ୍ରିବ୍ୟୁଟାରୀ ପର୍ଯ୍ୟନ୍ତ ଅନାଇଲେ ସିଧା ସିଧା ହିଡଟିମାନ ଖୁବ୍ ସୁନ୍ଦର ଦିଶୁଥାଏ । ଚାଷୀ-ମାନେ ଏତେ ଆଗ୍ରହୀ ଯେ ଚକବନ୍ଦୀ କାର୍ଯ୍ୟର ପରବର୍ତ୍ତୀ ପର୍ଯ୍ୟାୟକୁ ଅପେକ୍ଷା ନ କରି ଯେ ଯାହାର ଜମିରେ ଧାନ ଚାଷ ଆରମ୍ଭ କରିଦେଲେ । ଡିପ ଜମିରେ କିଏ ଧାନ ବୁଣିଲା ତ କିଏ ଧାନ ରୋଇବା ପାଇଁ ବ୍ୟବସ୍ଥା କଲେଣି । କେତେକ ବର୍ଷାଦିନିଆ ପନିପରିବା ଲଗାଇବାରେ

ଲାଗିଥାନ୍ତି । ଚକ ପଟ୍ଟା ବାଣ୍ଟିବା ପାଇଁ ଦିନ ଠିକ୍ ହେଲା । ୧୯୭୯ ମସିହା ଜୁନ ମାସ ତିରିଶ ତାରିଖକୁ ଗାଁ ଟିର ସମସ୍ତ ଚାଷୀ ଚକ ପଟ୍ଟା ନେବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥାନ୍ତି । ଏକ ନିରାଡମ୍ବର ଉତ୍ସବରେ ଚକପଟ୍ଟା ବଣ୍ଟନ ହେଲା । ଯେ ଯାହାର ଜମିର ଚକବନ୍ଦୀ ପଟ୍ଟା ନେଲେ । ମନରେ ସେମାନଙ୍କର ଅଶେଷ ଆନନ୍ଦ । କେହି କେହି ମଧ୍ୟ ଖୁସିରେ ନାଚି ଯାଉଥାଆନ୍ତି । ସେମାନଙ୍କର ଜୀବନକାଳ ମଧ୍ୟରେ ବନ୍ଦୋବସ୍ତ ବା ଚକବନ୍ଦୀ କଅଣ ଜାଣି ନ ଥିଲେ । ଏତେ ଅଳ୍ପ ଦିନ ଭିତରେ ସେମାନଙ୍କର ସମସ୍ତ ଜମି ଗୋଟିଏ ଯାଗାରେ ଚାଷ କରିବାକୁ ପାଇବା ଯେ ସମ୍ଭବ ହେବ ଏହା ତାଙ୍କର କଳ୍ପନାତୀତ ଥିଲା । ନୂଆ ନୂଆ ଚକରେ ବର୍ତ୍ତମାନ ଚାଷ କରି ଛୋଟ ବଡ଼ ଚାଷୀ ସମସ୍ତେ ଆନନ୍ଦିତ ।

ଗାଁଟିରେ ବିକ୍ଷିପ୍ତ ଭାବରେ ଥିବା ପ୍ରାୟ ଅଢେଇ ଏକର ଗୋଚର ଜମି ଯାହାକି କେତେକ ବ୍ୟକ୍ତି ବିଶେଷଙ୍କର ଦଖଲରେ ଥିଲା, ସେ ସବୁ ଏକତ୍ର କରି ଗାଁ ର ଦକ୍ଷିଣ ଦିଗରେ ସଂରକ୍ଷିତ ହୋଇଛି । ଗାଁ ମୁଣ୍ଡରେ ଶତେଇଶ ଡେସିମିଲ ଜମି ମେଳନ ପଡ଼ିଆ ନିମନ୍ତେ ଓ ତିରିଶ ଡେସି-ମିଲ ଜମି ଶ୍ମଶାନ ନିମନ୍ତେ ସଂରକ୍ଷିତ ହୋଇଛି । ଚକନାଳୀ ଓ ଶାଖା ଚକନାଳୀ ନିମନ୍ତେ ଉପଯୁକ୍ତ ପରିମାଣରେ ଜମି ମଧ୍ୟ ସଂରକ୍ଷିତ କରାଯାଇଛି । କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଅଥରିଟିଙ୍କ ତରଫରୁ ଚକନାଳୀ ପ୍ରସ୍ତୁତ ହୋଇଛି । ଏହାଦ୍ୱାରା ସମସ୍ତ ଚାଷୀ ଅବାଧରେ ନିଜ ନିଜ ଚକରେ ପାଣି ପାଇ ପାରୁଛନ୍ତି ।

ଏହି ମୌଜାରେ ଅଧିଷ୍ଠିତ ଉଗ୍ରେଶ୍ୱର ମହାଦେବଙ୍କର ମୋଟ ପ୍ରାୟ ଏକର ଜମିକୁ ଗାଁ ମୁଣ୍ଡରେ ଗୋଟିଏ ଚକରେ ଦିଆଯାଇଛି । ପୂର୍ବରୁ ଏଠି ଠାକୁରଙ୍କ ସମ୍ପତ୍ତି ବା ତହିର ଆୟ ଯେପରି ଭାବେ ଅପବ୍ୟୟ ହେଉଥିଲା, ତାହା ପ୍ରାୟ ବନ୍ଦ ହୋଇଯାଇଛି । ସେ ସମସ୍ତ ଜମିର ଆୟ ଠାକୁରଙ୍କ ସେବା ପୂଜାରେ ବିଧିବଦ୍ଧ ଭାବରେ ଖର୍ଚ୍ଚ ହେଉଅଛି ।

ଏ ମଧ୍ୟରେ ଗୋଟିଏ ବର୍ଷ ବିତିଗଲାଣି । ନିକଟସ୍ଥ କେନାଲରୁ ସୁବିଧାରେ ପାଣି ପାଇ ଗୋଟିଏ ପରେ ଗୋଟିଏ ଫସଲ ଏପରିକି ବର୍ଷ ମଧ୍ୟରେ ତିନୋଟି ଫସଲ ଉତ୍ପାଦନ କରିବାକୁ ଏ ଗାଁ ର ଚାଷୀମାନେ ବର୍ତ୍ତମାନ ସକ୍ଷମ । ଏ ସମ୍ବନ୍ଧରେ ଜଣେ ଚାଷୀ ଯଦୁମଣି ଦାସଙ୍କୁ ପଚାରିବାରେ କୁହନ୍ତି ଯେ ସେ ତାଙ୍କର ପାଞ୍ଚ ଏକର ଜମିକୁ ଦୁଇଗୋଟି ଚକରେ ପାଇଛନ୍ତି । ପୂର୍ବ ତୁଳନାରେ ତାଙ୍କର ଫସଲ ଉତ୍ପାଦନ ଦୁଇଗୁଣ ବଢ଼ିଯାଇଛି । ଅନ୍ୟ ଏକ ଉତ୍ସାହୀ ଚାଷୀ ଜଟ ପ୍ରଧାନ । ତାର ହାତୀ ପରି ହଳେ ବଳଦ । ସେ ତାର ମୋଟ ଅଢେଇ ଏକର ଜମିକୁ ଗୋଟିଏ ଚକରେ ପାଇ ଭାରି ଖୁସି ଓ ପୂର୍ବାପେକ୍ଷା ତାର ଆୟ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି । ଜଣେ ଯୁବକ ଚାଷୀ ରାମ-ଚନ୍ଦ୍ର ନାଏକ । ଧାନ ବ୍ୟତୀତ ଉନ୍ନତ ଧରଣର ରବି ଫସଲ ଇତ୍ୟାଦି ଚାଷକରି ଅଧିକ ଲାଭବାନ ହୋଇଛନ୍ତି । ପୂର୍ବରୁ ଯେଉଁମାନେ ଆଶଙ୍କା କରୁଥିଲେ ଯେ, ତାଙ୍କର ବିଆଳୀ ଜମି ଚାଲିଗଲେ ସେମାନେ ଅର୍ଥକରୀ ଫସଲ ଉତ୍ପାଦନ କରି ପାରିବେନି, ସେମାନେ ଏହି ବିଆଳୀ ଜମିରେ ଗୋଟିଏ ଗୋଟିଏ ଅଧିକା ଚକ ପାଇଥିବାରୁ ତାଙ୍କ ମନରୁ ସେ ସନ୍ଦେହ ଦୂର ହୋଇଯାଇଛି । ଏହି ଗ୍ରାମର ଅନ୍ୟାନ୍ୟ ଚାଷୀମାନେ ଗୋଟିଏ ଗୋଟିଏ ଚକରେ ତିନୋଟି ଲେଖାଏଁ ଫସଲ କରିବାକୁ ସମର୍ଥ ହୋଇ ପାରିଛନ୍ତି ଓ ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିଛି । ନିଶ୍ଚିତ ଭାବରେ କହିବାକୁ ଗଲେ ଏହା ଏକ ଆଦର୍ଶ ଗ୍ରାମ । ଦୀର୍ଘ ଦିନରୁ ଥିବା ଜମିବାଡ଼ି ସଂକ୍ରାନ୍ତ ସମସ୍ତ ମାମଲାମକଦ୍ଦମା ଲୋପ ହୋଇ ଯାଇଛି । ଚକବନ୍ଦୀରେ ବର୍ଗାକାର ବା ଆୟତାକାର ଚକଟିମାନ ପାଇଥିବାରୁ ଭବିଷ୍ୟତରେ ଜମି ଦଖଲ ସମ୍ବନ୍ଧୀୟ କୌଣସି ପ୍ରକାର କଳହ ଦ୍ୱନ୍ଦ୍ୱ ସୃଷ୍ଟି ହେବାର ଆଶଙ୍କା ନାହିଁ । ବର୍ତ୍ତମାନ ଏହି ଗ୍ରାମ ତଥା ଆଖ ପାଖ ଗ୍ରାମର ଚାଷୀମାନେ ଚକବନ୍ଦୀର ଉପକାରିତା ବେଶ୍ ଉପଲବ୍ଧି କରି ପାରିଛନ୍ତି । ପ୍ରଭୁ ଉଗ୍ରେଶ୍ୱର ମହାଦେବଙ୍କ କୃପାରୁ ଏହି ଗାଁ ର ସମସ୍ତ ଚାଷୀ ବର୍ତ୍ତମାନ ଖୁବ୍ ଆନନ୍ଦିତ ।

ସର୍ବେ ସୁଖୀନଃ ଭବନ୍ତୁ ।

ଏ-୧୧୬, ସହୀଦ ନଗର
ଭୁବନେଶ୍ୱର

ଅନ୍ୟର ସ୍ୱାଧୀନତା ଅପହରଣ ପାଇଁ ଚେଷ୍ଟା ନ କରି ବା ଅନ୍ୟର ମୁକ୍ତିଲାଭର ଉଦ୍ୟମରେ ବାଧା ନ ଦେଇ ନିଜ ବାଟରେ ନିଜର କଲ୍ୟାଣ ସାଧନ ଦିଗରେ ଆମମାନଙ୍କୁ ଯେଉଁ ସ୍ୱାଧୀନତା ସୁଯୋଗ ଦେଇଥାଏ, ତାହାହିଁ ଏକମାତ୍ର ସ୍ୱାଧୀନତା ।

ଜନ୍ ଷ୍ଟୁଆର୍ଟ ମିଲ୍

# ଉତ୍କଳମଣି ଗୋପବନ୍ଧୁଙ୍କ ସ୍ୱାଧୀନ ଭାରତ ଭାବନା

* ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ଗରିଷ୍ଠରେ ମାନବର ସମାଜ ସଂସ୍ଥିତି ।



* ସ୍ୱରାଜ୍ୟ ଧରମେ ନାହିଁ ଭେଦ ଜ୍ଞାନ
ଏକାକୋଳେ ଜନ୍ମ ଏକାକୋଳେ ଖେଳ
ଗୃହରେ ଚରଟ ଗ୍ରାମେ ପଞ୍ଚାୟତ
ସ୍ୱରାଜ୍ୟ ସାଧନେ ଏହି ତିନିପଦ
ସମସ୍ତେ ଯେ ଏକ ମାତାର ସନ୍ତାନ
ଏକାକୋଳେ ଶଯ୍ୟା ହେଲେ ଶେଷବେଳ
ଗ୍ରାମବାସୀଗଣ ମଧ୍ୟେ ଏକ ମତ
ପାଳିଲେ ଖଣ୍ଡିବ ଦେଶର ବିପଦ ।

* ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଯେତେ ଧର୍ମ ଯେତେ ବର୍ଣ୍ଣ ଜାତିକୁଳ
ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ
ଏକ କର୍ମଖେଳ ଏକ ମାତୃପଦେ
ଏକତା ମନ୍ତ୍ରରେ ରଖ ସଦା ମତି
ଶିଖ, ଜୈନ, ଯେତେ ଭାରତ–ସନ୍ତାନ
ଭାରତ ଜନନୀ ସମସ୍ତଙ୍କ ମୂଳ
ଏକତ୍ର ଅନୁତି, ଏକତ୍ର ଶ୍ମଶାନ
କରି ଏକ ପ୍ରାଣ ସଂପଦ ବିପଦେ
ହେବ ଏହିଭାବେ ସ୍ୱରାଜ୍ୟ ପ୍ରାପତି ।

* ପ୍ରଜା ଲାଗି କଲେ ପ୍ରଜାପତି ସୃଷ୍ଟି
ପ୍ରଜାଲାଗି ଉଦେ ରବି ଶଶି ତାରା
ପ୍ରଜା ଲାଗି ରାଜ୍ୟ ପ୍ରଜାର ଶାସନ
ପ୍ରଜା ଲାଗି ଇନ୍ଦ୍ର କରେ ଜଳବୃଷ୍ଟି
ପ୍ରଜା ଲାଗି ବହେ ଶତ ନଦୀ ଧାରା
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।

* ଉଡ଼ିବ ଅମ୍ବରେ ସ୍ୱରାଜ୍ୟ କେତନ
ହେବ ପ୍ରତିଷ୍ଠିତ ମହର୍ଷି ସମ୍ମତ
ବିରାଜିବ ବିଶ୍ୱେ ଏକତା ସମତା
ପ୍ରତିଷ୍ଠିତ ହେବ ସ୍ୱରାଜ୍ୟ ଶାସନ
ଜାଣିବ ଭାରତ, ଦେଖିବ ଜଗତ
ଶାନ୍ତି ଉଚାରିବେ ସ୍ୱଗରେ ଦେବତା ।

* ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶର ସ୍ୱରାଜ୍ୟ ପଥେ ଯେତେଗାଡ଼
ସ୍ୱାଧୀନତା ପଥେ ତିଳେ ହେଲେ ନର
ମଙ୍ଗଳମୟଙ୍କ ସୁମଙ୍ଗଳ ଇଚ୍ଛା
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼
ମୋ ଜୀବନ ଦାନେ ହେଉ ଅଗ୍ରସର
ପୂରୁ ଏ ପରାଣେ ଏହି ଶେଷ ଭିକ୍ଷା ।



# ଦାରିଦ୍ର୍ୟ ଦୂରୀକରଣ ଦିଗରେ ପୁରୀ ଗ୍ରାମ୍ୟ ବ୍ୟାଙ୍କର ଭୂମିକା

**ଶ୍ରୀ ବାସୁଦେବ ପଟ୍ଟନାୟକ**

ଭୁବନେଶ୍ୱରଠାରୁ ଏକଶତ କିଲୋମିଟର ଦୂରରେ ଅବସ୍ଥିତ ଶରଣକୂଳ ଓଡ଼ିଶାର ଏକ ପ୍ରସିଦ୍ଧ ସ୍ଥାନ । ଏହା ଓଡ଼ଗାଁ ବ୍ଲକ୍ ଓ ନୟାଗଡ଼ ସବ୍‌ଡିଭିଜନ୍‌ର ଅନ୍ତର୍ଗତ । ଏଠାର ପ୍ରସିଦ୍ଧ ଶିବ ମନ୍ଦିର ଶ୍ରୀ ଶ୍ରୀ ଲଡୁବାବାଙ୍କ ସହି ଏହା ଏକ ଧର୍ମପୀଠ ରୂପେ ପରିଚିତ ।

୧୯୭୬ ମସିହା ଡିସେମ୍ବର ୨୬ ତାରିଖ ଦିନ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଏହି ଶରଣକୂଳ ଆଖପାଖ ତଥା ଓଡ଼ଗାଁ ବ୍ଲକର ଜନସାଧାରଣଙ୍କ ଆର୍ଥନୈତିକ ମାନବୃଦ୍ଧି କରିବା ପାଇଁ ପୁରୀ ଗ୍ରାମ୍ୟ ବ୍ୟାଙ୍କର ଗୋଟିଏ ଶାଖା ଉଦ୍‌ଘାଟିତ ହୋଇଥିଲା । ଏହି ଭିତରେ ଶହ ଶହ ଲୋକ ଏହି ଗ୍ରାମ୍ୟ ବ୍ୟାଙ୍କର ଉପକାରିତା ଉପଲବ୍ଧିକରି ଏହି ଶାଖାର ଜଣେ ଜଣେ ସ୍ଥାୟୀ ସଦସ୍ୟ ହେବାର ଯୋଗ୍ୟତା ହାସଲ କରିବାକୁ ଆଗେଇ ଆସିଲେଣି । ଗୋଟିଏ ଶବ୍ଦରେ କହିବାକୁ ଗଲେ ଗ୍ରାମ୍ୟବ୍ୟାଙ୍କ୍ ଗଙ୍ଗା, ଯମୁନା ଓ ସରସ୍ୱତୀର ଗୋଟିଏ ମିଳନ ପୀଠ । ଏହା ଭାରତ ସରକାର, ରାଜ୍ୟ ସରକାର ଓ ଏକ ଜାତୀୟକରଣ ବ୍ୟାଙ୍କର ମିଳିତ ଉଦ୍ୟମ କ୍ରମେ ଖୋଲି ଅଛି । ପୁରୀ ଗ୍ରାମ୍ୟ ବ୍ୟାଙ୍କ୍ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ଦ୍ୱାରା ପ୍ରଯୋଜିତ ।

## ଗ୍ରାମ୍ୟବ୍ୟାଙ୍କର ଜନ୍ମ ଓ ଉଦ୍ଦେଶ୍ୟ

ଭାରତ ଗୋଟିଏ କୃଷି ପ୍ରଧାନ ଓ ଗ୍ରାମ ବହୁଳ ଦେଶ । ଗାଁଗହଳର କୃଷି ଓ ଶିଳ୍ପ ବିକାଶକୁ ଆଖି ଆଗରେ ରଖି ୧୯୭୫ ମସିହା ସେପ୍ଟେମ୍ବର ୨୬ ତାରିଖ ଦିନ ଭାରତ ସରକାରଙ୍କର ଏକ ସ୍ୱତନ୍ତ୍ର ଅର୍ଡିନାନ୍ସ ବଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷି ଶ୍ରମିକ, କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପର ଉନ୍ନତି ପାଇଁ ଗ୍ରାମ୍ୟ ବ୍ୟାଙ୍କ୍ [illegible] ହେଲା । ଏହି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ୧୯୮୦ ଡିସେମ୍ବର ଶେଷ ସୁଦ୍ଧା ସାରା ଭାରତରେ ୨୦୦୦ରୁ ଅଧିକ ଶାଖା ସ୍ଥାପନ କରି ଗାଁ । ଗହଳର ଉନ୍ନତିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଅଛି । ଚଳିତ ବର୍ଷ ସୁଦ୍ଧା ଓଡ଼ିଶାରେ ୭ଟି ଗ୍ରାମ୍ୟ ବ୍ୟାଙ୍କ୍ ପ୍ରତିଷ୍ଠା ହୋଇଛି ଯଥା ପୁରୀ ଗ୍ରାମ୍ୟ ବ୍ୟାଙ୍କ୍, ବଲାଙ୍ଗିର ଆଞ୍ଚଳିକ ଗ୍ରାମ୍ୟବ୍ୟାଙ୍କ୍, ପଞ୍ଚବଟୀ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, କଟକ ଗ୍ରାମ୍ୟ ବ୍ୟାଙ୍କ୍, ବାଲେଶ୍ୱର ଗ୍ରାମ୍ୟ ବ୍ୟାଙ୍କ୍, ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କ୍ । ପୁରୀ ଗ୍ରାମ୍ୟ ବ୍ୟାଙ୍କ୍ ଓଡ଼ିଶାର ସର୍ବ ପ୍ରଥମ ଓ ପୁରାତନ ଗ୍ରାମ୍ୟବ୍ୟାଙ୍କ୍ । ଏହା ୧୯୭୬ ମସିହା ଫେବ୍ରୁଆରୀ ମାସ ୨୫ ତାରିଖରେ ଉଦ୍‌ଘାଟିତ ହୋଇଥିଲା । ୧୯୮୧ ମସିହା ଫେବ୍ରୁଆରୀ ସୁଦ୍ଧା ଏହାର ୫୦ଟି ଶାଖା ସ୍ଥାପନ ହୋଇଛି । ୧୯୮୦ ଶେଷ ସୁଦ୍ଧା ଏହି ପୁରୀ ଗ୍ରାମ୍ୟବ୍ୟାଙ୍କ ସମୁଦାୟ ପାଞ୍ଚକୋଟି ପାଞ୍ଚଲକ୍ଷ ଟଙ୍କା ଜମା ଓ ଛଅକୋଟି ଏକାବନ ହଜାର ଟଙ୍କା ଋଣଦେଇ ପନ୍ଦର ଲକ୍ଷ ଟଙ୍କା ସୁଧ ଅର୍ଜନ କରିଛି । ସ୍ୱାଧୀନତା ଲାଭର ଅନେକ ବର୍ଷ ପରେ ଗ୍ରାମାଞ୍ଚଳ ଲୋକମାନଙ୍କର ଉନ୍ନତି ପାଇଁ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ଓଡ଼ିଶାର ୭୦ ଭାଗରୁ ଅଧିକ ଗ୍ରାମବାସୀ ଦାରିଦ୍ର୍ୟ ସୀମାରେଖାତଳେ ବାସ କରନ୍ତି ସେମାନଙ୍କର ମାସିକ ଆୟ ଟ୩୦ଙ୍କାରୁ କମ୍ ! ଆଜି ସେମାନଙ୍କ କଥା ସମସ୍ତେ ଚିନ୍ତା କରୁଛନ୍ତି । ବ୍ୟାଙ୍କ୍ ଜାତୀୟ କରଣ ହେଲେ ମଧ୍ୟ ସେମାନଙ୍କର ଉନ୍ନତି କିମ୍ବା ସୁବିଧା ହୋଇ ପାରିଲା ନାହିଁ । ଦୁର୍ବଳ ଶ୍ରେଣୀର ଉନ୍ନତି ଓ ଗାଁ ମହାଜନୀ କାରବାରର ବିଲୋପ ସାଧନ ପାଇଁ ଗ୍ରାମ୍ୟ ବ୍ୟାଙ୍କ୍ ପ୍ରଥମ ପଦକ୍ଷେପ ନେଇଛି । କମ୍ ସମୟ ଓ ଅଳ୍ପ ସୁଧରେ ଏହାର ଋଣ ପାଇବା ପାଇଁ ସମସ୍ତେ ଆଜି ଆଗଭର ।

କୃଷି —ଓଡ଼ଗାଁ ବ୍ଲକ୍‌ରେ ୪ ବର୍ଷର ସାଫଲ୍ୟ କାହାଣୀ ଦେବା ସଙ୍ଗେ ସଙ୍ଗେ ଏହି କାର୍ଯ୍ୟକ୍ରମର ସାମାନ୍ୟ ରୂପରେଖ ଏଥିରେ ଦିଆ ଯାଉଛି । କୃଷି କ୍ଷେତ୍ରରେ ଏହି ବ୍ୟାଙ୍କର ପରିସରଭୁକ୍ତ ସ୍ୱଳ୍ପୋପ-

ଯୋଗୀ ଗ୍ରାମ ଶିଖରପୁର, ଅଣ୍ଡିସିଙ୍ଗ, ଗୋଡ଼ିପଡ଼ା, ଚନ୍ଦେୟା ପଞ୍ଚାୟତ ଗ୍ରାମ ଶିଖରପୁର, ଅଣ୍ଡିସିଙ୍ଗ, ଗୋଡ଼ିପଡ଼ା, ଚଢ଼େୟା ପଲ୍ଲୀ ଅନ୍ତର୍ଗତ କୃଷକମାନେ ପରିଶ୍ରମୀ ଅଟନ୍ତି । ଏସବୁ ଗାଁର କୃଷକମାନେ ଗ୍ରାମ୍ୟ ବ୍ୟାଙ୍କରୁ ଋଣ ନେଇ କୋବି, ଆଳୁ, ବାଇଗଣ ଟମାଟୋ, ବର୍ଷାଦିନିଆଧାନ, ଚିନାବାଦାମ ଓ ଆଖୁ ପ୍ରଭୃତି ଫସଲ କରି ବିଶେଷ ଲାଭବାନ୍ ହେବା ସଙ୍ଗେ ସଙ୍ଗେ ବ୍ୟାଙ୍କ୍ ଋଣ ପରିଶୋଧ କରୁଛନ୍ତି । ଗୋଡ଼ିପଡ଼ା ଗ୍ରାମର ସର୍ବଶ୍ରୀ ଭିକାରୀ ସ୍ୱାଇଁ ଜଗନ୍ନାଥପାଢ଼ୀ, ଶତ୍ରୁଘ୍ନ ସ୍ୱାଇଁ ପ୍ରଭୃତି ନାମମାତ୍ର କୃଷୀ ଏହି ବ୍ୟାଙ୍କରୁ ଋଣ ନେଇ ପାନ ପରିବା ଓ ଅନ୍ୟ ଚାଷ କରି ବିଶେଷ ଭାବେ ଲାଭବାନ୍ ହୋଇ ବ୍ୟାଙ୍କ୍ ଋଣ ପରିଶୋଧ କରିବା ସଙ୍ଗେ ସଙ୍ଗେ ନିଜର ଅର୍ଥନୈତିକ ମାନ ବଢ଼ାଇ ପାରିଛନ୍ତି । ଏମାନେ ନିଜର ପାନ ପରିବା ନେଇ ବହୁତ ବର୍ଷ ଭେଟଗାଁଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗ୍ରାମ୍ୟ ଓ ଗ୍ରାମ୍ୟ କାରିଗରୀ ମେଳାରେ ପୁରୀ ଗ୍ରାମ୍ୟ ବ୍ୟାଙ୍କ୍ ସ୍ଥଳ ପ୍ରଦର୍ଶନ କରି ପୁରସ୍କାର ପାଇବାର ସୁଯୋଗ ଲାଭ କରିଥିଲେ । ରଂଗଣାପାଟଣା ଓଡ଼ିଶା ଭିତରେ ପରିବା ଉତ୍ପାଦନ କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଗ୍ରାମର ଶତାଧିକ ଲୋକ ଆମ ବ୍ୟାଙ୍କରୁ ଋଣ ନେଇ କୋବି, ଆଳୁ, ବାଇଗଣ ଟମାଟୋ ପ୍ରଭୃତି ଚାଷ କରି ବିଶେଷ ଉପକୃତ ହେଉଛନ୍ତି । ଏହି ଗ୍ରାମର ଦୃମା ପତ୍ରା ଓ ବଣ ସାହୁଙ୍କ କ୍ଷେତ ଉପରେ ଠିଆ ହେଲେ ଯେ କୌଣସି ଦର୍ଶକ ପୁରୀ ଗ୍ରାମ୍ୟ ବ୍ୟାଙ୍କର କାର୍ଯ୍ୟକ୍ରମକୁ ପ୍ରଶଂସା ନ କରି ରହି ପାରିବ ନାହିଁ । ନୟାଗଡ଼ ଅଞ୍ଚଳ ଓଡ଼ିଶାର ଆଖୁ ଉତ୍ପାଦନ କେନ୍ଦ୍ର ରୂପେ ବିବେଚିତ । ଶିଖରପୁର ଗ୍ରାମ ତା' ମଧ୍ୟରୁ ଗୋଟିଏ । ଏହି ଗାଁରୁ ପ୍ରାୟ ୨୦୦ରୁ ଅଧିକ କୃଷୀ ବ୍ୟାଙ୍କରୁ ଆଖୁ ଋଣ ନେଇ ଗୁଡ଼ ଉତ୍ପାଦନ କରି ବ୍ୟାଙ୍କ ଋଣ ପରିଶୋଧ କରି ପୁଣି ଆଖୁ ଚାଷ ପାଇଁ ଋଣ ଗ୍ରହଣ କଲେଣି । କୃଷି କ୍ଷେତ୍ରର ଉନ୍ନତି ପାଇଁ ବ୍ୟାଙ୍କର କର୍ମଚାରୀମାନଙ୍କର ପରାମର୍ଶ, ସାର ଓ ଔଷଧ ଯୋଗାଣ କୃଷୀମାନଙ୍କୁ ବିଶେଷ ସାହାଯ୍ୟ କରୁଛି । ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କରୁ ଶତାଧିକ ବ୍ୟକ୍ତି ତେର ଲକ୍ଷରୁ ଅଧିକ ଟଙ୍କା କୃଷିଋଣ ନେଇଛନ୍ତି ।

**ଜଳସେଚନ**—ଓଡ଼ିଶା ଭିତରେ ଅଧିକାଂଶ ଅଞ୍ଚଳ ଜଳସେଚନର ସୁବିଧାରୁ ବଞ୍ଚିତ । ଚାଷପାଇଁ ଜଳର ଆବଶ୍ୟକତାକୁ ଆଖିଆଗରେ ରଖି ବ୍ୟାଙ୍କ ୧୦୮ଟି କୂଅ ଖନନ ଋଣ ଦେଇଅଛି । ଏହି ବାବଦରେ ବ୍ୟାଙ୍କ ମୋଟ ଛଅଲକ୍ଷ ଟଙ୍କା ଋଣ ଓ ପୁରୀର କ୍ଷୁଦ୍ରକୃଷୀ ଉନ୍ନୟନ ସଂସ୍ଥା ଅଶିହଜାର ଟଙ୍କା ସବ୍‌ସିଡ଼ି ଦେଇଛନ୍ତି । ଏହା ମଧ୍ୟରୁ ପ୍ରାୟ ୭ଟି କୂଅରେ ବିଦ୍ୟୁତ୍ ଚାଳିତ ପମ୍ପ ବସାଯାଇ କୃଷୀମାନଙ୍କର ସମୟ ଓ ଅର୍ଥ ବଞ୍ଚାଇବା ଦିଗରେ ବ୍ୟାଙ୍କ ଋଣ ଦେଇଛନ୍ତି । ଭୁବନେଶ୍ୱରର ଶ୍ରୀ ବୃନ୍ଦ ବେହେରା ପୁରୀ ଜିଲ୍ଲାର ଜଣେ କୃତୀ କୃଷକ । ସେ କୂପ ଖନନ ଓ ପମ୍ପ ପାଇଁ ବ୍ୟାଙ୍କରୁ ଋଣନେଇ ଠିକ୍ ସମୟରେ କିସ୍ତି ପରିଶୋଧ କରିବା ସଙ୍ଗେ ସଙ୍ଗେ ପ୍ରତିବର୍ଷ ଜମିକିଣିବାରେ ଲାଭବାନ୍ ହେଉଛନ୍ତି । ଚଳିତବର୍ଷ ଅଣ୍ଡିସିଙ୍ଗ ଗ୍ରାମର ଶ୍ରୀ ରମାନନ୍ଦ ସାହୁ ଏକ ଉଠାଜଳସେଚନ କେନ୍ଦ୍ର ସ୍ଥାପନ ପାଇଁ ବ୍ୟାଙ୍କରୁ ଋଣ ଗ୍ରହିଛନ୍ତି । ରାଜ୍ୟ ଉଠାଜଳସେଚନ କର୍ପୋରେସନର ମଞ୍ଜୁରୀ ପରେ ଅଳ୍ପଦିନପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ କରାଯିବ ।

**କ୍ଷୁଦ୍ରଋଣ**—କୃଷିର ଉନ୍ନତି ହେଲେ ସମାଜର ଅର୍ଥନୈତିକ ସ୍ଥିତି ସୁଦୃଢ଼ ହେବ । ଶରଣକୂଳ ଏକ ପ୍ରକାର ବ୍ୟବସାୟ ସ୍ଥଳୀ । ଏଥିପାଇଁ ବିଭିନ୍ନ ପ୍ରକାର ବ୍ୟବସାୟ କରିବାପାଇଁ ଋଣ ଦିଆଯାଏ । କଳଶିଆ ଦୋକାନ, ଚେକରାଟି ଦୋକାନ, ଲୁଗାଦୋକାନ, ସାଇକେଲ ମରାମତି ପ୍ରଭୃତି କାମପାଇଁ ଋଣ ମଧ୍ୟ ବ୍ୟାଙ୍କରୁ ଦିଆଯାଏ । ଫଳରେ ବ୍ୟବସାୟ ବୃଦ୍ଧି ପାଉଥାଏ ।

**ଗ୍ରାମ୍ୟକାରିଗରୀ ଓ ଶିଳ୍ପ**—କୃଷିର ଉନ୍ନତି ସଙ୍ଗେ ସଙ୍ଗେ ଗ୍ରାମ୍ୟ କାରିଗରୀର ଉନ୍ନତିପାଇଁ ଋଣ ଦିଆଯାଉଥାଏ । ଅଧିକାଂଶ ବ୍ୟକ୍ତି ନିଜର ପୈତୃକ ବ୍ୟବସାୟକରି ଜୀବିକାନିର୍ବାହ କରନ୍ତି । କୃଷୀକୁ ସାହାଯ୍ୟ କରୁଥିବା ବଢ଼େଇ, କମାର, ତନ୍ତୀ ଓ ଚମାର ପ୍ରଭୃତି ବ୍ୟକ୍ତିମାନଙ୍କୁ ଋଣଦେବାର ବ୍ୟବସ୍ଥା ରହିଅଛି । ଏହି ତନ୍ତ-ଋଣ ନେଇ ଚଢ଼େୟାପଲ୍ଲୀର ଶ୍ରୀ ଅନିଲ ବେହେରା ଓ ଗୋଡ଼ିପଡ଼ାର

ପରିଚାଳକ, ପୁରୀ ଗ୍ରାମ୍ୟ ବ୍ୟାଙ୍କ୍,
ଶରଣକୂଳ, ପୁରୀ ।

ଶ୍ରୀ ଦେବରାଜ ବେହେରା ନିଜର ତନ୍ତ ସଂଖ୍ୟା ବଢ଼ାଇ ଧନ ଅର୍ଥ ଉପାର୍ଜନ କରିଛନ୍ତି । ମଗରବନ୍ଧର ଶ୍ରୀ ଅଭିମନ୍ୟୁ ସେଠୀ, ଶିଖରପୁରର ଶ୍ରୀ ଇନ୍ଦୁ ସ୍ୱାଇଁ କାଠ କାରିଗରୀ ପାଇଁ ଋଣ ନେଇଛନ୍ତି । ପଞ୍ଚିରିଡ଼ାର ଶ୍ରୀ ଉଦୟନାଥ ମହାରଣା, ଶ୍ରୀ ଚୈତନ୍ୟ ମହାରଣା ପ୍ରଭୃତିଙ୍କୁ କମାରଶାଳ ସ୍ଥାପନପାଇଁ ଗ୍ରାମ୍ୟବ୍ୟାଙ୍କରୁ ଋଣ ଦିଆଯାଇଛି । ଗ୍ରାମ୍ୟ ଘଣିର ଉନ୍ନତିପାଇଁ ନଡ଼ିଯୋର, ଶରଣକୂଳ ଅଞ୍ଚଳରେ ତେଲ ଘଣାପାଇଁ ଋଣ ଦିଆଯାଇଛି । ଏଥିପାଇଁ ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର ସାହାଯ୍ୟରେ ସବ୍‌ସିଡ଼ି ମଧ୍ୟ ଦିଆଯାଉଛି । ଏହାବ୍ୟତୀତ କ୍ଷୁଦ୍ର ଶିଳ୍ପର ପ୍ରସାରପାଇଁ ଓଡ଼ଗାଁଠାରେ ୨୦ ହଜାରରୁ ଉର୍ଦ୍ଧ୍ୱ ବ୍ୟୟରେ ଶିବଶଙ୍କର ଆଇସ୍‌କ୍ରିମ୍ ଫାକ୍ଟ୍ରିକୁ ଋଣ ଦିଆଯାଇଛି । ବଡ଼ଖିଆଡ଼ାଠାରେ ୧୦ ହଜାର ଟଙ୍କାର ଏକ ହସ୍ତ ତନ୍ତ କେନ୍ଦ୍ର ସ୍ଥାପନ କରାଯାଇଛି । ଦାରୁଣ କାରିଗରୀ ଓ ବେତ କାମପାଇଁ ଋଣ ମଧ୍ୟ ଦିଆଯାଉଛି । ନାରିଗି ଖଇରିପଡ଼ିର ଶ୍ରୀ ଘନଶ୍ୟାମ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଓ ଜିଲ୍ଲା ଶିଳ୍ପକେନ୍ଦ୍ର ଦ୍ୱାରା ଅନୁମୋଦିତ ସିମେଣ୍ଟ ଟାଇଲ କେନ୍ଦ୍ର ସ୍ଥାପନ ପାଇଁ ଋଣ ଦିଆଯାଇଛି । ଏହାଦ୍ୱାରା ଗ୍ରାମାଞ୍ଚଳରେ ଶିଳ୍ପ ପ୍ରତିଷ୍ଠାରେ ଏହି ବ୍ୟାଙ୍କର ଉଦ୍ୟମ ଉଲ୍ଲେଖନୀୟ ।

**ସ୍ୱର୍ଣ୍ଣବନ୍ଧା ଋଣ**—ଲୋକେ ବିଭିନ୍ନ ସମୟରେ ଆକସ୍ମିକ ଆବଶ୍ୟକତା ତୁଲାଇବା ପାଇଁ ସୁନାବନ୍ଧାଦେଇ ଋଣ ନିଅନ୍ତି । ଏହାଦ୍ୱାରା ସୁନା ନିରାପଦରେ ରହେ । ଏ ବାବଦରେ ବର୍ତ୍ତମାନ ପ୍ରାୟ ତିନିଲକ୍ଷ ଟଙ୍କା ଋଣ ଦିଆଯାଇଛି ।

**ଶିକ୍ଷିତ ଯୁବକଙ୍କୁ କର୍ମ ଯୋଗାଣ**—ଏହି କାର୍ଯ୍ୟକ୍ରମ ଦ୍ୱାରା ଶରଣକୂଳଠାରେ ଏକ ଫଟୋ ଷ୍ଟୁଡିଓ ଓ ସମ୍ବାଦପତ୍ର ଯୋଗାଣ ସଂସ୍ଥା ସ୍ଥାପନ ହୋଇଛି । ଫଳରେ ସେମାନେ ନିଜ ଗୋଡ଼ରେ ଠିଆ ହେବାର ସୁଯୋଗ ପାଇଛନ୍ତି । ଏଠାରେ ଗୋଟିଏ ଔଷଧ ବିକ୍ରୟକେନ୍ଦ୍ର ସ୍ଥାପନ ହୋଇଛି ।

**ଧନ୍ଦାମୂଳକ ଶିକ୍ଷା**—ପୁରୀ ଗ୍ରାମ୍ୟ ବ୍ୟାଙ୍କ୍ ସହାୟତାରେ ଶରଣକୂଳଠାରେ ଏକ ଟାଇପ ଶିକ୍ଷାନୁଷ୍ଠାନ ସ୍ଥାପନ ହୋଇଛି । ପ୍ରାୟ ଶତାଧିକ ଯୁବକ ଏଠାରୁ ଶିକ୍ଷା ଗ୍ରହଣକରି ସାରିଲେଣି

**ହରିଜନ ଓ କବାରୀ ଋଣ**—ଏହି ବ୍ୟାଙ୍କ ସାହାଯ୍ୟରେ ଶରଣକୂଳ ହରିଜନ ବସ୍ତିରେ ଦାରୁଣ କାରିଗରୀ ପାଇଁ ଓ କେନ୍ଦୁପାଟିଆଁଠାରେ ବେତ କାମ ପାଇଁ ଋଣ ଦିଆଯାଇଛି । ଫଳରେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ।

**ଶିଳ୍ପ ସମିତି ଋଣ**—କଂସା ଓ ପିତଳ କାମପାଇଁ ହରିପୁରସ୍ଥିତ ଦଧିବାମନ ବୀର ଲୌହ ସମବାୟ ସମିତିକୁ ୨୦ହଜାର ଟଙ୍କା ଋଣ ଦିଆଯାଇଛି । ଫଳରେ ଏଠାକାର ଗ୍ରାମ୍ୟ କାରିଗରମାନେ କାମ କରିବାର ସୁଯୋଗ ପାଉଛନ୍ତି ।

**ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା**—ପୁରୀ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ତନ୍ତ, କମାରଶାଳ, ଘଣି, ଚି[illegible]ଡ଼ାକାମ, ଶଗଡ଼, ବଳଦ, ଛେଳି, ଗାଈ ପ୍ରଭୃତିର ଉନ୍ନତି ନିମନ୍ତେ [illegible] ମୁଦାୟ ୭୩୦ ଜଣଙ୍କୁ ଋଣ ଦିଆ ଯାଇଛି ଏବଂ ଏଥିପାଇଁ ସବ୍‌ସିଡ଼ି ମଧ୍ୟ ମିଳିଛି ।

**ଗ୍ରାମାଞ୍ଚଳ ଦରିଦ୍ର ଲୋକମାନଙ୍କର ଆର୍ଥିକ ଅଭ୍ୟୁତ୍ଥାନ ଯୋଜନା**—ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକରେ ଛେଳିପାଳନ ପାଇଁ ଗ୍ରାମର ଲୋକମାନଙ୍କୁ ଋଣ ଦିଆଯାଉଛି । ସେଥିପାଇଁ ଜିଲ୍ଲା ଗ୍ରାମ୍ୟ ବିକାଶ ସଂସ୍ଥା ସବ୍‌ସିଡ଼ି ଦେଉଛି ।

**ମାଛ ଚାଷ**—ସଘନ ପ୍ରଣାଳୀରେ ମାଛଚାଷ ପାଇଁ ଚଳିତବର୍ଷ ୧୯ ଗୋଟି ପୋଖରୀକୁ ପ୍ରାୟ ପଚାଶ ହଜାର ଟଙ୍କା ଋଣ ଦିଆ ଯାଇଛି । ଏଗୁଡ଼ିକମଧ୍ୟରୁ ଶରଣକୂଳ ଛମୁଣ୍ଡି ପୋଖରୀ ଓ ଶିଖରପୁର ବରଗଡ଼ିଆ ଅନ୍ୟତମ ।

**ଜମା ଯୋଜନା**—ଋଣ ଦେବା ସଙ୍ଗେ ସଙ୍ଗେ ଜମା ଯୋଜନା ମଧ୍ୟ ବ୍ୟାଙ୍କର ରହିଛି । ଅନ୍ୟ ଜାତୀୟକରଣ ବ୍ୟାଙ୍କ ଓ ସଞ୍ଚୟ ଦାରୀ ସଂସ୍ଥା ଅପେକ୍ଷା ଶତକଡ଼ା ୫୦ ପଇସା ଅଧିକା ସୁଧ ଦେବା ଫଳରେ ଗାଁର ଜମା ବ୍ୟାଙ୍କ ପାଖକୁ ଆସେ । ବ୍ୟାଙ୍କଶାଖାର ବର୍ତ୍ତମାନ ଜମା ପ୍ରାୟ ୧୦ ଲକ୍ଷ ଓ ଋଣ ପ୍ରାୟ ୨୨ ଲକ୍ଷ ଅଟେ ।

ଗାଁ । ସହଜରେ ଲୋକମାନଙ୍କର ସହଯୋଗକ୍ରମେ ଏହି ବ୍ୟାଙ୍କ ପୁରୀ ଜିଲ୍ଲା କାହିଁକି ଓଡ଼ିଶାରେ ଖ୍ୟାତିସମ୍ପନ୍ନ ଶାଖା ରୂପେ ପରିଗଣିତ ହେବାକୁ ଯାଉଛି ।

# କେନ୍ଦୁଝର ଜିଲ୍ଲାରେ ଗରିବ ଲୋକଙ୍କର ଆର୍ଥିକ ଅଭ୍ୟୁତ୍ଥାନ

ଶ୍ରୀ ଫଣିଭୂଷଣ ଦାସ

କେନ୍ଦୁଝର ଏକ ଆଦିବାସୀ ବହୁଳ ଜିଲ୍ଲା । ଏହାର ମୋଟ ଲୋକ ସଂଖ୍ୟା ୯,୫୫,୬୧୪ ମଧ୍ୟରୁ ଆଦିବାସୀ, ହରିଜନଙ୍କ ସଂଖ୍ୟା ୫,୪୬,୪୫୯ । ଏମାନେ ସାଧାରଣତଃ ଗରିବ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଓ ବହୁ ପ୍ରାକୃତିକ କାରଣରୁ ସାମୁହିକ ଭାବରେ କେନ୍ଦୁଝର ଜିଲ୍ଲା ଆର୍ଥିକ କ୍ଷେତ୍ରରେ ବିଶେଷ ଅଗ୍ରଗତି କରିପାରି ନାହିଁ । କେନ୍ଦୁଝର ଜିଲ୍ଲା ଲୋକମାନଙ୍କର ଆର୍ଥିକ ପରିବର୍ତ୍ତନ ଆଣିବା ପାଇଁ ଅନେକଗୁଡ଼ିଏ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଗରିବ



ଲୋକମାନଙ୍କର ଆର୍ଥିକ ଅଭ୍ୟୁତ୍ଥାନ ପାଇଁ ସ୍ୱତନ୍ତ୍ର ପ୍ରସାରୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସରକାର ଦୃଢ଼ ପଦକ୍ଷେପ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ଅନୁସାରେ ଗରିବ ଲୋକମାନଙ୍କୁ ସବୁମତେ ସାହାଯ୍ୟ ଦେଇ ସେମାନଙ୍କର ଆର୍ଥିକ ମାନଦଣ୍ଡ ବଢ଼ାଇବାକୁ ସଂକଳ୍ପ ସହିତ କାର୍ଯ୍ୟ କରିବା ପାଇଁ ସରକାରଙ୍କର ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏହି ବ୍ୟବସ୍ଥା ଅନୁଯାୟୀ ଅଭ୍ୟୁତ୍ଥାନ ପାଇଁ ନିର୍ଦ୍ଦିଷ୍ଟ କରାଯାଉଥିବା ଲୋକମାନଙ୍କର କାର୍ଯ୍ୟଦକ୍ଷତା ଅଥବା ଶ୍ରମକୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କର୍ମରେ ବିନିଯୋଗ କରିବା, ସେମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା, ସେମାନଙ୍କୁ ବୈଷୟିକ ତଥା ବୃତ୍ତିଗତ ଶିକ୍ଷା ଦିଆଯିବା ଏବଂ ତତ୍ପର ଉପଯୋଗୀ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବା ଭଳି ଏହି ଯୋଜନାରେ କାର୍ଯ୍ୟକ୍ରମ ରଖାଯାଇଛି । ଗରିବ ଲୋକଙ୍କର ଆର୍ଥିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ଗତ ୨୯-୯-୮୦ ତାରିଖରୁ ଆନୁଷ୍ଠାନିକ ଭାବରେ ଆରମ୍ଭ କରାଗଲା । ସଂପୃକ୍ତ ବିଧାନସଭା ସଦସ୍ୟ ଓ ଲୋକସଭା ସଦସ୍ୟମାନେ ଏ ସଂପର୍କରେ ସକ୍ରିୟ ଭାବରେ ବିଶେଷ ଆଗ୍ରହ ନେଇ ପ୍ରାରମ୍ଭିକ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ଭିତରେ ଶେଷ କରିବାକୁ ପଦକ୍ଷେପ ଗ୍ରହଣ କରିଥିଲେ ।

କେନ୍ଦୁଝର ଜିଲ୍ଲା ପର୍ଯ୍ୟାୟ ଗ୍ରାମୋନ୍ନତି ସଂସ୍ଥାର ମଧ୍ୟରେ ଥିବା ୧୩ଟି ବ୍ଲକର ମୋଟ ୨,୦୪୮ ଗ୍ରାମର ୧,୨୬୫ ପରିବାରକୁ ସରକାରଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟା ଅନୁସାରେ ଅଭ୍ୟୁତ୍ଥାନ କରିବା ପାଇଁ ଚିହ୍ନଟ କରାଗଲା । ଏହି ପରିବାରଗୁଡ଼ିକ ସଂପୂର୍ଣ୍ଣ ଜମିହୀନ ଏବଂ ମଜୁରୀ ବ୍ୟତୀତ ଅନ୍ୟାନ୍ୟରେ ଦୁର୍ଦ୍ଦିନ ମଧ୍ୟ । ଚିହ୍ନଟ କରିବା କାର୍ଯ୍ୟ ଗ୍ରାମ୍ୟ କମିଟି ଗୁଡ଼ିକର ଅନୁମୋଦନ କ୍ରମେ ସଂପନ୍ନ କରାଗଲା ।

ଏହି ଲୋକମାନଙ୍କୁ ଉପଯୁକ୍ତ ଭାବରେ ଅଭ୍ୟୁତ୍ଥାନ କରିବା ପୂର୍ବରୁ ସେମାନଙ୍କ ବୃତ୍ତିଗତ ଆଗ୍ରହପ୍ରତି ଦୃଷ୍ଟି ଦିଆଯାଉଛି । ଯାହାର ଯେଉଁ ଧନ୍ଦାପ୍ରତି 'ଅଭିରୁଚି' ପରିଲକ୍ଷିତ ହୋଇଛି ତାକୁ ସେହିଭଳି ଧନ୍ଦାରେ ସଂପୃକ୍ତ କରିବାକୁ ପଡ଼ିଛି ।

କେନ୍ଦୁଝର ଜିଲ୍ଲାର ପରିସ୍ଥିତି ଓ ଚାହିଦାକୁ ଲକ୍ଷ୍ୟ ରଖି ଗାଈ, ଛେଳି, ଘୁଷୁରୀ ପାଳନ, ବଳଦ ଓ ଗାଡ଼ି, ତସର ଓ ରେଶମ ସୂତା

ଅର୍ଦ୍ଧ କାର୍ଯ୍ୟକ୍ରମ ଅନୁଯାୟୀ ଗଠିତ ସେଲଙ୍କ ଆର୍ଥିକ ଥଇଥାନ ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଛି

ଗୋପାଳନ କାର୍ଯ୍ୟକ୍ରମରେ ଘୋଡ଼ା, ସାହାରପଡ଼ା କେନ୍ଦୁଝର ଘଟଗାଁ, ଆନନ୍ଦପୁର ଓ ହାଟଡିହି ବ୍ଲକରେ ମୋଟ ୧୧୪ ଗୋଟି ପରିବାରକୁ ଥଇଥାନ କରାଯାଇଛି । ସେହି ପରିବାରମାନଙ୍କୁ ଉନ୍ନତ ଧରଣର ଦୁଧିଆଳି ଗାଈ ଯୋଗାଇ ଦିଆଯାଇଛି । ଛେଳି ପାଳନ କାର୍ଯ୍ୟକ୍ରମରେ ଘୋଡ଼ା, ଚମ୍ପୁଆ, ଝୁମ୍ପୁରା, ସୁମ୍‌ପାଟଣା, କେନ୍ଦୁଝର, ହରିଚନ୍ଦନପୁର, ସାହାରପଡ଼ା , ଘଟଗାଁ, ଘସିପୁରା, ଆନନ୍ଦପୁର ଓ ହାଟଡିହି ବ୍ଲକରେ ୨୩୯ଟି ପରିବାରକୁ ଆବଶ୍ୟକ ପରିମାଣର ଛେଳି ଯୋଗାଇ ଦିଆଯାଇଛି । ଘୁଷୁରୀ ପାଳନ କାର୍ଯ୍ୟକ୍ରମରେ ଘୋଡ଼ା, ଝୁମ୍ପୁରା, ସୁମ୍‌ପାଟଣା, ସାହାରପଡ଼ା, ଘସିପୁରା ଓ ହାଟଡିହି ବ୍ଲକର ମୋଟ ୫୦ ଗୋଟି ପରିବାରକୁ ଆବଶ୍ୟକ ପରିମାଣର ଘୁଷୁରୀ ଯୋଗାଇ ଦିଆଯାଇଛି ।

ଗାଈ, ଛେଳି, ଘୁଷୁରୀ ଆଦି ପଶୁଭିତ୍ତିକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଶୁ ଚିକିତ୍ସା ବିଭାଗର ଅଫିସର ଓ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଫିସର ସର୍ବାଙ୍ଗିକ ଭାବରେ ଏହି ପରିବାରଗୁଡ଼ିକୁ ବୈଷୟିକ ଜ୍ଞାନ, ଚିକିତ୍ସା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ଏହି କାର୍ଯ୍ୟକ୍ରମରେ ଯେଉଁ ପରିବାରଗୁଡ଼ିକୁ ଥଇଥାନ କରାଯାଉଛି, ସେମାନଙ୍କୁ ଶତକଡ଼ା ୫୦ ଭାଗ ରିହାତି ଦିଆଯାଉଛି ଏବଂ ଅନ୍ୟ ୫୦ଭାଗ ସେମାନେ ବ୍ୟାଙ୍କଗୁଡ଼ିକରୁ ଋଣଆକାରରେ ପାଉଛନ୍ତି । ଉପଜିଲ୍ଲାପାଳମାନେ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଫିସରମାନେ ଏହି କାର୍ଯ୍ୟକ୍ରମ ତଦାରଖ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ସମୟରେ ଏହାର ସଫଳତା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦିଅନ୍ତି । ଏହି କାର୍ଯ୍ୟକ୍ରମରେ ଗରିବ ପରିବାରଗୁଡ଼ିକ କିପରି ବିଶେଷ ଭାବରେ ଉପକୃତ ହୋଇ ପାରିବେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି ।

ହସ୍ତତନ୍ତ କାର୍ଯ୍ୟକ୍ରମରେ ଚମ୍ପୁଆ, ଝୁମ୍ପୁରା, ସାହାରପଡ଼ା କେନ୍ଦୁଝର, ହରିଚନ୍ଦନପୁର, ପାଟଣା, ଘଟଗାଁ, ଘସିପୁରା ବ୍ଲକରେ ମୋଟ ୨୯ଟି ପରିବାରକୁ ହସ୍ତତନ୍ତ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାଜ ସରଞ୍ଜାମ ଯୋଗାଇ ଦିଆଯାଉଛି । ଏଥିପାଇଁ ଆବଶ୍ୟକତା ଅନୁସାରେ ତାଲିମ ଦେଇ ତାଲିମ୍‌ର ବ୍ୟବସ୍ଥା କରାଯାଉଛି । ଉକ୍ତ ପରିଯୋଜନା ପାଇଁ ମୋଟ ୫୦୦୦ ଟଙ୍କାର ବ୍ୟୟ ଅଟକଳ ମଧ୍ୟରୁ ଶତକଡ଼ା ୫୦ ଭାଗ ରିହାତି ଦିଆଯାଏ ଏବଂ ଅବଶିଷ୍ଟ ୫୦ ଭାଗ ବ୍ୟାଙ୍କରୁ ଋଣ ଯୋଗାଇ ଦିଆଯାଏ ।

କାଜୁଚାଷ କାର୍ଯ୍ୟକ୍ରମରେ ୨୩୩ଟି ପରିବାରକୁ ଥଇଥାନ କରାଯାଉଛି । ଝୁମ୍ପୁରା, ସାହାରପଡ଼ା, କେନ୍ଦୁଝର, ହରିଚନ୍ଦନପୁର, ପାଟଣା ବ୍ଲକରେ ଯେଉଁଠାରେ କେବଳ କାଜୁଚାଷ ଉପଯୋଗୀ ଜମି ଅଛି ସେହିଠାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି । ଏଥିପାଇଁ କୌଣସି ଋଣ କରିବାର ଆବଶ୍ୟକତା ନାହିଁ । ସରକାରଙ୍କ ତରଫରୁ ପ୍ରଥମ ଫଳ ଆସିବା ପର୍ଯ୍ୟନ୍ତ ସମସ୍ତ ଯତ୍ନ ଓ ଖର୍ଚ୍ଚ ବହନ କରାଯାଉଛି । ଫଳ ଆସିବା ପରେ ପରେ ନିର୍ଦ୍ଦିଷ୍ଟ ପରିବାରକୁ ନିର୍ଦ୍ଦିଷ୍ଟ ପରିମାଣର ଜମି ସହିତ ଫଳନ୍ତି କାଜୁଗଛଗୁଡ଼ିକ ହସ୍ତାନ୍ତରିତ କରାଯାଇ ଦିଆଯିବ । କାଜୁ ଚାଷ ଜମି ଯେଉଁ ପରିବାରକୁ ଦିଆଯିବା ପାଇଁ ଠିକ୍ କରାଯାଉଛି ସେହି ପରିବାରର ଲୋକମାନେ ପ୍ରାରମ୍ଭିକ ଅବସ୍ଥାରେ ମଜୁରୀ ପାଇ ଫଳ ଆସିବା ପର୍ଯ୍ୟନ୍ତ ସେହି କ୍ଷେତ୍ରରେ କାମ କରୁଛନ୍ତି । ଏହାଦ୍ୱାରା ସେମାନଙ୍କର ଜମିପ୍ରତି ତଥା ଗଛପ୍ରତି ନିଜର ବୋଲି ଅନୁରକ୍ତି ଆସିବ ଓ ଗଛଗୁଡ଼ିକର ଉତ୍ତମ ପରିଚର୍ଯ୍ୟା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଭଲଭାବରେ ହୋଇ ପାରିବ ।

ରେଶମଚାଷ କାର୍ଯ୍ୟକ୍ରମରେ ବାଂଶପାଳ, ଘଟଗାଁ ବ୍ଲକର ୪୫ଟି ପରିବାରକୁ ଥଇଥାନ କରିବାପାଇଁ କାର୍ଯ୍ୟ ଚାଲିଛି । ଗଛ ଲଗାଇବା, ରେଶମ ପୋକ ପାଳନ କରିବା ଓ ଏହାର ଯତ୍ନନେଇ ରେଶମ ଆମଦାନୀ କରିବା ପର୍ଯ୍ୟନ୍ତ ଟ.୫୦୦୦ ବ୍ୟୟ ଅଟକଳ କରାଯାଇଛି । ଏଥି ମଧ୍ୟରୁ ୫୦ ଭାଗ ରିହାତି ଦିଆଯିବ ଓ ଅବଶିଷ୍ଟ ଟଙ୍କା ବ୍ୟାଙ୍କରୁ ଋଣ ମିଳିପାରିବ । ପ୍ରତ୍ୟେକ ପରିବାରକୁ ଏହି କାର୍ଯ୍ୟକ୍ରମପାଇଁ ଅଧା ଏକର କରି ଜମିରେ ଦଖଲ ସ୍ଥିତି ଅଧିକାର ଦିଆଯିବ । ତସର ଚାଷ କାର୍ଯ୍ୟକ୍ରମରେ ବାଂଶପାଳ, ହରିଚନ୍ଦନପୁର, ଘଟଗାଁ ଓ ଆନନ୍ଦପୁର ବ୍ଲକରେ ୮୦ ଗୋଟି ପରିବାରକୁ ଥଇଥାନ କରାଯାଉଛି । ଗଛ ରୋପଣ ତସର ପୋକ ପାଳନ ଓ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ତସର ଆମଦାନୀ ହେବା ପର୍ଯ୍ୟନ୍ତ ସରକାର ବହନ କରିବେ । ପ୍ରତ୍ୟେକ ପରିବାରକୁ ୧ ଏକର କରି ଦଖଲ ସ୍ଥିତି ପଟ୍ଟା ଦିଆଯିବ ।

ହାଟଡିହି ଓ ଘସିପୁରା ବ୍ଲକର ୫୦ଟି ପରିବାରକୁ ଜମିରେ ଚାଷକାର୍ଯ୍ୟରେ ଥଇଥାନ କରିବାପାଇଁ ପଦକ୍ଷେପ ନିଆଯାଇଛି । ୬୮ଟି ପରିବାରକୁ ମତ୍ସ୍ୟଚାଷ ଓ ପଶୁଚାଷ କାର୍ଯ୍ୟରେ ନିଯୁକ୍ତି ଦିଆଯାଇଛି । ଏତଦ୍ ବ୍ୟତୀତ ୩ଟି ପରିବାରକୁ ମଧ୍ୟ ସାମୂହିକ ଚାଷ କ୍ଷେତ୍ରରେ ନିଯୁକ୍ତି ଦିଆଯାଇଛି । ଏହିପରି ସର୍ବମୋଟ ୧୦୭୬ଟି ପରିବାରକୁ ଥଇଥାନ କରିବାପାଇଁ ସରକାରଙ୍କ ତରଫରୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର ହୋଇଥିବା ସ୍ଥଳେ ଏ ପର୍ଯ୍ୟନ୍ତ ମୋଟ ୮୧୬ଟି ପରିବାରକୁ ଗାଈ, ଛେଳି ଓ ଘୁଷୁରି ପାଳନ, ହସ୍ତତନ୍ତ, , କାଜୁ, ରେଶମ ଓ ତସର ଚାଷ, କୃଷି, ମତ୍ସ୍ୟ ଚାଷ ଓ ପଶୁ ଚାଷ କାର୍ଯ୍ୟରେ ନିୟୋଜିତ କରାଯାଇଛି ।

କଲେକ୍ଟର, କେନ୍ଦୁଝର

> ଏକ ବୃହତ୍ ଶକ୍ତି ହେବାକୁ ଆମେ ଚାହୁଁ ନା । ଆମ ସମସ୍ୟା ସମାଧାନ କରିବାକୁ ଆମେ ଶକ୍ତିଶାଳୀ ହେବାକୁ ଚାହୁଁ ।
>
> —ଇନ୍ଦିରା ଗାନ୍ଧୀ

# ବିଶ୍ୱକବି ରବୀନ୍ଦ୍ରନାଥଙ୍କର କଳ୍ପନାପ୍ରସୂତ ନୂତନ ଭାରତ

ଡଃ ବିବେକ ଭଟ୍ଟାଚାର୍ଯ୍ୟ

ରବୀନ୍ଦ୍ର ନାଥ ଠାକୁରଙ୍କୁ ଆଧୁନିକ ଭାରତର କଳ୍ପନା-ବିଳାସୀ ବୋଲି ବର୍ଣ୍ଣନା କଲେ ଅତ୍ୟୁକ୍ତି ହେବନାହିଁ । ଗୁରୁଦେବ ଠାକୁର ରୂପେ ସୁପରିଚିତ ରବୀନ୍ଦ୍ର ନାଥ ଠାକୁର ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରାରମ୍ଭରୁହିଁ ଏହା ସହିତ ଓତପ୍ରୋତଭାବେ ଜଡିତ ଥିଲେ ।

ଜାତୀୟ ପୁନର୍ଜନ୍ମ ନିମନ୍ତେ କବି ରବୀନ୍ଦ୍ର ନାଥଙ୍କର ତିନୋଟି ଅବଦାନ ଥିଲା । ପ୍ରଥମଟି ହେଉଛି ତାଙ୍କର ଗଳ୍ପ, ଉପନ୍ୟାସ ଜରିଆରେ ଭାରତୀୟ ସଂସ୍କୃତିର ପୁନର୍ବିକାଶ, ଦ୍ୱିତୀୟଟି ହେଉଛି ନୂତନ ଶିକ୍ଷା ପ୍ରଣାଳୀର କଳ୍ପନା ଓ ଶେଷରେ ଭାରତର ମାନବିକତାର ଦର୍ଶନ ଆଧୁନିକ ଚିନ୍ତାଧାରାକୁ ବିଶ୍ୱରୂପ ଦେବା ସଙ୍ଗେ ସଙ୍ଗେ ସୁଦୂରପ୍ରସାରୀ କରିବା ।

୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିବା "ଗୀତାଞ୍ଜଳୀ" ତାଙ୍କର ସୃଜନଶୀଳ ବ୍ୟକ୍ତିତ୍ୱର ଜ୍ୱଳନ୍ତ ପ୍ରମାଣ । ଶାନ୍ତିନିକେତନଠାରେ ଥିବା ବିରାଟ ଶିକ୍ଷାନୁଷ୍ଠାନ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିକ୍ଷା ପଦ୍ଧତିର ମୂକସାକ୍ଷୀ । ବିଶ୍ୱ ଚିନ୍ତାଧାରା ଏବଂ ପରିବ୍ୟାପ୍ତ ଦିଗଦର୍ଶନର ପ୍ରତୀକ ହେଉଛି ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ । ଉପନିଷଦ ମତବାଦ ଦ୍ୱାରା ପ୍ରଭାବିତ ପିତା ମହର୍ଷି ଦେବେନ୍ଦ୍ର ନାଥ ଠାକୁରଙ୍କର ଆଧ୍ୟାତ୍ମିକ ଚେତନାର ସେ ଥିଲେ ପ୍ରକୃତ ଦାୟାଦ । ରବୀନ୍ଦ୍ର ନାଥ ଠାକୁର ଭାରତୀୟ ଜାତୀୟ ଆନ୍ଦୋଳନର ପ୍ରାରମ୍ଭରୁହିଁ ନିଜକୁ ନିୟୋଜିତ କରିଥିଲେ । ୧୮୮୬ ଓ ୧୯୦୬ରେ କଲିକତାଠାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ଦ୍ୱିତୀୟ ଓ ଦ୍ୱାବିଂଶ ଅଧିବେଶନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଠାକୁରଙ୍କ ରଚିତ ୨,୨୦୦ଟି କବିତା ମଧ୍ୟରୁ ଏକ ଚତୁର୍ଥାଂଶରୁ ଅଧିକ କବିତା ଦେଶାତ୍ମବୋଧ ଉପରେ ଆଧାରିତ । କେତେକ ସାମାଜିକ ଉତ୍ସବ ନିମନ୍ତେ ରବୀନ୍ଦ୍ର ନାଥ ସମସାମୟିକ ସମସ୍ୟା ଜଡ଼ିତ କେତେକ ଦେଶାତ୍ମବୋଧ ସଙ୍ଗୀତ ମଧ୍ୟ ରଚନା କରିଥିଲେ । ଉଦାହରଣ ସ୍ୱରୂପ "ରାକ୍ଷୀ" ଉତ୍ସବ ପାଇଁ ସାଂପ୍ରଦାୟିକ ସଦ୍‌ଭାବ ଉପରେ ଆଧାରିତ ସଙ୍ଗୀତ ସେ ରଚନା କରିଥିଲେ । ଶିବାଜୀଙ୍କୁ ସେ ଜାତୀୟ ବୀର ହିସାବରେ ରୂପ ଦେଇଥିଲେ। ବଙ୍ଗଳା ଭାଷାରେ ରଚିତ "ଗୀତାଞ୍ଜଳୀ"ରେ ପ୍ରକାଶ ପାଇଥିବା କବିତା "ଭାରତ ତୀର୍ଥ" ହେଉଛି ତାଙ୍କର ସର୍ବଶ୍ରେଷ୍ଠ କାଳ୍ପନିକ ରଚନା । ଅନୈକ୍ୟ ମଧ୍ୟରେ ଐକ୍ୟ ଏହି ମୂଳନୀତି ଉପରେ ଆଧାରିତ ଭାରତୀୟ ସାଂସ୍କୃତିକ ଐତିହ୍ୟକୁ ସେ ଏହି କବିତାରେ ପ୍ରସ୍ଫୁଟିତ କରିପାରିଛନ୍ତି ।

## ରବୀନ୍ଦ୍ର ନାଥଙ୍କର ଜାତୀୟତାବାଦ

ଭାରତ ସଂପୂର୍ଣ୍ଣଭାବେ ତାହାର ନିଜସ୍ୱ ସଂସ୍କୃତି, ସାମାଜିକ ତଥା ରାଜନୈତିକ ନୀତିଗୁଡ଼ିକ ଉପରେ ନିର୍ଭରଶୀଳ ହେଉ ବୋଲି ରବୀନ୍ଦ୍ର ନାଥ ସର୍ବଦା ଉଦ୍ୟମ କରୁଥିଲେ । ଭାରତୀୟ ଜାତୀୟତାବାଦ ସଂପର୍କରେ ତାଙ୍କ ଭାବଧାରା ସାଂସ୍କୃତିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ଥିଲା । ଭାରତୀୟ ସଂସ୍କୃତିର ମହାନତା ତଥା ବିଭିନ୍ନତା ପ୍ରତି ସେ ସର୍ବଦା ସଚେତନ ଥିଲେ ଏବଂ ଏଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ୧୯୦୪ ମସିହାରେ ତାଙ୍କଦ୍ୱାରା ଲିଖିତ ପ୍ରବନ୍ଧ "ସମାଜ ଏବଂ ରାଜ୍ୟ"ରେ ସେ ଉଲ୍ଲେଖ କରିଥିଲେ ଯେ ଅନେକଙ୍କ ମଧ୍ୟରେ ଏକ ତଥା ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତୀୟ ଧର୍ମମତର ପରଂପରା ।

## ସୁଦୂରପ୍ରସାରୀ ସାଂସ୍କୃତିକ ଆଭିମୁଖ୍ୟ

ଅନେକ ଝରଣାର ମିଶ୍ରଣରେ ଗଠିତ ଏକ ନଦୀ ସହିତ ସେ ଭାରତୀୟ ସଂସ୍କୃତିକୁ ତୁଳନା କରିଛନ୍ତି । "ବୈଦିକ, ପୌରାଣିକ, ବୌଦ୍ଧିକ, ଜୈନ, ଇସଲାମୀୟ, ଶିଖ, ଜୋରାଷ୍ଟ୍ରିଏନ" ଭଳି ବିଭିନ୍ନ ସାଂସ୍କୃତିକ ଧର୍ମର ସମନ୍ୱୟ ତଥା ଏଗୁଡ଼ିକର ଅନୁଚିନ୍ତା ଉପରେ ରବୀନ୍ଦ୍ର ନାଥ ଗୁରୁତ୍ୱ ଆରୋପ କରିଥିଲେ । ଏହାଛଡ଼ା ୟୁରୋପୀୟ ସଂସ୍କୃତିକୁ ଅନୁଧ୍ୟାନ କରିବା ପାଇଁ ମଧ୍ୟ ସେ ଉପଦେଶମାନ ପ୍ରଦାନ କରିଥିଲେ, ଯାହାଦ୍ୱାରା କି ସେଥିରୁ କେବଳ ଗ୍ରହଣଯୋଗ୍ୟ ଆଦର୍ଶ ଆମେ ଶିକ୍ଷା ଲାଭ କରିପାରିବା ।

## ଜାତୀୟ କବି

ରବୀନ୍ଦ୍ର ନାଥ ଜଣେ ବିଶ୍ୱକବି ହେଲେ ମଧ୍ୟ ଦେଶପ୍ରେମୀ ହିସାବରେ ସୁପରିଚିତ । "ରବୀନ୍ଦ୍ର ନାଥଙ୍କ ଦର୍ଶନ" ଶୀର୍ଷକ ଏକ ପୁସ୍ତକରେ ଡଃ ରାଧାକ୍ରିଷ୍ଣନ ଲେଖିଛନ୍ତି ଯେ ଠାକୁର ବାସ୍ତବରେ ଜଣେ ଜାତୀୟ କବି ତଥା ଭାରତ ତାଙ୍କର

ରଚନା ଦ୍ୱାରା ଋଦ୍ଧିତ । ଭାରତର ଅଭିପ୍ସା ସଂପର୍କରେ ସେ ସଚେତନ ଏବଂ ଭାରତୀୟ ଜନ ଜୀବନରେ ଦୁଃଖ ଓ ଆନନ୍ଦ, ଆଶା ଓ ନିରାଶା, ସନ୍ଦେହ ଓ ବିଶ୍ୱାସ ଆଦି ବିଷୟ ରବୀନ୍ଦ୍ର ନାଥଙ୍କର ଲିଖିତ ଗଳ୍ପ, ଉପନ୍ୟାସ ତଥା କବିତା-ଗୁଡ଼ିକରେ ପରିପୂର୍ଣ୍ଣ ଅଟେ ବୋଲି ଡ଼ଃ ରାଧାକ୍ରିଷ୍ଣନ ବର୍ଣ୍ଣନା କରିଛନ୍ତି ।

## ସାମାଜିକ ଦୂରଦୃଷ୍ଟି

ରବୀନ୍ଦ୍ର ନାଥ ଜଣେ ପ୍ରଗତିବାଦୀ ସାମାଜିକ ଚିନ୍ତକ ରୂପେ ମଧ୍ୟ ସୁପରିଚିତ । ବିଶେଷକରି ହିନ୍ଦୁ ସମାଜରେ ଘୃଣା ଓ ସଂକୀର୍ଣ୍ଣ ଜାତିଆଣ ମନୋଭାବ ସୃଷ୍ଟି କରିବାରେ ରକ୍ଷଣଶୀଳ ଗୋଷ୍ଠୀଗୁଡ଼ିକ ବିଶେଷଭାବେ ଦାୟୀ ଏବଂ ତାହାର ତୁରନ୍ତ ଦୂରୀକରଣ ଆବଶ୍ୟକ ବୋଲି ସେ ଗୀତାଞ୍ଜଳୀରେ ଦର୍ଶାଇଛନ୍ତି । ସମାଜର ଅନୁନ୍ନତ ଲୋକମାନଙ୍କ ପ୍ରତି ଯେଉଁ ଅନ୍ୟାୟ କରାଯାଉଛି ଭାରତ ସେଥିନିମନ୍ତେ ଅନୁଶୋଚନା କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ତାଙ୍କର ନାଟକ ଜରିଆରେ ପାରମ୍ପରିକ ନୀତି ଯଥା ରକ୍ଷଣଶୀଳତା ଓ ହିଂସା ମନୋଭାବର ମୁକାବିଲା କରିଥିଲେ । ତାଙ୍କ ଦ୍ୱାରା ରଚିତ ଚଣ୍ଡାଳିକା ଓ ବଳିଦାନ ଆଦି ନାଟକଗୁଡ଼ିକ ଏହାର ଜାଜ୍ୱଲ୍ୟ ପ୍ରମାଣ ।

## ଶିକ୍ଷା ପଦ୍ଧତି

ରବୀନ୍ଦ୍ର ନାଥ ପାଶ୍ଚାତ୍ୟ ଢାଞ୍ଚାର ଶିକ୍ଷା ପ୍ରଣାଳୀକୁ ସଦାସର୍ବଦା ବିରୋଧ କରୁଥିଲେ । କ୍ଲାସ ରୁମ୍ ଓ ବହିର ପୃଷ୍ଠା ମଧ୍ୟରେ ନିଜର ଜ୍ଞାନ ଗରିମାକୁ ସୀମାବଦ୍ଧ କରି ରଖିବା ପାଇଁ ସେ ସ୍ପୃହୁଁ ନଥିଲେ । 'ଭାରତୀୟ ସଂସ୍କୃତିର କେନ୍ଦ୍ର' ନାମକ ବହିରେ ସେ ଲେଖିଥିଲେ ଯେ "ଆମେ ଆମର ନିଜର ସମସ୍ୟା ନିଜ ମଧ୍ୟରେହିଁ ସମାଧାନ କରିବା ଉଚିତ । ଆମର ଖାଦ୍ୟ ତଥା ବସ୍ତ୍ର ପାଇଁ ଅନ୍ୟ ଉପରେ ବୋଝ ନ ହୋଇ ସେ ଦିଗରେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ । କାରଣ ପ୍ରକୃତି ଆମକୁ ସବୁ ଜିନିଷ ଦେଇଛି ।"

ଆଧୁନିକ ଶିକ୍ଷା ପ୍ରଣାଳୀରେ ଶିକ୍ଷକ ଓ ଛାତ୍ର ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଯେଉଁ ଯୋଗାଯୋଗ ବ୍ୟବଧାନ ରହୁଛି ସେ ବିଷୟରେ ସେ ଲେଖିଥିଲେ ଯେ "ସଂସ୍କୃତି ଯାହାକି ମନୁଷ୍ୟର ପ୍ରାଣକେନ୍ଦ୍ର ତାହା ପରସ୍ପରର ନିବିଡ଼ ସଂପର୍କ ଦ୍ୱାରା ହିଁ ସଂପ୍ରସାରିତ ହୋଇ ପାରିବ । କେବଳ ବିଦ୍ୟାଭିମାନୀ କରିପାରିବ । ପ୍ରକୃତରେ ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଗୁରୁ ଓ ଶିଷ୍ୟ ମଧ୍ୟରେ ଗଭୀର ସଂପର୍କ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଥିଲା । ସେ ନିଜେ ପ୍ରତ୍ୟେକ ଛାତ୍ରଙ୍କ ସହିତ ଆଲୋଚନା କରିବାପାଇଁ ଆଗ୍ରହ ପ୍ରକାଶ କରୁଥିଲେ । ଛାତ୍ର ଓ ଶିକ୍ଷକ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟରେ ନିବିଡ଼ ସଂପର୍କ ସ୍ଥାପିତ ହୋଇ ଆସୁଛି ।

## ବିଶ୍ୱ ମନୋଭାବ

ଠାକୁରଙ୍କର ମନୋଭାବ ଦେଶର ଗଣ୍ଡିମାନଙ୍କ ମଧ୍ୟରେ ସୀମିତ ହୋଇ ରହି ନ ଥିଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଲାଗି ତାଙ୍କର ହୃଦୟ ସଦାସର୍ବଦା ସମ୍ବେଦନଶୀଳ ଥିଲା । ତାଙ୍କର ଜାପାନୀ ବନ୍ଧୁ ଦାର୍ଶନିକ ଓ କଳାକାର ଓ ଠାକୁରଙ୍କ ସହିତ ତାଙ୍କର ଧ୍ୱନି "ଗୋଟିଏ ଏସିଆ" ଆଜିର ବାସ୍ତବରେ ପରିଣତ ହୋଇଛି । ଆଫ୍ରିକା ଦେଶପ୍ରତି ସହାନୁଭୂତି ପ୍ରକାଶ କରି "ଆଫ୍ରିକା" ନାମକ ଏକ ପ୍ରସିଦ୍ଧ କବିତା ମଧ୍ୟ ସେ ରଚନା କରିଯାଇଛନ୍ତି । ସେ ଦୃଷ୍ଟିରୁ ବିକାଶଶୀଳ ଭାରତ ନିଜକୁ ଏକାକୀ ଭାବିବା ଉଚିତ ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ ।

ସର୍ବସାଧାରଣଙ୍କ ମଧ୍ୟରେ ଯେତେବେଳେ ଭାରତୀୟ ସଂସ୍କୃତି ପହଞ୍ଚିପାରିବ, ସେତେବେଳେ ଭାରତ ଏକାକୀ ନିଜ ପଥରେ ଗତି କରିପାରିବ ବୋଲି ରବୀନ୍ଦ୍ର ନାଥ ସଦାସର୍ବଦା ମତବ୍ୟକ୍ତ କରୁଥିଲେ । ମାନବିକତାର ମୂଲ୍ୟବୋଧ ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ତାଙ୍କର ସୁପ୍ରସିଦ୍ଧ କବିତା "ତୀର୍ଥଯାତ୍ରୀ"ରେ ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ, ଜୈନ, ଶିଖ, ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ପରସ୍ପର ବନ୍ଧୁତା ସୂତ୍ରରେ ଆବଦ୍ଧ କରି ଏକ ମହାନ୍ ଜାତି ରୂପେ ଗଠନ କରିବା ପାଇଁ ସେ ସେମାନଙ୍କୁ ଆହ୍ୱାନ ଜଣାଇଥିଲେ । ଏକଧାରାରେ କହିବାକୁ ଗଲେ ନୂତନ ଭାରତ ଗଠନ କରିବାକୁ ରବୀନ୍ଦ୍ର ନାଥ କିପରି ଚାହୁଁଥିଲେ ତାହା ତାଙ୍କର "ଜନଗଣମନ" ଆମର ଜାତୀୟ ସଙ୍ଗୀତରେ ପ୍ରତିଧ୍ୱନିତ ।

(ପି. ଆଇ. ବି. ସୌଜନ୍ୟରୁ)



"ମୁଁ ଏଭଳି ଏକ ଭାରତ ଗଢ଼ିବାକୁ ଚାହେଁ ଯେଉଁଠି ଜନସାଧାରଣଙ୍କ ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ନ ଥିବ ଓ ଦେଶର ସବୁ ସମ୍ପ୍ରଦାୟର ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍ଭାବ ରଖି ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ ଉପଲବ୍ଧି କରିବ ଯେ, ଏଇ ଦେଶ ହେଉଛି ତାହାରି ଏବଂ ଏହି ଦେଶ ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।"

—ଗାନ୍ଧିଜୀ

# ଆମର ଜାତୀୟ ଆଚରଣ

ଶ୍ରୀ. ମଟନାଜ କୁମାର ମହାପାତ୍ର

ଜାତିର ବିକାଶ ନ ହେଲେ ବ୍ୟକ୍ତିର ବିକାଶ ଅସମ୍ଭବ । ଇଟାସବୁ ଯୋଡ଼ି ହୋଇ ଅଟ୍ଟାଳିକାଟିଏ ନିର୍ମିତ ହେଲାଭଳି ବ୍ୟକ୍ତିସମୂହକୁ ନେଇ ହିଁ ଜାତିର ସ୍ଥିତି । ତେଣୁ ବ୍ୟକ୍ତିର ନିରାପତ୍ତା ତଥା ବିକାଶ ଉନ୍ନତ ଜାତି ଗଠନ ପାଇଁ ଅପରିହାର୍ଯ୍ୟ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଜାତି ତା'ର ବ୍ୟକ୍ତିବିଶେଷଙ୍କଠାରୁ ନିର୍ଦ୍ଦିଷ୍ଟ ଆଚରଣ ଆଶା କରିଥାଏ । ସେଇ ଆଚରଣସବୁ ହିଁ ଜାତୀୟ ସଂହତି ରକ୍ଷା କରି ଜାତିର ପ୍ରଗତି ପାଇଁ ସୋପାନ ପ୍ରସ୍ତୁତ କରିଥାଏ ।

ଜାତୀୟ ଆଚରଣ କଥା ଚିନ୍ତାକଲେ ମୋର ଗୋଟିଏ କାହାଣୀ ମନେ ପଡୁଛି । ଥରେ ସନ୍ୟାସୀ ସ୍ୱାମୀ ରାମଦାସ ଜାପାନ ବୁଲିବାକୁ ଯାଇଥାନ୍ତି । ତାଙ୍କର ଯାତ୍ରାବେଳେ ଜଣେ ଫଳାହାରୀ ସାଧୁ ବାହାରେ କୌଣସି ଫଳ ନ ପାଇ ପ୍ଲାଟଫର୍ମକୁ ଫେରି ଆସିଲେ ଓ ତାଙ୍କର ଜଣେ ସାଥୀଙ୍କର ପ୍ରଶ୍ନରେ ସେଠି କିଛି ଫଳ ନ ମିଳିବା କଥା ପ୍ରକାଶ କଲେ । ଏ କଥା ଶୁଣୁଥିଲେ ଜଣେ ଜାପାନୀ ଯାତ୍ରୀ । ସେ କାହାକୁ କିଛି ନ କହି ପ୍ଲାଟଫର୍ମ ବାହାରକୁ ଚାଲିଗଲେ ଓ କିଛି ସମୟ ପରେ ଗୋଟିଏ ଫଳର ଡାଲି ସଜାଡ଼ି ଆଣି ସ୍ୱାମୀଜୀଙ୍କୁ ଉପହାର ଦେଲେ । ସ୍ୱାମୀଜୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଓ କୃତଜ୍ଞତାର ସହ କହିଲେ ଆପଣ ଅଯଥା ମୋ ପାଇଁ ଏତେ ପରିଶ୍ରମ କଲେ କାହିଁକି ? ଜାପାନୀ ଭଦ୍ରଲୋକ ନମ୍ରତାର ସହ ଉତ୍ତର ଦେଲେ ଆପଣ ଫଳ ନ ପାଇ ଉପାସ ରହିବା ମୋ ଜାତି ପ୍ରତି ଅପମାନ । ମୁଁ ଏ ଜାତିର ଜଣେ ନାଗରିକ ହୋଇଥିବାରୁ ତାର ପ୍ରତିକାର ସ୍ୱରୂପ ନିଜର କର୍ତ୍ତବ୍ୟ ହିଁ କରିଛି । ସନ୍ନ୍ୟାସୀ ଜାପାନୀ ଭଦ୍ରବ୍ୟକ୍ତିଙ୍କର ଏ ଆଚରଣରେ ମୁଗ୍ଧ ହେଲେ । ଜାତିର ସମ୍ମାନ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତିବିଶେଷର ଯେ କିଛି ନା କିଛି କର୍ତ୍ତବ୍ୟ ରହିଛି ଏକଥା ଏଥିରୁ ପ୍ରମାଣିତ ହୁଏ ।

ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଦେଖାଯିବ ଯେ ଅନେକ ଜାତିପ୍ରାଣ ବ୍ୟକ୍ତି ନିଜର ଜାତି ପାଇଁ ପ୍ରାଣବଳି ପର୍ଯ୍ୟନ୍ତ ଦେବାକୁ ପଛାଇ ନାହାନ୍ତି । ଏଭଳି ଜାତିପ୍ରାଣ ବ୍ୟକ୍ତିଙ୍କର ଉଦ୍ୟମରେ ହିଁ ଜାତିର ବିକାଶ ତଥା ସ୍ଥିତି ସମ୍ଭବ ହୋଇଥାଏ । ଜାତୀୟ ଚରିତ୍ର ଗଠନ ପାଇଁ ବ୍ୟକ୍ତିକ ଚରିତ୍ର ଗଠନ ସର୍ବାଦୌ ଆବଶ୍ୟକ ।

ଭାରତ ଆମର ଜନ୍ମଭୂମି । ଭାରତୀୟତା ଆମର ଜାତୀୟତା । ଖାଲି ଭୌଗୋଳିକ ସୀମା ନୁହେଁ, ସଂସ୍କୃତି ଦର୍ଶନ ଓ ଅତୀତର ସବୁ କ୍ଷେତ୍ରରେ ଏ ଜାତିର ବୈଶିଷ୍ଟ୍ୟ ରହିଛି ଏବଂ ସେ ବୈଶିଷ୍ଟ୍ୟ ବିଭିନ୍ନ ସମୟରେ ପୂର୍ବ ପୁରୁଷଙ୍କ ଚେଷ୍ଟାରୁ ହିଁ ସମ୍ଭବ ହୋଇ ପାରିଛି । ସେମାନଙ୍କର ଉତ୍ତର ପୁରୁଷ ହିସାବରେ ସେହି ସ୍ରୋତକୁ ବୁହାଇ ଚାଲିବା ଆମର କର୍ତ୍ତବ୍ୟ । ନିଜର ସର୍ବସ୍ୱ ତ୍ୟାଗକରି ଏ ଜାତିର ପରାଧୀନତାର ବେଡ଼ି ଖୋଲିବା ପାଇଁ ଯେଉଁମାନେ ଜୀବନ ବିତାଇଥିଲେ ସେମାନେ ଆମର ଚିର ନମସ୍ୟ ଓ ଅନୁସରଣୀୟ । ସେମାନଙ୍କର ତ୍ୟାଗକୁ ଭୁଲିଗଲେ ଆମେ ଯେ ଆମର ଜାତୀୟ କର୍ତ୍ତବ୍ୟକୁ ପାଳନ କରୁନାହୁଁ ଏ କଥା ବିନା ଦ୍ୱିଧାରେ କୁହାଯାଇ ପାରିବ । ସ୍ୱାମୀ ବିବେକାନନ୍ଦ କହିଥିଲେ ପ୍ରତି ଜାତି ବିଶ୍ୱ ଦରବାରରେ କିଛି ନା କିଛି ସୂକ୍ଷ୍ମ ସତ୍ତାର ଉପସ୍ଥାପନ କରିଥାଏ । ସେଇ ହିଁ ସେ ଜାତିର ପ୍ରତିନିଧିତ୍ୱ । ସେ ଦର୍ଶନଟିକକ ହଜିଗଲେ ସେ ଜାତିର ଆତ୍ମାର ମୃତ୍ୟୁ ହେଲା ବୋଲି ବୁଝିବାକୁ ହେବ । ତେଣୁ, ସେହି ଜାତୀୟ ଦର୍ଶନକୁ ବଞ୍ଚାଇ ରଖି ଅନ୍ୟାନ୍ୟ ସବୁ ସାମୟିକ ସମସ୍ୟା'ର ସମାଧାନ କରି ଆଗେଇ ଚାଲିବା ହିଁ ଆମର ପ୍ରଧାନ କର୍ତ୍ତବ୍ୟ । ଆମେ ଜାତି ଭିତରର ଜନସମୂହର ଏକତ୍ରିତ ରୂପ । ଇତିହାସ ଖୋଲିଲେ ଦେଖାଯିବ, ଯେଉଁ ଜାତି ଯେଉଁ ସମୟରେ ଅଧିକ ଉନ୍ନତି ପଥରେ ଆଗେଇ ଯାଇଛି ତାହା କେବଳ ସମ୍ଭବ ହୋଇଛି ସେଇ ଜାତିର ନାଗରିକମାନଙ୍କର ନିଷ୍ଠା ବଳରେ । ସେଇ ନିଷ୍ଠା ବଳରେ ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଧ୍ୱସ୍ତ ବିଧ୍ୱସ୍ତ ଜାପାନ ଓ ଜର୍ମାନୀ ଅଳ୍ପ ସମୟ ମଧ୍ୟରେ ପୁଣି ଉନ୍ନତ ହୋଇ ଉଠିଲେ । ପୃଥିବୀ ପୃଷ୍ଠରେ ନିଜର ଭୂମି ବୋଲି କହିବାର ଅଧିକାର ନ ଥିବା ଇହୁଦୀ ଜାତି ଇସ୍ରାଏଲ ଭଳି ଛୋଟ ହେଲେ ମଧ୍ୟ ଉନ୍ନତ ଓ ଶକ୍ତିଶାଳୀ ରାଷ୍ଟ୍ର ଗଢ଼ି ପାରିଲେ । ନିଜର ତଥା ନିଜ ଜାତିର ଉନ୍ନତିପାଇଁ ସେ ଜାତୀୟତାବୋଧ ପ୍ରତ୍ୟେକଙ୍କର ଏକାନ୍ତ କାମ୍ୟ । ଜାତୀୟ ଆଚରଣ ଶୃଙ୍ଖଳିତ ନ ହେଲେ ବିପନ୍ନ ହେବ ଜାତୀୟ ଶୃଙ୍ଖଳା ଓ ବିପନ୍ନ ହେବ ଜାତିର ସ୍ଥିତି ଓ ସମୃଦ୍ଧି । ଅନେକ ଧର୍ମ, ସଂପ୍ରଦାୟ, ବହୁ ଭାଷାଭାଷୀ ତଥା ଅନେକ ଆଞ୍ଚଳିକ ବିଶ୍ୱାସର ଲୋକ ଏ ଜାତି ଭିତରେ ରହିଥିଲେ ବି ଧର୍ମନିରପେକ୍ଷତାର ଜାତୀୟ ଆଦର୍ଶ ଯୋଗୁଁ ସେ ସବୁ ସଂକୀର୍ଣ୍ଣତାର ସ୍ଥାନ ନାହିଁ '

ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଓଡ଼ିଆ, ବଙ୍ଗାଳୀ, ପଞ୍ଜାବୀ, କେଳବୀ ହେଉ ଅଥବା ପୁରୁଷ ବା ନାରୀ ହେଉ ସମସ୍ତେ ଏହି ଜାତୀୟ ସ୍ରୋତ ଭିତରେ ସମାନ ଅଂଶୀଦାର । ପ୍ରତ୍ୟେକଙ୍କ ଭିତରେ ଏହି ସଚେତନତା ନ ଥିଲେ ଅନୁରୂପ ଆଚରଣ ସମ୍ଭବ ହେବ ନାହିଁ ଓ ତା'ର ଅଭାବରେ ଜାତୀୟ ଚରିତ୍ର କଳୁଷିତ ହେବ ।

ଜାତୀୟ ଆଚରଣକୁ ରାଜନୈତିକ, ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ନୈତିକ, ଆଧ୍ୟାତ୍ମିକ ଆଦି ବିଭିନ୍ନ ଦିଗରୁ ବିଚାର କରାଯାଇପାରେ ।

ରାଜନୈତିକ:—ରାଷ୍ଟ୍ରର ରାଜନୈତିକ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ନାଗରିକଙ୍କର କିଛି ନା କିଛି କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି । ଗଣତନ୍ତ୍ର ବ୍ୟବସ୍ଥା ଅନୁସାରେ ନିର୍ବାଚନରେ ଅଂଶ ଗ୍ରହଣ କରି ସରକାରୀ ଗଢ଼ିବାଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ଉପରେ ଗଠନମୂଳକ ଚିନ୍ତା ପ୍ରକାଶ କରିବାର ଓ ସରକାରୀ ବ୍ୟବସ୍ଥା ସହିତ ସହଯୋଗ କରିବା ପ୍ରତ୍ୟେକଙ୍କର ପ୍ରଧାନ ରାଜନୈତିକ କର୍ତ୍ତବ୍ୟ । ରାଷ୍ଟ୍ରର ସୁରକ୍ଷା ତଥା କଲ୍ୟାଣ ପାଇଁ ବ୍ୟବସ୍ଥା କରାଯାଇଥିବା ନୀତି ନିୟମଗୁଡ଼ିକ ସମସ୍ତଙ୍କର ପାଳନୀୟ । ଅବଶ୍ୟ ଏଭଳି ନିୟମ ପାଳନ ନ କଲେ ରାଷ୍ଟ୍ର ମଧ୍ୟ ଦଣ୍ଡର ବ୍ୟବସ୍ଥା କରିଥାଏ । କିନ୍ତୁ ଆରୋପିତ ଦଣ୍ଡ ବ୍ୟବସ୍ଥା ଅପେକ୍ଷା ଆତ୍ମିକ ବିଚାର ଅନୁସାରେ କର୍ତ୍ତବ୍ୟପରାୟଣତା ହିଁ ଅଧିକ ସାହାଯ୍ୟ କରିଥାଏ । ବ୍ୟକ୍ତିଗତ ଶୃଙ୍ଖଳା ମାଧ୍ୟମରେ ଜାତୀୟ ଶୃଙ୍ଖଳା ସମ୍ଭବ ହୁଏ । ରାଷ୍ଟ୍ରର ଯେ କୌଣସି ପ୍ରକାର ରାଜନୈତିକ ବା ପ୍ରତିରକ୍ଷାଗତ ବିପଦ ପଡ଼ିଲାବେଳେ ତା'ର ସମାଧାନ ଦିଗରେ ସାଧ୍ୟମତେ ଚିନ୍ତା କରାଯିବା ଉଚିତ । ଏଥିପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବିଭିନ୍ନ ସେବାକାର୍ଯ୍ୟ କରାଯାଇଥାଏ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ବେଳେ ଜାତିର ପିତା ମହାତ୍ମାଗାନ୍ଧୀଙ୍କର ଡାକରାର ଉତ୍ତର ଦେଇ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏ ଜାତିର ସହସ୍ର ଜନତା, ଶାସକ ତଥା ଶୋଷକର ଗୁଳି, ବନ୍ଧୁକ ଲାଠି ଦେବ୍ୟାଘାତକୁ ଖାତିର ନ କରି ଜାତିର ମୁକ୍ତି ଓ ସମ୍ମାନ ପାଇଁ ପ୍ରାଣ ପର୍ଯ୍ୟନ୍ତ ବିସର୍ଜନ କରି ଝାସି ପଡ଼ିଥିଲେ । ଅଜସ୍ର ଲୋକଙ୍କର ତ୍ୟାଗ ଯୋଗୁ ହିଁ ଆମର ସ୍ୱାଧୀନତା ସମ୍ଭବ ହେଲା । ଆମକୁ ଦେଲା ପ୍ରତିଷ୍ଠା ।

ସାମାଜିକ:—ଭାରତ ଏକ ବିରାଟ ଦେଶ । ଏଥିରେ ବିଭିନ୍ନ ଧର୍ମ, ବିଭିନ୍ନ ଭାଷା, ବିଭିନ୍ନ ବିଚାରର ଲୋକ ବାସକରନ୍ତି । ଗାଁରୁ ଗାଁ, ଗାଁରୁ ଜିଲ୍ଲା, ଜିଲ୍ଲାରୁ ପ୍ରଦେଶ ଓ ପ୍ରଦେଶରୁ ଦେଶହୋଇ ଏ ଜାତୀୟ ସମାଜ ଗଢ଼ା ହୋଇଛି । ତେଣୁ ଏ ସମାଜରେ ସାମାଜିକ ସଂହତି ପାଇଁ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି ।

ଜାତି, ବର୍ଣ୍ଣ, ଧର୍ମର ନିରପେକ୍ଷତା ଏ ଜାତିର ଆଦର୍ଶ । ସେ ଦୃଷ୍ଟିରୁ ଏ ଜାତୀୟ ସମାଜର ପ୍ରତ୍ୟେକେ ପରସ୍ପର ସହଯୋଗୀ । ତେଣୁ ଜୀବନ କ୍ଷେତ୍ରରେ କାର୍ଯ୍ୟ କରି ଚାଲିଲାବେଳେ ପରସ୍ପର ସହଯୋଗୀ ହୋଇ ପ୍ରତ୍ୟେକଙ୍କର ମଙ୍ଗଳକାମନା କରି ଆଗେଇ ଯିବା ଉଚିତ୍, ଯାହାକି ଜାତୀୟ କଲ୍ୟାଣର ସର୍ବାଧିକ ଆବଶ୍ୟକତା । ଜାତି, ଧର୍ମ, ଭାଷା ବା କୌଣସି ଗୋଷ୍ଠୀଗତ ପ୍ରଥା ଏଥିରେ ପ୍ରତିବନ୍ଧକ ହେବା ଉଚିତ୍ ନୁହେଁ । ସାମାଜିକ ତଥା ମାନବିକ ଦୃଷ୍ଟିକୋଣରୁ ଯେ କୌଣସି ସ୍ଥାନରେ କୌଣସି ପ୍ରକାରର ପ୍ରାକୃତିକ ବା ଅନ୍ୟ କୌଣସି ବିପଦ ପଡ଼ିଲାବେଳେ ସେଠାକାର ଭାଇ ଭଉଣୀମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବା ଉଚିତ୍ । ନିଜେ ବଞ୍ଚି ନିଜର ବିକାଶକରି ଅନ୍ୟକୁ ବଞ୍ଚାଇ ଅନ୍ୟର ବିକାଶକରି ପାରିଲେ ଜାତୀୟ ସାମାଜିକ କର୍ତ୍ତବ୍ୟ ପାଳନ କରାଯାଇ ପାରିବ । ସମାଜର ସୁସ୍ଥ ପରମ୍ପରା ପାଇଁ ଅତୀତ ଓ ଭବିଷ୍ୟତକୁ ଆଖି ଆଗରେ ରଖି କେଉଁସବୁ ସାଂପ୍ରତିକ, ସାମାଜିକ ଆଚରଣ ଦେଖାଦେଉଛି ତା'ର ସମୀକ୍ଷାକରି ମଙ୍ଗଳକର ଦିଗଟିକୁ ହିଁ ବାଛି ନେବାକୁ ହବ ।

ସାଂସ୍କୃତିକ:—ଜାତୀୟ ଶିକ୍ଷା ଓ ସଂସ୍କୃତିର ବିକାଶ ଘଟାଇବାକୁ ହେଲେ ପ୍ରତ୍ୟେକ ନାଗରିକ ଶିକ୍ଷା ଓ ସଂସ୍କୃତି ଦିଗରୁ ବିକଶିତ ଅବସ୍ଥାକୁ ଆସିବା ସର୍ବାଗ୍ରେ ଆବଶ୍ୟକ । ଦେଶର ପାରମ୍ପରିକ ସଂସ୍କୃତି ସହିତ ଆଧୁନିକ ଧରଣର ବିଭିନ୍ନ କାରିଗରୀ ତଥା ବୈଜ୍ଞାନିକ ଶିକ୍ଷାରେ ଆଗେଇ ଚାଲିବାକୁ ଶିଶୁ ଓ କିଶୋର ସମସ୍ତଙ୍କୁ ଦିଗଦର୍ଶନ ଦିଆଯିବା ଉଚିତ । ଏଥିପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, ପାଠାଗାର ଆନ୍ଦୋଳନ ଇତ୍ୟାଦିରେ ସହଯୋଗ କରାଯିବା ଉଚିତ । ସାଂପ୍ରଦାୟିକ ସଂସ୍କୃତି ବଦଳରେ ଜାତୀୟ ସଂସ୍କୃତିହିଁ ସମସ୍ତଙ୍କୁ ଆତ୍ମକେନ୍ଦ୍ରିକ ନିଜ ଭିତରେ ମିଶାଇ ଦେବା ଉଚିତ । ସଂସ୍କୃତିର ବିକାଶ ପାଇଁ ପ୍ରତ୍ୟେକଙ୍କର ବୌଦ୍ଧିକ ବିକାଶ ଏକାନ୍ତ ଅପରିହାର୍ଯ୍ୟ ହୋଇଥିବାରୁ ରାଷ୍ଟ୍ରୀୟ କାର୍ଯ୍ୟ ସବୁରେ ସାହାଯ୍ୟ କରାଯିବା ଉଚିତ ।

ନୈତିକ:—ଜାତିର ଦର୍ଶନ, ଚିନ୍ତା, ସମୟ ଓ ସ୍ଥାନ ଅନୁସାରେ ପରମ୍ପରାଗତଭାବରେ ତଥା ସାମୟିକ ଭାବରେ ନୀତିସବୁ ନିର୍ଦ୍ଧାରିତ ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତିର ନୈତିକ ଆଚରଣରୁ ନେଇ ଜାତୀୟ ଆଚରଣର ପରିଚୟ ମିଳେ । ନୈତିକ ଆଚରଣର ପରିଚାଳନା ପାଇଁ ବୌଦ୍ଧିକ ବିକାଶ ତଥା ନୈତିକ ଶିକ୍ଷାର ଆବଶ୍ୟକତା ରହିଛି । କାରଣ ବିବେକ ଜାଗ୍ରତ ହେଲେ ଯାଇ ବ୍ୟକ୍ତିର କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାର କରି ପାରିବା ସମ୍ଭବ ହେବ ଏବଂ ତାହି ମାଧ୍ୟମରେ ସେ ନୀତିଗତ ସିଦ୍ଧାନ୍ତ ନେଇ ପାରିବ । ନୈତିକ ଆଚରଣର ସୁପରିପାଳନ କରାଯାଇ ପାରିଲେ ଅପରାଧ ପ୍ରବୃତ୍ତି ମଧ୍ୟ ଦୂର ହୋଇପାରିବ ଏବଂ ଫଳରେ ରାଷ୍ଟ୍ରର ସେଦିଗରେ ଅଯଥା ଶକ୍ତିର ଅପଚୟ ଘଟିବ ନାହିଁ । ଜାତୀୟ ସମୃଦ୍ଧି ପାଇଁ ଶିଳ୍ପ, କୃଷି ଉତ୍ପାଦନ କ୍ଷେତ୍ରର ଯେମିତି ପ୍ରସାର ଦରକାର

ସଦସ୍ୟମାନଙ୍କର ନୈତିକ ଶିକ୍ଷାର ବିକାଶ ମଧ୍ୟ ସେହିଭଳି କରଣୀୟ । କାରଣ ନୈତିକ ବିଚ୍ୟୁତିର ରୋଗ ପରି ସଂକ୍ରାମକ । ତା'ର ନିରାକରଣ ନ ହେଲେ ତାହା ବ୍ୟକ୍ତିରୁ ବ୍ୟକ୍ତିକୁ ବ୍ୟାପୀ ସମଗ୍ର ଜାତି ପାଇଁ ଘୋର ବିପଦ ଆଣିଦେବ । ଅଧିକାର ସାବ୍ୟସ୍ତ କରିବା ପାଇଁ ଦାବୀ ଆଗତ କରିବାରେ ସଚେତନ ଠିକ୍ ସେହିଭଳି କର୍ତ୍ତବ୍ୟ ପାଳନ ଦିଗରେ ମଧ୍ୟ ସମସ୍ତେ ଠିକ୍ ସେହିଭଳି ସଚେତନ ରହିବା ଉଚିତ । ପରିବାର ସ୍ତରଠାରୁ ଆରମ୍ଭକରି ଜୀବନର ସମସ୍ତ କ୍ଷେତ୍ରରେ ପ୍ରତ୍ୟେକଙ୍କୁ ଏ ନୈତିକ ଦିଗ ଉପରେ ଦୃଷ୍ଟି ରଖିବାକୁ ହେବ ।

ଆର୍ଥନୈତିକ—ଜାତି ଅନେକ ସମୟରେ ତା'ର ସଦସ୍ୟମାନଙ୍କଠାରୁ କେତେକ ଅର୍ଥନୈତିକ ଆଚରଣ ମଧ୍ୟ ଆଶା କରିଥାଏ । ପ୍ରତ୍ୟେକ ବ୍ୟକ୍ତିର ଯେତିକି ପ୍ରକୃତ ପ୍ରାପ୍ୟ ସେତିକି ଗ୍ରହଣ କରିବା, ସଚ୍ଚୋଟ ଜୀବନ-ଯାପନ କରିବା ଏବଂ ଅନ୍ୟର ତଥା ଜାତୀୟ ସଂପତ୍ତିକୁ ଯଥାଯଥ ସମ୍ମାନ ପ୍ରଦର୍ଶନ କରିବାର ଏକାନ୍ତ ଆବଶ୍ୟକତା ରହିଛି । ଯେ କୌଣସି କାରଣରୁ କୌଣସି ଅର୍ଥନୈତିକ ବିପତ୍ତି ଉପୁଜିଲେ ତା'ର ସମାଧାନ ଦିଗରେ ପ୍ରତ୍ୟେକ ଆଗେଇ ଆସିବା ଉଚିତ । ଦେଶର ଅର୍ଥନୈତିକ ବିକାଶ ପାଇଁ ପ୍ରତ୍ୟେକ ବ୍ୟକ୍ତିକୁ ନିଜର ସାଧ୍ୟମତେ କାମ କରିବାକୁ ହେବ । ରାଷ୍ଟ୍ର ଯଦି କେତେବେଳେ କିଛି ଆଶାକରେ ତା' ମଧ୍ୟ ଦେଇ ସହଯୋଗ କରିବାକୁ ପଡ଼ିବ । ଅର୍ଥନୈତିକ ମୁନାଫା ଖୋଜି କେଉଁଠୁ କିଛି ମାରିନେବା ପ୍ରବୃତ୍ତି ଜାତୀୟ ଚରିତ୍ରର ଘୋର କଳଙ୍କ । ବ୍ୟକ୍ତିବିଶେଷ ଏହିଭଳି କେତେକ ଘୃଣ୍ୟ କର୍ମ କରିବାଦ୍ୱାରା ସମଗ୍ର ଜାତିକୁ ହୀନ ତଥା କ୍ଷତିଗ୍ରସ୍ତ ହେବାକୁ ହୋଇଥାଏ । ତେଣୁ ଏଭଳି ଆଚରଣ ସର୍ବଥା ବର୍ଜନୀୟ ।

ଆଧ୍ୟାତ୍ମିକ—ବସ୍ତୁତାନ୍ତ୍ରିକ ଆବଶ୍ୟକତା ସହିତ ଜୀବନରେ ଅନେକ ଆଧ୍ୟାତ୍ମିକ ଆବଶ୍ୟକତା ମଧ୍ୟ ରହିଛି । ଏଇ ଆଧ୍ୟାତ୍ମିକତାହିଁ ମଣିଷ ଭିତରେ ମଣିଷପଣିଆର ବିକାଶ ଘଟାଇଥାଏ । ବ୍ୟକ୍ତି ମାନସରେ ଆଧ୍ୟାତ୍ମିକ ସ୍ୱଚ୍ଛତା ନ ଆସିଲେ ସେ ନୀତିଗତ ବିଶ୍ୱର କେବେହେଲେ ମଧ୍ୟ ଭୁଲ୍‌କରି ଚାଲିବ । ପ୍ରକୃତରେ ଆଧ୍ୟାତ୍ମିକ ବିକାଶହିଁ ଜାତୀୟ ସଂସ୍କୃତିକୁ ସମୃଦ୍ଧ କରିବ ।

ଜନ୍ମଭୂମି ଜନନୀ । ଏହ ମାଟିର ସମସ୍ତେ ଗୋଟିଏ କୁଟୁମ୍ବ । ଆଉ ଆମେ ସେଇ କୁଟୁମ୍ବ ଭିତରର ଜଣେ ଜଣେ ସଦସ୍ୟ । ଏଣୁ, ସମସ୍ତେ ଆମର ଆପଣାର । ସମସ୍ତଙ୍କର ସାମୂହିକ ବିକାଶହିଁ ଆମ ପାଇଁ କଲ୍ୟାଣ ଆଣି ପାରିବ । ଏଇ ଭାବନା ସମସ୍ତ ଜାତୀୟ କର୍ତ୍ତବ୍ୟ-ବୋଧ ପାଇଁ ମୂଳପୁଞ୍ଜି । ଈଶ୍ୱର ଓ ଆମର ପିତାମାତାଙ୍କ ପ୍ରତି ଆମେ ଯେମିତି ଅନୁଗତ ରହିବା ଉଚିତ୍ ଆମର ଦେଶ ତଥା ଜାତିପ୍ରତି ମଧ୍ୟ ଆମକୁ ଠିକ ସେହିଭଳି ଅନୁଗତ ରହିବାକୁ ପଡ଼ିବ । ପ୍ରତ୍ୟେକଙ୍କ ପାଇଁ ଏହି ଭାବନା ଅପରିହାର୍ଯ୍ୟ । ଏହିଭଳି ଭାବରେ ଜାତିପ୍ରାଣତା ଆସିଲେ ଯାଇ ଜାତୀୟ କର୍ତ୍ତବ୍ୟ ତଥା ଜାତୀୟ ଆଚରଣ ଦିଗରେ ସଚେତନତା ଆସିପାରିବ ।

ଜାତୀୟ କର୍ତ୍ତବ୍ୟ ଶିକ୍ଷା—ସମାଜ ଭିତରୁ ପାରମ୍ପରିକ ରୀତିରେ ମଣିଷ ଅନେକ କର୍ତ୍ତବ୍ୟ ଶିଖିଥାଏ । ଅବଶ୍ୟ କର୍ତ୍ତବ୍ୟବୋଧ ପୂର୍ବରୁ ଦାୟିତ୍ୱବୋଧ ଆସିବା ଦରକାର । ନିଜର ଦାୟିତ୍ୱ ବୁଝିଲେ ଯାଇ ମଣିଷ କର୍ତ୍ତବ୍ୟ ବିଷୟରେ ଚିନ୍ତା କରିବ । ବିଭିନ୍ନ ସମୟରେ ଜାତିର ସନ୍ଧି ମୁହୂର୍ତ୍ତରେ ଅନେକ ମନୀଷୀ ବାହାରି ଜାତିର ଭରଣ ତଥା ରକ୍ଷା ପାଇଁ ନିଜର ସମସ୍ତ ସ୍ୱାର୍ଥ ଜଳାଞ୍ଜଳିଦେଇ ଲାଗି ପଡ଼ିଥାନ୍ତି ଓ ସେମାନଙ୍କ ପ୍ରଚେଷ୍ଟା ବଳରେ ଜାତି ଗୋଟିଏ ନୂତନ ମୋଡ଼ ନେଇଥାଏ । ଏହିଭଳି ନେତୃସ୍ଥାନୀୟ ବ୍ୟକ୍ତିଙ୍କର କ୍ରିୟାକଳାପ ସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । କୃତଜ୍ଞତା ସହିତ ସେମାନେ ସେମାନଙ୍କର ଆଚରଣ ବିଷୟରେ ଅନୁଧ୍ୟାନକରି ନିଜେ ନିଜର କର୍ମ ପରିସର ଭିତରେ ସୁଯୋଗ ପାଇଲେ କେମିତି କିଛି ଉତ୍କର୍ଷ ସାଧନକରି ପାରିବେ ସେଥିପାଇଁ ମନଭିତରେ ଇଚ୍ଛା ଆସିଥାଏ । ସାଧାରଣତଃ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଆଚରଣକୁ ଜନସାଧାରଣ ଲକ୍ଷ୍ୟ କରୁଥାନ୍ତି । ସେମାନଙ୍କ ଆଚରଣରେ ଶୁଦ୍ଧତା ନ ରହିଲେ ସେମାନଙ୍କ ଆଦର୍ଶବାଦ ଉପରୁ ଜନସମାଜର ଆସ୍ଥା ତୁଟିଯାଏ । ଏଭଳି ଭାବରେ ଜାତୀୟ ଚରିତ୍ର କଳୁଷିତ ହେବାର ସମ୍ଭାବନା ଦେଖାଦିଏ । ତେଣୁ, ନେତୃସ୍ଥାନୀୟ ବ୍ୟକ୍ତିମାନେ ଆଦର୍ଶବାଦୀ ହେବା ଏକାନ୍ତ ବାଞ୍ଛନୀୟ । ବିଭିନ୍ନ ବ୍ୟକ୍ତି ବିଶେଷଙ୍କର ଆଦର୍ଶ ଆଚରଣ ବିଷୟରେ ବିଭିନ୍ନ ପ୍ରଚାର ମାଧ୍ୟମ, ବିଭିନ୍ନ ବହି, ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାଧାରଣ ଜନତା ଜାଣିବାକୁ ପାଉଥାନ୍ତି, ତେଣୁ ଏମାନେ ସବୁବେଳେ ଗଠନମୂଳକ ମନୋବୃତ୍ତିନେଇ କାମ କରିବା ଉଚିତ । ଶିକ୍ଷାନୁଷ୍ଠାନମାନଙ୍କରେ ଜାତିପ୍ରାଣତା ତଥା ଉନ୍ନତ ଜାତୀୟ ଆଚରଣ ସମ୍ପର୍କରେ ଛାତ୍ର ସମାଜକୁ ଶିକ୍ଷିତ କରିବାପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ଉଚିତ୍ । ଜାତୀୟ ଆଦର୍ଶବାଦୀ ବ୍ୟକ୍ତିମାନଙ୍କ ବିଷୟରେ ଆଲୋଚନାଚକ୍ର, ନାଟକ, ଚଳଚ୍ଚିତ୍ର ପ୍ରଦର୍ଶନ ସେସବୁ କାର୍ଯ୍ୟକ୍ରମ ଭିତରେ ରହିବା ଆବଶ୍ୟକ । ତାହାହେଲେ ସେମାନଙ୍କର ଚିନ୍ତା ଓ ଆଦର୍ଶ ଅନେକ ପରିମାଣରେ ଭାରତର ଭବିଷ୍ୟତ ବଂଶଧର ଏଇ ଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କରିବ ।

ଥରେ ବିଶ୍ୱକବି ରବୀନ୍ଦ୍ରନାଥ ଇଂଲଣ୍ଡରେ ଗାଡ଼ିରେ ଯାଉଥିଲେ । ତା' ଭିତରେ ଭୁଲ୍‌କ୍ରମେ ଗୋଟିଏ ପାଣ୍ଡୁଲିପି ଛାଡ଼ି ବାହାରକୁ ଚାଲିଆସିଲେ । ପରେ ମନେ ପଡ଼ିବାରୁ ବଡ଼ ବିଚଳିତ ହୋଇ ହୃତ ସଂପଦ ଅଫିସକୁ ଯାଇ ପଚାରିବାରେ ତାଙ୍କ ପାଣ୍ଡୁଲିପିଟିକୁ ତାଙ୍କୁ ଯେମିତି ସେମିତି ଫେରାଇ ଦିଆଗଲା । ଏଇ ଘଟଣାରେ କବିଗୁରୁ ଏତେ ମୁଗ୍ଧ ହେଲେ ଯେ ଇଂରେଜ ଜାତିର ସଚ୍ଚୋଟ ପଣିଆର ଢେଙ୍କୁରା ପିଟି ଚାଲିଲେ । ଏହି ଘଟଣାକୁ ମନେ ରଖିଥିଲେ ଲେଖକ ମନୋଜ ଦାସ । ଥରେ କେ

ସେଇ ଦେଶରେ ଗାଡ଼ିରେ ଯାତ୍ରା କରୁଥିବା ସମୟରେ ଛତାଟିଏ ଛାଡ଼ି ତଳକୁ ଓହ୍ଲାଇ ପଡ଼ିଥିଲେ । କିନ୍ତୁ ପରେ ଫେରି ଦେଖିଲେ ସେଇଟି ନାହିଁ: କିନ୍ତୁ ଆଗରେ ବସିଥିବା ଜଣେ ଭଦ୍ର ମହିଳା ମୁରୁକି ମୁରୁକି ହସୁଥିଲେ ଓ ସେଇ ହସ ଭିତରେ ସହାନୁଭୂତି ଜଣାଉଥିଲେ । ପରେ ଆସି ହୃତ ସଂପଦ ଅଫିସରୁ ଯେତେ ଖୋଜିଲେ ବି ମିଳି ନଥିଲା । ସେ ରବୀନ୍ଦ୍ରନାଥଙ୍କ ଘଟଣା କଥା ଦୃଷ୍ଟାନ୍ତ ଦେଇ ନିଜକଥା କହିବାରେ ଜଣେକ ଇଂରେଜ ଭଦ୍ରବ୍ୟକ୍ତି ଦୁଃଖର ସହ କହିଲେ, ଆଜ୍ଞା, ଆମ ଜାତିର ସେୟା ଥିଲା ବୈଶିଷ୍ଟ୍ୟ । କିନ୍ତୁ ଏବେ ବାହାରୁ ଆସିଥିବା ଲୋକମାନେହିଁ ସେ ପରମ୍ପରାକୁ ନଷ୍ଟ କରିଦେଲେ ।

ବ୍ୟକ୍ତିର ଆଚରଣ ଏହିଭଳି ଭାବରେ ଜାତିର ସମ୍ମାନ ବା ଅସମ୍ମାନର କାରଣ ହୋଇଥାଏ । ତେଣୁ ଜାତିପାଇଁ ବ୍ୟକ୍ତିର ଆଚରଣକୁ ସଂଯତ କରାଇବାର ଏ ଅନୁଚିନ୍ତା ।

ମାର୍ଫତ-ସାମନ୍ତ ଚନ୍ଦ୍ରଶେଖର ମହାପାତ୍ର
ଗ୍ରାମ-ପୋ: ବୀର ହରେକୃଷ୍ଣପୁର
ପୁରୀ-୨

**ଗତବର୍ଷ ଜୁନ୍ ମାସଠାରୁ ଚଳିତ ବର୍ଷ ଜୁନ୍ ମାସ ମଧ୍ୟରେ ୭୬୯ଟି ଉଠା ଜଳସେଚନ ଯୋଜନାକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ।**

ଗତବର୍ଷ ଜୁନ୍ ମାସଠାରୁ ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ସର୍ବମୋଟ ୭୬୯ଟି ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଏହା ଫଳରେ ୧୮,୪୫୪ ହେକ୍ଟର ଜମି ଜଳସେଚିତ ହେଉଛି । ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଏହି ଉଠା ଜଳସେଚନ ପଏଣ୍ଟଗୁଡ଼ିକ ମଧ୍ୟରେ ୫୩୨ଟି ନଳକୂପ ଓ ୨୪୭ଟି ନଦୀଜଳ ଉତ୍ତୋଳନ ଅନ୍ତର୍ଭୁକ୍ତ ।

ବାଲେଶ୍ୱର ଜିଲ୍ଲାରେ ୨୭୪ଟି ଉଠା ଜଳସେଚନ ପଏଣ୍ଟରୁ ୪୩୩୨ ହେକ୍ଟର, ବଲାଙ୍ଗୀରର ୬ଟି ପଏଣ୍ଟରୁ ୫୧୦ ହେକ୍ଟର, କଟକରେ ୨୨୧ଟି ପଏଣ୍ଟରୁ ୪୭୫୫ ହେକ୍ଟର, ଢେଙ୍କାନାଳରେ ୨୫ଟି ପଏଣ୍ଟରୁ ୯୧୭ ହେକ୍ଟର, ଗଞ୍ଜାମରେ ୪୫ଟି ପଏଣ୍ଟରୁ ୨୦୭୧ ହେକ୍ଟର, କଳାହାଣ୍ଡିରେ ୨୫ଟି ପଏଣ୍ଟରୁ ୧୦୩୩ ହେକ୍ଟର, କେନ୍ଦୁଝରରେ ୨୪ଟି ପଏଣ୍ଟରୁ ୪୫୩ ହେକ୍ଟର. କୋରାପୁଟରେ ୭୪ଟି ପଏଣ୍ଟରୁ ୧୭୩୭ ହେକ୍ଟର, ମୟୁରଭଞ୍ଜରେ ୪୦ଟି ପଏଣ୍ଟରୁ ୯୨୦ ହେକ୍ଟର, ଫୁଲବାଣୀରେ ୪ଟି ପଏଣ୍ଟରୁ ୧୮୨ ହେକ୍ଟର. ପୁରୀରେ ଗୋଟିଏ ପଏଣ୍ଟରୁ ୪୦ ହେକ୍ଟର. ସମ୍ବଲପୁରରେ ୨୦ଟି ପଏଣ୍ଟରୁ ୮୪୭ ହେକ୍ଟର ଏବଂ ସୁନ୍ଦରଗଡ଼ରେ ୨୦ଟି ପଏଣ୍ଟରୁ ୬୬୭ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଛି ।

# ଡଃ ପର୍ଶୁରାମ ମିଶ୍ର



ତିରୋଧାନ : ୧୯୮୧ ଅଗଷ୍ଟ ୪

ଆବିର୍ଭାବ : ୧୯୦୪ ଜାନୁଆରୀ ୨୫

# ପ୍ରଖ୍ୟାତ ଶିକ୍ଷାବିତ୍ ସ୍ୱର୍ଗତ ଡ଼ଃ ପର୍ଶୁରାମ ମିଶ୍ରଙ୍କ ସଂକ୍ଷିପ୍ତ ଜୀବନୀ

ଓଡ଼ିଶାର ଜଣେ ଉଚ୍ଚକୋଟୀର ଶିକ୍ଷାବିତ୍ ଓ ବିଜ୍ଞାନବିତ୍ ଭାବରେ ସୁପରିଚିତ ଅନ୍ୟତମ ବରପୁତ୍ର ଡକ୍ଟର ପର୍ଶୁରାମ ମିଶ୍ର ୮୮ ବର୍ଷ ବୟସରେ ଇହଲୋକରୁ ବିଦାୟ ନେଇଛନ୍ତି । ୧୯୮୧ ଅଗଷ୍ଟ ମାସ ୪ ତାରିଖରେ ବୁର୍ଲା ମେଡ଼ିକାଲ କଲେଜରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

କଟକର ରେଭେନ୍ସା କଲେଜରୁ ସ୍ୱର୍ଗତ ମିଶ୍ରଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ୧୯୨୦ ମସିହା ଜାନୁଆରୀ ମାସରେ ସେ ରେଭେନ୍ସା କଲେଜରେ ଉଦ୍ଭିଦ ବିଜ୍ଞାନରେ ଅଫିସିଏଟିଂ ଲେକ୍ଚରର ରୂପେ ଓ ୧୯୨୧ ମସିହାରେ କଟକର ଛାତ୍ରାବାସସମୂହର ଇନ୍ସପେକ୍ଟର ରୂପେ ଅବସ୍ଥାପିତ ହୋଇଥିଲେ । ପରେ ୧୯୨୨ ମସିହାରେ ସେ ପୁଣି ରେଭେନ୍ସା କଲେଜରେ ଉଦ୍ଭିଦ ବିଜ୍ଞାନ ଲେକ୍ଚରରଭାବେ ଯୋଗ ଦେଇଥିଲେ ଏବଂ ୧୯୪୮ ମସିହା ପର୍ଯ୍ୟନ୍ତ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ଏହାପରେ ସେ ସମ୍ବଲପୁର ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହୋଇଥିଲେ ଏବଂ ସେହି ପଦବୀରେ ଥାଇ ୧୯୫୦ ମସିହାରେ ଅବସର ଗ୍ରହଣ କରିଥିଲେ ।

ଅବସର ଗ୍ରହଣ ପରେ ଡକ୍ଟର ମିଶ୍ରଙ୍କର କର୍ମ ପରିସର ଆହୁରି ପରିବର୍ଦ୍ଧିତ ହୋଇଯାଇଥିଲା । ୧୯୫୨ରୁ ୧୯୫୫ ପର୍ଯ୍ୟନ୍ତ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିରୂପେ କାର୍ଯ୍ୟ କରିଥିଲେ ଏବଂ ଏହି ସମୟରେହିଁ ରେଭେନ୍ସା କଲେଜରେ ଭୂତତ୍ତ୍ୱ ବିଭାଗ ଖୋଲିବା ନିମନ୍ତେ ଉଦ୍ୟମ କରିଥିଲେ । ଏଥିପାଇଁ ତାଙ୍କ ସ୍ତ୍ରୀ ଶ୍ରୀମତୀ ବିଶାଖା ମିଶ୍ରଙ୍କ ନାମରେ ୧୨ ହଜାର ଟଙ୍କାର ଦୁଇଟି ବୃତ୍ତି ଦାନ କରିଥିଲେ । ୧୯୬୭ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ଓ ସେ ଏହାର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ଦିଗରେ ତଥା ବୁର୍ଲାଠାରେ ଇଂଜିନିୟରିଂ କଲେଜ ପ୍ରତିଷ୍ଠା ଦିଗରେ ଡକ୍ଟର ମିଶ୍ରଙ୍କ ଅବଦାନ ଅବିସ୍ମରଣୀୟ । ଶିକ୍ଷାକ୍ଷେତ୍ର ବାହାରେ ମଧ୍ୟ ବିଭିନ୍ନ ସାଂସ୍କୃତିକ ଓ ଧର୍ମାନୁଷ୍ଠାନ ସହିତ ସେ ସଂଶ୍ଳିଷ୍ଟ ଥିଲେ । ୧୯୬୦ରୁ ୧୯୬୩ ମସିହା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ସେ ମଧ୍ୟ ଜଣେ ସଦସ୍ୟ ଥିଲେ । ଏତଦ୍ବ୍ୟତୀତ ବହୁ ବର୍ଷ ଧରି ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତଥା ରାଉରକେଲା ଇଂଜିନିୟରିଂ କଲେଜର ପରିଚାଳନା ସହିତ ସଂଶ୍ଳିଷ୍ଟ ଥିଲେ ।

ସ୍ୱର୍ଗତ ମିଶ୍ରଙ୍କର ଛାତ୍ର ଜୀବନ ସମ୍ବଲପୁରରୁ ଆରମ୍ଭ ହୋଇଥିଲା । ୧୯୧୩ ମସିହାରେ ସମ୍ବଲପୁର ହାଇସ୍କୁଲରୁ ମାଟ୍ରିକ ପାଶ୍ କରି ସେ ଆଇ. ଏସ୍‌ସି. ପଢ଼ିବାକୁ କଟକ ଆସିଲେ । ୧୯୧୫ ମସିହାରେ ରେଭେନ୍ସା କଲେଜରୁ ପାଶ୍ କରିସାରି ସେ କଲିକତା ପ୍ରେସିଡେନସି କଲେଜରେ ବି. ଏସ୍‌ସି. ପଢ଼ିଲେ ଓ ଅନର୍ସ ସହ ଉତ୍ତୀର୍ଣ୍ଣ ହୋଇଥିଲେ । କଲିକତା ବିଶ୍ୱବିଦ୍ୟାଳୟରୁ ସେ ଏମ୍. ଏସ୍‌ସି. ପାଶ୍ କରିଥିଲେ । ୧୯୩୮ ମସିହାରେ ଡକ୍ଟର ମିଶ୍ର ଲଣ୍ଡନର କିଙ୍ଗ୍‌ସ ବିଶ୍ୱବିଦ୍ୟାଳୟରେ ଜଣେ ଗବେଷକଭାବେ ଯୋଗ ଦେଇ ୧୯୪୦ ମସିହାରେ ଡକ୍ଟରେଟ୍ ଲାଭ କରିଥିଲେ ।

ସ୍ୱର୍ଗତ ମିଶ୍ର ୧୮୯୪ ମସିହା ଜାନୁଆରୀ ୨୫ ତାରିଖରେ ସମ୍ବଲପୁରର ଦୁଲର୍ଣ୍ଣ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

# ଭାରତରେ ଗଣତନ୍ତ୍ର - ମନ୍ତ୍ରୀ ପରିଷଦ

ଶ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀ

ଯେଉଁ କେତୋଟି ବିଷୟରେ ଆମେ ଭାରତୀୟ ହିସାବରେ ପୃଥିବୀ ଆଗରେ ଗର୍ବ କରି ପାରିବା ଆମ ଦେଶରେ ପ୍ରଚଳିତ ଗଣତନ୍ତ୍ର ତନ୍ମଧ୍ୟରୁ ଅନ୍ୟତମ । ପ୍ରକୃତରେ ସଂପ୍ରତି ଆମେ ହେଉଛୁ ବିଶ୍ୱରେ ସର୍ବ ବୃହତ୍ ଗଣତନ୍ତ୍ର ରାଷ୍ଟ୍ର । କେହି ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ଗଣତନ୍ତ୍ରର ସଂଜ୍ଞା ନିରୂପଣ କରିବାରେ ସମର୍ଥ ହୋଇ ନାହାନ୍ତି । ତେବେ A. V. Dicey ଙ୍କ ମନ୍ତବ୍ୟ- : "The ideal of democracy is Government for the good of the people, by the people and in accordance with the wishes of the people." ବିଶେଷ ପ୍ରଣିଧାନଯୋଗ୍ୟ ।

ଐତିହାସିକ ୧୯୫୦ ଜାନୁଆରୀ ୨୬ ତାରିଖ ଦିନ ପ୍ରଥମ କରି ସ୍ୱାଧୀନ ଭାରତରେ Constituent Assembly ଦ୍ୱାରା ପ୍ରଣୀତ ପବିତ୍ର ସଂବିଧାନ ପ୍ରଚଳିତ ହେଲା ଏବଂ ସେ ଦିନଠୁ ଦେଶ ଏକ ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ସାଂବିଧାନିକ ବ୍ୟବସ୍ଥା ଅନୁଯାୟୀ ସାବାଳକ ଭୋଟ ଭିତ୍ତିରେ ସରକାର ଗଠନ କରିବା ଉଦ୍ଦେଶ୍ୟରେ ଏ ପର୍ଯ୍ୟନ୍ତ ଆମ ଦେଶରେ ସାତ ଥର ସାଧାରଣ ନିର୍ବାଚନ ହୋଇ ସାରିଛି । ଏ ନିର୍ବାଚନ ସବୁ ଯେଭଳି ନିରପେକ୍ଷ ଭାବରେ ଅନୁଷ୍ଠିତ ହୋଇଛି ଓ ସାଧାରଣ ଭୋଟରମାନେ ନିର୍ଭୟରେ ସେମାନଙ୍କ ସ୍ୱାଧୀନ ମତ ପ୍ରଦାନ କରିଛନ୍ତି ଏବଂ ସର୍ବୋପରି ନିର୍ବାଚନ ଫଳାଫଳ ପରେ ଯେପରି ଶାନ୍ତି-ପୂର୍ଣ୍ଣ ଭାବରେ କ୍ଷମତା ହସ୍ତାନ୍ତର କାର୍ଯ୍ୟ ସମାହିତ ହୋଇଛି, ତାହା ଆମ ଗଣତନ୍ତ୍ରର ବୈଶିଷ୍ଟ୍ୟ ତଥା ଗଣତନ୍ତ୍ର ପ୍ରତି ଭାରତବାସୀଙ୍କ ଗଭୀର ବିଶ୍ୱାସ ଓ ସମ୍ମାନ ପ୍ରତିପାଦନ କରେ ।

ଯେ କୌଣସି ରାଷ୍ଟ୍ରରେ ଯେଉଁ ତିନୋଟି ମୁଖ୍ୟ ସ୍ତମ୍ଭ ବା ଆଧାର ଉପରେ ଗଣତନ୍ତ୍ର ଦଣ୍ଡାୟମାନ ସେଗୁଡ଼ିକ ହେଉଛି, ଶାସନ ସଂସ୍ଥା ( Executive ) ବିଧାୟକ ସଭା ( Legislature ) ଓ ବିଚାର ବିଭାଗ ( Judiciary ) । ସୁଇଜରଲ୍ୟାଣ୍ଡରେ ପ୍ରଚଳିତ Collegiate ଶାସନ ବ୍ୟବସ୍ଥାକୁ ଛାଡ଼ିଦେଲେ ପୃଥିବୀର ଅନ୍ୟାନ୍ୟ ମୁଖ୍ୟ ଦେଶମାନଙ୍କରେ ପ୍ରଚଳିତ ଶାସନ ବ୍ୟବସ୍ଥା ରାଷ୍ଟ୍ରପତି ପ୍ରାଧାନ୍ୟ ପଦ୍ଧତି (Presidential system) ଓ ସଂସଦୀୟ ପଦ୍ଧତି ( Parliamentary system ) ଏହି ଦୁଇଟି ଶ୍ରେଣୀରେ ବିଭକ୍ତ ।

ଆମେ ଭାରତରେ ଇଂଲଣ୍ଡ ଭଳି ସଂସଦୀୟ ଶାସନ ପଦ୍ଧତି ଗ୍ରହଣ କରିଛୁ । ସଂସଦୀୟ ସରକାରରେ ବସ୍ତୁତଃ ନିର୍ବାଚିତ ଶାସନକର୍ତ୍ତାଙ୍କର ଶାସନ କାଳ ସଂସଦର ମର୍ଜି ଉପରେ ନିର୍ଭରଶୀଳ । ଏ ବ୍ୟବସ୍ଥାରେ ଯାହାର କି ପ୍ରତୀକ ଇଂଲଣ୍ଡ ଶାସନ ମୁଖ୍ୟ ରାଣୀ ହେଉଛନ୍ତି ନାମ କା ବାସ୍ତେ । ବିଧାୟକ ସଭାର କେତେକ ସଭ୍ୟଙ୍କୁ ନେଇ ଗଠିତ ମନ୍ତ୍ରୀ ପରିଷଦ ହାତରେ ହିଁ ପ୍ରକୃତ ଶାସନ କ୍ଷମତା ନ୍ୟସ୍ତ ରହେ ଏବଂ ମନ୍ତ୍ରୀ ପରିଷଦ ଲୋକପ୍ରିୟ ବିଧାୟକ ସଭା ପ୍ରତି ଦାୟୀ ରହନ୍ତି । ଏ ପରିପ୍ରେକ୍ଷୀରେ ଆମ ଦେଶର ଶାସନ ବ୍ୟବସ୍ଥାରେ ମଧ୍ୟ ଆଇନତଃ ଶାସନ ମୁଖ୍ୟ ଓ ପ୍ରକୃତ ଶାସନ ମୁଖ୍ୟ ଭିତରେ ରହିଛି ଅନେକ ପାର୍ଥକ୍ୟ । ରାଷ୍ଟ୍ରପତି ଓ ଉପ ରାଷ୍ଟ୍ରପତି ଲେଖାପଢ଼ାରେ ଶାସନ ମୁଖ୍ୟ ରୂପେ ବିବେଚିତ ହେଉଥିଲେ ମଧ୍ୟ ଅସଲ ଶାସନ କ୍ଷମତାର ଅଧିକାରୀ ହେଉଛନ୍ତି ମନ୍ତ୍ରୀ ପରିଷଦ ତଥା ପ୍ରଧାନମନ୍ତ୍ରୀ ।

ଆମ ସଂବିଧାନର ୭୪ ଧାରାରେ ରାଷ୍ଟ୍ର ନିମନ୍ତେ ଏକ ମନ୍ତ୍ରୀ ପରିଷଦ ଗଠନ ସଂପର୍କରେ ବ୍ୟବସ୍ଥା ରହିଛି । ରାଷ୍ଟ୍ରପତିଙ୍କୁ ତାଙ୍କ କାର୍ଯ୍ୟ କରିବାରେ ସାହାଯ୍ୟ ଓ ପରାମର୍ଶ ଦେବା ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଅଧିନାୟକତ୍ୱରେ ଏକ ମନ୍ତ୍ରୀ ପରିଷଦ ରହିବ ବୋଲି ଏ ଧାରାରେ ଉଲ୍ଲେଖ କରାଯାଇଛି । ୭୫ ଧାରା ୧ ଉପଧାରାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଓ ଅନ୍ୟ ମନ୍ତ୍ରୀମାନେ ପ୍ରଧାନ ମନ୍ତ୍ରୀଙ୍କ ସୁପାରିଶ କ୍ରମେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବା ବ୍ୟବସ୍ଥା ରହିଛି । ପୁଣି ଏହି ଧାରାର ୨ ଉପଧାରାରେ ଉଲ୍ଲେଖ ରହିଛି ଯେ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଖୁସି ଅନୁସାରେ ସେମାନଙ୍କ ପଦବୀରେ ରହିପାରିବେ । ଏଥିରୁ ଏକ ଧାରଣା ସୃଷ୍ଟି ହୋଇପାରେ ଯେ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କୁ ସନ୍ତୁଷ୍ଟ ରଖିପାରିବା ଯାଏଁ ତାଙ୍କ ପଦବୀରେ ରହିପାରିବେ । କିନ୍ତୁ କାର୍ଯ୍ୟତଃ ତା' ନୁହେଁ । ମନ୍ତ୍ରୀପରିଷଦ ସମ୍ମିଳିତ ଭାବରେ ଲୋକସଭା ପ୍ରତି ଦାୟୀ ରହିବେ ବୋଲି ୭୫ ଧାରା ୩ ଉପଧାରାରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଏ ସଂକ୍ରାନ୍ତରେ ବିଚାର କରି ସୁପ୍ରିମ କୋର୍ଟ ମଧ୍ୟ ତାଙ୍କ ସିଦ୍ଧାନ୍ତରେ କହିଛନ୍ତି........................ 'The President has thus been made a formal or constitu[illegible] tional head of the executive and the [illegible] executive powers [illegible] vested in the Ministers or the [illegible] ଏ ବ୍ୟବସ୍ଥା ମଧ୍ୟ

ରାଜ୍ୟମାନଙ୍କ ପ୍ରତି ପ୍ରଯୁଜ୍ୟ । ରାଜ୍ୟପାଳମାନେ ସାଂବିଧାନିକ ମୁଖ୍ୟ ରୂପେ ଅବସ୍ଥାପିତ ଥିବାବେଳେ ବାସ୍ତବରେ ମନ୍ତ୍ରୀ ପରିଷଦ ହିଁ ରାଜ୍ୟର ଶାସନ ପରିଚାଳନା କରିଥାନ୍ତି ।

ଲୋକ ସଭାରେ ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ହିଁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରି ତାଙ୍କୁ ମନ୍ତ୍ରୀ ପରିଷଦ ଗଠନ କରିବାକୁ ରାଷ୍ଟ୍ରପତି ନିମନ୍ତ୍ରଣ କରନ୍ତି । ପୁନଶ୍ଚ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ତାଲିକାଭୁକ୍ତ ବ୍ୟକ୍ତିମାନଙ୍କୁ ରାଷ୍ଟ୍ରପତି ମନ୍ତ୍ରୀରୂପେ ନିଯୁକ୍ତ କରନ୍ତି ଏବଂ ପ୍ରଧାନ ମନ୍ତ୍ରୀ ତଥା ଅନ୍ୟ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାନ୍ତି । ବିଭିନ୍ନ ଅଞ୍ଚଳର ଓ ଅନୁନ୍ନତ ସଂପ୍ରଦାୟର ପ୍ରତିନିଧିତ୍ୱ ପ୍ରଶ୍ନ ସଙ୍ଗେ ସଙ୍ଗେ ଦକ୍ଷତା ଓ ମନ୍ତ୍ରୀ ପରିଷଦର ତଥା ଦଳର ସଂହତି ଆଦି ବିଭିନ୍ନ ପ୍ରସଙ୍ଗର ବିଚାର କରି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ସହଯୋଗୀ ମନ୍ତ୍ରୀ ବାଛିବାକୁ ପଡ଼େ । ସଂସଦ ସଭ୍ୟ ନ ଥିବା କୌଣସି ବ୍ୟକ୍ତିଙ୍କୁ ମନ୍ତ୍ରୀ ପରିଷଦରେ ନିଆଗଲେ ଉକ୍ତ ବ୍ୟକ୍ତି ସଂସଦର ଯେ କୌଣସି ଗୃହକୁ ଛ' ମାସ ଭିତରେ ନିର୍ବାଚିତ ହୋଇ ଆସିବା ଆବଶ୍ୟକ । ଏ ସଂକ୍ରାନ୍ତରେ C. D. Deshmukh, C. H. Bhabha, John Mathai, T. A. Pai ପ୍ରମୁଖଙ୍କ ଦୃଷ୍ଟାନ୍ତ ଦିଆଯାଇପାରେ ।

ସଂବିଧାନରେ ମନ୍ତ୍ରୀପରିଷଦର ଶ୍ରେଣୀ ବିଭାଗ ଓ ସଂଖ୍ୟା ବିଷୟରେ କୌଣସି ଉଲ୍ଲେଖ ନାହିଁ । କିନ୍ତୁ ୧୯୪୯ ମସିହାରେ ତତ୍କାଳୀନ କମିଟି ମୁଖ୍ୟ ମନ୍ତ୍ରୀ ଶ୍ରୀ ଗୋପାଳ ସ୍ୱାମୀ ଆୟାଙ୍ଗାରଙ୍କ ରିପୋର୍ଟ ଗ୍ରହଣ କରାଯାଇ କେବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ ଏଭଳି ତିନିଶ୍ରେଣୀର ମନ୍ତ୍ରୀ ପଦବୀ ସୃଷ୍ଟି କରି ତିନି ଥାକିଆ ମନ୍ତ୍ରୀ ପରିଷଦର ବ୍ୟବସ୍ଥା କରାଗଲା । କାର୍ଯ୍ୟଭାର ବିଷୟ ବିଚାରକୁ ନେଇ ବିଭିନ୍ନ ସମୟରେ ପ୍ରଧାନ ମନ୍ତ୍ରୀ ମନ୍ତ୍ରୀସଂଖ୍ୟା ସ୍ଥିର କରିଥାନ୍ତି । ତେବେ ସାଧାରଣତଃ କେବିନେଟ ମନ୍ତ୍ରୀଙ୍କ ସଂଖ୍ୟା ୧୫ରୁ ୨୦ ଭିତରେ ରଖାଯାଇ ମନ୍ତ୍ରୀ ପରିଷଦର ସର୍ବୋଚ୍ଚ ସଭ୍ୟ ସଂଖ୍ୟା ୫୦ରୁ ୫୫ ମଧ୍ୟରେ ରଖାଯାଉଛି । ଏତେ ସଂଖ୍ୟକ ମନ୍ତ୍ରୀଙ୍କ ବୈଠକ ଘନ ଘନ ଆହ୍ୱାନ କରି ସେମାନଙ୍କ ଉପସ୍ଥିତିରେ ରାଷ୍ଟ୍ର ପରିଚାଳନା ସଂପର୍କୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟର ପୁଙ୍ଖାନୁପୁଙ୍ଖ ତଥା ଯଥାର୍ଥ ବିସ୍ତୃତ ଆଲୋଚନା ସମ୍ଭବପର ହେଉ ନ ଥିବାରୁ କ୍ଷୁଦ୍ର ସଂଖ୍ୟା-ବିଶିଷ୍ଟ କେବିନେଟକୁ ଉଚ୍ଚ କ୍ଷମତାସଂପନ୍ନ କରାଯାଇଛି ! ବସ୍ତୁତଃ ମନ୍ତ୍ରୀ ପରିଷଦର ସମସ୍ତ ସାଂବିଧାନିକ ଦାୟିତ୍ୱ ଓ କ୍ଷମତା କେବିନେଟ ଉପରେ ନ୍ୟସ୍ତ । ଇଂଲଣ୍ଡ ଭଳି ଆମ ଦେଶରେ ମଧ୍ୟ ସଂବିଧାନରେ ଉଲ୍ଲେଖ ନ ଥିବା ଏମିତି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ପରଂପରା (Convention) ଅନୁସାରେ ପରିଚାଳିତ । ଏ ପରଂପରା ସବୁ ଲିଖିତ ଆଇନ ଭଳି ମର୍ଯ୍ୟାଦା ଓ ଶକ୍ତିସଂପନ୍ନ ।

ବିଶାଳ ଭାରତ ବର୍ଷରେ ଉଭୟ ଆଭ୍ୟନ୍ତରୀଣ ଓ ବୈଦେଶିକ ସଂପର୍କ କ୍ଷେତ୍ରରେ ପ୍ରତ୍ୟହ ବହୁବିଧ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଉଦ୍ଭବ ହେବା ସ୍ୱାଭାବିକ । ସେସବୁ ସମସ୍ୟାବଳୀର ସମସ୍ତ ଦିଗ ପ୍ରତି କେବିନେଟ ଏକତ୍ରିତଭାବେ ଦୃଷ୍ଟିଦେବା ସମୟସାପେକ୍ଷ ଓ ଅସୁବିଧା-ଜନକ ହେଉଥିବାରୁ କାର୍ଯ୍ୟର ସୁପରିଚାଳନା ନିମନ୍ତେ ରାଜନୈତିକ, ଅର୍ଥନୈତିକ, ଦେଶରକ୍ଷା, ବୈଦେଶିକ ତଥା ସଂସଦୀୟ ବ୍ୟାପାର ଆଦି ବିଭିନ୍ନ ବିଷୟରେ କେବିନେଟ କମିଟିମାନ ଗଠନ କରାଯାଏ ।

ସମ୍ମିଳିତ ଦାୟିତ୍ୱ, ଆଭ୍ୟନ୍ତରୀଣ ସଂହତି ଓ ଗୋପନୀୟତା ଆଦି ନୈତିକ ଦାୟିତ୍ୱ ପ୍ରତି କେତେକ ମୌଳିକ ନୀତି ଅନୁସରଣ କରି କେବିନେଟ ପ୍ରାଧାନ୍ୟ ସରକାର ଶାସନ କାର୍ଯ୍ୟ ନିର୍ବାହ କରନ୍ତି । ସମ୍ମିଳିତ ଦାୟିତ୍ୱର ଅର୍ଥ ହେଉଛି ମନ୍ତ୍ରୀ ପରିଷଦର ସମସ୍ତ ସଭ୍ୟ ମିଳିତ ଭାବେ ଲୋକ ସଭା ପ୍ରତି ଦାୟୀ ରହିବେ । ସେମାନେ ଏକାଠି ଶାସନ ଦାୟିତ୍ୱ ଗ୍ରହଣ କରନ୍ତି ଓ ଦାୟିତ୍ୱ ଛାଡ଼ିଲାବେଳେ ମଧ୍ୟ ଏକାଠି ଛାଡ଼ନ୍ତି । ଜଣେ ମନ୍ତ୍ରୀଙ୍କ ବିରୁଦ୍ଧରେ ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲେ କିମ୍ବା ଗୋଟିଏ ବିଭାଗର ଖର୍ଚ୍ଚ ଦାବୀ ନାମଞ୍ଜୁର ହେଲେ ମଧ୍ୟ ସମସ୍ତ ମନ୍ତ୍ରୀ ପରିଷଦକୁ କ୍ଷମତା ତ୍ୟାଗ କରିବାକୁ ପଡ଼ିବ । ମନ୍ତ୍ରୀ ପରିଷଦର ସଭ୍ୟମାନଙ୍କର ସାଧାରଣତଃ ସରକାରୀ ନୀତି ଓ ସରକାର ପରିଚାଳନାରେ ମତୈକ୍ୟ ରହିବା ଏକାନ୍ତ ଆବଶ୍ୟକ । ଯଦି କୌଣସି କାରଣରୁ କୌଣସି ମନ୍ତ୍ରୀ କୌଣସି କେବିନେଟ ନୀତି ବା ନିଷ୍ପତ୍ତି ସହ ଏକମତ ହୋଇ ନ ପାରନ୍ତି ତାଙ୍କୁ ନୀରବରେ ଉକ୍ତ କେବିନେଟ ନିଷ୍ପତ୍ତିକୁ ଗ୍ରହଣ କରିନେବାକୁ ପଡ଼ିବ ନଚେତ୍ ସରକାରରୁ ଇସ୍ତଫା ଦେବାକୁ ହେବ । ଏହି ନୀତି ଅନୁସାରେ ୧୯୬୭ ମସିହାରେ ତତ୍କାଳୀନ ବୈଦେଶିକ ମନ୍ତ୍ରୀ ଏମ୍. ସି. ଚାଗଲା ପଦତ୍ୟାଗ କରିଥିଲେ । ସରକାର ପରିଚାଳନାରେ ଶୃଙ୍ଖଳା ଓ ସୁସ୍ଥ ପରଂପରା ଦୃଷ୍ଟିରୁ ମନ୍ତ୍ରୀ ପରିଷଦ ଯେ ଏକ ଓ ଅଭିନ୍ନ ଏହି ଧାରଣା ସୁଦୃଢ଼ ଭାବରେ ଜନସାଧାରଣରେ ରହିବା ବାଞ୍ଛନୀୟ । ଜୟପ୍ରକାଶଙ୍କ ଆନ୍ଦୋଳନ ସଂପର୍କରେ ସରକାରଙ୍କ ନୀତି ସହ ଏକମତ ନ ହୋଇ ନିଜ ଭିନ୍ନ ମତ ଖୋଲାଖୋଲି ଭାବେ ବାହାରେ ପ୍ରକାଶ କରି କେବିନେଟ ସରକାରର ମୌଳିକ ନୀତିର ବିରୁଦ୍ଧାଚରଣ କରିବାରୁ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୋହନ ଧାରିଆଙ୍କୁ ୧୯୭୪ ଜୁଲାଇରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ମନ୍ତ୍ରୀ ପରିଷଦରୁ ବରଖାସ୍ତ କରିଥିଲେ ।

ଯାହାର ଦୋଷ ହୋଇଥିଲେ ମଧ୍ୟ ରାଜନୈତିକ ଦାୟିତ୍ୱ ସମ୍ପର୍କୀୟ ନୀତି ଦୃଷ୍ଟିରୁ ବିଭାଗୀୟ ସମସ୍ତ ତ୍ରୁଟି ବିଚ୍ୟୁତି ପାଇଁ ସମ୍ପୃକ୍ତ ମନ୍ତ୍ରୀହିଁ ସଂସଦରେ ଦାୟୀ ହୁଅନ୍ତି । ଯଦିଓ ବିଭାଗୀୟ ଉଚ୍ଚ ଅଧିକାରୀ ନୀତି ନିର୍ଦ୍ଧାରଣ ଓ ନିଷ୍ପତ୍ତି ଗ୍ରହଣରେ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥାନ୍ତି ସେ ନୀତି ବା ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହେଲେ ମନ୍ତ୍ରୀଙ୍କ ମୁଣ୍ଡରେହିଁ ଦୋଷ ପଡ଼ିଥାଏ ।

୧୯୬୨ ମସିହାରେ ଭାରତ ଉପରେ ଚୀନ୍ ଆକ୍ରମଣ କରିବା ବେଳେ ଆମର ଯେଉଁ ବିପର୍ଯ୍ୟୟ ଘଟିଥିଲା ସେଥିପାଇଁ ଦେଶରକ୍ଷା ମନ୍ତ୍ରୀ ଶ୍ରୀ ଭି. କେ. କୃଷ୍ଣମେନନ୍ ତୀବ୍ର ସମାଲୋଚନାର ଶରବ୍ୟ ହେଲେ । ତାଙ୍କୁ ଦେଶ୍ରେଷ୍ଠ ଘୋର ଜନସାଧାରଣରେ ତଥା ସରକାରୀ ଦଳରେ ଘୋର

ଅସନ୍ତୋଷ ଓ ବିରକ୍ତି ପ୍ରକାଶ ପାଇବାପରେ ପ୍ରଧାନ ନେହେରୁଙ୍କ ଅନିଚ୍ଛା ସତ୍ତ୍ୱେ ଶେଷରେ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେବାକୁ ପଡ଼ିଲା । ଅବଶ୍ୟ ୧୯୫୬ ମସିହାରେ ଗୁନ୍ତୁରରେ ରେଳ ଦୁର୍ଘଟଣା ଘଟିବାରୁ ନୀତି ଓ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ ମନେକରି ତତ୍କାଳୀନ ରେଳବାଇ ମନ୍ତ୍ରୀ ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ସ୍ୱତଃସ୍ଫୂର୍ତ୍ତ ଭାବରେ ମନ୍ତ୍ରୀପଦ ତ୍ୟାଗକରି ଆମ ଦେଶର ସଂସଦୀୟ ଗଣତନ୍ତ୍ରର ଇତିହାସରେ ରେକର୍ଡ ସୃଷ୍ଟିକରି ଯାଇଛନ୍ତି ।

ଇଂଲଣ୍ଡରେ ୧୯୧୮ ମସିହାରେ ଗଠିତ ସରକାରୀ ଶାସନ ତନ୍ତ୍ର ସଂକ୍ରାନ୍ତୀୟ ହାଲଡେନ୍ ପାର୍ଲିଆମେଣ୍ଟାର ବା କମିଟିଙ୍କ ମତାନୁସାରେ କେବିନେଟ୍‌ର ଦାୟିତ୍ୱ ଓ କର୍ତ୍ତବ୍ୟ ତ୍ରିମୁଖୀ । ରାଷ୍ଟ୍ର ପରିଚାଳନା ନିମନ୍ତେ ବିଭିନ୍ନ ନୀତି କେବିନେଟ୍‌ହିଁ ପ୍ରଣୟନ କରନ୍ତି । ବିଶେଷତଃ ସଂସଦରେ ଉପସ୍ଥାପିତ ସମସ୍ତ ନୀତି, ନିଷ୍ପତ୍ତି, ପ୍ରସ୍ତାବ ଓ ଆର୍ଥନୈତିକ ଉନ୍ନୟନ ଯୋଜନା ଏବଂ ସଂସଦୀୟ କାର୍ଯ୍ୟକ୍ରମ ଆଦି ପ୍ରଥମେ କେବିନେଟ୍ ବୈଠକରେ ସ୍ଥିର ହୋଇଥାଏ । ଦ୍ୱିତୀୟତଃ ସଂସଦରେ ଗୃହୀତ ନୀତି ଓ ନିଷ୍ପତ୍ତି ଅନୁସାରେ ଶାସନ ସଂସ୍ଥାକୁ ନିୟନ୍ତ୍ରଣ କରିବା ଏବଂ ସରକାରୀ ନୀତି ଓ କାର୍ଯ୍ୟକ୍ରମକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ହେଉଛି କେବିନେଟର ଦାୟିତ୍ୱ । ତୃତୀୟତଃ କେବିନେଟ ସେକ୍ରେଟେରୀଏଟ୍ ମାଧ୍ୟମରେ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ସେମାନଙ୍କ ମଧ୍ୟରେ ସଦା ସର୍ବଦା ସମନ୍ୱୟ ରକ୍ଷାକରିବା କେବିନେଟର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

ସଂସଦର ନୀତି ଓ ନିଷ୍ପତ୍ତି ରୂପାୟନ ନିମନ୍ତେ କେବିନେଟ ସଂସଦର କାର୍ଯ୍ୟ ନିର୍ବାହିକା କମିଟି ଭଳି ମନେହୁଏ । କିନ୍ତୁ ଯଦିଓ କାଗଜ ପତ୍ରରେ କେବିନେଟ ଉପରେ ସଂସଦର ଏପରି ଅନେକ ନିୟନ୍ତ୍ରଣ ରହିଛି, ବାସ୍ତବ କ୍ଷେତ୍ରରେ କେବିନେଟ ସଂସଦକୁ ନିୟନ୍ତ୍ରଣ କରୁଥିବାର ଜଣାଯାଏ । ପୂର୍ବରୁ କେବିନେଟରେ ଗୃହୀତ ବିଲ୍, ନୀତି, ପ୍ରସ୍ତାବ ଆଦି ମନ୍ତ୍ରୀମାନଙ୍କ ଦ୍ୱାରାହିଁ ସଂସଦରେ ଆଗତ ହୁଏ । ଯଦି କେବେ କେବିନେଟର ବିନା ସମର୍ଥନରେ କୌଣସି ବେସରକାରୀ ସଭ୍ୟଙ୍କ ଦ୍ୱାରା ଆଗତ ବିଲ୍ ସଂସଦରେ ଗୃହୀତ ହୋଇଯାଏ, ତାହା ସରକାର ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ରୂପେ ବିବେଚିତ ହୁଏ ଏବଂ କେବିନେଟକୁ ଇସ୍ତଫା ଦେବାକୁ ପଡ଼େ । ଅବଶ୍ୟ ସଂସଦରେ ମନ୍ତ୍ରୀ ପରିଷଦର ସଂଖ୍ୟାଗରିଷ୍ଠତା ଥିବା ପର୍ଯ୍ୟନ୍ତ ଏଭଳି ଘଟିବାର ସମ୍ଭାବନା ନାହିଁ ।

ରାଜ୍ୟମାନଙ୍କରେ ସାଂବିଧାନିକ ଶାସନ ବ୍ୟବସ୍ଥା ଭାଙ୍ଗିପଡ଼ିଲେ ରାଜ୍ୟପାଳଙ୍କ ତତ୍‌ସଂକ୍ରାନ୍ତୀୟ ରିପୋର୍ଟ ଉପରେ ବିଚାର ଆଲୋଚନା କରି ରାଷ୍ଟ୍ରପତି ଶାସନ ପ୍ରବର୍ତ୍ତନ ପାଇଁ କେବିନେଟ ନିଷ୍ପତ୍ତି ଗ୍ରହଣ କରନ୍ତି । କେତେକାଳ ରାଷ୍ଟ୍ରପତି ଶାସନ ଚାଲିବ ଓ କେବେ ନିର୍ବାଚନ ହେବ ତାହା ମଧ୍ୟ କେବିନେଟ ସ୍ଥିର କରନ୍ତି । ବସ୍ତୁତଃ ରାଜ୍ୟରେ ପ୍ରବର୍ତ୍ତିତ ରାଷ୍ଟ୍ରପତି ଶାସନ କେନ୍ଦ୍ର କେବିନେଟର ଶାସନ ବ୍ୟତୀତ ଅନ୍ୟ କିଛି ନୁହେଁ ।

ଏତାଦୃଶ ବହୁବିଧ ଓ ପରିବ୍ୟାପ୍ତ କ୍ଷମତା କେବିନେଟ ହାତରେ ନ୍ୟସ୍ତ ରହିଛି । ଅବଶ୍ୟ ସଂସଦରେ କେବିନେଟ୍‌ର ସଂଖ୍ୟାଗରିଷ୍ଠ ସମର୍ଥନ ଥିବାଯାଏ ସଂସଦର ସମ୍ମତି-କ୍ରମେ କେବିନେଟ ଏସବୁ କ୍ଷମତା ଅବାଧରେ ପ୍ରୟୋଗ କରିପାରିବ । ସଂସଦୀୟ ଗଣତନ୍ତ୍ରରେ କେବିନେଟର ଏଭଳି ପ୍ରାଧାନ୍ୟ ଦୃଷ୍ଟିରୁ ବିଖ୍ୟାତ ସଂବିଧାନ ବିଶାରଦ Sir John Marriot ଯଥାର୍ଥରେ କେବିନେଟକୁ "The Pivot round which the whole Political machinery revolves" ବୋଲି ବର୍ଣ୍ଣନା କରିଛନ୍ତି ।

ଏଭଳି ମହାଶକ୍ତିମାନ କେବିନେଟର ନାୟକ ପ୍ରଧାନ ମନ୍ତ୍ରୀଙ୍କର ମନ୍ତ୍ରୀପରିଷଦରେ ସ୍ଥିତି ସମ୍ପର୍କରେ ଏଠାରେ କିଛି ଉଲ୍ଲେଖ କରିବା ଯଥାର୍ଥ ହେବ । ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ମନୋନୀତ କରନ୍ତି । ସେମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରନ୍ତି ଓ ଆବଶ୍ୟକ-ମତେ ମନ୍ତ୍ରୀ ପରିଷଦରେ ଅଦଳ ବଦଳ କରି କେତେକଙ୍କୁ ବାଦ୍ ମଧ୍ୟ ଦିଅନ୍ତି । ଯେତେବେଳେ ଯାହାକୁ ବାଦ୍ ଦେବାପାଇଁ ଚାହିଁବେ ତାଙ୍କୁ ସେ ଇସ୍ତଫା ଦେବାଲାଗି ବାଧ୍ୟ କରିପାରନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ମତାନ୍ତର ଘଟିଲେ ମନ୍ତ୍ରୀମାନଙ୍କୁ ପଦତ୍ୟାଗ କରିବାକୁ ପଡ଼େ । ବସ୍ତୁତଃ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀ ( ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ) ଙ୍କ ବିଶ୍ୱାସଭାଜନ ହୋଇ ରହିଥିବା ଯାଏ ମନ୍ତ୍ରୀ ପରିଷଦରେ ରହିଥାଆନ୍ତି । ନିକଟ ଅତୀତରେ କେନ୍ଦ୍ର ମନ୍ତ୍ରୀ ପରିଷଦରୁ ଶ୍ରୀ ବିଦ୍ୟାଚରଣ ଶୁକ୍ଳା ଓ କର୍ଣ୍ଣାଟକ ରାଜ୍ୟ ମନ୍ତ୍ରୀ ପରିଷଦରୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ବାଙ୍ଗାରପାଙ୍କ ତଥା ଓଡ଼ିଶା ରାଜ୍ୟ ମନ୍ତ୍ରୀ ପରିଷଦରୁ ରାଜସ୍ୱ ମନ୍ତ୍ରୀ ଶ୍ରୀ କାହ୍ନୁଚରଣ ଲେଙ୍କାଙ୍କ ବିଦାୟ ଏ ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରାଯାଇପାରେ ।

ପ୍ରଧାନମନ୍ତ୍ରୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ ଓ ଲୋକସଭାରେ ଶାସକ ଦଳର ନେତା । ଲୋକସଭାକୁ ଭାଙ୍ଗି ଦେବାପାଇଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବାର କ୍ଷମତା ମଧ୍ୟ ତାଙ୍କର ଅଛି । ସର୍ବୋଚ୍ଚ ସଂଯୋଜକରୂପେ ବିଭିନ୍ନ ବିଭାଗ ମଧ୍ୟରେ ଉପୁଜୁଥିବା ବାଦ ବିବାଦ ଓ ଭୁଲ୍ ବୁଝାମଣାର ସମାଧାନକରି ସେ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମର ସଫଳ ରୂପାନ୍ତରର ପଥ ସୁଗମ କରାନ୍ତି । କେବିନେଟ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷାକରିବା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ବିଶେଷ ଦାୟିତ୍ୱ ।

ଏ ପରିପ୍ରେକ୍ଷୀରେ ଯଦିଓ ଲେଖାପଢ଼ାରେ ପ୍ରଧାନମନ୍ତ୍ରୀଙ୍କୁ The first among equals' କୁହାଯାଏ, ବାସ୍ତବ କ୍ଷେତ୍ରରେ ସେ ଯଥାର୍ଥରେ ହେଉଛନ୍ତି–Lord Morleyଙ୍କ ଭାଷାରେ– The Key Stone of the Cabinet arch ଏବଂ Ivor Jennings ଙ୍କ ଭାଷାରେ The Sun round which the planets revolve.

ପୁନଶ୍ଚ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ସଂସଦୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ସର୍ବୋଚ୍ଚ ଦାୟିତ୍ୱ ତଥା କ୍ଷମତାସଂପନ୍ନ ବ୍ୟକ୍ତି । ତେଣୁ

ପ୍ରଧାନମନ୍ତ୍ରୀଙ୍କ ଏତାଦୃଶ ପ୍ରାଧାନ୍ୟ ଦୃଷ୍ଟିରୁ ଇଂଲଣ୍ଡରେ ତାଙ୍କୁ ଜଣେକ ସଂବିଧାନ ବିଶାରଦ Hinton ନିର୍ବାଚିତ ସମ୍ରାଟ ବୋଲି ଆଖ୍ୟା ଦେଇଥିବା ବେଳେ କେବିନେଟ ସରକାରକୁ ସର୍ବତ୍ର ପ୍ରଧାନମନ୍ତ୍ରୀ ପ୍ରାଧାନ୍ୟ ସରକାର ବୋଲି ସାଧାରଣରେ କୁହାଯାଉଛି ।

ପରନ୍ତୁ ଏ କଥା ସତ ଯେ କୌଣସି ପଦ-ପଦବୀର ମର୍ଯ୍ୟାଦା ସଂପୃକ୍ତ ପଦାଧିକାରୀଙ୍କ ବ୍ୟକ୍ତିତ୍ୱ ଉପରେ ନିର୍ଭରଶୀଳ । ଭାରତରେ ସଂସଦୀୟ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କ୍ଷେତ୍ରରେ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ମହାନ୍ ବ୍ୟକ୍ତିତ୍ୱସଂପନ୍ନ ପଣ୍ଡିତ ନେହେରୁଙ୍କ ବଳିଷ୍ଠ ଅବଦାନ ଅବିସ୍ମରଣୀୟ । ସେହିଭଳି ସଂପ୍ରତି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ବିଶେଷ ଲୋକପ୍ରିୟତା ଓ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱ ଦ୍ୱାରା ପ୍ରଧାନମନ୍ତ୍ରୀ ପଦବୀର ମର୍ଯ୍ୟାଦା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସଂସଦୀୟ ଗଣତନ୍ତ୍ର ତଥା ମନ୍ତ୍ରୀ ପରିଷଦ ମଧ୍ୟ ବେଶ ପ୍ରଭାବିତ ହେଉଛି ।

ପ୍ରମଦୂତ

## ଭବାନୀପାଟଣାଠାରେ ସରକାରୀ ମୁଦ୍ରଣାଳୟର ଏକ ଶାଖା ଉଦ୍‌ଘାଟନ




୧୯୮୧ ଅଗଷ୍ଟ ୫ ତାରିଖ ଦିନ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ ଓଡ଼ିଶା ସରକାରୀ ମୁଦ୍ରଣାଳୟର ଏକ ଶାଖା ବାଣିଜ୍ୟ ମନ୍ତ୍ରୀ ଶ୍ରୀ ଦୟାନିଧି ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଅଛି । ଏହି ମୁଦ୍ରଣାଳୟ ସ୍ଥାପନ ହେବା ଫଳରେ କଳାହାଣ୍ଡି ଜିଲ୍ଲାର ସରକାରୀ କାର୍ଯ୍ୟାଳୟମାନଙ୍କର ଆବଶ୍ୟକ ଫର୍ମ ଇତ୍ୟାଦି ଛାପା, ଟାଇପ୍ ମେସିନ୍ ମରାମତି ଏବଂ ଲିଖନ ସାମଗ୍ରୀ ଇତ୍ୟାଦି ସୁବିଧାରେ ଯୋଗାଇ ଦିଆଯାଇ ପାରିବ ।



# ଘରୋଇ ପୋଖରୀରେ ବିଶୁଦ୍ଧ ଗୁଣ୍ଡି ଜାଆଁଳ ଉତ୍ପାଦନ

ଶ୍ରୀ ସଞ୍ଜୀବ ଚନ୍ଦ୍ର ବେହେରା

ମଧୁର ଜଳରେ ମାଛଚାଷ ପାଇଁ ଜାତିଆ ମାଛର ଗୁଣ୍ଡି ଜାଆଁଳର ଆବଶ୍ୟକତା ଅପରିହାର୍ଯ୍ୟ । ରାଜ୍ୟ ମତ୍ସ୍ୟ ବିଭାଗ ତରଫରୁ ଏକ ନିୟମିତ ଧନ୍ଦା ହିସାବରେ ନଦୀରୁ ବର୍ଷାଦିନେ ଗୁଣ୍ଡି ଜାଆଁଳ ସଂଗ୍ରହ କରି ବ୍ୟାପକ ଜାଆଁଳ ଚାହିଦା ମେଣ୍ଟାଇବା ପାଇଁ ଯଥେଷ୍ଟ ନୁହେଁ । ତେଣୁ, ରୋହି, ଭାକୁର, ମିରିକାଳୀ ପ୍ରଭୃତି ଜାତିଆ ମାଛରୁ ପ୍ରଭାବିତ ପ୍ରଜନନ ପ୍ରଣାଳୀରେ ଗୁଣ୍ଡି ଜାଆଁଳ ଉତ୍ପାଦନ କରି ମାଛଚାଷୀମାନଙ୍କ ଏହି ଜାଆଁଳ ଅଭାବ ପରିପୂରଣ ନିମନ୍ତେ ଗୁରୁତ୍ୱ ଆରୋପ କରାଯାଉଛି । ଏ ବର୍ଷ ଏହି ଉପାୟରେ ବିଶୁଦ୍ଧ ଗୁଣ୍ଡି ଜାଆଁଳ ସଂଗ୍ରହ ୭୫·୧୫ କୋଟି ଧାର୍ଯ୍ୟ ହୋଇଛି ।

ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଲା ଗାଁ ଗହଳିରେ ଥିବା ମତ୍ସ୍ୟଚାଷୀମାନଙ୍କୁ ଏଥିରେ ଲିପ୍ତ କରିବା ଏବଂ ଘରୋଇ ପୋଖରୀରେ ଏହା କାର୍ଯ୍ୟକାରୀ କରିବା । ସରକାରୀ ଉଦ୍ୟମରେ ଏ କାର୍ଯ୍ୟକ୍ରମ ବହୁ ଦିନରୁ ଚାଲିଛି । କିନ୍ତୁ ବେସରକାରୀ ପ୍ରଚେଷ୍ଟାରେ ଏହାକୁ ସଂପ୍ରସାରିତ କରିବାର ଉଦ୍ଦେଶ୍ୟ ହେଲା, ପ୍ରଭାବିତ ପ୍ରଜନନ ଜରିଆରେ ବିଶୁଦ୍ଧ ଜାଆଁଳ ଉତ୍ପାଦନ ପ୍ରଣାଳୀ ଚାଷୀ ଶିଖିବା ସଙ୍ଗେ ସଙ୍ଗେ ଗୁଣ୍ଡି ଜାଆଁଳ ବିକ୍ରିରୁ ବେଶ୍ କିଛି ଅର୍ଥ ଉପାର୍ଜନ କରିବା ଏବଂ ରାଜ୍ୟର ଜାଆଁଳ ଚାହିଦା ପୂରଣରେ ସାହାଯ୍ୟ କରିବା ।

ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ମାଛଚାଷୀର ଅନ୍ତତଃ ପକ୍ଷେ ଦୁଇଟି ପୋଖରୀ ଥିବା ଦରକାର । ପୋଖରୀରେ ପ୍ରାୟ ୩ । ୪ କ୍ୱିଣ୍ଟାଲ ପୋଖତ ମାଈ ଅଣ୍ଡିରା ଭାକୁର, ରୋହି, ମିରିକାଳୀ ପ୍ରଭୃତି ଜାତିଆ ମାଛ ରହିଥିବା ଦରକାର । ଆମ ରାଜ୍ୟରେ ଭାକୁର ମାଛ ଜାଆଁଳର ଚାହିଦା କ୍ରମଶଃ ବୃଦ୍ଧି ପାଉଥିବାରୁ ଏଇ ମାଈ ଅଣ୍ଡିରା ପୋଖତ ମାଛମାନଙ୍କ ମଧ୍ୟରୁ ଅନ୍ତତଃ ଶତକଡ଼ା ୫୦ ଭାଗ ଭାକୁର ରହିଲେ ଭଲ । ଅବଶିଷ୍ଟ ୫୦ ଭାଗ ରୋହି, ମିରିକାଳୀ ରହି ପାରନ୍ତି । ସୁସ୍ଥ ସବଳ ଗୁଣ୍ଡି ଜାଆଁଳ ଉତ୍ପାଦନ ଦୃଷ୍ଟିରୁ ଅତି କମ୍‌ରେ ପୋଖତ ମାଛର ଓଜନ ୨ କିଲୋଗ୍ରାମ ହେବା ଉଚିତ୍ । ଏଇ ୩ । ୪ କ୍ୱିଣ୍ଟାଲ ମାଛମାନଙ୍କ ମଧ୍ୟରୁ ଅଧାଅଧି ମାଈମାଛ ଏବଂ ଆଉ ଅଧେ ଅଣ୍ଡିରାମାଛ ହେବା ଦରକାର । ଜାଆଁଳ ଉତ୍ପାଦନ ସମୟରେ ଅଣ୍ଡିରା ମାଛ ସହିତ ମାଈ ମାଛକୁ ସମାନ କରି ରଖିବାରେ କୌଣସି ଅସୁବିଧା ଉପୁଜିପାରେ । ତେଣୁ, ଗୋଟିଏ ପୋଖରୀରେ ଅଣ୍ଡିରା ଓ ଆଉ ଗୋଟିଏ ପୋଖରୀରେ ମାଈମାଛ ରହିଲେ ଆଉ ଅସୁବିଧା କିଛି ନାହିଁ ।

ଏଇ କାର୍ଯ୍ୟକ୍ରମ ପାଇଁ ମାଛ ଚାଷୀକୁ କିଛି ଦେବାକୁ ପଡିବନି । ପୋଖତ ମାଛକୁ ଖାଦ୍ୟ, ପ୍ରଜନନ ପାଇଁ ଆବଶ୍ୟକ ଯନ୍ତ୍ରପାତି, ମୂଲିଆ ମଜୁରୀ, ବୈଷୟିକ ପରାମର୍ଶ ଇତ୍ୟାଦି ମତ୍ସ୍ୟ ବିଭାଗ ତରଫରୁ ମାଗଣାରେ ମିଳୁଛି । ପ୍ରଥମ ବର୍ଷ ଚାଷୀକୁ କେବଳ ଏତିକି କରିବାକୁ ପଡିବ—ସେ ନିଜେ ମତ୍ସ୍ୟ ବିଭାଗର କୁଶଳୀ ବୈଷୟିକ କର୍ମଚାରୀମାନଙ୍କ ସହିତ କାମ କରି ପ୍ରଭାବିତ ପ୍ରଜନନ କାର୍ଯ୍ୟକ୍ରମଟିକୁ ପୂରା ଶିଖି ନେବେ ।

ଗୋଟିଏ ୟୁନିଟ୍ କାର୍ଯ୍ୟ କରିବା ଫଳରେ ଅତି କମ୍‌ରେ ୪୦ ଲକ୍ଷ ଗୁଣ୍ଡି ଜାଆଁଳ ମିଳି ପାରିବ ବୋଲି ଅଟକଳ କରାଯାଇଛି । ଏଇ ଗୁଣ୍ଡି ଜାଆଁଳ ବିକ୍ରି ବାବଦରୁ ୮ ହଜାର ଟଙ୍କା ମିଳିବ । ସବୁ ଟଙ୍କା ମାଛଚାଷୀ ପାଇବ । ଏ ବର୍ଷ ସାଢ଼େ ୯ ଟି ୟୁନିଟ୍ ଜରିଆରେ ସମଗ୍ର ରାଜ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି ।

ଦ୍ୱିତୀୟ ବର୍ଷ ଚାଷୀକୁ ପ୍ରଜନନ ପାଇଁ ଆବଶ୍ୟକ ଯନ୍ତ୍ରପାତି ପ୍ରାୟ ୧୫ ହଜାର ଟଙ୍କା ଦେଇ କିଣିବାକୁ ପଡିବ । ଏଇ ଟଙ୍କାରୁ ନିୟତ୍ ଅଂଶ ରିହାତି ଆକାରରେ ଦିଆଯିବାର ପ୍ରସ୍ତାବ ରହିଛି । ପୂର୍ବଭଳି ମତ୍ସ୍ୟ ବିଭାଗର ବୈଷୟିକ କର୍ମଚାରୀମାନେ ପୁନଶ୍ଚ ଯାଇ ଚାଷୀର ସେଇ ଘରୋଇ ପୋଖରୀରେ ପ୍ରଭାବିତ ପ୍ରଜନନ କାର୍ଯ୍ୟକ୍ରମ କରିବେ । ମାଛଚାଷୀ ବି ପୁଣି ସେମାନଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇବେ । କ୍ରମାଗତ ଦୁଇବର୍ଷ ଏହି କାର୍ଯ୍ୟକ୍ରମ କରିବା ଫଳରେ ଚାଷୀ ବି ଅଭିଜ୍ଞ ହୋଇଯିବ । ଗୁଣ୍ଡି ଜାଆଁଳ ବିକ୍ରି ବାବଦ ଟଙ୍କା ମଧ୍ୟ ଚାଷୀ ପାଇବ ।

ତୃତୀୟ ବର୍ଷ ସେହି ମାଛ ଚାଷୀକୁ ମତ୍ସ୍ୟ ବିଭାଗ କେବଳ ମାଗଣାରେ ବୈଷୟିକ ପରାମର୍ଶ ଦେବେ ।

କାରଣ କ୍ରମାଗତ ତୁଇବର୍ଷ କାର୍ଯ୍ୟକ୍ରମଟି ନିଜ ହାତରେ କରିଥିବାରୁ ମାଛଚାଷୀର ଯଥେଷ୍ଟ ଅଭିଜ୍ଞତା ଆସି ଯାଇଥିବ । ଏ ଦିଗରେ ମତ୍ସ୍ୟ ବିଭାଗ ତରଫରୁ ତାହାର କୌଣସି ସାହାଯ୍ୟ ଲୋଡ଼ା ହେବନାହିଁ ।

ବଡ଼ ସୁଖର କଥା, ଚଳିତ ବର୍ଷ ମତ୍ସ୍ୟ ବିଭାଗ ତରଫରୁ ଏଇ ଯୋଜନାଟି ପରୀକ୍ଷାମୂଳକ ଭାବେ ଆମ ରାଜ୍ୟର କୋରାପୁଟ, କଳାହାଣ୍ଡି, ଗଞ୍ଜାମ, କଟକ, ବାଲେଶ୍ୱର, ଫୁଲବାଣୀ, ମୟୁରଭଞ୍ଜ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ ହେଉଛି । ମାଛଗୁଣ୍ଡ ବ୍ୟତୀତ ଗୁଣ୍ଡ କାହିଁକି ଉତ୍ପାଦନ କରିଥାରେ ଗାଁ ଗହଳରେ ଗରିବ ମାଛଗୁଣ୍ଡିମାନଙ୍କର କିଭଳି ଆର୍ଥିକ ଉନ୍ନତି ହୋଇ ପାରିବ, ସେ ଦିଗରେ ଏହି ଯୋଜନା ପ୍ରତ୍ୟକ୍ଷଭାବେ ସାହାଯ୍ୟ କରିବ ।

ସଂପ୍ରତି ଗାଁ ଗହଳରେ ମାଛ ଚାଷ ପ୍ରତି ଯେଉଁ ଅସୀମ ଆଗ୍ରହ ସୃଷ୍ଟି ହୋଇଛି, ସେଥିପାଇଁ ଆବଶ୍ୟକ ଚିଙ୍ଗୁଡ଼ି କାହିଁକି ଚାହିଦା ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକାଂଶରେ ପୂରଣ ହୋଇପାରିବ ବୋଲି ଆଶା କରାଯାଏ ।

ନିର୍ଦ୍ଦେଶକ,
ମତ୍ସ୍ୟ ନିର୍ଦ୍ଦେଶାଳୟ, କଟକ



## ରାଜ୍ୟରେ ସୂତାକଳ ପ୍ରତିଷ୍ଠା କାର୍ଯ୍ୟକ୍ରମ

ପୂର୍ବରୁ ପ୍ରତିଷ୍ଠିତ ଚୌଦ୍ୱାର ସମବାୟ ସୂତାକଳ ଓ ଗୋବିନ୍ଦପୁର ସମବାୟ ସୂତାକଳ ବ୍ୟତୀତ କଟକ ଜିଲ୍ଲାର ନୂଆପାଟଣା, ପୁରୀ ଜିଲ୍ଲାର ଖୋର୍ଦ୍ଧା, ସୁନ୍ଦରଗଡ଼ ଜିଲ୍ଲାର ଗାଙ୍ଗପୁରଠାରେ ସମବାୟ ସୂତାକଳର କାର୍ଯ୍ୟ ଆଗେଇ ଚାଲିଛି ଏବଂ ଭାହାମା, ନୀଳଗିରିଠାରେ ସମବାୟ ସୂତାକଳ ପ୍ରତିଷ୍ଠା କରିବାପାଇଁ ପରିକଳ୍ପନା ରହିଛି ।

ଏହା ବ୍ୟତୀତ ଶିଳ୍ପ ଉନ୍ନୟନ ନିଗମ (ଇଡ଼୍‌କଲ୍‌) ପକ୍ଷରୁ ସୋନପୁର, ଆସିକା, ବାରିପଦା, କେସିଙ୍ଗା ଓ କେନ୍ଦୁଝରଠାରେ ସୂତାକଳ ସ୍ଥାପନପାଇଁ ଚିହ୍ନଟ କରାଯାଇଛି ।

OGP—MP-VI ( I. & P. R. ) 36—10,000—10...

# ଓଡ଼ିଶାରେ ପ୍ରଗତିର ଗୋଟିଏ ବର୍ଷ

* ୨୬,୦୦୦ରୁ ଅଧିକ ଗରିବ ପରିବାରଙ୍କୁ ଗ୍ରାମାଞ୍ଚଳ ଗରିବଙ୍କର ଅର୍ଥନୈତିକ ଉତ୍ଥାନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି ।

* ଅଧିକ ଅମଳକ୍ଷମ ଓ ଉନ୍ନତ ବିହନ ଯୋଗାଣର ପରିମାଣ ପ୍ରାୟ ୬ ଗୁଣ ବୃଦ୍ଧି ପାଇଛି । ୧୯୮୦-୮୧ରେ ଚାଷୀମାନଙ୍କୁ ୧,୪୬,୭୩୮ କ୍ୱିଣ୍ଟାଲ ବିହନ ଯୋଗାଇ ଦିଆଯାଇଛି ।

* ବହୁ ସଂଖ୍ୟକ ଚାଷୀଙ୍କୁ ସମବାୟ ଋଣ ଯୋଗାଇ ଦିଆଯାଇଛି ।

* ୧,୩୨,୦୦୦ ହେକ୍ଟରରୁ ଅଧିକ ଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ।

* ବିଦ୍ୟୁତ୍ ଶକ୍ତି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି ।

* ବର୍ତ୍ତମାନର ୯୧୪ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୧୯୮୪ ମସିହାରେ ଦୁଇ ଗୁଣରୁ ବେଶୀ ହେବ ।

* ଶିଳ୍ପୋଦ୍ୟୋଗୀଙ୍କ ନିମନ୍ତେ ରିହାତି ତଥା ପ୍ରୋତ୍ସାହନର ନିଶ୍ଚିତ ବ୍ୟବସ୍ଥା କରାଯାଇଛି ।

* ୧୫୦୦ କୋଟି ଟଙ୍କା ବ୍ୟୟରେ କୋରାପୁଟ ଜିଲ୍ଲାର ଦାମନଯୋଡ଼ିଠାରେ ଏସିଆର ବୃହତ୍ତମ ଆଲୁମିନିୟମ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ।

* ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟ ତଥା ସରକାରୀ ଉଦ୍ୟୋଗରେ ୧୯୦ ଗୋଟି [illegible] ଓ ବୃହତ୍ ଶିଳ୍ପ ଚିହ୍ନଟ କରାଯାଇଛି ।

* ହରିଜନ ଓ ଆଦିବାସୀ ଛାତ୍ରମାନଙ୍କର ଷ୍ଟାଇପେଣ୍ଡ ହାର ଓ ଛାତ୍ରାବାସ ଖର୍ଚ୍ଚ ବୃଦ୍ଧି କରାଯାଇଛି ।

* ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିନା ବେତନରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି ।

* ୧୦ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୩୦ ଶଯ୍ୟା ବିଶିଷ୍ଟ ହାସପାତାଳରେ ପରିଣତ କରାଯାଇଛି ।

* ପାନୀୟଜଳ ଯୋଗାଣ ନିମନ୍ତେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି ।

* ବର୍ଷକ ମଧ୍ୟରେ ପ୍ରାୟ ୯୦୦୦ ନଳକୂପ ବସାଯାଇଛି ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ

ଓଡ଼ିଶା ସରକାର

Vol. XXXVIII No. 1 UTKAL PRASANGA Regd. No O-5
Licence No. C. R. N. P. 5—Licensed to post without Pre-Payment



ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଜିଲ୍ଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଉଦ୍‌ବୋଧନ ।



ପଶୁ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ ରେ ।ପ୍ୟ ଜୟନ୍ତୀ ଉତ୍ସବର ଉଦ୍‌ଯାପନ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଇଛନ୍ତି ।



ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ଆନୁକୂଲ୍ୟରେ ଅନୁଷ୍ଠିତ ସଂରକ୍ଷଣ ତାଲିମ ଶିବିର ଉଦ୍‌ଘାଟନକରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ବୋଧନ ଦେଇଛନ୍ତି ।